R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୩୫୬
ତିଥି : ଚତୁର୍ଦ୍ଦଶୀ
୦୬ ଅକ୍ଟୋବର ୨୦୨୫, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 356
06 October 2025, Monday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# କଟକରେ ପରିସ୍ଥିତି ଅଣାୟତ୍ତ, କର୍ଫ୍ୟୁ ଜାରି

କଟକ,୦୫ ।୧୦ (ପ୍ରଫୁଲ୍ଲ ମହାନ୍ତି): କଟକରେ ଆଜି ବିଶ୍ୱ ହିନ୍ଦୁ ପରିଷଦ ଓ ଅନ୍ୟାନ୍ୟ ସଂଗଠନ ପକ୍ଷରୁ ଆୟୋଜିତ ରାଲି ବେଳେ ଉତ୍ତେଜନା ପ୍ରକାଶ ପାଇଛି । ପରିସ୍ଥିତି ଅଣାୟତ୍ତ ହୋଇପଡିବାରୁ ୩୬ ଘଣ୍ଟିଆ କର୍ଫ୍ୟୁ ଜାରି କରାଯାଇଛି । ପୋଲିସ୍ ଡିଜି ଭାରତୀୟ ନ୍ୟାୟ ସଂହିତାର ୧୬୩ ଧାରା ବଳରେ କର୍ଫ୍ୟୁ ଜାରି କରାଯାଇଥିବା ସୂଚନା ଦେଇଛନ୍ତି । ସ୍ଥାନୀୟ ଦରଘା ବଜାର ଅଞ୍ଚଳରେ ହଜାର ହଜାର ଲୋକ ଅଟକି ଥିଲେ । ରାସ୍ତାରେ ଜୋରଦାର ପାଟିତୁଣ୍ଡ ହୋଇଥିଲା । ଶୋଭାଯାତ୍ରା ପାଇଁ ପୋଲିସର ଅନୁମତି ନଥିବାରୁ ଏହାକୁ ଅଟକାଯାଇଥିଲା । ବିଶ୍ୱ ହିନ୍ଦୁ ପରିଷଦ ସହ ଅନ୍ୟ ସଂଗଠନ ସଦସ୍ୟ ଏହି ରାଲିରେ ସାମିଲ ହୋଇଥିଲେ । ଏପରିକି ଏହି ଅଞ୍ଚଳରେ ଗୋଟାଏ ଅଟୋ ରିକ୍ସା ଓ ସୁଉଚ୍ଚ ବିଦ୍ୟୁତ୍ ତୋରଣକୁ କେତେକ ଲୋକେ ଭାଙ୍ଗି ଦେଇଥିଲେ । ପୁଲିସ ସେମାନଙ୍କ କାର୍ଯ୍ୟକୁ ବିରୋଧ କରିବାରୁ ଉତ୍ତ୍ୟକ୍ତ ହୋଇ ବିଭିନ୍ନ ନାରା ଦେଇ ଯାଉଥିବା ବ୍ୟକ୍ତିମାନେ ପୋଲିସକୁ ଆକ୍ରମଣ କରିଥିଲେ । ସୂଚନାଯୋଗ୍ୟ, ଭସାଣି ଶୋଭାଯାତ୍ରାବେଳେ ଆକ୍ରମଣ ଘଟଣାକୁ ନେଇ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ସୋମବାର କଟକ ବନ୍ଦ ଡାକରା ଦିଆଯାଇଛି । ବନ୍ଦ ଡାକରା ସମର୍ଥନ ନେଇ ବିଭିନ୍ନ ସଂଗଠନ ପକ୍ଷରୁ ଆଜି ଏକ ବିଶାଳ ରାଲି ବାହାରିଥିଲା । (୯ ପୃଷ୍ଠାରେ)




## ଦରଘା ବଜାର ଅଞ୍ଚଳରେ ଭଙ୍ଗାରୁଜା
## ମୁକାବିଲା ଲାଗି ପୋଲିସର ଲାଠି ଚାର୍ଜ
## ସାମାଜିକ ଗଣମାଧ୍ୟମ ଉପରେ କଟକଣା

## ଶାନ୍ତି ରକ୍ଷା ଲାଗି ମୁଖ୍ୟମନ୍ତ୍ରୀଙ୍କ ନିବେଦନ

ଭୁବନେଶ୍ୱର, ୫।୧୦(ସବ୍ୟୁ): କଟକରେ ଦେଖାଯାଇଥିବା ଗୋଷ୍ଠୀ ବିବାଦ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହିତ ସମସ୍ତଙ୍କୁ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ନିବେଦନ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କଟକ ସହର ହେଉଛି ହଜାର ବର୍ଷର ସହର । ଭାଇଚାରାର ଅନନ୍ୟ ନିଦର୍ଶନ ହେଉଛି କଟକ ସହର । କିନ୍ତୁ, ଗତ କିଛି ଦିନ ଧରି କେତେକ ବିଶୃଙ୍ଖଳାକାରୀଙ୍କ ଯୋଗୁଁ ସହରରେ ଶାନ୍ତି ଭଙ୍ଗ ହୋଇଛି । ଏହାସହ ସାଧାରଣ ଲୋକଙ୍କ ଜୀବନ ଯାତ୍ରାରେ (୯ ପୃଷ୍ଠାରେ)





ଅଶାନ୍ତ କଟକ ସହରର ତାଜା ଚିତ୍ର

# ଭାରତ-ଆମେରିକା ବାଣିଜ୍ୟ କଥାବାର୍ତ୍ତା ଜରୁରୀ

ନୂଆଦିଲ୍ଲୀ-୫।୧୦: ବର୍ତ୍ତମାନ ବାଣିଜ୍ୟ ପ୍ରସଙ୍ଗରେ ଭାରତ ଏବଂ ଆମେରିକା ମଧ୍ୟରେ ମତଭେଦ ରହିଛି । ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଆଲୋଚନାରେ ଏପର୍ଯ୍ୟନ୍ତ କୌଣସି ଚୂଡ଼ାନ୍ତ ଚୁକ୍ତି ହୋଇନାହିଁ, ଯାହା ଫଳରେ ଆମେରିକା ଭାରତ ଉପରେ କିଛି ଶୁଳ୍କ ଲାଗୁ କରିଛି ବୋଲି ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ. ଜୟଶଙ୍କର କହିଛନ୍ତି । ସେ କହିଥିଲେ ଯେ ଯାହାକୁ ଭାରତ ସର୍ବସାଧାରଣରେ ଅନୁଚିତ ବୋଲି ବର୍ଣ୍ଣନା କରିଛି । ସେ ଉଲ୍ଲେଖ କରିଛନ୍ତି ଯେ ରୁଷରୁ ଶକ୍ତି ଉତ୍ସ ଉପରେ ଆଉ ଏକ ଶୁଳ୍କ ଲାଗୁ କରାଯାଇଛି । ଜୟଶଙ୍କର ବ୍ୟାଖ୍ୟା କରିଛନ୍ତି ଯେ ରୁଷ ସହିତ ଅଧିକ ଜଟିଳ କିମ୍ବା ଚ୍ୟାଲେଞ୍ଜିଂ ସମ୍ପର୍କ ଥିବା ଅନ୍ୟ ଦେଶମାନେ ସମାନ କ୍ରୟ କରିଛନ୍ତି ।

ସେ କହିଛନ୍ତି, ଏହି ସମସ୍ୟାଗୁଡ଼ିକର ସମାଧାନ ହେବା ଆବଶ୍ୟକ, ଏବଂ ଭାରତ ସକ୍ରିୟ ଭାବରେ ଏଗୁଡ଼ିକ ଉପରେ କାର୍ଯ୍ୟ କରୁଛି । ଚଳିତ ବର୍ଷ କ୍ୱାଡ଼ ଦେଶଗୁଡ଼ିକର ବୈଦେଶିକ ମନ୍ତ୍ରୀଙ୍କ ଦୁଇଟି ବୈଠକ ହୋଇଛି, ଯାହା ମଧ୍ୟରୁ ପ୍ରଥମଟି ରାଷ୍ଟ୍ରପତି ଟ୍ରମ୍ପ କ୍ଷମତାକୁ ଆସିବା ପରେ ହୋଇଥିଲା । ସେ କ୍ୱାଡ଼ର ସ୍ଥିରତା ଏବଂ ଶକ୍ତି ଉପରେ ଗୁରୁତ୍ୱାରୋପ କରି କହିଛନ୍ତି, ଏହିଭଳି ସମୟରେ, ଚ୍ୟାଲେଞ୍ଜଗୁଡ଼ିକୁ ଦାୟିତ୍ୱପୂର୍ଣ୍ଣ ଭାବରେ ମୂଲ୍ୟାଙ୍କନ କରିବା ଅତ୍ୟନ୍ତ ଜରୁରୀ । ଆମକୁ ଉଭୟ ସୀମାକୁ ଏଡାଇବାକୁ ପଡିବ - ପ୍ରଥମଟି ହେଉଛି ଯେ ସମସ୍ୟାକୁ ସମ୍ପୂର୍ଣ୍ଣ ଭାବରେ (୯ ପୃଷ୍ଠାରେ)






## ଶ୍ରୀମଦ୍ ଭାଗବତ ମହୋତ୍ସବ

# ପ୍ରତ୍ୟେକ ଗାଁରେ ଭାଗବତ ଟୁଙ୍ଗିର ହେବ ପୁନରୁଦ୍ଧାର : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୫।୧୦(ସବ୍ୟୁ): ପ୍ରତ୍ୟେକ ଗାଁର ଭାଗବତ ଟୁଙ୍ଗି ମାନଙ୍କର ପୁନରୁଦ୍ଧାର ହେବ । ଏହାକୁ ପ୍ରତିଷ୍ଠା କରିବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ । ଯୁବବର୍ଗ ଆଜିର ସମାଜର ସମସ୍ତ ବିକାଶରେ ମୁଖ୍ୟ ଭୂମିକା ନିଭାଇଥାନ୍ତି । ଏଣୁ ସେମାନଙ୍କୁ ଏହି ମାର୍ଗରେ ନେବା ପାଇଁ ଭାଗବତ ପାଠ ଏକ ବଳିଷ୍ଠ ମାଧ୍ୟମ । ଧର୍ମ ଜାଗରଣ ସମିତି ପକ୍ଷରୁ ଭୁବନେଶ୍ୱରର କଟକ ରୋଡସ୍ଥିତ ତେରାପନ୍ଥ ଭବନ ଠାରେ ଆୟୋଜିତ ଶ୍ରୀମଦ୍ ଭାଗବତ ମହୋତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି । ଏହି ଅବସରରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ, ଶ୍ରୀମଦ୍ ଭାଗବତ ଗ୍ରନ୍ଥ, ପରମ୍ପରା, ଭକ୍ତି ଓ ଧର୍ମର ଅମୂଲ୍ୟ ଶିକ୍ଷା ସହିତ ଜନସାଧାରଣଙ୍କୁ ଭଗବତ କାର୍ଯ୍ୟରେ ସଂପୃକ୍ତ କରେ । ସେହି ଦୃଷ୍ଟିରୁ ଏହି ମହୋତ୍ସବ ଆମ ସମାଜ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । (୯ ପୃଷ୍ଠାରେ)

# ନଭେମ୍ବର ୨୨ ପୂର୍ବରୁ ବିହାର ନିର୍ବାଚନ: ସିଇସି

ନୂଆଦିଲ୍ଲୀ,୫।୧୦: ବିହାର ବିଧାନସଭା ନିର୍ବାଚନ ନଭେମ୍ବର ୨୨ ତାରିଖ ପୂର୍ବରୁ ସମାପ୍ତ ହେବ । କାରଣ ବିହାର ବିଧାନସଭାର କାର୍ଯ୍ୟକାଳ ନଭେମ୍ବର ୨୨ ତାରିଖରେ ଶେଷ ହେଉଛି । ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର କହିଛନ୍ତି ଯେ, ବିହାର ପରି ସାରା ଦେଶରେ ଏସଆଇଆର ପରିଚାଳନା କରାଯିବ । ଏହି ନିର୍ବାଚନରେ କମିସନଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ନୂତନ ପଦକ୍ଷେପଗୁଡ଼ିକ ଭବିଷ୍ୟତରେ ସାରା ଦେଶରେ କାର୍ଯ୍ୟକାରୀ ହେବ । ବିହାରରେ ମୋଟ ୨୪୩ଟି ବିଧାନସଭା ଆସନ ଅଛି ଏବଂ ନିର୍ବାଚନ ସମୟସୀମାରେ ଅନୁଷ୍ଠିତ ହେବ ।ଏହି ସମୟ ମଧ୍ୟରେ, ଦଳ ସମ୍ପୂର୍ଣ୍ଣ ନିର୍ବାଚନ ପ୍ରସ୍ତୁତି ସୁନିଶ୍ଚିତ କରିବା ପାଇଁ ପାଟନାରେ ରାଜନୈତିକ ଦଳ, ପ୍ରଶାସନିକ ନିର୍ବାଚନ ଅଧିକାରୀ, ରାଜ୍ୟ ପ୍ରଶାସନିକ (୯ ପୃଷ୍ଠାରେ)

# ଆଇଆଇଟିରେ ନମୋ ସେମିକଣ୍ଡକ୍ଟର ପ୍ରୟୋଗଶାଳା

ଭୁବନେଶ୍ୱର,୫।୧୦(ସବ୍ୟୁ): କେନ୍ଦ୍ର ଇଲେକେଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସମ୍ପ୍ରତି ଆଇଆଇଟି ଭୁବନେଶ୍ୱରରେ "ନମୋ ସେମିକଣ୍ଡକଟର ପ୍ରୟୋଗଶାଳା' ସ୍ଥାପନକୁ ଅନୁମୋଦନ କରିଛନ୍ତି । ଏହି ପ୍ରକଳ୍ପକୁ ସାଂସଦ ହାତ ପାଣ୍ଠି ଯୋଜନା ଅଧୀନରେ ପାଣ୍ଠି ଯୋଗାଇ ଦିଆଯିବ । ପ୍ରକଳ୍ପ ପାଇଁ ଆନୁମାନିକ ୪.୯୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

ନମୋ ସେମିକଣ୍ଡକଟର ପ୍ରୟୋଗଶାଳା ଯୁବପିଢ଼ିଙ୍କୁ ଶିଳ୍ପ-ପ୍ରସ୍ତୁତ ଦକ୍ଷତାରେ ସଜ୍ଜିତ କରି ଭାରତର ଗଭୀର ପ୍ରତିଭା ପୁଲରେ ଯୋଗଦାନ ଦେବ । ଏହି ପ୍ରୟୋଗଶାଳା ଆଇଆଇଟି ଭୁବନେଶ୍ୱରକୁ ସେମିକଣ୍ଡକଟର ଗବେଷଣା ଏବଂ ଦକ୍ଷତା ବିକାଶ ପାଇଁ ଏକ ପ୍ରମୁଖ କେନ୍ଦ୍ର ଭାବରେ ସ୍ଥାନିତ କରିବ । (୯ ପୃଷ୍ଠାରେ)

## ଏସଆଇ ନିଯୁକ୍ତି କେଳେଙ୍କାରୀ : ଆଉ ଜଣେ ଗିରଫ

# ନକଲି ପରୀକ୍ଷା କେନ୍ଦ୍ର ସିଲ୍

ଭୁବନେଶ୍ୱର,୫।୧୦,(ସବ୍ୟୁ): ଓପିଆରବି ଏସଆଇ ନିଯୁକ୍ତି ପରୀକ୍ଷା ମହାକେଳେଙ୍କାରୀରେ କ୍ରାଇମବ୍ରାଞ୍ଚ ବାଲେଶ୍ୱରରୁ ଆଉ ଜଣେ ଦଲାଲଙ୍କୁ ଗିରଫ କରିଛି । ରବିବାର ଦଲାଲ ଗିରଫ ହୋଇଥିବା ବେଳେ ଭୁବନେଶ୍ୱର ରଘୁନାଥପୁର ଠାରେ ଥିବା ଅନଲାଇନ୍ ନକଲି ପରୀକ୍ଷା କେନ୍ଦ୍ରକୁ କ୍ରାଇମବ୍ରାଞ୍ଚ ସିଲ୍ କରିଛି । ସିଲ୍ କରାଯାଇଥିବା ୩ ମହଲା ବିଶିଷ୍ଟ ପରୀକ୍ଷା କେନ୍ଦ୍ରରେ କେବଳ ଏସ୍ଆଇ ପରୀକ୍ଷା ନୁହେଁ, ଓଡ଼ିଶା ସରକାର ଓ ବ୍ୟାଙ୍କର ନିଯୁକ୍ତି ଭିତ୍ତିକ ବିଭିନ୍ନ ପ୍ରକାର ଅନଲାଇନ୍ ପରୀକ୍ଷା ହୁଏ ବୋଲି କ୍ରାଇମବ୍ରାଞ୍ଚର ତଦନ୍ତକାରୀ ଟିମ୍ ଜାଣିବାକୁ ପାଇଛି । ଏସଆଇ ନିଯୁକ୍ତି କେଳେଙ୍କାରୀର ମାଷ୍ଟରମାଇଣ୍ଡ ଗଞ୍ଜାମ ଜିଲ୍ଲାର ଶଙ୍କର ପୃଷ୍ଟି । ସେ କେବଳ ରଘୁନାଥପୁର ଠାରେ ପରୀକ୍ଷା କେନ୍ଦ୍ର ଚଳାଇଥିଲା ତାହା ନୁହେଁ । ରଘୁନାଥପୁର ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ୫ଟି ଅନଲାଇନ୍ ପରୀକ୍ଷା କେନ୍ଦ୍ର ଶଙ୍କର ନିଅନ୍ତ୍ରଣରେ ଥିଲା ବୋଲି ସୂଚନା ମିଳିଛି ।

ବାଲେଶ୍ୱର ଗିରଫ ଦଲାଲ ଅରବିନ୍ଦ ଦାସ ନାଁରେ ଗଞ୍ଜାମ ଜିଲ୍ଲାରେ ମାମଲା ଥିବାରୁ ତାକୁ ଗିରଫ କରାଯାଇ ବ୍ରହ୍ମପୁର ଏସଜିଏମ୍ କୋର୍ଟରୁ ଚାଲାଣ କରାଯାଇଥିବା କ୍ରାଇମବ୍ରାଞ୍ଚ କହିଛି । (୯ ପୃଷ୍ଠାରେ)



## ସୋସିଆଲ କୋଟ୍ସ



"ଅନେକ ଲୋକଙ୍କର ମାନସିକତା ଏଭଳି ଥାଏ କି, ଯେଉଁମାନେ ଟିଭିରେ ଆକ୍ଟିଂ କରୁଥାଆନ୍ତି,ସେମାନଙ୍କୁ ଫିଲ୍ମରେ କାଷ୍ଟିଂ କରି ନଥାନ୍ତି । ଏହି ଅନୁଭବି ଆକ୍ଟରଙ୍କ ବଦଳରେ ସେମାନେ ନୂଆ ମୁହଁକୁ ଚାନ୍ସ ଦେଇଥାଆନ୍ତି ।

କରିଶ୍ମା ତନ୍ନା, ଅଭିନେତ୍ରୀ

"ସଲମାନ ମୋତେ ଆଟିଚ୍ୟୁଡ ଦେଖାଇବାକୁ ନେଇ ଯାହା ବି କିଛି ଚର୍ଚ୍ଚା ହେଉଛି, ତାହା ଫାଲତୁ ଚର୍ଚ୍ଚା । ଏଭଳି କଥାର କୌଣସି ଫାଇଦା ନାହିଁ । ଯେଉଁଭଳି ଦେଖାଯାଉଛି, ସେଭଳି କିଛି ନାହିଁ ।

ଭିକ୍କି କୌଶଲ, ଅଭିନେତା





"ମୁଁ ମୋର ନିଷ୍ପତ୍ତିକୁ ନେଇ କେବେ ରିଗ୍ରେଟ୍ କରିନି । ମୋ ବାପା ମୋତେ ଇଣ୍ଟିମେଟ ସିନ୍ ପାଇଁ ମନା କରିଥିଲେ, କାରଣ ମୁଁ ସେତେବେଳେ ଖୁବ ସାନ ଥିଲି । ମୋର ବିଚାର ଶକ୍ତି କମ ଥିଲା ।

ଜନ୍ନତ ଜୁବୈର, ଅଭିନେତ୍ରୀ

## କୁମାର ପୂର୍ଣ୍ଣିମା



ପ୍ରାଚୀନ କାଳରୁ ଉତ୍କଳରେ ବହୁ ପର୍ବ ପର୍ବାଣୀ ପାଳିତ ହୋଇଆସୁଅଛି । କଥାରେ ଅଛି ବାରମାସରେ ତେର ପର୍ବ ଅର୍ଥାତ୍ ବେଳକାଳ ନେଇ ସାଧାରଣତଃ ପର୍ବ ପାଳନ କରାଯାଏ । ଜନସାଧାରଣ ପ୍ରକୃତି, ଈଶ୍ୱର, ମଣିଷ ଜୀବନକୁ ନେଇ ଧାର୍ମିକ ଭାବନାରେ ବହୁ ପର୍ବପର୍ବାଣୀ ପାଳନ କରିଥାନ୍ତି । ଜଗନ୍ନାଥ ଉତ୍କଳର ଇଷ୍ଟଦେବ । ତାଙ୍କୁ ନେଇ କେତେ ପର୍ବ ପ୍ରଚଳିତ । ଆଉ କିଛି କୃଷି ଭିତ୍ତିକ ଭାଇଚାରାର ପର୍ବ ହୋଇଥାଏ ।



ଋତୁଚକ୍ର ଅନୁଯାୟୀ ଶରତ ଋତୁରେ କୁମାର ପୂର୍ଣ୍ଣିମା ପାଳନ କରାଯାଏ । ଏହି ଦିନ ଗଜଲକ୍ଷ୍ମୀ ପୂଜା ମଧ୍ୟ ଅନୁଷ୍ଠିତ ହୋଇଥାଏ । ଉତ୍କଳର ଗ୍ରାମେ ଗ୍ରାମେ ମାଆ ଲକ୍ଷ୍ମୀଙ୍କ ପୂଜା ସହିତ କୁମାର ପୂର୍ଣ୍ଣିମା ପାଳନ କରନ୍ତି । କୁମାରୀମାନେ ଚଉରା ମୂଳରେ ଜହ୍ନିଫୁଲରେ କୋଠି ତିଆରି କରନ୍ତି, ଚାଳକୁ ଜହ୍ନିଫୁଲ ସବୁ ଫୋପାଡ଼ନ୍ତି । ସେମାନେ ଏକ ଗୀତ ଏହି ସମୟରେ ବୋଲିଥାଆନ୍ତି ଯଥା ଜହ୍ନି ଫୁଲ ଠୋ ଠା, ଗୁଣ୍ଡୁଚି ମୂଷା କହିଯାଇଛି ଚାଉଳ ଗଣ୍ଡେ ରଖିଥା । ନବବସନ ପରିହିତା କୁମାରୀ ମାନଙ୍କର ନାଚଗୀତରେ ଉଚ୍ଛୁଳି ଉଠେ ଗାଁ ଦାଣ୍ଡ । ପୌରାଣିକ ବର୍ଣ୍ଣନା ଅନୁସାରେ ଏହି ପୂର୍ଣ୍ଣିମା ଦିନ କଟା ନାମକ ଜଣେ ରାକ୍ଷସ ଅତି ମୂଲ୍ୟବାନ ଶକ୍ରାଜିତ ମଣି ଶ୍ରୀକୃଷ୍ଣଙ୍କ ପାଟ୍ଟରାଣୀ ସତ୍ୟଭାମାଙ୍କ ଠାରୁ ଚୋରି କରି ସେଠାରୁ ପଳାୟନ କରିବା ସମୟରେ ଗରୁଡ଼ଙ୍କ ଦ୍ୱାରା ଯେତେଥର ନିହତ ହେଲେ ମଧ୍ୟ ତାର ମୃତ୍ୟୁ ହେଲାନାହିଁ । କୁମାର ପୂର୍ଣ୍ଣିମାରେ ଚନ୍ଦ୍ରଙ୍କର ଅମୃତ ଦୃଷ୍ଟି ଯୋଗୁଁ ଏହି ରାକ୍ଷସ ବଞ୍ଚି ଯାଉଥିଲା । ତେଣୁ ଜୀବ ଜଗତ ଏହିଦିନ ରାତ୍ରି ଉଜାଗର ରହି ଚନ୍ଦ୍ରଙ୍କର ଅମୃତ ଉଜ୍ଜ୍ୱଳ କିରଣ ଉପଭୋଗ କରିବା ଉଚିତ ବୋଲି ବର୍ଣ୍ଣନା ରହିଛି । କୁମାରୀ ମାନେ ଏହିଦିନ ନୂତନ ବସ୍ତ୍ର ପରିଧାନ କରି ପ୍ରଭାତ ସମୟରେ ସୂର୍ଯ୍ୟ ପୂଜା କରନ୍ତି । ସଂଧ୍ୟା ସମୟରେ ଚନ୍ଦ୍ରଙ୍କୁ ପୂଜା କରାଯାଇଥାଏ । ଆକାଶରେ ଉଭୟ ଚନ୍ଦ୍ର ଓ ସୂର୍ଯ୍ୟ ଥିବା ସମୟରେ ଉକ୍ତ ପୂଜା କରାଯାଏ । ସଂଧ୍ୟା ସମୟରେ ବିଭିନ୍ନ ଢଙ୍ଗରେ ଫୁଲ ବଉଳବେଣୀ ଗୀତ ପରିବେଷଣ କରିଥାନ୍ତି । କୁମାରୀ କନ୍ୟାମାନେ କୁମାର ପୂର୍ଣ୍ଣିମାରେ ଶିବ ପୁତ୍ର କାର୍ତ୍ତିକଙ୍କ ପରି ସୁନ୍ଦର ବରଟିଏ ପାଇବାପାଇଁ ମାସ ସାରା କରିଥିବା ଜହ୍ନିଓଷା କୁମାର ପୂର୍ଣ୍ଣିମା ଦିନ ସମାପନ କରିଥାନ୍ତି । କୁମାରୀ କନ୍ୟାମାନେ ବିଭିନ୍ନ ଖେଳ କଉତୁକ ମିଳିମିଶି କରିଥାନ୍ତି । ଏହି ଅବସରରେ ପୁଚିଖେଳ ପ୍ରତିଯୋଗିତା ହୁଏ । ନୈତିକ ମୂଲ୍ୟବୋଧ, ସାଂସ୍କୃତିକ ସଚେତନତା ଓ ବନ୍ଧୁତାର ବିକାଶ ହେଉଛି ପର୍ବ ପର୍ବାଣୀର ମୁଖ୍ୟ ଉଦ୍ଦେଶ୍ୟ ।





ଅକ୍ଷୟ କୁମାର ରାଉତ
ମୋ:୯୯୩୭୬୯୧୪୭୫

୧୮୫୮– ୧୮୫୭ର ଭାରତୀୟ ସ୍ୱତନ୍ତ୍ରତାର ପ୍ରଥମ ସଂଗ୍ରାମର ଶିଳ୍ପକାର ନାନା ସାହେବଙ୍କ ପରଲୋକ ।

୧୮୬୦– ଇଣ୍ଡିଆନ୍ ପେନାଲ୍ କୋଡ୍ ବା ଆଇପିସି ଆଇନ ପାରିତ ହେଲା ।

୧୯୩୫– ଭାରତରେ ସବୁଠୁ ଦୀର୍ଘ ସମୟ ଧରି ଅମ୍ପେୟାରିଂ କରିଥିବା ଜୀବନ ଡି ଘୋଷଙ୍କ ଜନ୍ମ ।

୧୯୭୨– ମେକ୍ସିକୋରେ ଟ୍ରେନ୍ ଲାଇନଚ୍ୟୁତ ହୋଇ ୨୦୮ ଜଣଙ୍କ ମୃତ୍ୟୁ ।

୧୯୭୪– ଭାରତୀୟ ରାଷ୍ଟ୍ରବାଦୀ, ରାଜନୀତିଜ୍ଞ, କୁଟନୀତିଜ୍ଞ ତଥା ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ଭି.କେ. କୃଷ୍ଣ ମେନନ୍‌ଙ୍କ ଦେହାନ୍ତ ।

୧୯୮୩– ପଞ୍ଜାବରେ ରାଷ୍ଟ୍ରପତି ଶାସନ ଲାଗୁ ।

୧୮୯୩– ରାଜନୀତିଜ୍ଞ ତଥା ଗଣିତ ଓ ଭୌତିକ ବିଜ୍ଞାନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିବା ଭାରତୀୟ ବୈଜ୍ଞାନିକ ମେଘନାଦ ଶାହାଙ୍କ ଜନ୍ମ ।

## ଅଧିକ ସମୟ ବସୁଥିଲେ

**ବିଭିନ୍ନ ରିସର୍ଚ୍ଚ ଅନୁସାରେ ଅଧିକ ସମୟଧରି ବସିବା କାରଣରୁ ଆମକୁ ବିଭିନ୍ନ ରୋଗ ହୋଇଥାଏ । ବର୍ତ୍ତମାନର ଲାଇଫ୍ ଷ୍ଟାଇଲ୍ ଅନୁସାରେ ସମସ୍ତଙ୍କୁ ଅଫିସ୍‌ରେ ପାଖାପାଖି ୯ଘଣ୍ଟା ପର୍ଯ୍ୟନ୍ତ କାମ କରିବାକୁ ପଡୁଛି । ପ୍ରାୟତଃ କାମରେ ଅଫିସ୍‌ରେ ଚେୟାରରେ ବସି ରହି କରିବାକୁ ପଡୁଛି, ଯାହା ଆମ ସ୍ୱାସ୍ଥ୍ୟ ସମସ୍ୟାକୁ ବିଗାଡିବାରେ ଲାଗିଛି । ଏହାର ପ୍ରଭାବ ବିଶେଷଭାବେ ଆମର ମାନସିକ ସ୍ୱାସ୍ଥ୍ୟ ଉପରେ ବେଶି ପଡୁଛି । ମାନସିକ ସ୍ତରରେ ଏହା ଆମକୁ ଦୁର୍ବଳ କରିବାରେ ଲାଗିଛି । ଆସନ୍ତୁ ଜାଣିବା ଅଧିକ ସମୟ ବସି ରହିବା କାରଣରୁ ଆମର କଣକଣ କ୍ଷତି ହେଉଛି ।**



- ଅଧିକ ସମୟ ଧରି ବସି ରହିବା କାରଣରୁ ଆମ ଶରୀରରେ ରକ୍ତ ସଞ୍ଚାଳନ ବାଧା ପାଉଛି । ମସ୍ତିଷ୍କକୁ ରକ୍ତ ପହଞ୍ଚିବାରେ ବିଳମ୍ବ ହେଉଛି । ଧୀର ରକ୍ତ ସଞ୍ଚାଳନ କାରଣରୁ ଶରୀରରେ ଅମ୍ଳଜାନ ଓ ବିଭିନ୍ନ ପୋଷକ ତତ୍ତ୍ୱର ମଧ୍ୟ ଅଭାବ ଦେଖିବାକୁ ମିଳୁଛି ।
- ଅଧିକ ସମୟ ଗୋଟିଏ ସ୍ଥାନରେ ବସି କାମ କରିବା ଦ୍ୱାରା ଆମର ବ୍ରେନ୍ ଫଟିଗୋ ହେବାର ଆଶଙ୍କା ବଢିଥାଏ । ଏହାଦ୍ୱାରା କୌଣସି କାର୍ଯ୍ୟରେ ଫୋକସ କରିବା କିମ୍ବା ଆଲର୍ଟ ରହିବା ପାଇଁ ଅସୁବିଧା ହୋଇଥାଏ ।
- ଗୋଟିଏ ସ୍ଥାନରେ ବସି ରହି କାମ କରିବା ଦ୍ୱାରା ଡିପ୍ରେସନ ବଢିବାର ଆଶଙ୍କା ରହିଥାଏ । ଆଙ୍ଗଜାଇଟି, ଡିପ୍ରେସନ ଆଦି ହେବାର ସମ୍ଭାବନା ରହିଛି । ଗୋଟିଏ ସ୍ଥାନରେ ବସି ରହିବା ଦ୍ୱାରା ଅନେକ ଦୁଃଶ୍ଚିନ୍ତା ମୁଣ୍ଡରେ ପସିଥାଏ ବୋଲି ବୈଜ୍ଞାନିକ ଆଶଙ୍କା ପ୍ରକାଶ କରିଛନ୍ତି । ଏହାଦ୍ୱାରା ଆମର ଷ୍ଟ୍ରେସ ବଢିଥାଏ, ଯାହା ମାନସିକ ସ୍ତରରେ ଆମର ନାନା ସମସ୍ୟା କରିଥାଏ ।
- ଗୋଟିଏ ସ୍ଥାନରେ ବସି ରହି କାମ କରିବା ଦ୍ୱାରା ଓଜନ ବଢିବାର ଆଶଙ୍କା ରହିଛି । ମେଦବହୁଳତା ରୋଗ ହେବାର ସମ୍ଭାବନା ବଢିଥାଏ । ପେଟରେ ଚର୍ବି ଲାଗିବା ଦ୍ୱାରା ଅନେକ ରୋଗ ହୋଇଥାଏ ବୋଲି ବୈଜ୍ଞାନିକ ପ୍ରକାଶ କରିଛନ୍ତି ।

## ଚିପ୍ ସାହାଯ୍ୟରେ ହେଉଛି ସବୁକିଛି

ଆଜିକାଲି ଧୀରେଧୀରେ ସବୁ ଡିଜିଟାଲ ହେବାରେ ଲାଗିଛି, ସମସ୍ତେ ନିଜର ବିଭିନ୍ନ କାର୍ଯ୍ୟକୁ ଡିଜିଟାଲି କରିବାକୁ ଚେଷ୍ଟା କରୁଛନ୍ତି । ସେହିଭଳି ଏକ ଘଟଣା ନିକଟରେ ଖୁବ ଭାଇରାଲ ହେବାରେ ଲାଗିଛି । ସୂଚନା ଅନୁସାରେ ସ୍ୱିଡେନରେ ଲୋକମାନେ ନିଜ ହାଥରେ ଚିପ୍ ଲଗାଉଛନ୍ତି । ଏହାକୁ ସର୍ଜରୀ କରି ହାତରେ ସେମାନେ ଇମପ୍ଲାଣ୍ଟ କରୁଥିବା ଜଣା ପଡିଛି । ଏହି ଚିପ୍ ସାହାଯ୍ୟରେ ସେମାନେ ନିଜର ଡିଜିଟାଲ ଠିକଣା ସହିତ ଅର୍ଥ ନେଣଦେଣ ମଧ୍ୟ କରିପାରିବେ । ବର୍ତ୍ତମାନ ପର୍ଯ୍ୟନ୍ତ ୩୦ ହଜାର ସ୍ୱିଡେନ୍ ନାଗରିକ ନିଜ ଶରୀରରେ ଏହି ଚିପ ଲଗାଇ ସାରିଛନ୍ତି । ସାଧାରଣତଃ ଏହି ଚିପ୍‌କୁ ଦୁଇ ଆଙ୍ଗୁଠି ମଝିରେ ଲଗାଯାଇଥାଏ । ଏହି ଚିପ ଆଇଡି କାର୍ଡ, କ୍ରେଡିଟ କାର୍ଡ, ଟ୍ରେନ ଟିକେଟ, ଜିମ ପାସ ଭଳି ଅନେକ ସାମଗ୍ରୀ ପାଇଁ ବ୍ୟବହାର କରୁଛନ୍ତି । ଏହି ଚିପ୍‌କୁ ହାଥରେ ଲଗାଇବା ପରେ ପମେଣ୍ଟ କରିବା, କୌଣସି ସ୍ଥାନରେ ଚେକ୍ ଇନ କରିବାପାଇଁ ଏହାକୁ ବ୍ୟବହାର କରାଯାଉଛି ।



## ସେଲିବ୍ରିଟିଙ୍କର ପର୍ଫମାନ୍ସ ଫିସ୍

ଅନେକ ସମୟରେ ବିଭିନ ଧନୀ ଲୋକଙ୍କର କୌଣସି ଉତ୍ସବରେ ସେଲିବ୍ରିଟି ମାନଙ୍କୁ ନାଚୁଥିବାର ଦେଖିବାକୁ ମିଳିଥାଏ । ଏହି ସେଲିବ୍ରିଟିମାନେ ମାତ୍ର ୫ –୧୦ ମିନିଟ୍ ପାଇଁ ଏହି ସବୁ ଫଙ୍କସନ୍‌ରେ ଯୋଗ ଦେଇଥାଆନ୍ତି । ହେଲେ ସେମାନଙ୍କ ଫିସ୍ ଥାଏ ଆଖିଦୃଶିଆ । ଏହି ଫିସ୍‌ରେ ଜଣେ ସାଧାରଣ ଲୋକ ୩ ରୁ ୪ଟି ସମ୍ପୂର୍ଣ୍ଣ ବିବାହ ଖର୍ଚ୍ଚ ମଧ୍ୟ ଉଠାଇ ପାରିବ । ଇଭେଣ୍ଟ ମ୍ୟାନେଜମେଣ୍ଟ୍ ଏକ୍ସପର୍ଟଙ୍କ ସୂଚନା ଅନୁସାରେ ସଲମାନ ଓ ଶାହରୁଖ କୌଣସି ବିବାହରେ ପର୍ଫମାନ୍ସ ଦେବା ପାଇଁ ତିନି କୋଟି ଟଙ୍କା ଚାର୍ଜ କରିଥାଆନ୍ତି । ବେଳେବେଳେ ଏହା ଅଧିକ ମଧ୍ୟ ହୋଇଥାଏ । ସେହିଭଳି ରଣବୀର ସିଂ ୧.୭୫ କୋଟି, ରଣବୀର କପୁର ୧.୫ କୋଟି, ଆଲିଆ ଓ ଦିପିକା ୧.୫ କୋଟି ଚାର୍ଜ କରନ୍ତି । ତେବେ ଏହି ଷ୍ଟାରଙ୍କ ତୂଳନାରେ ସିଙ୍ଗରଙ୍କର ଫିସ୍ ଅଧିକ । ଏମାନଙ୍କ ଚାର୍ଜ ଆକ୍ଟେ୍ରସଙ୍କ ଠାରୁ ମଧ୍ୟ ଅଧିକ ହୋଇଥାଏ । ଅରଜିତ୍ ସିଂ କୌଣସି ବିବାହରେ ପର୍ଫମାନ୍ସ ଦେବା ପାଇଁ ୫କୋଟି ଅଧିକ ଡିମାଣ୍ଡ କରନ୍ତି । ସୂଚନା ଅନୁସାରେ ଏହା ସବୁଠାରୁ ଅଧିକ । ସେହିଭଳି ଅନ୍ୟ ସିଙ୍ଗରମାନେ ମଧ୍ୟ କିଏ ୪ କୋଟି କିଏ ୩ କୋଟି ଚାର୍ଜ କରି ଥାଆନ୍ତି । ତେବେ ସାହରୁଖ ଓ ସଲମାନଙ୍କ ପାଇଁ ରିକ୍ୟୁଏଷ୍ଟ କମ ଆସୁଥିବା ନେଇ ଏହି ଇଭେଣ୍ଟମ୍ୟାନେଜର ସୂଚନା ଦେଇଛନ୍ତି । ସବୁଠାରୁ ଅଧିକ ମିକା ସିଂ, ନେହା କକ୍କଡ, ଗୁରୁ ରନ୍ଧାବାଙ୍କ ଭଳି ସିଙ୍ଗରମାନଙ୍କର ଅଧିକ ଡିମାଣ୍ଡ ରହୁଥିବା ସେ ପ୍ରକାଶ କରିଛନ୍ତି ।



## ଶାଢି ପିନ୍ଧି ନାଚନ୍ତି ପୁରୁଷ



ନବରାତ୍ରୀ ସମୟରେ ବିଭିନ୍ନ ସ୍ଥାନରେ ଭିନ୍ନଭିନ୍ନ ପରମ୍ପରା ଦେଖିବାକୁ ମିଳିଥାଏ । ସେହିଭଳି ଏକ ପରମ୍ପରା ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଗୁଜରାଟର ଅହମଦାବାଦରେ ପାଖାପାଖି ୨୦୦ ବର୍ଷ ଧରି ଏକ ନିଆରା ପରମ୍ପରା ଦେଖିବାକୁ ମିଳୁଛି । ଏଠାରେ ନବରାତ୍ରୀ ସମୟରେ ପୁରୁଷ ଲୋକ ଶାଢି ପିନ୍ଧି ନାଚିବାର ପରମ୍ପରାକୁ ଅନୁକରଣ କରାଯାଇଥାଏ । ଏଠାରେ ପୁରୁଷମାନେ ଏକତ୍ରିତ ହୋଇ ଶାଢି ପିନ୍ଧି ଗରବା ନାଚି ଥାଆନ୍ତି । ସୂଚନା ଅନୁସାରେ ୨୦୦ ବର୍ଷ ପୂର୍ବେ ସଦୁବେନ ନାମକ ଜଣେ ମହିଳା ମୁଗଲ ସରଦାରଙ୍କ ଠାରୁ ବଞ୍ଚିବା ପାଇଁ ବାରୋଟ କମ୍ୟୁନିଟିର ପୁରୁଷଙ୍କ ଠାରୁ ସାହାଯ୍ୟ ମାଗିଥିଲେ । ହେଲେ ସେହି ପୁରୁଷମାନେ ସାହାଯ୍ୟ କରିନଥିଲେ । ଏହାପରେ ସଦୁବେନ ସେହି ପୁରୁଷଙ୍କୁ ଅଭିଶାପ ଦେଇଥିଲେ ଏବଂ ଏହାପରେ ସେ ଆତ୍ମହତ୍ୟା କରିଦେଇଥିଲେ । ଏହି ଅଭିଶାପ ପାଇଁ ଆଜି ପ୍ରତିବର୍ଷ ନବରାତ୍ରିର ଅଷ୍ଟମ ରାତିରେ ଏହି କମ୍ୟୁନିଟିର ପୁରୁଷମାନେ ପ୍ରାୟଶ୍ଚିତ କରିବା ପାଇଁ ଶାଢି ପିନ୍ଧି ନାଚିଥାଆନ୍ତି ।

## କୋର୍ଟରେ ଐଶ୍



ନିକଟରେ ଅଭିନେତ୍ରୀ ଐଶର୍ଯ୍ୟା ରାୟ ଓ ଅଭିଷେକ ବଚ୍ଚନ ଏଆଇ ବିରୋଧରେ କୋର୍ଟ ଯାଇଛନ୍ତି । ସେମାନଙ୍କର ଏଆଇକୁ ବ୍ୟବହାର କରାଯାଇଥିବା ଡିପ ଫେକ ଭିଡିଓ ବିରୋଧରେ ସେ ଏହି ମାମଲା ରୁଜୁ କରିଥିବା ଜଣା ପଡିଛି । ସେ ଏହି ଅଭିଯୋଗ ୟୁଟ୍ୟୁବ ଓ ଗୁଗୁଲ ବିରୋଧରେ କରିଛନ୍ତି । ଏହି ଅଭିଯୋଗରେ ସେ ୪ ହଜାର କୋଟିର ମାନହାନି ଦାବି କରିଥିବା ଜଣା ପଡିଛି । ଦମ୍ପତିଙ୍କର ଏହି ଅଭିଯୋଗ ପରେ ଦିଲ୍ଲୀ ହାଇକୋର୍ଟ ଏଭଳି ମାମଲାରେ କଡା ପଦକ୍ଷେପ ନେଇଛନ୍ତି । କୋର୍ଟ ପକ୍ଷରୁ ଗୁଗୁଲକୁ ନୋଟିସ ମଧ୍ୟ ଜାରି କରାଯାଇଛି । ଏଥିରେ ସେମାନଙ୍କୁ ଲିଖିତ ଉତ୍ତର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଘଟଣାଟି ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଚର୍ଚ୍ଚାରେ ରହିଛି । ସୂଚନା ଅନୁସାରେ ତାଙ୍କ ବିନା ଅନୁମତିରେ ଅନ୍‌ଲାଇନରେ ତାଙ୍କର ଇମେଜକୁ ବ୍ୟବହାର କରାଯାଉଛି, ଯାହାକୁ ରୋକିବାକୁ ଉଭୟ ଏଭଳି ପଦକ୍ଷେପ ନେଇଛନ୍ତି ।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଠାରୁ 'କୌଶଳ ଦୀକ୍ଷାନ୍ତ ସମାରୋହ'ରେ 'ଅଲ୍ ଇଣ୍ଡିଆ ଟପର୍ ଆୱାର୍ଡ ୨୦୨୫' ଗ୍ରହଣ କରୁଛନ୍ତି ଓଡ଼ିଶାର କୃତୀ ଛାତ୍ର ପ୍ରମୋଦ ଦଳପତି ଏବଂ ଜିତେନ୍ଦ୍ର ପ୍ରଧାନ





ଢ଼େଙ୍କାନାଳରେ ଶହୀଦ ବାଜି ରାଉତଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ମନ୍ତ୍ରୀ, ବିଧାୟକ ଓ ସାଂସଦ

## ଶହୀଦ ବାଜି ରାଉତଙ୍କ ଜନ୍ମ ଶତବାର୍ଷିକୀ ସମାରୋହ

# ବାଜି ରାଉତଙ୍କ ସାହସ ଆମ ପାଇଁ ପ୍ରେରଣା ହେଉ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ସବ୍ୟୁ): ଭାରତର ଗୌରବ, ଓଡ଼ିଶାର ଗର୍ବ ଶହୀଦ ବାଜି ରାଉତଙ୍କ ସାହସ ଓ ତ୍ୟାଗ ଓଡ଼ିଆ ଜାତିର ବୀରତ୍ୱ ବଖାଣେ । ମାତ୍ର ୧୨ବର୍ଷ ବୟସରେ ସେ ବ୍ରିଟିଶ ଗୁଳି ଆଗରେ ଛାତି ପତେଇ ଦେଇଥିଲେ । ବାଜି ରାଉତଙ୍କ ସାହସ ଯୁବଗର୍ବଙ୍କ ଆଦର୍ଶ । ସମୃଦ୍ଧ ଓଡ଼ିଶା, ବିକଶିତ ଭାରତ ଗଠନରେ ବାଜି ରାଉତଙ୍କ ପଥ ଅନୁସରଣୀୟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।




ଢେଙ୍କାନାଳ ଭୁବନର ବାଜି ରାଉତଙ୍କ ଜନ୍ମସ୍ଥାନ ନୀଳକଣ୍ଠପୁର ଠାରେ ଆୟୋଜିତ ବାଜି ରାଉତଙ୍କ ଜନ୍ମ ଶତବାର୍ଷିକୀ ସମାରୋହରେ ଯୋଗ ଦେଇ ଆଜି ମୁଖ୍ୟମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ମୁଖ୍ୟମନ୍ତ୍ରୀ ବାଜି ରାଉତଙ୍କ ସ୍ମୃତି ପୀଠରେ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ବାଲୁକା କଳା ଓ ଫଟୋଚିତ୍ର ପ୍ରଦର୍ଶନୀକୁ ଉଦଘାଟନ କରିଥିଲେ । ସେ କହିଛନ୍ତି, ବାଜି ରାଉତଙ୍କ ଆଦର୍ଶକୁ ଉଜ୍ଜିବିତ ରଖିବାକୁ ଭୁବନେଶ୍ୱରରେ ଏକ ରାସ୍ତାକୁ ବାଜି ରାଉତଙ୍କୁ ନାମରେ ନାମିତ କରାଯିବ । ଏହସହ ବାଜି ରାଉତଙ୍କ ନାମରେ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରାଯିବ । ବାଜି ରାଉତଙ୍କ ସ୍ମୃତିରେ ଢେଙ୍କାନାଳ ଠାରେ ୧୨୦ କୋଟି ଟଙ୍କା ବ୍ୟୟରେ ବାଜି ରାଉତ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି । ଯାହା ଯୁବ ପିଢିଙ୍କ କ୍ରୀଡା ପ୍ରତିଥିବା ଉଚ୍ଚ ଆଶାକୁ ଆହୁରି ଆଗକୁ ନେଇଯିବ । ଏହି ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଦ୍ୱାରା ଜିଲ୍ଲାରେ କ୍ରୀଡା ଭିତ୍ତିଭୂମି ଅର୍ଥାତ ଯୁବଶକ୍ତିର ଉତ୍ଥାନ ହେବ ।

ସମାରୋହକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଥିଲେ, ଭାରତର କନିଷ୍ଠତମ ସ୍ୱାଧୀନତା ସଂଗ୍ରାମୀଭାବେ ବୀର ବାଳକ ଶହିଦ ବାଜି ରାଉତଙ୍କ ଜୀବନ ସ୍ୱଳ୍ପ, କିନ୍ତୁ ତାଙ୍କର ବୀରଗାଥା ଚିରଦିନ ପାଇଁ ପ୍ରେରଣାଦାୟୀ । ତାଙ୍କ କର୍ତ୍ତବ୍ୟ ଦେଶ ଓ ଜାତି ପାଇଁ ଅବଦାନ ପାଖରେ ଆଜି ଏ ଓଡିଆ ଜାତି ନତ ମସ୍ତକ । ବାଜି ରାଉତଙ୍କର ଅସାଧାରଣ ଦେଶ ପ୍ରେମ, ସାହାସ ଓ ଅସୀମ ତ୍ୟାଗ ଆଜି ଓଡିଆ ଜାତି ପାଇଁ ମହାନ ଗର୍ବ ଓ ଗୌରବର ପ୍ରତୀକ । ଏକ ଛୋଟ ଗାଁରେ ଜନ୍ମ ହୋଇଥିଲେ ମଧ୍ୟ ସାରା ଜାତି ଓ ଜନ୍ମଭୂମି ପାଇଁ ମାତ୍ର ୧୨ ବର୍ଷ ବୟସରେ ଜୀବନ ଉତ୍ସର୍ଗ କରି ଆଗାମୀ ପିଢି ନିମନ୍ତେ ସେ ପାଲଟି ଗଲେ ପ୍ରେରଣାର ଉତ୍ସ । ଆଜିର ଯୁବ ପିଢି ତାଙ୍କର କର୍ତ୍ତବ୍ୟ ନିଷ୍ଠା, ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବା ଉଚିତ । ସବୁବେଳେ ନିଜ ଜାତିର ସମ୍ମାନ ରଖିବା, ସମୃଦ୍ଧ ଓଡିଶା ଓ ବିକଶିତ ଭାରତ ଗଠନରେ ଶହୀଦ ବାଜି ରାଉତଙ୍କ ପଥକୁ ଅନୁସରଣ କରିବାକୁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଆହ୍ୱାନ ଜଣାଇଥିଲେ ।

- ଭୁବନେଶ୍ୱରରେ ଏକ ରାସ୍ତା ବାଜି ରାଉତଙ୍କ ନାମରେ ନାମିତ ହେବ
- ୧୨୦ କୋଟିରେ ହେବ ବାଜି ରାଉତ ସ୍ପୋର୍ଟସ କମ୍ପ୍ଲେକ୍ସ
- ୩୦ ହଜାର କୋଟିର ସୌର ଶିଳ୍ପରେ ସମୃଦ୍ଧ ହେବ ଢେଙ୍କାନାଳ

୨୦୩୬ରେ ଯେତେବେଳେ ଆମେ ସ୍ୱତନ୍ତ୍ର ଓଡିଶାର ଶତାବ୍ଦୀ ଉତ୍ସବ ପାଳନ କରିବା, ସେତେବେଳକୁ ଓଡିଶାର ପ୍ରତ୍ୟେକଟି ଜିଲ୍ଲା ସମୃଦ୍ଧ ହେବ । ଢେଙ୍କାନାଳ ଜିଲ୍ଲାରେ ୫୦ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱର୍ ବ୍ୟୟରେ ହେବାକୁ ଥିବା ଶିଳ୍ପ ପ୍ରକଳ୍ପ ଆରମ୍ଭ ହୋଇଛି । ଏଥିରେ ୩୦ ହଜାର କୋଟି ଟଙ୍କାର ବ୍ୟୟ କେବଳ ସୋଲାର ଶକ୍ତି ଶିଳ୍ପ ସମ୍ବଳିତ ପ୍ରକଳ୍ପ । ଏଣୁ ଢେଙ୍କାନାଳ ଜିଲ୍ଲାକୁ ଓଡିଶାର ସୌର ଶକ୍ତି ସମୃଦ୍ଧ ଜିଲ୍ଲା ଓ ରାଜ୍ୟର ଅଗ୍ରଣୀ ଜିଲ୍ଲା ଭାବେ ପରିଗଣିତ କରିବା ହେଉଛି ସରକାରର ଲକ୍ଷ୍ୟ । ଏହିସବୁ ପ୍ରକଳ୍ପ ଯୋଗୁଁ ୨୬ ହଜାର ୪୦୦ଟି ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୁଯୋଗର ସମ୍ଭାବନା ରହିଛି । ପ୍ରତ୍ୟେକ ନିଯୁକ୍ତି ଅର୍ଥ ହେଉଛି ଗାଁର ଜଣେ ଯୁବକଙ୍କୁ ଆଉ ସ୍ଥାନାନ୍ତରିତ ହେବାକୁ ପଡ଼ିବ ନାହିଁ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ବାଜି ରାଉତଙ୍କ ଦାୟାଦ ଓ ପ୍ରଜାମଣ୍ଡଳ ଆନ୍ଦୋଳନର ସଂଗ୍ରାମୀଙ୍କ ପରିବାରବର୍ଗଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ପୁସ୍ତକ "ଢେଙ୍କାନାଳ ଗଣସଂଗ୍ରାମର ଅମର ସହିଦ ବାଜି ରାଉତ ' ଓ ବାଜି ରାଉତଙ୍କ ଫଟୋ ଉନ୍ମୋଚନ କରିଥିଲେ । ଯାହା ଜିଲ୍ଲାର ସମସ୍ତ ବିଦ୍ୟାଳୟରେ ବଣ୍ଟନ କରାଯିବ । ସମାରୋହରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ବାଜି ରାଉତଙ୍କ ସାହସ, ବଳିଦାନକୁ ମନେପକାଇ ଏହା ଚିରଦିନ ଉଜ୍ଜିବିତ ରହିବ ବୋଲି କହିଥିଲେ । ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବ ସେବା ଏବଂ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଶହୀଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ କହିଥିଲେ ଯେ ୧୨ ବର୍ଷର ବାଳକର ବୀରିବ, ସାହସ ଏ ଓଡ଼ିଆ ଜାତିକୁ ଗୌରବାନ୍ୱିତ କରିଛି ।

ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ପରଜଙ୍ଗ ବିଧାୟକ ବିଭୂତି ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ପ୍ରମୁଖ ଶହୀଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ତଥା ନିର୍ଦ୍ଦେଶକ ଡ. ବିଜୟକେତନ ଉପାଧ୍ୟାୟ ପ୍ରାରମ୍ଭିକ ସୂଚନା ଦେଇ ଥିଲେ । ଢେଙ୍କାନାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ୍ ଧନ୍ୟବାଦ ଦେଇଥିଲେ ।

## ୱାର୍ଡ ବୁଲିଲେ ବିଏମ୍‌ସି କମିଶନର

ଭୁବନେଶ୍ୱର(ସବ୍ୟୁ): ଭୁବନେଶ୍ୱର ମହାନଗର ନିଗମ( ବିଏମ୍‌ସି) କମିଶନର ଚଞ୍ଚଳ ରାଣା ରବିବାର ସକାଳୁ ୨୪ ନମ୍ବର ୱାର୍ଡ ପରିଦର୍ଶନ କରି ବିଭିନ୍ନ କାର୍ଯ୍ୟର ତଦାରଖ କରିଛନ୍ତି । ୱାର୍ଡରେ ଚାଲିଥିବା ପରିମଳ ବ୍ୟବସ୍ଥା ବୁଲି ଦେଖିବା ସହ ବିଭିନ୍ନ ଡ୍ରେନ, ରାସ୍ତା ଏବଂ ଅନ୍ୟାନ୍ୟ କାର୍ଯ୍ୟ ତଦାରଖ କରିଥିଲେ । ପରିମଳ ସେବା, ବର୍ଜ୍ୟ ସଂଗ୍ରହ ବ୍ୟାଗ୍ର ବ୍ୟବହାର, ସଫେଇ ଗାଡିର ନିୟମିତତା ସାଙ୍ଗକୁ ଜବରଦଖଲ ଏବଂ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟର ସମୀକ୍ଷା ଓ ଆବଶ୍ୟକତା ବାବଦରେ ମଧ୍ୟ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଛନ୍ତି । କମିଶନରଙ୍କ ଏହି କ୍ଷେତ୍ର ପରିଦର୍ଶନରେ ସ୍ଥାନୀୟ ଲୋକେ ବେଶ ଖୁସି ପ୍ରକଟ କରିବା ସହ ବିଏମ୍‌ସିର କର୍ଯ୍ୟକୁ ପ୍ରସଂଶା କରିଛନ୍ତି । ୱାର୍ଡରେ ଥିବା ବିଭିନ୍ନ ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ସଂପୃକ୍ତ ଉପବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କମିଶନର । ଏହି ପରିଦର୍ଶନ ସମୟରେ ସ୍ଥାନୀୟ କର୍ପୋରେଟର ଶଦୀପକ ମିଶ୍ର, ଡେପୁଟି କମିଶନର ପରିମଳ, ଜୋନାଲ କମିଶନର, ବିଏମ୍‌ସିର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।









## ସଂକୀର୍ତ୍ତନ ଗୁରୁଙ୍କୁ ମରଣାନ୍ତକ ଆକ୍ରମଣ

# ବଞ୍ଚାଇବାକୁ ଯାଇ ମାଡ଼ ଖାଇ ଆହତ ହେଲେ ୪ ମହିଳା

ଖୋର୍ଦ୍ଧା, (ସବ୍ୟୁ): ବେଗୁନିଆ ଥାନା ଅଧୀନସ୍ଥ ଗେଡ଼ିଆପଲ୍ଲୀ ପଂଚାୟତର ଗୌଡ଼ନୂଆଗାଁ ଗ୍ରାମରେ ଜଣାଶୁଣା ସଙ୍କୀର୍ତ୍ତନ ଗୁରୁ ରବୀନ୍ଦ୍ର ବେହେରାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି । ତିନିଜଣ ଅସାମାଜିକ ବ୍ୟକ୍ତି ପିଟି ପିଟି ତାଙ୍କୁ ଲହୁ ଲୁହାଣ କରିବା ସହ ମୁଣ୍ଡ ଫଟାଇ ଦେଇଛନ୍ତି । ଏପରିକି ତାଙ୍କୁ ବଂଚାଇବାକୁ ଯାଇ ଗ୍ରାମର ୪ ଜଣ ମହିଳା ମଧ୍ୟ ଆହତ ହୋଇଛନ୍ତି । ଏ ସମ୍ପର୍କରେ ବେଗୁନିଆ ଥାନାରେ ଅଭିଯୋଗ ହୋଇଛି । ସୂଚନାଯୋଗ୍ୟ, ଶୁକ୍ରବାର ସନ୍ଧ୍ୟାରେ ରବୀନ୍ଦ୍ର ପ୍ରତିଦିନ ଭଳି ଗୌଡ଼ନୂଆଗାଁ ଗ୍ରାମର ମହିଳାମାନଙ୍କୁ ନାମ ସଂକୀର୍ତ୍ତନ ଶିଖାଇବାକୁ ଆସିଥିଲେ । ସ୍ଥାନୀୟ ବାଉତି ମନ୍ଦିର ପ୍ରାଙ୍ଗଣରେ ଅଭ୍ୟାସ ଜାରି ରହିଥିବା ବେଳେ ସୁକାନ୍ତ ବେହେରା ନାମକ ଜଣେ ଯୁବକ ତାଙ୍କୁ ବାହାରକୁ ଡାକିଥିଲେ । ରବୀନ୍ଦ୍ରଙ୍କ ସାଇକେଲ୍ ବାଜି ତାଙ୍କ ଅଟୋ ସାମାନ୍ୟ କ୍ଷତିଗ୍ରସ୍ତ ହୋଇଥିବା ଅଭିଯୋଗ କରି ସେ ତାଙ୍କଠାରୁ କ୍ଷତିପୂରଣ ମାଗିଥିଲେ । ରବୀନ୍ଦ୍ର ତାଙ୍କୁ ଏନେଇ ବୁଝାଇବା ସହ କ୍ଷତିପୂରଣ ଦେବା ବ୍ୟବସ୍ଥା କରିବେ ବୋଲି କହିଥିଲେ । ମାତ୍ର, ନିଶାସକ୍ତ ଯୁବକ ହଠାତ୍ ଉତକ୍ଷିପ୍ତ ହୋଇ ରବୀନ୍ଦ୍ରଙ୍କ ଗାଲରେ ଚାପୁଡ଼ା ମାରିଥିଲେ । ପାଟି ଶୁଣି ମହିଳା ଗୋଷ୍ଠୀର ସଦସ୍ୟମାନେ ଆସି ସୁକାନ୍ତଙ୍କୁ ଅଟକାଇବା ସହ ବୁଝାଇଥିଲେ ।

## କଟକରେ ଶାନ୍ତି ରକ୍ଷା ଲାଗି ନବୀନଙ୍କ ଅନୁରୋଧ

ଭୁବନେଶ୍ୱର(ସବ୍ୟୁ): ଭାଇଚାରାର ସହର କଟକରେ ସୃଷ୍ଟି ହୋଇଥିବା ଆଇନଶୃଙ୍ଖଳା ପରିସ୍ଥିତିରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ଉଦବେଗ ପ୍ରକାଶ କରିଛନ୍ତି । ଶ୍ରୀ ପଟନାୟକ କହିଛନ୍ତି, ଏକ ଶାନ୍ତି ପ୍ରିୟ ରାଜ୍ୟ ଭାବରେ ଓଡିଶାର ସୁନାମ ରହିଛି । ଓଡିଶାବାସୀ ଓ କଟକ ବାସୀ ଶାନ୍ତି ଓ ସଦଭାବ ଚାହାଁନ୍ତି । ତେଣୁ କଟକ ସହରରେ ଶାନ୍ତି ବଜାୟ ରଖିବା ପାଇଁ ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକ ସମସ୍ତଙ୍କୁ ଅନୁରୋଧ କରିଛନ୍ତି ।



## ସ୍ୱାଧୀନତା ସଂଗ୍ରାମୀ ପ୍ରାଣନାଥ ପଟ୍ଟନାୟକଙ୍କ ୫୫ତମ ପୁଣ୍ୟତିଥି

ଖୋର୍ଦ୍ଧା, (ସବ୍ୟୁ): ପ୍ରାଣନାଥ ସ୍ମୃତି ସଂସଦ ପକ୍ଷରୁ ସ୍ୱାଧିନତା ସଂଗ୍ରାମ ତଥା ବିପ୍ଳବୀ ପ୍ରାଣନାଥ ପଟ୍ଟନାୟକଙ୍କ ୫୫ତମ ପୁଣ୍ୟତିଥି ଆଜି ପାଳନ କରାଯାଇଛି । ସ୍ଥାନୀୟ କେନ୍ଦ୍ର ସମବାୟ ବ୍ୟାଙ୍କ ଛକଠାରେ ଥିବା ପୂର୍ଣ୍ଣବୟାବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଶ୍ରଦ୍ଧା ସୁମନ କରାଯାଇଥିଲା । ପ୍ରାଣନାଥ ସ୍ମୃତି ସଂସଦ ସଭାପତି ତଥା ପୂର୍ବତନ ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର, ସମ୍ପାଦକ ତଥା ଉତର ଓଡିଶା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ମେଜର କ୍ଷୀରୋଦପ୍ରସାଦ ମହାନ୍ତି , ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ସୌର୍ଯ୍ୟ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ ।









### ଶହୀଦ ବାଜି ରାଉତଙ୍କ ଜୟନ୍ତୀ ପାଳିତ

# ବାଚସ୍ପତି, ମୁଖ୍ୟମନ୍ତ୍ରୀଙ୍କ ଶ୍ରଦ୍ଧାସୁମନ ଅର୍ପଣ



ଭୁବନେଶ୍ୱର(ସବ୍ୟୁ): ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଶହୀଦ ବାଜି ରାଉତଙ୍କ ଜୟନ୍ତୀ ପାଳିତ ହୋଇଛି । ଏହି ଅବସରରେ ବିଧାନସଭା ପାଶ୍ୱର୍ସ୍ଥିତ ଶହୀଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶହୀଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

ଇଂରେଜ ସରକାରଙ୍କ ରାଜତ୍ୱ କାଳରେ ଭାରତବର୍ଷର ଅନ୍ୟାନ୍ୟ ରାଜ୍ୟ ଭଳି ଓଡ଼ିଶାରେ ସାଧାରଣ ପ୍ରଜାମାନେ ବିଭିନ୍ନ ଭାବରେ ଶୋଷଣ ଓ ଅତ୍ୟାଚାରରେ ଜର୍ଜରିତ ହେଉଥିଲେ । ସେତେବେଳେ ଇଂରେଜ ସରକାର ତାଙ୍କର ଶାସନ ପ୍ରଣାଳୀକୁ ସରଳ କରିବା ଉଦ୍ଦେଶ୍ୟରେ ସମଗ୍ର ଓଡ଼ିଶାକୁ ଦୁଇ ଭାଗରେ ବିଭକ୍ତ କରି ମୋଗଲବନ୍ଦୀ ଏବଂ ଗଡ଼ଜାତ ଅଞ୍ଚଳ ଭାବେ ନାମିତ କରିଥିଲେ । ମୋଗଲବନ୍ଦୀ ଅଞ୍ଚଳଗୁଡ଼ିକରେ ଜମିଦାରମାନେ ଏବଂ ଗଡ଼ଜାତ ଅଞ୍ଚଳମାନଙ୍କରେ ରାଜାମାନେ ଶାସନ ନାମରେ ପ୍ରଜାମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର କରୁଥିଲେ । ଏହିସବୁ ଗଡ଼ଜାତ ଆନ୍ଦୋଳନ ମଧ୍ୟରୁ ୧୯୩୮ ମସିହାରେ ସଂଗଠିତ ହୋଇଥିବା ଢେଙ୍କାନାଳ ଗଡ଼ଜାତ ଆନ୍ଦୋଳନ ସେତେବେଳେ ସମଗ୍ର ଭାରତବର୍ଷରେ ଆଲୋଡ଼ନ ସୃଷ୍ଟି କରିଥିଲା । ଭାରତର ସ୍ୱାଧୀନତା ସଂଗ୍ରାମ ସ୍ରୋତରେ ଦେଶର ସର୍ବକନିଷ୍ଠ ଦେଶଭକ୍ତ ୧୨ ବର୍ଷର ବାଳକ ବାଜି ରାଉତ ତାଙ୍କ ଜୀବନକୁ ବାଜି ଲଗାଇ ଶହୀଦ ହୋଇଯାଇଥିଲେ ।

୧୯୨୬ ମସିହା ଅକ୍ଟୋବର ୫ ତାରିଖ ଦିନ ଢେଙ୍କାନାଳ ଜିଲ୍ଲାର ନୀଳକଣ୍ଠପୁର ଗ୍ରାମରେ ଏକ ଗରିବ ଖଣ୍ଡାୟତ ପରିବାରରେ ଜନ୍ମ ଗ୍ରହଣ କରିଥିଲେ ଶହୀଦ ବାଜି ରାଉତ । ସର୍ବ କନିଷ୍ଠ ବାଜି ରାଉତ ଥିଲେ ମୁକ୍ତି ସଂଗ୍ରାମର ଅନ୍ୟତମ ସଂଗ୍ରାମୀ ଓ ଗଡ଼ଜାତର ସୂର୍ଯ୍ୟ । ପଙ୍କରୁ ପଦ୍ମ ଜନ୍ମ ନେଲା ପରି ଏକ ଅନ୍ଧାରୀ ମୁଲକରେ ଜନ୍ମ ହୋଇଥିଲେ ମଧ୍ୟ ସେ ସାରା ଜାତି ଓ ନିଜର ଜନ୍ମଭୂମି ପାଇଁ ଜୀବନ ଉତ୍ସର୍ଗ କରି ଭବିଷ୍ୟତ ବଂଶଧରମାନଙ୍କ ନିମନ୍ତେ ଏକ ପ୍ରେରଣାର ଉତ୍ସ ହୋଇ ରହିଗଲେ । ଏହି ଅବସରରେ ବିଧାୟକ ବାବୁ ସିଂ ଓ ଅନନ୍ତ ନାରାୟଣ ଜେନା, ସମାଜସେବୀ ଜଗନ୍ନାଥ ପ୍ରଧାନ, ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ବିଧାନସଭା ସଚିବ ସତ୍ୟବ୍ରତ ରାଉତ, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ୍ ପ୍ରମୁଖ ଉପସ୍ଥିତ ଥିଲେ ।



ରାୟପୁର ନଗର ଉତ୍ତରର ବିଧାୟକ ତଥା ଛତିଶଗଡ ବୃହତ ଓଡ଼ିଆ ସମାଜର ସଭାପତି ପୁରନ୍ଦର ମିଶ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ରାୟପୁର ଠାରେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଉଛନ୍ତି ।

### ବରୁଣେଇ ପାହାଡ଼ରେ ନାକେଦମ୍ କଲାଣି ବାର୍‌ହା

## ଆକ୍ରମଣରେ ୨ ପର୍ଯ୍ୟଟକ ସମେତ ପୋଲିସ ଗୁରୁତର

ଖୋର୍ଦ୍ଧା, (ସବ୍ୟୁ): ବାରହା ଆକ୍ରମଣ ରେ ୨ଜଣ ଯୁବକଙ୍କ ସମେତ ଦୁଇ ଜଣ ପୋଲିସ କର୍ମଚାରୀ ଆହତ। ବରୁଣେଇ ପାହାଡ ଉପରକୁ ଭୋଜି କରିବାକୁ ଯାଇଥିଲେ ଯୁବକମାନେ। ଖବରପାଇ ପୋଲିସ, ଅଗ୍ନିସମ ଏବଂ ବନ ବିଭାଗ ଆହତ ଯୁବକ ଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରୁଛନ୍ତି। ଟାୱାର ଓ ଗଛ ଉପରେ କେତେକ ଯୁବକ ଫସିଛନ୍ତି। ଆହତ ଅବସ୍ଥାରେ ଜଣେ ଯୁବକ ଗଛ ଉପରେ ରହିଛନ୍ତି। ଗଛତଳେ ବାରହା ଜଗି ଥିବାରୁ ସମସ୍ତେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ପ୍ରକାଶ ଥାଉକି, ଆଜି କେତେକ ଯୁବକ ବରୁଣେଇ ପାହାଡ ଉପରକୁ ବୁଲିବାକୁ ଆସିଥିଲେ। ସେମାନେ ବରୁଣେଇ ପାଦଦେଶରୁ ପାହାଡ ଉପରକୁ ପ୍ରାୟ ୫କିମି ଘଂଚ ଜଙ୍ଗଲରେ ଯାଇଥିଲେ। ସେଠାରେ ରୋଷେଇ କରି ମଜା କରୁଥିବା ବନବିଭାଗ ସୂତ୍ରରୁ ଜଣାଯାଇଛି। ଏହି ସମୟରେ ଏକ ଦନ୍ତାବାରହା ସେମାନଙ୍କୁ ଆକ୍ରମଣ କରିଥିଲା। ଏପରିକି ଜଣକୁ ଗୁରୁତର କରିଥିବାବେଳେ ଅନ୍ୟ ଜଣେ ଆହତ ହୋଇଥିଲେ। ଖବର ପାଇ ତଳେ ଥିବା ପୁଲିସ କର୍ମଚାରୀମାନେ ସ୍ଥାନୀୟ ଅଂଚଳ ଯୁବକଙ୍କ ସହ ଉଦ୍ଧାର ପାଇଁ ଯାଇଥିଲେ ହେଁ ସେମାନେ ମଧ୍ୟ ଆହତ ହୋଇଥିଲେ। ଆତଙ୍କିତ ଅବସ୍ଥାରେ କିଛି ଯୁବକ ନିକଟସ୍ଥ ଟାୱାର ଓ ଗଛ ଉପରେ ଜୀବନରକ୍ଷା ପାଇଁ ଚଢିଥିଲେ। ପ୍ରଥମେ ଉଦ୍ଧାର କରିବାକୁ ଯାଇଥିବା ଟିମ୍ ସଦସ୍ୟଙ୍କୁ ବଂଚାଇବାକୁ ଯାଇ ବାରାର ଆକ୍ରମଣର ଶିକାର ହୋଇଥିବା ପ୍ରାୟ ୧୫ଜଣ ପୁଲିସ, ବନବିଭାଗ ଓ ଅଗ୍ନିସମ ବିଭାଗ ଗଛ ଓ ଟାୱାର ଉପରେ ଚଢି ଜୀବନ ବଂଚାଇବାକୁ ଉଦ୍ୟମ କରୁଥିବାବେଳେ ଗଛତଳେ ଜଣେ ଯୁବକ ରକ୍ତାକ୍ତ ଅବସ୍ଥାରେ ପଡିଥିବା ଦେଖାଯାଇଛି। ମାତ୍ର ହିଂସ୍ର ବାରହା ସେମାନଙ୍କୁ ଗଛତଳେ ଜଗି ରହିଥିବା ଏକ ଭିଡିଓ ରୁ ଦେଖାଯାଉଛି। ଖବର ପାଇ ପୋଲିସ, ଅଗ୍ନିସମ ଏବଂ ବନ ବିଭାଗ କର୍ମଚାରୀ ଉଦ୍ଧାର ପାଇଁ ପାହାଡ ତଳେ ପହଁଚିଥିଲେ। ବର୍ଷା ଏବଂ ଅନ୍ଧାର ଯୋଗୁ ଘଂଚ ଜଙ୍ଗଲ ମଧ୍ୟରୁ କିପରି ଉଦ୍ଧାର କରାଯିବ ସେ ନେଇ ଯୋଜନା କରିଥିଲେ। ସେମାନଙ୍କୁ ସୁରକ୍ଷିତ ଉଦ୍ଧାର ଲାଗି ଆରମ୍ଭ ହୋଇଥିଲା ଅପରେସନ ବରୁଣେଇ। ଏଥିରେ ପୋଲିସ, ଅଗ୍ନିସମ ଏବଂ ବନ ବିଭାଗ କର୍ମଚାରୀଙ୍କୁ ନେଇ ୩ଟିମ୍ ଗଠନ କରାଯାଇ ସେମାନେ ପାହାଡ ଉପରକୁ ନିଆଁ ହୁଳା, ଟ୍ରର୍ଚ୍ଚ, ଷ୍ଟ୍ରେଚର, ଟାୟାର, ଘଉଡାଇବା ପାଇଁ ସରଞ୍ଜାମ ପ୍ରଭୃତି ନେଇ ଯାଇଛନ୍ତି ରେସକିୟୁ ଟିମ୍। ସେମାନଙ୍କ ଉଦ୍ଧାର କୁ ଅପେକ୍ଷା କରିଛନ୍ତି ବରୁଣେଇ ପାଦ ଦେଶ ରେ ଆମ୍ବୁଲାନ୍ସ ଟିମ୍। ଜୀବନ ପାଇଁ ନିବେଦନ କରୁଛନ୍ତି ଗଛ ରେ ବସିରହି ଥିବା ଯୁବକ ମାନେ। ୫କିମି ଉଚ୍ଚ ପାହାଡ ରୁ ରାତି ସମୟରେ ହିଂସ୍ର ବାରାହା କୁ ଘଉଡାଇବା ଏବଂ ସେମାନଙ୍କୁ ଉଧାର କରିବା ଏବେ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଘଟଣା ସ୍ଥଳରେ ଖୋର୍ଦ୍ଧା ଏସ୍ପି ବିବେକାନନ୍ଦ ଶର୍ମା, ଡିଏଫ୍‌ଓ ଲାଡେ ଗଜାନନ ଦୟାନନ୍ଦ ପ୍ରମୁଖ ଉପସ୍ଥିତ ରହି ତଦାରଖ କରୁଛନ୍ତି। ଅପରାହ୍ନ ୪ଟା ରୁ ବର୍ତମାନ ସୁଦ୍ଧା ୫ଘଂଟା ବିତିଯାଇଥିଲେ ମଧ୍ୟ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଉଦ୍ଧାର କାର୍ଯ୍ୟ ଜାରୀ ରହିଥିବାବେଳେ ପୁଲିସ କର୍ମଚାରୀ ଜଣକ ଗୁରୁତର ଆହତ ହୋଇ ଜଙ୍ଗଲ ରେ ପଡି ରହିଥିବା ଜଣାଯାଇଛି। ଫସିରହିଥିବା ବ୍ୟକ୍ତିଙ୍କ ଉଦ୍ଧାର ପ୍ରକ୍ରିୟା ଜାରୀ ରହିଥିବାବେଳେ ବରୁଣେଇ ପାଦଦେଶରେ ପ୍ରାୟ ୫ହଜାର ରୁ ଉଦ୍ଧ୍ୱର୍ ବ୍ୟକ୍ତି ଜମି ରହିଥିବା ଦେଖିବାକୁ ମିଳିଛି।



### ସ୍ୱାଧୀନତା ସଂଗ୍ରାମୀ ପ୍ରାଣନାଥ ପଟ୍ଟନାୟକଙ୍କ ୫୫ତମ ଶ୍ରାଦ୍ଧ ବାର୍ଷିକୀ

## ପ୍ରାଣନାଥଙ୍କ ଜୀବନ ସରଳତା, ନିଷ୍ପାପର ସେବାର ଏକ ଜ୍ୱଳନ୍ତ ଉଦାହରଣ

ଭୁବନେଶ୍ୱର(ସବ୍ୟୁ): ସ୍ୱାଧୀନତା ସଂଗ୍ରାମୀ, ପ୍ରଗତିଶୀଳ ସମାଜବାଦୀ ତଥା ଜନସେବୀ ସ୍ୱର୍ଗତଃ ପ୍ରାଣନାଥ ପଟ୍ଟନାୟକଙ୍କର ଜୀବନ ସରଳତା, ନୈତିକ ସାହସ ଏବଂ ଜନସାଧାରଣଙ୍କ ପାଇଁ ନିଷ୍ପାପର ସେବାର ଏକ ଜ୍ୱଳନ୍ତ ଉଦାହରଣ ରାଜ୍ୟପାଳ ଡ. ହରିବାବୁ କମ୍ଭମ ପାଟି କହିଛନ୍ତି ।

ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ରାଜ୍ୟ ପ୍ରାଣନାଥ ସ୍ମୃତି କମିଟି ଦ୍ୱାରା ଆୟୋଜିତ ସ୍ୱର୍ଗତଃ ପ୍ରାଣନାଥ ପଟ୍ଟନାୟକଙ୍କର ୫୫ ତମ ଶ୍ରାଦ୍ଧ ବାର୍ଷିକୀରେ ଯୋଗ ଦେଇ ରାଜ୍ୟପାଳ କହିଥିଲେ, ସ୍ୱର୍ଗତଃ ପ୍ରାଣନାଥ ପଟ୍ଟନାୟକ ଥିଲେ ଏକ ବିରଳ ବହୁମୁଖୀ ପ୍ରତିଭା ଏବଂ ଗଭୀର ବିଶ୍ୱାସର ବ୍ୟକ୍ତିତ୍ୱ । ସେ ଜଣେ ସ୍ୱାଧୀନତା ସଂଗ୍ରାମୀ ଥିଲେ, ଯିଏ ସ୍ୱାଧୀନତା ପାଇଁ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ ।




ସେ ଜଣେ ରାଜନୈତିକ ଚିନ୍ତକ ଥିଲେ ଯିଏ ସାଧାରଣ ଜନତାଙ୍କ ସପ୍ନକୁ ବହନ କରିଥିଲେ, ଜଣେ ସମାଜ ସଂସ୍କାରକ ଥିଲେ ଯିଏ ପୁରୁଣା କୁସଂସ୍କାର ବିରୋଧରେ ଲଢେଇ କରିଥିଲେ । ବିଧାୟକ ଥିବା ସମୟରେ ନୀତିକୁ ସ୍ୱାର୍ଥ ଉର୍ଦ୍ଧ୍ୱର୍ରେ ରଖିଥିଲେ । ଲେଖକ ଥିଲେ ଯିଏ ସମାଜକୁ ଜାଗ୍ରତ କରିବା ପାଇଁ କଲମ ଚାଳନା କରୁଥିଲେ, ଜଣେ ଶିକ୍ଷାବିତ ଥିଲେ ଯିଏ ଜ୍ଞାନର ମଞ୍ଜି ବୁଣିଥିଲେ ଏବଂ ସର୍ବୋପରି ଜଣେ ସାଧାରଣ ଲୋକଙ୍କର ସେବକ ଥିଲେ । ସେମାନଙ୍କ ଆଶା ଆକାଂକ୍ଷା ସହିତ ଗଭୀର ଭାବେ ଜଡ଼ିତ ଥିଲେ । ମହାନତା କେବେ ଧନ ସମ୍ପତ୍ତି କିମ୍ବା ପଦ ପଦବୀ ଦ୍ୱାରା ମପା ଯାଏ ନାହିଁ ବରଂ ତ୍ୟାଗ, ସେବା ଏବଂ ସତ୍ୟ ପାଇଁ ଛିଡା ହେବାର ସାହସ ଦ୍ୱାରା ମପା ଯାଏ । ଏହା ହିଁ ଥିଲା ତାଙ୍କ ଜୀବନର ବୈଶିଷ୍ଟ୍ୟ ବୋଲି ରାଜ୍ୟପାଳ କହିଥିଲେ ।

ଏହି କାର୍ଯ୍ୟକ୍ରମରେ ଆଇନ, ପୂର୍ବ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଲୋକସେବକ ମଣ୍ଡଳ ନୂଆ ଦିଲ୍ଲୀର ଜାତୀୟ ଉପସଭାପତି ଦୀପକ ମାଳବ୍ୟ, ପୂର୍ବତନ ସାଂସଦ, ବିଧାୟକ ତଥା ସମ୍ବାଦ ଓ ଆମ ଓଡ଼ିଶାର ପ୍ରତିଷ୍ଠାତାଅଧ୍ୟକ୍ଷ ସୌମ୍ୟ ରଞ୍ଜନ ପଟ୍ଟନାୟକ ଏବଂ ବିଶିଷ୍ଟ ଶିକ୍ଷାବିତ ତଥା କିଟ, କିସ ଓ କିମ୍ସ ପ୍ରତିଷ୍ଠାତା ଡ଼. ଅଚ୍ୟୁତ ସାମନ୍ତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ରାଜ୍ୟ ପ୍ରାଣନାଥ ସ୍ମୃତି କମିଟିର କାର୍ଯ୍ୟକାରୀ ଅଧ୍ୟକ୍ଷା ତଥା ବିଶିଷ୍ଟ ଲେଖିକା ଡ଼. ଅର୍ଚ୍ଚନା ନାୟକ ସ୍ୱାଗତ ଭାଷଣ ଦେଇଥିଲେ । ଏହି ଅବସରରେ ରାଜ୍ୟପାଳଙ୍କ ଦ୍ୱାରା ପାଞ୍ଚ ଜଣ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ "ପ୍ରାଣନାଥ ପୁରସ୍କାର-୨୦୨୫' ରେ ସମ୍ମାନିତ କରାଯାଇଥିଲା ।

## ଶାନ୍ତି ବଜାୟ ରଖିବାକୁ ସିପିଆଇର ନିବେଦନ

କଟକ, (ସବ୍ୟୁ):ଭସାଣି ଦିନ ମଧ୍ୟରାତ୍ରରେ ପୂଜା ମେଢ଼ ଉଠୁଥିଲା ବେଳେ ଯେଉଁ ଦୁର୍ଭାଗ୍ୟ ଜନକ ଗଣ୍ଡଗୋଳ ହେଲା, ସେଥିରେ ସମ୍ପୃକ୍ତ ସମସ୍ତ ଗଣ୍ଡଗୋଳକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଗ୍ରହଣ କରିବାକୁ ସିପିଆଇ ପକ୍ଷରୁ ଦାବି କରାଯାଇଛି। ପୋଲିସ ପ୍ରଶାସନ ଗଣ୍ଡଗୋଳକାରୀ ୬ଜଣଙ୍କୁ ଗିରଫ କରିବା ସହ କିଛି କାର୍ଯାନୁଷ୍ଠାନ ଗ୍ରହଣ କରିଛି। ତେବେ ଏହି ଗଣ୍ଡଗୋଳରୁ ଫାଇଦା ଉଠାଇ କଟକ ସହରର ଭାଇଚାରା ଓ ଶାନ୍ତିକୁ ବିପନ୍ନ କରିବା ପାଇଁ କିଛି ନ୍ୟସ୍ତସ୍ଵାର୍ଥ ବ୍ୟକ୍ତି ଉଦ୍ୟମ କରୁଛନ୍ତି। ଆଜି ବିଭିନ୍ନ ସ୍ଥାନରେ ଲୋକଙ୍କ ଉପରେ ବିଚ୍ଛିନ୍ନ ଭାବେ ଆକ୍ରମଣ ଓ ସେମାନଙ୍କ ଦୋକାନ ବନ୍ଦ କରିଦିଆଯାଇଛି। ଏହାକୁ ଆଖିରେ ରଖି ସମଗ୍ର କଟକ ସହରରେ ପୂର୍ବର ସିଆରପିସିର୧୪୪ ଧାରା କିଛି ଦିନ ପାଇଁ ଜାରି କରାଯାଉ ।ଗୁଜବ ଓ ମିଥ୍ୟା ପ୍ରଚାରକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସିପିଆଇ ଦାବି କରୁଛି। ଗଣ୍ଡଗୋଳରେ ଆହତଙ୍କ ପ୍ରତି ସମବେଦନା ଜଣାଇବା ସହ ଆହତଙ୍କୁ ମାଗଣାରେ ଉତ୍ତମ ଚିକିତ୍ସାର ସୁବନ୍ଦୋବସ୍ତ କରାଯାଉ ଓ ଆର୍ଥିକ ସାହାଯ୍ୟ ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଉ। ।କଟକ ସହରବାସୀ ଙ୍କୁ କଟକର ଭାଇଚାରା ଓ ଶାନ୍ତି ବଜାୟ ରଖିବାକୁ ସିପିଆଇ ପକ୍ଷରୁ ଜିଲା ସମ୍ପାଦକ ବିନୋଦ ବେହେରା,ନଗର ସମ୍ପାଦକ ପ୍ରସନ୍ନ ମହାପାତ୍ର,ରାଜ୍ୟ ନେତା ତଥା କଟକ ଶାନ୍ତି କମିଟିର ସଦସ୍ୟ ଅମରେନ୍ଦୁ ମହାନ୍ତି ନିବେଦନ କରିଛନ୍ତି।ଏହି ଘଟଣାକୁ ରାଜନୀତିକରଣ କରାନଯାଇ ସବୁ ସମ୍ପ୍ରଦାୟ ମଧ୍ୟରେ ଶାନ୍ତି ସୌହାର୍ଦ୍ୟ ବଜାୟ ରଖିବାକୁ ସିପିଆଇ ସହର ବାସୀଙ୍କୁ ନିବେଦନ କରିଛି।

## ଦୁଇ ଆନ୍ତଃରାଜ୍ୟ ଠକ ଗିରଫ

ଭୁବନେଶ୍ୱର,(ସବ୍ୟୁ) : ଦୁଇ ଜଣ ଆନ୍ତଃରାଜ୍ୟ ଠକଙ୍କୁ ଗିରଫ କରିଛି କମିଶନରେଟ୍ ପୋଲିସ୍। ସେ ଦୁଇ ଜଣ ହେଲେ ହରିୟାଣାର ଚୌଧୁରୀ ରିଙ୍କୁ ସାଇନୀ (୩୬) ଓ ମନିନ୍ଦର ସିଂ (୩୯) । ଦୁହିଁଙ୍କ ନିକଟରୁ ନକଲି ଆଇକାର୍ଡ, ନକଲି ଚିଠି ପ୍ରଭୃତି ଜବତ ହୋଇଛି। କେତେ ବେଳେ ନିଜକୁ ଭାରତ ସରକାରଙ୍କ ସୋସିଆଲ ଜଷ୍ଟିସ୍ ଆଣ୍ଡ ୱିମେନ୍ ଇଏମପାୱାର ମେଣ୍ଟ କମିଶନର କର୍ମଚାରୀ କୁହନ୍ତି ତ ଆଉ କେତେ ବେଳେ ଅଫିସର ପରିଚୟ ଦେଇଥାନ୍ତି।

ସେମାନଙ୍କ ମଧ୍ୟରୁ ରିଙ୍କୁ ଅଫିସର ହୋଇଥିବା ବେଳେ ମନିନ୍ଦର ତାର ପ୍ରିୟ ଭାବେ ପରିଚୟ ଦେଇଥାନ୍ତି। ଏହି ପରିଚୟରେ ଭାରତର ବିଭିନ୍ନ ଅଫିସରଙ୍କୁ ଚିଠି କରିବା ସହ ବିମାନବନ୍ଦର କର୍ତ୍ତୃପକ୍ଷଙ୍କୁ ମଧ୍ୟ ଚିଠି କରି ଠକେଇ କରିଥାନ୍ତି। ଦୁହେଁ ବିମାନରେ ଯାତାୟତ କରିବା ସହ ଷ୍ଟାର୍ ହୋଟେଲରେ ରୁହନ୍ତି। ଓଡ଼ିଶାର ଜଣେ ଅଫିସରଙ୍କୁ ଦୁଇ ଠକ ନକଲି ଚିଠି କରି ଧରା ପଡିବା ପରେ ମୈତ୍ରୀବିହାର ଥାନା ପୋଲିସ ଦୁହିଁଙ୍କୁ ଗିରଫ କରିଥିଲା। ରବିବାର ପୋଲିସ୍ କମିଶନର ଏସ ଦେବଦତ୍ତ ସିଂ ସାମ୍ବାଦିକ ସମ୍ମିଳନୀ କରିବା ପରେ ଦୁହିଁଙ୍କୁ କୋର୍ଟଚାଲାଣ କରାଯାଇଛି। ଏହି ଠକେଇ ର୍‍ୟାକେଟ୍ ଯଦି କାହାକୁ ଚାକିରି କିମ୍ବା ବଦଳି କରାଇ ଦେବାକୁ କହି ଠକେଇ କରିଥାନ୍ତି ତେବେ ମୈତ୍ରୀବିହାର ଥାନାରେ ଅଭିଯୋଗ କରିବାକୁ ପୋଲିସ କହିଛି।



## ବରପୁତ୍ରଙ୍କୁ ବିଜେଡି ଦ୍ୱାରା ଶ୍ରଦ୍ଧାଞ୍ଜଳି ଅର୍ପଣ

ଭୁବନେଶ୍ୱର, (ସବ୍ୟୁ): ରବିବାର ପୂର୍ବାହ୍ନ ସାଢ଼େ ୮ଟା ସମୟ ରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ସାମ୍ୟବାଦୀ ଚେତନାର ପୁରୋଧା ପ୍ରାଣନାଥ ପଟ୍ଟନାୟକଙ୍କ ପୁଣ୍ୟ ତିଥି ଏବଂ ସହିଦ ବାଜି ରାଉତଙ୍କ ଜୟନ୍ତୀ ଉତ୍ସବ ଆଜି ତାଙ୍କ ପ୍ରତିମୂର୍ତ୍ତି ସ୍ଥଳ ରେ ପାଳନ କରାଯାଇ ଅଛି ।ପ୍ରାଣନାଥ ଥିଲେ ଗରିବ ,ମେହନତି ମଣିଷର ସ୍ୱର ,ସାରାଜୀବନ ସେ ଚାଷୀ , ଶ୍ରମିକର ଦୁଃଖ କୁ ନିଜ ଦୁଃଖ ବୋଲି ଭାବି କାର୍ଯ୍ୟ କରି ଥିଲେ। ଅନ୍ୟ ପକ୍ଷରେ ସ୍ୱାଧୀନତା ଆନ୍ଦୋଳନରେ ଉଦ୍ ବୁଦ୍ଧ ହୋଇ ଫିରିଙ୍ଗି ବାହିନୀ ର ଦମନ ଆଗରେ ଡରି ନ ଯାଇ ଯେ ପ୍ରାଣବଳି ଦେଇ ନିଜେ ଇତିହାସ ହୋଇଗଲେ ସେ ଥିଲେ ବାଜି ରାଉତ ବୋଲି ଆଜି ଉଭୟଙ୍କ ଶ୍ରଦ୍ଧାଞ୍ଜଳୀ ସଭାରେ ଯୋଗ ଦେଇ ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଆଜି ପ୍ରଥମେ ପ୍ରତିମୂର୍ତ୍ତି ମାନଙ୍କ ରେ ପୁଷ୍ପମାଲ୍ୟ ଅର୍ପଣ ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିଲେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି। ଉଭୟ ବରପୁତ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ବିଧାୟକ ଅନନ୍ତ ନାରାୟଣ ଜେନା,ପ୍ରାଧ୍ୟାପକ ରଙ୍ଗାଧର ସାହୁ, ଦୂର୍ଗାଶିଷ ସାମନ୍ତରାୟ,ସମାଜସେବୀ ମନୋରଞ୍ଜନ ମହାନ୍ତି,ମନୋଜ କୁମାର ଦାସ, କର୍ପୋରେଟର ରଞ୍ଜୁ ବାଳା ରାୟ,ସତ୍ୟବ୍ରତ ଜେନା,ସାମ୍ୟବାଦୀ ନେତା ବସନ୍ତ ପାଇକରାୟ, ଆଶିଷ କୁମାର କର,ପ୍ରମୁଖ ।ପରି ଶେଷ ରେ ଧନ୍ୟବାଦ ଅର୍ପଣ କରିଥିଲେ ବିରଞ୍ଚି ନାରାୟଣ ପାତ୍ର।




## ନାବାଳିକା ଗର୍ଭବତୀ : ୨ ଗିରଫ

ବଳଙ୍ଗା,(ସବ୍ୟୁ): ପୁରୀ ଜିଲ୍ଲା ବଳଙ୍ଗା ଥାନା ଅନ୍ତର୍ଗତ ଏକ ଗ୍ରାମରେ ଜଣେ ନାବାଳିକାକୁ ଦୁଷ୍କର୍ମ କରିବା ସହିତ ଗର୍ଭବତୀ ଘଟଣାରେ ଦୁଇଜଣ ଅଭିଯୁକ୍ତକୁ ବଳଙ୍ଗା ପୋଲିସ ଗିରଫ କରିଛି । ଅଭିଯୋଗ ଆଧାରରେ ଲଙ୍ଗା ଥାନା ଅଧିକାରୀ ଦି୍ୟରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ଗତକାଲି ବିଳମ୍ବିତ ରାତିରେ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲା ବେଳେ ଭୂନେଶରରୁ ବାଲିଆ ଗ୍ରାମର ମିଲୁ ନାୟକ (୨୩) ଓ ସେହି ଗ୍ରାମର ରାଧା ଗୋବିନ୍ଦ ବିଶୋଇ(ରାଜା) (୧୮) କୁ ଧରି ୨୧୫/୨୫ ରେ ଏକ ମାମଲା ରୁଜୁ କରାଯାଇ ରବିବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଛି । ସୂଚନା ମୁତାକ ନାବାଳିକାର ବାପା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ଗତ କିଛିଦିନ ତଳେ ନାବାଳିକା ପେଟରେ ଯନ୍ତ୍ରଣା ଅନୁଭବ କରିବାରୁ ତାକୁ ମେଡିକାଲ ନେବାପରେ ନାବାଳିକା ଜଣକ ଗର୍ଭବତୀ ହୋଇଥିବା ଜଣା ପଡିଥିଲା । ନାବାଳିକାକୁ ପଚାରିରେ ନିକଟସ୍ଥ ଗ୍ରାମର ଦୁଇଜଣ ଯୁବକ ବାରମ୍ବାର ଦୁଷ୍କର୍ମ କରିଥିବା କଥା କହିଥିଲା । ନାବାଳିକାର ବାପା ପରେ ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି । ଅନ୍ୟପଟେ ପୋଲିସ ନାବାଳିକାର ୧୬୪ ଧାରାରେ ବୟାନ ରେକର୍ଡ କରି ଡ଼ାକ୍ତରୀ ମାଇନା କରିଥିଲେ ।

### ସୁପ୍ରିମକୋର୍ଟର ପ୍ରଧାନ ବିଚାରପତିଙ୍କ ସହ ଓଡ଼ିଶା ବାର କାଉନସିଲର ଆଲୋଚନା

## ୧୮ ଟି ଖାଲିଥିବା ବିଚାରପତି ପଦବୀ ପୂରଣ ପାଇଁ କଲା ଦାବି

କଟକ, (ସବ୍ୟୁ):ସୁପ୍ରିମ କୋର୍ଟର ପ୍ରଧାନ ବିଚାରପତି ନ୍ୟାୟମୂର୍ତ୍ତି ଭୂଷଣ ରାମକୃଷ୍ଣ ଗଭାଇଙ୍କ ଓଡ଼ିଶା ଗସ୍ତ ଅବସରରେ ରାଜ୍ୟ ବାର କାଉନସିଲ୍ ର ସମସ୍ତ ସଦସ୍ୟଙ୍କ ସହ ଔପଚାରିକ ସାକ୍ଷାତ ଅବସରରେ କାଉନସିଲ୍ ପକ୍ଷରୁ ହାଇକୋର୍ଟର ବିଚାରପତି ପଦବୀ ପୂରଣ ପାଇଁ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ରାଜ୍ୟ ବାର କାଉନସିଲ୍ ର ଅଧ୍ୟକ୍ଷ ଶିତାଂଶୁ ମୋହନ ଦ୍ୱିବେଦୀ ଓଡ଼ିଶାର ପ୍ରତିନିଧିତ୍ୱ ଦୀର୍ଘବର୍ଷ ଧରି ସୁପ୍ରିମ କୋର୍ଟରେ ନଥିବା ବିଷୟ ମଧ୍ୟ ପ୍ରଧାନ ବିଚାରପତିଙ୍କୁ ଜଣାଇଥିଲେ। ରାଜ୍ୟରେ ୩୭ ବିଚାରପତି ପଦବୀ ହାଇକୋର୍ଟ ପାଇଁ ମଞ୍ଜୁରୀ କରାଯାଇଥିଲେ ମଧ୍ୟ ଅଦ୍ୟାବିଧି କେବଳ ୧୯ ଜଣ ବିଚାରପତି ନିଯୁକ୍ତି ହୋଇଛନ୍ତି। ଆସନ୍ତା ବର୍ଷ ଚାରି ଜଣ ବିଚାରପତି ଅବସର ନେଉଥିବାରୁ ହାଇକୋର୍ଟର ବିଚାରପତିଙ୍କ ସଂଖ୍ୟା ହ୍ରାସ ପାଇବ ବୋଲି କାଉନସିଲ୍ ର ସଦସ୍ୟମାନେ ପ୍ରଧାନ ବିଚାରପତିଙ୍କୁ ଆଲୋଚନା ପ୍ରସଙ୍ଗରେ କହିଥିଲେ। ପ୍ରଧାନ ବିଚାରପତି ଏହି ପ୍ରସଙ୍ଗ ଗୁରୁତ୍ୱପୂର୍ଣ୍ଣ ବୋଲି କହିବା ସହିତ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ସହିତ ଆଲୋଚନା କରିବେ ବୋଲି କାଉନସିଲ୍ ର ସଦସ୍ୟ ମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ରାଜ୍ୟରେ ବିଭିନ୍ନ ନିମ୍ନ ଅଦାଲତ ଓ ହାଇକୋର୍ଟର ବିଚାରପତି ନିଯୁକ୍ତି ପ୍ରସଙ୍ଗରେ ଅହେତୁକ ବିଳମ୍ବ ହେତୁ ବିଚାରପତି ମାନଙ୍କ ଉପରେ କାର୍ଯ୍ୟଚାପ ଓ ମକଦ୍ଦମା ବିଚାରରେ ବିଳମ୍ବ ହେଉଥିବା ପ୍ରସଙ୍ଗ ମଧ୍ୟ ଆଲୋଚନା କରିଥିଲେ। ଭାରତୀୟ ବାର କାଉନସିଲ୍ ପ୍ରତିନିଧି ଭକ୍ତ ଭୂଷଣ ବାରିକ, ରାଜ୍ୟ ବାର କାଉନସିଲ୍ ର ଉପାଧ୍ୟକ୍ଷ ରାଜୀବ କୁମାର ମହାନ୍ତି, କାର୍ଯ୍ୟ ନିର୍ବାହୀ ଅଧ୍ୟକ୍ଷ ଅରୁପାନନ୍ଦ ଦାସ, ବରିଷ୍ଠ ସଦସ୍ୟ ବିଭୁ ପ୍ରସାଦ ତ୍ରିପାଠୀ, ସୌର ଚନ୍ଦ୍ର ମହାପାତ୍ର, ଦେବି ପ୍ରସାଦ ଧଳ ଓ ପ୍ରସନ୍ନ କୁମାର ପାଢ଼ୀ, ମାନସ କୁମାର ଚାନ୍ଦ, ଜ୍ଞାନ ରଞ୍ଜନ ମହାନ୍ତି, ଆତ୍ମା ପ୍ରକାଶ ମହାନ୍ତି, ପୀତବାସ ପଣ୍ଡା, ବିଭୁ ପ୍ରସାଦ ଦାସ, ଶ୍ରୀଯୁକ୍ତ ପିଟା ରମେଶ ପାତ୍ର, ଧନଞ୍ଜୟ ମୁଣ୍ଡ, ନୃସିଂହ ଚରଣ ପଟ୍ଟନାୟକ, ଗିରିଜା ଶଙ୍କର ମିଶ୍ର, ଅକ୍ଷୟ କୁମାର ସାମନ୍ତରାୟ, ଗିରିଧାରୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଅଟଳ ଯୁବ ବାହିନୀ ପକ୍ଷରୁ ସମାବେଶ



ବ୍ରହ୍ମପୁର, (ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ସେପ୍ଟେମ୍ବର ୧୭ ତାରିଖରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଚାଲିଥିବା ସେବା ପକ୍ଷ ଅବସରରେ ଗଞ୍ଜାମ ଜିଲ୍ଲାର ଅଟଳ ଯୁବ ବାହିନି ତରଫରୁ ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମାଁ ତାରାତାରିଣୀଙ୍କ ପୀଠରେ ୧୫ ଟି ବିଧାନସଭାରୁ ଆସିଥିବା ୩୦୦୦ ରୁ ଉର୍ଦ୍ଧ ଯୁବକଙ୍କୁ ନେଇ ଆତ୍ମନିର୍ଭର ଭାରତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଅଟଳ ଯୁବ ବାହିନୀ ପକ୍ଷରୁ ମା' ତାରାତାରିଣୀଙ୍କ ପୀଠରେ ତଳ ବସଷ୍ଟାଣ୍ଡ ଠାରୁ ମା' ଙ୍କ ପୀଠ ପର୍ଯ୍ୟନ୍ତ ମାରାଥନ୍ ଦୌଡ଼, ବୃକ୍ଷ ରୋପଣ, ସ୍ବଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା । ପରେ ବିଶାଳ ଯୁବ ସମାବେଶ ଅନୁଷ୍ଠିତ ହେଇଥିଲା । ଏଥିରେ ସ୍ୱଦଶୀ ସଂକଳ୍ପ ପତ୍ର ପଠନ କରାଯାଇଥିଲା । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ଆତ୍ମନିର୍ଭର ଭାରତ ଓ ଲୋକାଲ ଫର୍ ଭୋକଲ କୁ ଆଖି ଆଗରେ ରଖି ସ୍ୱଦେଶୀ ଜିନିଷକୁ ଅଧିକରୁ ଅଧିକ ବ୍ୟବହାର କରିବା ଏବଂ ଏହା କରି ନିଜେ ସ୍ୱାବଲମ୍ବୀ ହେବା । ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ବାଣିଜ୍ୟ, ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗ ଦେଇ ପ୍ରଧାନମନ୍ତ୍ରୀ ମୋଦିଙ୍କ ସ୍ୱଦେଶୀ ପ୍ରେରଣାକୁ ଆନ୍ଦୋଳନ ଭାବେ ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ । ଏମଏସଏମଇ' ମାନେ ଭାରତର ମୂଳଶକ୍ତି -ରୋଜଗାର, ବିକାଶ ଓ ନବୀନତାର ପ୍ରେରକ ତେଣୁ ଏମଏସଏମଇ' ସଶକ୍ତ କରିବାକୁ ସେ କହିଥିଲେ । ଏହା ସହ ପ୍ରତ୍ୟେକ ଘର ଓ ପ୍ରତ୍ୟେକ ଦୋକାନ ସ୍ୱଦଶୀ ହେଲେ ଆତ୍ମନିର୍ଭର ଭାରତର ସ୍ୱପ୍ନ ପୂରଣ ହୋଇପାରିବ ବୋଲି କହିଥିଲେ । ସେଥିପାଇଁ ସମସ୍ତେ ମେଡ୍ ଇନ୍ ଇଣ୍ଡିଆ ପଣ୍ୟ ବାଛି ଆମର ଯୁବଶକ୍ତିର ସ୍ୱପ୍ନ ଓ ପରିଶ୍ରମକୁ ବାଛିବା ପାଇଁ ସେ ଆହ୍ୱାନ ଦେଇଥିଲେ । ଏହି ଅବସରରେ ସମସ୍ତେ ସ୍ୱଦେଶୀ ଆପଣେଇବାକୁ ପାଇଁ ଶପଥ ନେଇଥିଲେ । ଏହି କାର୍ଯ୍ୟକ୍ରମରେ ମତ୍ସ୍ୟ ସମ୍ପଦ,ପଶୁ ପାଳନ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗ ଦେଇ ସମସ୍ତଙ୍କୁ ଗର୍ବର ସହ ସ୍ୱଦେଶୀ କିଣିବା ପାଇଁ କହିଥିଲେ ।

କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ କେ ଅନିଲ କୁମାର, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ସୋରଡ଼ା ବିଧାୟକ ନୀଳମଣି ବିଷୋୟୀଙ୍କ ସମେତ ଭାରତୀୟ ଜନତା ପାର୍ଟିର ଗଞ୍ଜାମ ଜିଲ୍ଲା ସଭାପତି ସରୋଜ ସାବତ, ଆସ୍କା ସାଂଗଠନିକ ଜିଲ୍ଲା ସଭାପତି ବିଜୟ କୁମାର ସ୍ୱାଇଁ, ବିଜେପି ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିଶିର ମିଶ୍ରଙ୍କ ସମେତ ଅଟଳ ଯୁବ ବାହିନୀ ସଭାପତି ଶିବ ଶଙ୍କର ପତି, ଚୁତୁନ୍ ପାତ୍ର, ଶିବ ଶଙ୍କର ନାୟକ, ଜଗମୋହନ ପାତ୍ର, ଦୀପକ ଜେନା, ବି.ରବି ରାଓ, କୃଷ୍ଣ ପଲାଇ, କିଶୋର କୁମାର ସାହୁ, ଡ଼ି ସୁରେଶ ରେଡ୍ଡୀ, ଟୁକୁନା ସାହୁ, ସରୋଜ ଭଞ୍ଜ,ସୁମନ୍ ରାଉଳ,ଆଲୋକ ଶତପଥି, ଚିନ୍ମୟ ରେଡ୍ଡୀ,ରୋଶନ ଖୁଣ୍ଟିଆ, ରାକେଶ ରଥ,ରୁଦ୍ର ମିଶ୍ର,ଶୁଭଜିତ କୁମାର,ସୁରେଶ ମହାପାତ୍ର,ବାବୁରାମ ବିଷୋୟୀ, ଦେବାଶିଷ ମିଶ୍ର, କେ ଯୁବରାଜ ପ୍ରମୁଖଙ୍କ ସମେତ ୩୦୦୦ରୁ ଉର୍ଦ୍ଧ ଯୁବ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ ।

# ସାଇ ଏକ୍ସରେ ପାଥୋଲୋଜି ଓ ନର୍ସିଂହୋମ ପକ୍ଷରୁ ସୁସ୍ଥ ନାରୀ ସଶକ୍ତ ପରିବାର କାର୍ଯ୍ୟକ୍ରମ




ବାରିପଦା, (ସବ୍ୟୁ) : ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦେଶ ବ୍ୟାପୀ ପାଳିତ ହେଉଥିବା ସେବା ପକ୍ଷରେ ଭାରତ ସରକାରଙ୍କ ଦ୍ୱାରା ନିର୍ଦ୍ଦେଶିତ ସୁସ୍ଥ ନାରୀ ସଶକ୍ତ ପରିବାର କାର୍ଯ୍ୟକ୍ରମ ଆଜି ଭାଗବତଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ସ୍ଥାନୀୟ ଖଇରବଣୀ ଛକ ଠାରେ ସାଇ ଏକ୍ସରେ ପାଥୋଲୋଜି ଓ ନର୍ସିଂ ହୋମ ପକ୍ଷରୁ ଆୟୋଜିତ ହୋଇଯାଇଛି।

ଏହି କାର୍ଯ୍ୟକ୍ରମକୁ ବାରିପଦା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରକାଶ ସୋରେନ୍ ଉଦଘାଟନ କରିଥିବାବେଳେ ନିମନ୍ତ୍ରିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ତଥା ରାଜନୈତିକ କବିବିଷ୍ଣୁ ଶତପଥି, ଯୁବ ସମାଜସେବୀ ପରେଶ ଚନ୍ଦ୍ର ମହାନ୍ତ, ବରିଷ୍ଠ ରାଜନୈତିକ କାଳିଚରଣ ନାଏକ ଯୋଗ ଦେଇଥିଲେ। ଭାରତ ସରକାରଙ୍କ ଦ୍ୱାରା ଦେଶବ୍ୟାପୀ କରାଯାଉଥିବା ଏହି କାର୍ଯ୍ୟକ୍ରମ ବିଷୟରେ ବିଧାୟକ ଶ୍ରୀ ସୋରେନ୍ ଆଲୋକପାତ କରିବା ସହ ସ୍ୱାସ୍ଥ୍ୟ କ୍ଷେତ୍ରରେ ଆଗାମୀ ଦିନରେ ମୟୂରଭଞ୍ଜ ଏକ ନୂଆ ସୂର୍ଯ୍ୟୋଦୟର ସୁନେଲି କିରଣ ଦେଖିବ ବୋଲି ଦୃଢୋକ୍ତି ପ୍ରକାଶ କରିବା ସହ ନିମନ୍ତ୍ରିତ ଅନ୍ୟ ଅତିଥି ମାନେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ସାଇ ଏକ୍ସ-ରେ ପାଥୋଲୋଜୀ ଓ ନର୍ସିଂ ହୋମ ପକ୍ଷରୁ ଏକ ବିଶାଳ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଆୟୋଜିତ କରାଯିବା ସହ ଡଃ ଐଶ୍ୱର୍ଯ୍ୟରାଜ ପତିଙ୍କ ତତ୍ତ୍ୱାବଧାନରେ ଏକ ୨୦ଜଣିଆ ଡାକ୍ତରୀ ଟିମ୍ ୫୭୦ ରୋଗୀଙ୍କୁ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଏବଂ ନିଃଶୁଳ୍କ ଔଷଧ ଯୋଗାଇ ଦେଇଥିଲେ।

କାର୍ଯ୍ୟକ୍ରମକୁ ସଭାପତିତ୍ୱ କରୁଥିବା ନର୍ସିଂହୋମର ପ୍ରତିଷ୍ଠାତା ଡଃ ଲକ୍ଷ୍ମୀକାନ୍ତ ପତି ନିଜ ଅଭିଭାଷଣରେ କହିଥିଲେ ଯେ, ଆଗାମୀ ଦିନରେ ସ୍ୱାସ୍ଥ୍ୟକ୍ଷେତ୍ରରେ ଅନେକ ଯୁଗାନ୍ତକାରୀ ପଦକ୍ଷେପ ନେବାକୁ ଲକ୍ଷ୍ୟ ଅଛି, ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଅନେକ କିଛି ନିକଟ ଭବିଷ୍ୟତରେ ମୟୂରଭଞ୍ଜବାସୀଙ୍କୁ ଭେଟି ଦେବା ସହିତ ଅନୁଷ୍ଠାନ ନିଜକୁ ପ୍ରସ୍ତୁତ କରୁଛି ଏବଂ ଏହା ମୟୂରଭଞ୍ଜବାସୀଙ୍କ ପାଇଁ ଏକ ଏସେଟ୍ ହେବା ସେହିପରି ଆର୍ଥିକ ଅନଗ୍ରସର ଲୋକଙ୍କ ପାଇଁ ସ୍ୱାସ୍ଥ୍ୟ ସେବାରେ ଅର୍ଥ ବାଧକ ସାଜିବାକୁ ଦିଆଯିବ ନାହିଁ ବୋଲି କହିଛନ୍ତି ଡଃ ଐଶ୍ୱର୍ଯ୍ୟରାଜ ପତି। ଏଭଳି ଜନକଲ୍ୟାଣ କାର୍ଯ୍ୟ ପାଇଁ ସାଧାରଣରେ ପ୍ରଶଂସା ସାଉଣ୍ଟୁଛି ସାଇ ଏକ୍ସରେ ପାଥୋଲୋଜି ଓ ନର୍ସିଂ ହୋମ।

# ଚୋରି ଘଟଣାରେ ଦୁଇ ଗିରଫ, ସୁନା ଓ ଟଙ୍କା ଜବତ

ଛତ୍ରପୁର, (ସବ୍ୟୁ): ଚୋରି ଘଟଣାରେ ଛତ୍ରପୁର ପୁଲିସ ୨ଜଣଙ୍କୁ ଗିରଫ କରାଯିବା ସହ ସୁନା ଚେନ, ତିନୋଟି ସୁନା ମୁଦି ଓ ୭୦ ହଜାର ଟଙ୍କା ଜବତ କରିଛି । ସୂଚନା ଥାଉକି ରାମଲକ୍ଷ୍ମୀ ନଗର ୩ୟ ଲାଇନରେ ଲକ୍ଷ୍ମୀଧର ନାୟକ ଜଣେ ବ୍ୟକ୍ତି ଙ୍କ ଘରେ ଭଡା ରହୁଥିଲେ । ଭଡା ଦେଉଥିବା ବ୍ୟକ୍ତିଙ୍କ ନାବଳକ ନାତି ଜଣକ ଲକ୍ଷ୍ମୀଧର ନାୟକଙ୍କ ଆଲମିରାରେ ସୁନା ଓ ଟଙ୍କା ରହୁଥିବା ଜାଣିଥିଲେ । ଲକ୍ଷ୍ମୀଧର ଘରେ ଅନୁପସ୍ଥିତ ରହିଥିବା ବେଳେ ଉକ୍ତ ନାବଳକ ଓ ଅନ୍ୟ ଦୁଇ ଜଣ ମିଶି ଆଲମିରାରୁ ଟଙ୍କା ଓ ସୁନା ଚୋରି କରିଥିଲେ । ଘରୁ ଚୋରି ହୋଇଥିବା ନେଇ ଲକ୍ଷ୍ମୀଧର ନାୟକ ଛତ୍ରପୁର ଥାନାରେ ଅଭିଯୋଗ କରିଥିଲେ । ପୁଲିସ ୬୫୩/୨୫ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିବା ସହ ଏହି ଘଟଣାରେ ୨ଜଣଙ୍କୁ ଗିରଫ କରିବା ସହ ଗୋଟିଏ ସୁନା ଚେନ, ୩ଟି ସୁନା ମୁଦି ଓ ନଗଦ ୭୦ ହଜାର ଟଙ୍କା ଜବତ କରିଥିଲା । ଗିରଫ ମାନେ ହେଲେ ପି.ମୁରଲି ରେଡ୍ଡୀ ଓ ରୋଡର ଏସ୍.ଭାନୁ ରେଡ୍ଡୀ । ଦୁହିଁଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ଥାନା ଏସ.ଆଇ ସଂଗ୍ରାମ ଦେହୁରୀ ସୂଚନା ଦେଇଛନ୍ତି ।

ପବିତ୍ର ଗଜଲକ୍ଷ୍ମୀ ପୂଜା ଓ ଦୈନିକ ସମୟର
୨୯ତମ ସ୍ୱନକ୍ଷତ୍ର ଅବସରରେ
ଅଭିନନ୍ଦନ ଓ ଶୁଭେଚ୍ଛା
ଶୁଭେଚ୍ଛା ସହ :
ମହାବିନାୟକ ଲଘୁ ଖଣିଜ ପରିବହନ ମାଲିକ ସଂଘ
ଚଣ୍ଡିଖୋଲ, ଯାଜପୁର
ଶ୍ରୀ ଅଜାୟର ସାହୁ — ସଭାପତି
ଶ୍ରୀ ଅମିତ୍ କୁମାର ସାହୁ — ସଂପାଦକ

# ବ୍ରହ୍ମପୁର ବିଜେପି ପକ୍ଷରୁ ଗାନ୍ଧୀ ଜୟନ୍ତୀ

ବ୍ରହ୍ମପୁର, (ସବ୍ୟୁ) : ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀ ତରଫରୁ ବିଧାୟକ ଶ୍ରୀ କେ ଅନିଲ କୁମାର ଙ୍କ ନେତୃତ୍ୱରେ ଗାନ୍ଧୀ ଜୟନ୍ତୀ ପାଳନ କରାଯାଇଛି । ସ୍ଥାନୀୟ ଗାନ୍ଧୀ ପାର୍କ ଏବଂ ଗାନ୍ଧୀ ନଗର ଛକ ଠାରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମେୟର ସଂଘମିତ୍ରା ଦଲେଇ, ବିଜେପି ଜିଲ୍ଲା ସଭାପତି ସରୋଜ ସାବତ, ରାଷ୍ଟ୍ର କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଭାତ କିରଣ ଷଡଙ୍ଗୀ, ପୂର୍ବତନ ବିଡିଏ ଅଧକ୍ଷ ସରତ ପଟ୍ଟନାୟକ, ପୂର୍ବତନ କର୍ପୋରେଟର ଅଶୋକ ଶୁକ୍ଳ, ରାମକୃଷ୍ଣ ପଟ୍ଟନାୟକ ପ୍ରମୁଖ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ।

# ୪୨ମୌଜା ଦୁର୍ଗା ପୂଜା କମିଟି ପକ୍ଷରୁ ସମ୍ବର୍ଦ୍ଧନା

କଟକ, (ସ୍ୱପ୍ର): ଶାରଦୀୟ ଦୁର୍ଗାପୂଜା ଅବସରରେ ୪୨ ମୌଜା ଦୁର୍ଗାପୂଜା କମିଟି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କମିଟି ପକ୍ଷରୁ ପୂଜାର ବିଭିନ୍ନ ଦିନମାନଙ୍କରେ ଭିନ୍ନଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ ହୋଇଥିଲା । ଶେଷ ଦିନରେ ମା'ଙ୍କ ନିକଟରେ ଦହି ପଖାଳ ଭୋଗ ଲାଗିବା ସହିତ ଭକ୍ତମାନଙ୍କୁ ବିତରଣ କରାଯାଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମରେ ରାଜ୍ୟର ବଚ୍ଛାବଚ୍ଛା ଗୀତିକାରମାନଙ୍କ ଉପସ୍ଥିତ ଅନ୍ୟତମ ଆକର୍ଷଣ ପାଲଟିଥିଲା । ଶେଷରେ ଅତିଥିମାନଙ୍କ ଦ୍ୱାରା ସାମ୍ବାଦିକ ବନ୍ଧୁମାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ପୂଜା କମିଟି ସମ୍ପାଦକ ସମୀର କୁମାର ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାମ୍ବାଦିକ ବିଷ୍ଣୁ ବେହେରା, ସର୍ବେଶ୍ୱର ମିଶ୍ର, ଅନିଲ ଦାସ, ଚନ୍ଦ୍ର ଶେଖର ପତି, ଚିତ୍ତ ରଞ୍ଜନ ସାମନ୍ତରାୟ, ଦିନବନ୍ଧୁ ସାମଲ, ପଦ୍ମ ଲୋଚନ ସାହୁ, ସମୀର କର, ସୁଶାନ୍ତ କୁମାର ଜେନାଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସଭାପତି ଚନ୍ଦ୍ରମଣି ଦେବତା, ଶଶିକାନ୍ତ ଦାସ, ସରପଞ୍ଚ ରବୀନ୍ଦ୍ର ପ୍ରଧାନ, ଉପସଭାପତି ଶରତ ଭୋଇ, ସହ ସମ୍ପାଦକ, ଇଶ୍ୱର ଭୋଇ, ସଞ୍ଜୟ ଦେବତା, କମିଟି ସଦସ୍ୟ ବିଜୟ ମୁଦୁଲି, ଶରତ ଭୋଇ, ବିଭୁଦତ୍ତ ସାହୁ, ଟୁକୁନା ଭୋଇ, ଅଜୟ ମଲିକ, ନିଲୁ ମଲିକ, ସଞ୍ଜୟ ସାମଲ, ରମେଶ ଭୋଇ, ସୁମନ ଭୋଇ, ରିଟନ ବାରିକ୍, ସୁକାନ୍ତ ମୁଦୁଲି, ସମୀର ଭୋଇଙ୍କ ସମେତ ବହୁ ସଂଖ୍ୟାରେ ଅଞ୍ଚଳବାସୀ ଉପସ୍ଥିତ ଥିଲେ ।

# ଜନ ସମ୍ପର୍କ ପଦଯାତ୍ରା ନେଇ ପ୍ରସ୍ତୁତି ବୈଠକ, ପ୍ରତି ଘରେ ପହଞ୍ଚିବେ ବିଜେଡି କର୍ମୀ



ବାରିପଦା, (ସବ୍ୟୁ) : ବିଜେଡି ସୁପ୍ରିମୋ, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଅକ୍ଟୋବର ୯ ତାରିଖରୁ ବିଜୁ ଜନତା ଦଳ ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ଶୁଭାରମ୍ଭ ହେବ । ଜନ ସମ୍ପର୍କ ପଦଯାତ୍ରା ଜରିଆରେ ବିଜେପି ମିଥ୍ୟା ପ୍ରତିଶ୍ରୁତି ବାବଦରେ ଜନସାଧାରଣଙ୍କୁ ଅବଗତ କରିବା ସହ ସଭ୍ୟ ସଂଗ୍ରହ ହେବ । ଏନେଇ ଏକ ପ୍ରସ୍ତୁତି ବୈଠକ ଗାନ୍ଧୀ ପାର୍କ ଠାରେ ଅନୁଷ୍ଠିତ ହୋଇଯାଇଛି । ପବିତ୍ର ଗାନ୍ଧି ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ପ୍ରଥମେ ମହାତ୍ମା ଗାନ୍ଧୀ, କସ୍ତୁରବା ଗାନ୍ଧୀ ଓ ଲାଲ ବାହାଦୂର ଶାସ୍ତ୍ରୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା ।

ଜିଲ୍ଲାବ୍ୟାପି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ନେତୃମଣ୍ଡଳୀ ଓ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଅଭିଯାନ ନେଇ ଆଲୋଚନା କରାଯାଇଥିଲା । ଅକ୍ଟୋବର ୯ ତାରିଖରୁ ପଦଯାତ୍ରା ଶୁଭାରମ୍ଭ ହେବା ସହ ପ୍ରତି ଗାଁ, ପ୍ରତି ଘରେ ବିଜେଡି କର୍ମୀ ପହଞ୍ଚିବେ । ରାଜ୍ୟରେ ବିଜେପିର ଏକଛତ୍ରବାଦ ଶାସନ ବିରୁଦ୍ଧରେ ଜନସାଧାରଣଙ୍କୁ ଅବଗତ କରାଇବେ । ବିଜୁ ଜନତା ଦଳ ଏବେବି ରାଜ୍ୟର ଏକ ନମ୍ବର ଦଳ ହୋଇ ରହିଛି । ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏବେବି ଓଡିଶାବାସୀଙ୍କ ସବୁ ଠାରୁ ଅଧିକ ପସନ୍ଦ ନେତାର ମାନ୍ୟତା ବଜାୟ ରଖିଛନ୍ତି । ଅପାରଗ ବିଜେପି ସରକାର ନିର୍ବାଚନ ପୂର୍ବରୁ ଲୋକଙ୍କୁ ଦେଇଥିବା ମିଥ୍ୟା ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ହୋଇଛି । ବିଜେପି ସରକାରଙ୍କ ବିଭିନ୍ନ କାର୍ଯ୍ୟରେ ବିଫଳତା ଜନ ସାଧାରଣ ଜାଣି ସାରିଲେଣି । ବିଜେପିର ମିଛ ପ୍ରତିଶ୍ରୁତି ବାବଦରେ ଲୋକଙ୍କୁ ସଚେତନ କରିବା ସଙ୍ଗେ ସଙ୍ଗେ ନବୀନଙ୍କ ଲୋକପ୍ରିୟତାକୁ ପାଥେୟ କରି ବିଜେଡ଼ି ସଭ୍ୟ ସଂଗ୍ରହ ଓ ଜନ ସମ୍ପର୍କ ପଦଯାତ୍ରାକୁ କିଭଳି ସୂଚାରୁ ରୂପେ ହେବ ସେ ବିଷୟରେ ଆଲୋଚନା ହୋଇଛି ।

ବୈଠକରେ ମୟୂରଭଞ୍ଜ-୧ ଜିଲ୍ଲା ସଭାପତି ସୁଦାମ ମାର୍ଣ୍ଡି, ମୟୂରଭଞ୍ଜ-୨ ଜିଲ୍ଲା ସଭାପତି ଡାଃ ଦେବାଶିଷ ମାର୍ଣ୍ଡି, ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦା, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନମନ୍ତ୍ରୀ ସରୋଜିନୀ ହେମ୍ବ୍ରମ, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ପୂର୍ବତନ ବିଧାୟକ ରାଜକିଶୋର ଦାସ, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ସମାଜସେବୀ ଅମର ସେଠି, ଦେବାଶିଷ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ଲଲାଟେନ୍ଦୁ ବେହେରା, ଉପ ନଗରପାଳ ସୀମା ଦାସ, ଜିଲ୍ଲା ମହିଳା ସଭାପତି ଦୀପ୍ତିଲତା ମିଶ୍ର, ଜିଲ୍ଲା ଛାତ୍ର ସଭାପତି ସୁନିଲ କୁମାର ନାୟକ, ଆଶୀର୍ବାଦ ଦାସ, ସମସ୍ତ ଓ୍ୱାର୍ଡ କାଉନସିଲର ଏବଂ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

ଦ୍ୱାଦଶ ମୟୂରଭଞ୍ଜ ପୁସ୍ତକ ମେଳା
ବାରିପଦା, ମୟୂରଭଞ୍ଜ
୧୯ ଡିସେମ୍ବର, ୨୦୨୫ରୁ
୨୮ ଡିସେମ୍ବର, ୨୦୨୫
ଷ୍ଟଲ ବୁକିଂ ପାଇଁ
: ଯୋଗାଯୋଗ :
ମନୋଜ ଦଳବେହେରା
(ସଂପାଦକ)
7978754907
ପଦ୍ମନାଭ ସାହୁ
(ସଭାପତି)
77351 74772

# ଏମ୍‌ଡିଏ ପକ୍ଷରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ



କଟକ, (ସ୍ୱପ୍ର): ମହାନଦୀ ବିହାର ଡିଭେଲପମେଣ୍ଟ ଅସୋସିଏସନ୍ (ଏମଡିଏ) ପକ୍ଷରୁ ଜାତିର ଜନକ ମହାତ୍ମା ଗାନ୍ଧୀଜୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଜୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି ।

ପ୍ରାରମ୍ଭରେ ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଦେଶ ଓ ସମାଜ ପ୍ରତି ସେମାନଙ୍କ ଅମର ଅବଦାନକୁ ସ୍ମରଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସଭାପତି ସଞ୍ଜୟ କୁମାର ଜେନା, ଉପ ସଭାପତି-ସରୋଜ ପ୍ରସାଦ ସ୍ୱାଇଁ ସମ୍ପାଦକ, ହିମାଂଶୁ ଶେଖର ଷଡ଼ଙ୍ଗୀ, ସହ ସମ୍ପାଦକ-ଜ୍ଞାନ ରଞ୍ଜନ ଦାସ, ବରିଷ୍ଠ ମୁରବୀ - ଚତୁର୍ଭୁଜ ମହାପାତ୍ର, ପ୍ରମୋଦ କୁମାର ଦାଶ, ବିଚିତ୍ରାନନ୍ଦ ପଣ୍ଡା, ଗୋଲେଖ ଚନ୍ଦ୍ର କାନୁନଗୋ କାର୍ଯ୍ୟକାରିଣୀ ସଦସ୍ୟ- ପ୍ରହଲ୍ଲାଦ ମହାନ୍ତି, ନିକୁଞ୍ଜ ବିହାରୀ ରଥ, ସୁଶାନ୍ତ କୁମାର ଘୋଷ, ପେନସନର୍ସ ଆସୋସିଏସନ ସଭାପତି ଅଭିମନ୍ୟୁ ନାୟକ, ନିର୍ମଳେନ୍ଦୁ ଗୁପ୍ତା, କେ. ରାଓ, ଇଂ. ପ୍ରମୋଦ ନାୟକ, ଶରତ ଚନ୍ଦ୍ର ପାଣି, ବିଷ୍ଣୁ କର, ଶରତ ଚନ୍ଦ୍ର କୁଣ୍ଡୁ, ରବିନ୍ଦ୍ର ପ୍ରସାଦ ତ୍ରିପାଠୀ, ଇଂ. ନିମାଇଁ ମହାନ୍ତି, ପ୍ରହଲ୍ଲାଦ ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ ।

# ଜୁଆ ଆଡ୍ଡାରେ ପୋଲିସର ଧରପଗଡ଼

## ୨୦ ଦିନରେ ୧୬୫ ଜୁଆଡିଙ୍କ ଠାରୁ ୯. ୪୧ ଲକ୍ଷ ଜବତ

ବ୍ରହ୍ମପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲାରେ ପାର୍ବଣ ଆରମ୍ଭରୁ ହିଁ ଜୁଆ ଖେଳ ଏକ ପରମ୍ପରା ରହିଛି । ହେଲେ ଜୁଆ ଖେଳକୁ ନେଇ ବିଗତ ଦିନରେ ଅନେକ କାଣ୍ଡ ଘଟିଛି । ଜୁଆ ଖେଳରୁ ସୃଷ୍ଟି ହେଉଥିବା ଅପରାଧ ରୋକିବା ପାଇଁ ବ୍ରହ୍ମପୁର ପୋଲିସ ଜୁଆ ଆଡ୍ଡାରେ ଚଢଉ ଅଭିଯାନ ଆରମ୍ଭ କରିଛି । ଗତ ସେପଟେମ୍ବର ୧୫ ତାରିଖରୁ ଏହି ଅଭିଯାନ ଆରମ୍ଭ ହୋଇଥିବା ବେଳେ ଗତ ୪ତାରିଖ ସୁଦ୍ଧା ଜିଲାର ବିଭିନ୍ନ ଥାନା ଇଲାକାରେ ଚାଲିଥିବା ଜୁଆ ଆଡ୍ଡାରେ ଚଢଉ କରି ଗତ ୨୦ ଦିନରେ ୧୬୫ ଜଣ ଜୁଆଡ଼ିଙ୍କୁ ଗିରଫ କରିଛି । ବିଭିନ୍ନ ଜୁଆ ଆଡ୍ଡାରୁ ୯ଲକ୍ଷ ୪୧ହଜାର୮୧୫ ଟଙ୍କା ଜବତ କରିଛି । ସେହିପରି ୨୨ ଗୋଟି ମାମଲା ରୁଜୁ କରାଯାଇଛି । ସେହିପରି ୯୫ ଗୋଟି ମୋବାଇଲ, ୧୮ ଗୋଟି ବାଇକ ମଧ ଜବତ ହୋଇଛି । ଆଗକୁ ମଧ ଜୁଆ ଆଡ୍ଡା ଚଢଉ ଅଭିଯାନ ଜାରି ରହିବ । ଏନେଇ ବ୍ରହ୍ମପୁର ଏସପି ଡା. ସର୍ଣା ବିବେକ ଏମ . ସୂଚନା ଦେଇଛନ୍ତି ।

With Best Compliments From :
ORISSA STEEL TRADING CORPORATION
Office : Plot No. 637, Mahanadi Vihar, Near Jagannath Temple, Cuttack - 753004, Odisha.
Factory : At : Anjira, p.O. : Saragarh Mukundpur, Near Balisahi

# ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗାମୀ ଅକ୍ଟୋବର ମାସ ପାଇଁ ଯୁଗ୍ମ ଜନ ଶୁଣାଣି ଶିବିର ସମ୍ପର୍କିତ କାର୍ଯ୍ୟସୂଚୀ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ତତ୍ତ୍ୱାବଧାନରେ ଚଳିତ ବର୍ଷ ଆଗାମୀ ଅକ୍ଟୋବର ମାସରେ ଅନୁଷ୍ଠିତ ହେବାକୁ ଥିବା ଯୁଗ୍ମ ଜନଶୁଣାଣି ଶିବିର ପାଇଁ ଜିଲ୍ଲାପ୍ରଶାସନ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା କାର୍ଯ୍ୟସୂଚୀ ଅନୁଯାୟୀ ଅକ୍ଟୋବର ମାସର ପ୍ରଥମ ସୋମବାର ତଥା ୬ତାରିଖ ସଦର ଉପଖଣ୍ଡ ବାରିପଦା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ପୂର୍ବାହ୍ନ ୧୦ଘଟିକା ଠାରୁ ଶୁଣାଣି ହେବ ।

ସେହିପରି ଅକ୍ଟୋବର ମାସର ଦ୍ୱିତୀୟ ସୋମବାର ତଥା ୧୩ତାରିଖ ବାମନଘାଟି ଉପଖଣ୍ଡ ପାଇଁ ତିରିଂ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ପୂର୍ବାହ୍ନ ୧୦ଘଟିକା ଠାରୁ ଶୁଣାଣି ଆରମ୍ଭ ହେବ, ସେହିପରି ଅକ୍ଟୋବର ମାସ ତୃତୀୟ ସୋମବାର ତଥା ୨୦ତାରିଖ ପାଞ୍ଚପିଢ଼ ଉପଖଣ୍ଡ ପାଇଁ ରରୁଆଁ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜନ ଶୁଣାଣି ପୂର୍ବାହ୍ନ ୧୦ଘଟିକା ଠାରୁ ଆରମ୍ଭ ହେବ ଏବଂ ଅକ୍ଟୋବର ମାସର ଚତୁର୍ଥ ସୋମବାର ତଥା ୨୭ତାରିଖ କପ୍ତିପଦା ଉପଖଣ୍ଡ ପାଇଁ କପ୍ତିପଦା ବ୍ଲକ ଅଧିନସ୍ଥ ଶରତ ଜିପି କାର୍ଯ୍ୟାଳୟ ଠାରେ ପୂର୍ବାହ୍ନ ୧୦ ଘଟିକା ଠାରୁ ଜନ ଶୁଣାଣି ଶିବିର ଅନୁଷ୍ଠିତ ହେବ । ବାରିପଦା ଠାରେ ଅନୁଷ୍ଠିତ ହେବାକୁ ଥିବା ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିରରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ଜିଲ୍ଲାସ୍ତରୀୟ ଲାଇନ ବିଭାଗ ଅଧିକାରୀ ଏବଂ ବାରିପଦା ଉପଖଣ୍ଡ ଅନ୍ତର୍ଗତ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାର, ସମସ୍ତ ତହସିଲଦାର ଓ ସମସ୍ତ ସିଡିପିଓ ମାନଙ୍କ ଉପସ୍ଥିତିରେ ଏବଂ ଜିଲ୍ଲାର ଅନ୍ୟ ଉପଖଣ୍ଡ ମାନଙ୍କରେ ଅନୁଷ୍ଠିତ ହେବାକୁ ଥିବା ଉପଖଣ୍ଡସ୍ତରୀୟ ଓ ବ୍ଲକସ୍ତରୀୟ ଯୁଗ୍ମ ଜନ ଶୁଣାଣି ଶିବିରରେ ସମ୍ପୃକ୍ତ ଉପଖଣ୍ଡର ସମସ୍ତ ଉପଖଣ୍ଡ ସ୍ତରୀୟ ଅଧିକାରୀ, ସମସ୍ତ ଲାଇନ ବିଭାଗ ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ,ସମସ୍ତ ତହସିଲଦାର ଓ ସମସ୍ତ ସିଡିପିଓ ମାନଙ୍କ ଉପସ୍ଥିତିରେ ସାଧାରଣ ଜନତାଙ୍କ ଆପତ୍ତି ଅଭିଯୋଗ ପତ୍ର ଗୁଡିକର ଶୁଣାଣି କରି ସମାଧାନ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନିଆଯିବ। ଉକ୍ତ ଧାର୍ଯ୍ୟ ତାରିଖ ଓ ସ୍ଥାନରେ ଅନୁଷ୍ଠିତ ହେବାକୁ ଥିବା ଜନ ଅଭିଯୋଗ ଶୁଣାଣି ଶିବିର କାର୍ଯ୍ୟକ୍ରମରେ ସମ୍ପୃକ୍ତ ଉପଖଣ୍ଡ ଅଂଚଳର ଜନସାଧାରଣ ନିଜ ନିଜର ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ସମ୍ପର୍କିତ ଅଭିଯୋଗ ଗୁଡିକ ଉପସ୍ଥିତ ରହି ଜଣାଇ ପାରିବେ।

With Best Compliments From :
Sailabala Infrastructure (P) Ltd.
Sri Padeep Kumar Behuria
Managing Director

ପବିତ୍ର ଗଜଲକ୍ଷ୍ମୀ ପୂଜା ଓ ଦୈନିକ ସମୟର
୨୯ତମ ସ୍ୱନକ୍ଷତ୍ର ଅବସରରେ
ଅଭିନନ୍ଦନ ଓ ଶୁଭେଚ୍ଛା
-: ଶୁଭେଚ୍ଛା ସହ :-
ଶ୍ରୀ ସୁକାନ୍ତ କୁମାର ରାଉତ
ଅଧ୍ୟକ୍ଷ, ଜଗନ୍ନାଥଜୀଉ ମହାବିଦ୍ୟାଳୟ
ଚଡେଇଧରା, ଯାଜପୁର

ପବିତ୍ର ଗଜଲକ୍ଷ୍ମୀ ପୂଜା ଓ ଦୈନିକ ସମୟର
୨୯ତମ ସ୍ୱନକ୍ଷତ୍ର ଅବସରରେ
ଶୁଭେଚ୍ଛା ଓ ଅଭିନନ୍ଦନ
ଚଣ୍ଡିଖୋଲ ଟ୍ରକ ମାଲିକ ସଂଘ
ଚଣ୍ଡିଖୋଲ, ଯାଜପୁର
ଶ୍ରୀ ପୁଷ୍ପରାଜ ନାୟକ — ସଭାପତି
ଶ୍ରୀ କିର୍ତ୍ତୀରାଜ ସ୍ୱାଇଁ — ସଂପାଦକ

ପବିତ୍ର ଗଜଲକ୍ଷ୍ମୀ ପୂଜା ଓ ଦୈନିକ ସମୟର ୨୯ତମ ସ୍ୱନକ୍ଷତ୍ର ଅବସରରେ ମୋର ପ୍ରିୟ ବଡ଼ଚଣାବାସୀଙ୍କୁ
ଅଜସ୍ର ଶୁଭେଚ୍ଛା ଓ ଅଭିନନ୍ଦନ
-: ଶୁଭେଚ୍ଛା ସହ :-
ଶ୍ରୀ ଅରବିନ୍ଦ ସାମଲ (ଅରୁ)
ଜିଲ୍ଲା ପରିଷଦ ସଭ୍ୟ
ବଡ଼ଚଣା, ଯାଜପୁର

## କାରକୁ ପିଟିଲା ଅଜଣା ଟ୍ରକ,ଆରୋହୀ ଆହତ

ପାଣିକୋଇଲି, (ସବ୍ୟୁ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ଉପରେ ଏକ ଅଜଣା ଟ୍ରକ ଧକ୍କାରେ କାରଟି ଭାଙ୍ଗିଯାଇଥିବା ବେଳେ ଆରୋହୀ ଆହତ ହୋଇଛନ୍ତି। ସୁଚନାନୁସାରେ ପଶ୍ଚିମବଙ୍ଗ ରାଜ୍ୟ ମେଦିନିପୁରର ବିମଳା ମାନା,ସୁରଜ ମାନା,ଧ୍ରୁବ ମାନା ଓ ସୋମା ମଣ୍ଡଳ ଗଜପତି ଜିଲ୍ଲା ପାରଳାଖେମୁଣ୍ଡିକୁ ଏକ କାର (ଡ଼ବ୍ଲ୍ୟୁ ବି୦୬ୱାଇ ୩୦୫୦ )ରେ ଯାଉଥିବା ବେଳେ ରାଜପଥର ପୁରୁଣା ଟୋଲ ଗେଟ ନିକଟରେ ଥିବା ଓଡ଼ିଆଣୀ ହେଟେଲ ସମ୍ମୁଖରେ ଏକ ଅଜଣା ଟ୍ରକ କାରକୁ ଧକ୍କା ଦେଇଥିଲା। 'ଳରେ କାରରେ ଥିବା ସମସ୍ତ ଆରୋହୀ ଆହତ ହୋଇଥିଲେ। ଖବର ପାଇ ରାଜପଥ ପେଟ୍ରୋଲିଂ ପୁଲିସ ସମସ୍ତ ଆହତ ମାନଙ୍କୁ ନିକଟସ୍ଥ ଏ କେ ଅସପିଟାଲରେ ଚିକିତ୍ସିତ କରାଇଥିଲା।

## ବାଇକ ଅରୋହୀ ଯୁବକଙ୍କୁ ଆକ୍ରମଣ କରି ଲୁଟ

ଧର୍ମଶାଳା,(ସବ୍ୟୁ): ଧର୍ମଶାଳା ଥାନା ଅନ୍ତର୍ଗତ କାନପୁର ନିକଟରେ ଗତକାଲି ରାତି ପ୍ରାୟ ସାଢେ ଆଠଟାରେ ଜଣେ ବାଇକ ଆରୋହୀ ଯୁବକଙ୍କୁ ଦୁର୍ବୃତମାନେ ଭୁଜାଲିରେ ଆକ୍ରମଣ କରି ୧୫ ହଜାରରୁ ଉର୍ଦ୍ଧ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଛନ୍ତି । ଦୁର୍ବୃତଙ୍କ ଭୁଜାଲି ଆକ୍ରମଣରେ ଗୁରୁତର ଆହତ ହୋଇଥିବା ଯୁବକକୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତି କରିଥିଲେ । ଆହତ ଯୁବକ କଟକ ସାଲେପୁର ଅଂଚଳର ମାନସ ଓଝା ( ୨୨) ବୋଲି ଜଣାପଡିଛି । ମାନସ ଶନିବାର ଦିନ ଏକ ବୁଲେଟ ଯୋଗେ ନିଜ ବନ୍ଧୁଘର ଥାନୁଆଳ ଅଂଚଳକୁ ଯାଉଥିବା ବେଳେ ଜାରକା ବଜାରରେ ଥିବା ଏଟିଏମରୁ ଟଙ୍କା ଉଠାଇଥିଲେ । ପରେ ସେ ନିଜ ବନ୍ଧୁଘର ଅଭିମୁଖେ ଯାଉଥିବା ବେଳେ ନାନପୁର ଛକରେ ୩ ଜଣ ଦୁର୍ବୃତ ଏକ ଧଳା ଆପାଚି ବାଇକରେ ଆସି ତାଙ୍କୁ ଭୁଜାଲିରେ ଆକ୍ରମଣ କରି ଭୟଭିତ କରିବା ସହ ତାଙ୍କ ନିକଟରୁ ୧୫ ହଜାର ଟଙ୍କା ଲୁଟି ନେଇଥିଲେ । ଏଥିସହ ଦୁର୍ବୃତମାନେ ତାଙ୍କ ବୁଲେଟକୁ ଛଡାଇ ନେବାକୁ ଉଦ୍ୟମ କରିଥିବା ବେଳେ ମାନସ ଚିତ୍କାର କରିବାରୁ ଲୋକେ ରୁଣ୍ଡହେବା ଭୟରେ ଦୁର୍ବୃତମାନେ ଗାଁ ରାସ୍ତାଦେଇ ଫେରାର ହୋଇଯାଇଥିଲେ । ମାନସଙ୍କ ଦୁଇ ହାତରେ ଗଭିର ଆଘାତ ଲାଗିଥିବା ବେଳେ ସେ ଡାକ୍ତରଖାନାରେ ଚିକିତ୍ସିତ ହୋଇ ଗତକଲି ବିଳମ୍ବିତ ରାତିରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏନେଇ ଧର୍ମଶାଳା ଥାନା ପୁଲିସ ୬୨୩/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ।

## ଗୋବରୀ ନଦୀରେ ବୃଦ୍ଧ ନିଖୋଜ

କୁଆଁପାଳ ,(ସବ୍ୟୁ): ମାହାଙ୍ଗା ଥାନା ଅନ୍ତର୍ଗତ ଜଳେଶ୍ୱରପୁର ପଂଚାୟତ ଗଙ୍ଗପୁରା ଗ୍ରାମର ଶଙ୍କର୍ଷଣ ଦାସ ଶୁକ୍ରବାର ଦିନ ଗୋବରୀ ନଦୀରେ ଶୌଚ ହେବାକୁ ଯାଇ ନିଖୋଜ ହୋଇଯାଇଛନ୍ତି । ୪୮ ଘଣ୍ଟା ବିତି ଯାଇଥିଲେ ମଧ୍ୟ ଶଙ୍କର୍ଷଣଙ୍କ କୌଣସି ପତ୍ତ ମିଳିନାହିଁ । ଏ ନେଇ କୁଆଁପାଳ ଦମକଳ ବାହିନୀର କର୍ମଚାରୀ ଗୋବରୀ ନଦୀରେ ଭରା ଜଳରେ ଦୁଇ ଦିନ ଧରି ଖୋଜାଖୋଜି କରିଥିଲେ ସୁଦ୍ଧା ବିଫଳ ହୋଇଥିଲେ । ରବିବାର ଦିନ ଓଡ୍ରାଫ ଟିମ ଗଙ୍ଗପୁରା ଠାରୁ ରାହାଣିଆ ଜାତିପାରିଲୋ ପର୍ଯ୍ୟନ୍ତ ଖୋଜା ଖୋଜି ଜାରୀ ରଖିଛନ୍ତି ।

## କୁମ୍ଭୀର ଆକ୍ରମଣରେ କ୍ଷତାକ୍ତ

ମହାକାଳପଡ଼ା ,(ସବ୍ୟୁ): ମହାକାଳପଡ଼ା ଥାନା ଅଧୀନ ଗୋପାଳପୁର ଗାଁ ର ବିଶ୍ୱରଞ୍ଜନ ରାଉତରାୟ ରବିବାର କୁମ୍ଭୀର ଆକ୍ରମଣ ର ଶୀକାର ହୋଇ ଚିକିତ୍ସାଧୀନ ଥିବାର ଜଣା ପଡିଛି । ବଶ୍ୱରଞ୍ଜନ ରାଉତରାୟ ସବୁଦିନ ଭଳି ରବିବାର ଘର ପାଖ ଲୁଣା ନଦୀରେ ଗାଧେଇବା ବେଳେ ୫ଫୁଟ ଲମ୍ବର କୁମ୍ଭୀର ତାଙ୍କ ବାମ ଗୋଡ଼କୁ କାମୁଡ଼ିଧରିଥିଲା । ଭୟଭୀତ ହୋଇ ବିଶରଞ୍ଜନ ଛୋଟ କୁମ୍ଭୀର କୁ ଛାଟି ଦେଇ ଉପରକୁ ଦୌଡ଼ି ଆସିଥିଲେ । କୁମ୍ଭୀର କାମୁଡ଼ିଥିବା ସ୍ଥାନରୁ ରକ୍ତ ସ୍ରାବ ହେଉଥିବାରୁ ପ୍ରଥମେ ମହାକାଳପଡ଼ା ଓ ପରେ କେନ୍ଦ୍ରାପଡା ଜିଲ୍ଲା ମେଡିକାଲକୁ ପରିବାର ଲୋକେ ନେଇଥିଲେ । ଖବର ପାଇଁ ମହାକାଳପଡ଼ା ବନାଞ୍ଚଳ ଅଧିକାରୀ ଶାନ୍ତନୁ ଦଳାଇ ସହଯୋଗୀ କର୍ମଚାରୀଙ୍କ ସହିତ ଘଟଣା ସ୍ଥଳରେ ପହଂଚି ସ୍ଥିତି ଅନୁଧ୍ୟାନ କରି ଥିଲେ । କ୍ଷତିଗ୍ରସ୍ତ ପରିବାର ନିକଟରେ ପହଂଚି ଆବଶ୍ୟକୀୟ କାଗଜପତ୍ର ସଂଗ୍ରହ କରିଛନ୍ତି ୯ ଗାଁ ଲୋକେ ଗାଧୁଆତୁଠ ରେ ବ୍ୟଝରିକେଟ ପ୍ରସ୍ତୁତି ପାଇଁ ଦାବି ଶ୍ରୀ ଦଳାଇଙ୍କୁ ଦାବି କରିଥିଲେ । ସେହିପରି ଶନିବାର କୁମ୍ଭୀର କାମୁ ଆହତ ସୂର୍ଯ୍ୟକାନ୍ତ ପରିଡାଙ୍କୁ ସାକ୍ଷାତ କରି ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଛନ୍ତି । ଉଭୟ କ୍ଷତିଗ୍ରସ୍ତ ପରିବାରକୁ ବନବିଭାଗ କି ପ୍ରକାର ସହଯୋଗ କରୁଛି ଦେଖିବାକୁ ବାକି ରହିଲା

## ଆରକ୍ଷୀ ଉପଖଣ୍ଡଙ୍କ କାର୍ଯ୍ୟାଳୟ ପଛ ପଟୁ ଚୋରି

ଯାଜପୁର ,(ସବ୍ୟୁ): ଟାଉନ ଥାନା ଅନ୍ତର୍ଗତ ତାରାମଦନ ଠାରେ ଦେବେଶ୍ୱର ଗାର୍ମେଣ୍ଟସରୁ ଝରକା ତାଡି ଡ୍ରେସ ଚୋରି ହୋଇଥିବା ଅଭିଯୋଗ ହୋଇଛ। ଯାଜପୁର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଙ୍କ କାର୍ଯ୍ୟାଳୟ ପଛ ପଟ ରୁ ଚୋରି ଘଟଣା ସମସ୍ତ ଙ୍କୁ ଆଶ୍ଚର୍ଯ୍ୟ କରିଛି। ପୋଲିସ ଷ୍ଟେସନ ରୁ ଦୁଇଶହ ମିଟର ଅବସ୍ଥିତ ଦୋକାନରୁ ଚୋରି ଘଟଣା ପୋଲିସ ପାଇଁ ଚିନ୍ତା ର ବିଷୟ ପାଲଟିଛି। ଯାଜପୁର ଟାଉନ ରେ ଲଗାତାର ଚୋରିଓ ଚେନ ଛଡେଇ ନେବା ଘଟଣା ପୋଲିସ ମୁଣ୍ଡବିନ୍ଧାର କାରଣ ପାଲଟିଛି.।ଏ ସମ୍ପର୍କ ରେ ଦେବେଶ୍ୱର ଗରମେଣ୍ଟସ ମାଲିକ ଭରତ ନାୟକ ଅଭିଯୋଗ କରିବା ପରେ ସାମ୍ନା ଘର ସିସି ଟିଭି ଫୁଟେଜରୁ ପୋଲିସ ସୁରାକ ପାଇବା ପରେ ସ୍ଥାନୀୟ ଗ୍ରାମ ସେକ ଅଜୁଙ୍କ ପୁଅ ସେକ ରେହେମାନ ଚୋରି କରିଥିବା ଜାଣିବାକୁ ପାଇ ପୋଲିସ ପଚରା ଉଚରା କରୁଛି.।ଅନ୍ୟ କୋଉମାନେ ତା ସହିତ ସମ୍ପୃକ୍ତ ଅଛନ୍ତି ଖୁବ ଶୀଘ୍ର ଧରା ପଡିବେ ବୋଲି ପୋଲିସ ସୂଚନା ଦେଇଛି ।

## ଗୋରୁ ବୋଝେଇ ସନ୍ଦେହରେ କଣ୍ଟେନର ଥାନା ଜିମା

ଧର୍ମଶାଳା,(ସବ୍ୟୁ): ଧର୍ମଶାଳା ଥାନା ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥ ଦେଇ ଯାଉଥିବା ଏକ କଂଟେନର ଗାଡିରେ ଗୋରୁ ବୋଝେଇ ହୋଇଥିବା ସନ୍ଦେହ କରି ଆରୁହା ଛକ ନିକଟରେ ସ୍ଥାନୀୟ ଅଂଚଳର କେତେକ ଯୁବକ ଅଟକାଇ ପୁଲିସ ଜିମା ଦେଇଥିବା ଜଣାପଡିଛି । ଥାନାରେ ପୁଲିସ ଗାଡିର ଚାବି ଖୋଲି ଭିତରେ ତାଲାସି ନେଇଥିଲା । ହେଲେ ଏହି କଂଟେନର ଗାଡ଼ିରୁ କେବଳ ଲୁହା ସାମଗ୍ରୀ ବାହାରିଥିଲା । ଉକ୍ତ କଂଟେନର ଗାଡିଟି କଳିଙ୍ଗନଗରସ୍ଥିତ ଜିନ୍ଦଲ କାରଖାନାକୁ ଯାଉଥିବା ଜଣପଡିଛି । ପରେ ପୁଲିସ କଂଟେନର ଗାଡିକୁ ଛାଡି ଦେଇଥିବା ଜଣାପଡିଛି ।

## ପୁଅ ନିଖୋଜ ନେଇ ଥାନାରେ ଅଭିଯୋଗ

ମହାକାଳପଡ଼ା,(ସବ୍ୟୁ): ମହାକାଳପଡ଼ା ବ୍ଲକ ଅଧୀନ ବଡକୁଳ ପଂଚାୟତ ବାଲିକୁଦା ଗାଁ ର ରଶ୍ମିରଂଜନ ରାଉତ ଙ୍କ ସାନପୁଅ ନିଖୋଜ ନେଇ ମାର୍ଶାଘାଇ ଥାନାରେ ଅଭିଯୋଗ ହୋଇଛି । ନିଖୋଜ ଛାତ୍ର ଜଣକ ଭୁବନେଶ୍ୱର ଇଂଜିନୟରିଙ୍ଗ



କଲେଜରେ ବିଟେକ କମ୍ପୁଟର ସାଇନ୍ସ ଶେଷ ବର୍ଷ ଛାତ୍ର ହୋଇଥିବା ବେଳେ ଦୁର୍ଗା ପୂଜା ଛୁଟିରେ ଘରକୁ ଆସିଥିଲେ । ଶନିବାର ରାତ୍ରିରେ ସବୁଦିନ ଭଳି ଖାଇ ପିଇ ଶୋଇଥିଲେ । ମାତ୍ର ରାତ୍ରି ପାହିଲା ବେଳକୁ ପିତା ରଶ୍ମି ଯାଇ ଦେଖନ୍ତି ପୁଅ ରୁମ ଖୋଲା ପଡିଛି । ଏନେଇ ସେ ଆଖ ପାଖରେ ଖୋଜା ଖୋଜି କରି ନିଖୋଜ ପୁତ୍ର ର ସୁରାକ ପାଇନଥିଲେ । ପରବର୍ତ୍ତୀ ସମୟରେ ଜାଣିବାକୁ ପାଇଲେ ଯେ ପୁଅ ପିନ୍ଧିଥିବା ଚପଲ ଘର ପାଖ ଲୁଣା ନଦୀ ପୋଲ ଉପରେ ପଡିଛି । ସନ୍ଦେହ ହେବାରୁ ପରିବାର ପକ୍ଷରୁ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ମାର୍ଶାଘାଇ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଂଚି ପାୱାର ବୋଟ ଯୋଗେ ବାଲିକୁଦା ନିକଟସ୍ଥ ଦଶମୌଜୀ ପୋଲ ଠାରୁ ବଡକୁଳ ଟେଂକ ପର୍ଯ୍ୟନ୍ତ ଖୋଜା ଖୋଜି ଜାରିରଖିଛନ୍ତି । ସେପଟେ ପରିବାର ଲୋକେ ପୁଅର ସାଙ୍ଗ ସାଥି, ବନ୍ଧୁବାନ୍ଧବ ଘରକୁ ଯୋଗାଯୋଗ କରି ନିଖୋଜ ପୁଅର ଅନୁସନ୍ଧାନ ଚଳାଇଛନ୍ତି। ଝସେହିପରି ମାର୍ଶାଘାଇ ପୋଲିସ ପିତା ରଶ୍ମିରଂଜନ ଙ୍କ ଠାରୁ ଅଭିଯୋଗ ପାଇବା ପରେ ନିଖୋଜ ପୁଅର ଅନୁସନ୍ଧାନ ଜାରି ରଖିଥିବାର ଜଣାପଡିଛି ।

# ସମାଜର ଆଲୋକବର୍ତ୍ତୀକା ଓ ପଥ ପ୍ରଦର୍ଶକ ହେଉଛନ୍ତି ଶିକ୍ଷକ: ଚିରଞ୍ଜୀବ

ଜଗତସିଂହପୁର,(ସବ୍ୟୁ):ପୂଜ୍ୟପୂଜା ସଂସଦ ଜଗତସିଂହପୁର ଆନୁକୁଲ୍ୟରେ ରବିବାରଦିନ ସଦର ସ୍ଥିତ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ବିଶ୍ୱ ଶିକ୍ଷକ ଦିବସ ଓ ଗୁରୁ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ପୂଜ୍ୟ ପୂଜା ସଂସଦର ସଭାପତି ତଥା ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ ଯୋଗ ଦେଇ ସମାଜରେ ଶିକ୍ଷକମାନଙ୍କ ଭୂମିକା ବାବଦରେ ଆଲୋକପାତ କରିଥିଲେ ।ଶିକ୍ଷକମାନେ ସଦା ସର୍ବଦା ପୂଜନୀୟ ।ଶିକ୍ଷକମାନେ ସମାଜର ଆଲୋକବର୍ତ୍ତୀକା। ପଥପ୍ରଦର୍ଶକ ।ଶିଶୁଟିର ବିଦ୍ୟାଳୟ ଶିକ୍ଷା ଠାରୁ ଆରମ୍ଭ କରି ଉତ୍ତମ ନାଗରିକ ହୋଇ ସମାଜରେ ପ୍ରତିଷ୍ଠିତ ହେବା ପର୍ଯ୍ୟନ୍ତ ଗୁରୁମାନଙ୍କର ଭୂମିକା ଓ ଅବଦାନ ଅତୁଳନୀୟ ବୋଲି କହିଥିଲେ ।ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବରେ ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଯୋଗ ଦେଇ କହିଲେ ଯେ ଗୁରୁଙ୍କ ଆର୍ଶୀବାଦରେ ମାନବ ସମାଜ ନିଜକୁ ପ୍ରତିଷ୍ଠିତ କରିବା କରିବା ସହିତ ଆଗକୁ ବଢିବାର ରାହା ପାଇଥାଏ ।ଗୁରୁ ଅନ୍ଧାରରୁ ଆଲୋକବର୍ତ୍ତିକାର ବାଟ ଦେଖାଇଥାନ୍ତି ।ଏହି କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ,ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ କୃଷ୍ଣଚନ୍ଦ୍ର ପ୍ରଧାନ,ସହ ନିର୍ଦ୍ଦେଶକ ପ୍ରାଥମିକ ଶିକ୍ଷା ଅଭୟ କୁମାର ମଲ୍ଲିକ,ପ୍ରାକ୍ତନ କୁଳସଚିବ ନାଇଜର ଅଭୟ କୁମାର ନାୟକ,ଭାରତୀୟ ଜନତା ପାର୍ଟୀ ଜିଲ୍ଲା ସଭାପତି ପ୍ରତାପ ମିଶ୍ର,ପୁର୍ବତନ ଜିଲ୍ଲା ପରିଷଦ ସଭାପତି ତଥା ବରିଷ୍ଠ କଂଗ୍ରେସ ନେତା ନଟବର ବାରିକ,ଓଷ୍ଟାର ରାଜ୍ୟ କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର ଯୋଗ ଦାନ କରି ବରିଷ୍ଠ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଦେଶ ଗଠନର ପ୍ରମୁଖ ବିନ୍ଧାଣୀ ରୂପେ ଅଭିହିତ କରିଥିଲେ ।ପୁଜ୍ୟପୂଜା ସଂସଦର ସଂପାଦକ ଦିପ୍ତି ଦାସ



ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳ ସଂସଦର ଉପସଭାପତି ମଧୁସୂଦନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।ଏହି ଅବସରରେ ଜିଲ୍ଲାର ସେବା ନିବୃତ ଓ ସେବାରେ ରହିଥିବା ୨୫୦ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଉପଢୌକନ ଓ ଶ୍ରୀଜଗନ୍ନାଥଙ୍କ ଫଟୋ ଚିତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା ।

## ଭଗବତୀ ବିଦ୍ୟାପୀଠର ବାର୍ଷିକ ଉତ୍ସବ




କୁଆଁପାଳ, (ସବ୍ୟୁ): ପବିତ୍ର ବିଜୟା ଦଶମୀ ଅବସରରେ ମାହାଙ୍ଗା ବ୍ଲକ ଶୁକ୍ଳେଶ୍ୱରସ୍ଥିତ ଭଗବତୀ ବିଦ୍ୟାପୀଠ ପୁରାତନ ଛାତ୍ର ସଂଘର ବାର୍ଷିକ ଉତ୍ସବ ,ବନ୍ଧୁମିଳନ ଓ ସମ୍ବର୍ଦ୍ଧନା ସଭା ପୁରାତନ ଛାତ୍ର ସଂଘର ସଭାପତି ଇଂ ସହଦେବ ଖଟୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥିଭାବେ ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ ଯୋଗଦେଇଥିଲେ । ସଂସଦର ସଂପାଦକ ଅରୁଣ କୁମାର ବାରିକ ବିବରଣୀ ପାଠ କରିଥିବାବେଳେ ପ୍ରଧାନଶିକ୍ଷକ ନୀଳମାଧବ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥିଭାବେ ପ୍ରାକ୍ତନ କେନ୍ଦ୍ରାଂଚଳ ଆରଡିସି ତଥା ସିଡିଏ ଉପାଧ୍ୟକ୍ଷ ଅନିଲ କୁମାର ସାମଲ ,ପୂର୍ବତନ ଗୃହ ଓ ଅର୍ଥ ସଚିବ ଉପେନ୍ଦ୍ର ନାଥ ବେହେରା,ପ୍ରଫେସର ଦେବୀ ପ୍ରସାଦ ରାୟ ,ପ୍ରଫେସର ଭୂବନାନନ୍ଦ ସାହୁ,ବୈଜ୍ଞାନିକ ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି,ଉପସଭାପତି ସମାଜସେବୀ କୈଳାସ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ବିକାଶରେ ପୁରାତନ ଛାତ୍ର ଛାତ୍ରୀମାନଙ୍କ ଭୂମିକା ସଂପର୍କରେ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଭଗବତୀ ବିଦ୍ୟାପୀଠରେ ୧୯୫୩ ମସିହା ଠାରୁ ୧୯୬୦ ମସିହା ପର୍ଯ୍ୟନ୍ତ ୮ ଜଣ ପୁରାତନ ଛାତ୍ର ବ୍ରଜକିଶୋର ମହାନ୍ତି,ରଜନୀକାନ୍ତ ଦାସ,ପ୍ରଫେସର ଦେବୀପ୍ରସାଦ ରାୟ,ବିଚିତ୍ରାନନ୍ଦ ଜେନା,ବେଣୁଧର ନାୟକ,ଯତୀନ୍ଦ୍ର ନାଥ ମହାପାତ୍ର,ଦୈତାରୀ ନାୟକ ଓ କୃଷ୍ଣଚନ୍ଦ୍ର ପଣ୍ଡାଙ୍କୁ ମୁଖ୍ୟଅତିଥି ବିଧାୟକ ଶ୍ରୀ ପ୍ରଧାନ ପୁଷ୍ପଗୁଚ୍ଛ,ମାନପତ୍ର ଓ ଉତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ସହ ସଂପାଦକ ଭାରତ ଭୂଷଣ ପଟ୍ଟନାୟକ ,କୋଷାଧ୍ୟକ୍ଷ ଜ୍ଞାନରଞ୍ଜନ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ଏବିଇଓ ଅଞ୍ଜନା ମହାପାତ୍ର,କିଶୋର ଚନ୍ଦ୍ର ଦାଶ,ପୂର୍ବତନ ପ୍ରଧାନଶିକ୍ଷକ ଚିତରଞ୍ଜନ ରାଉତ,କଳିଙ୍ଗ ଭୂଷଣ ଆଚାର୍ଯ୍ୟ,ଦେବେନ୍ଦ୍ର ନାଥ ସ୍ୱାଇଁ,ପ୍ରତାପ କୁମାର ଷଡଙ୍ଗୀ,ଅନନ୍ତ ଗୋପାଳ ପଟ୍ଟନାୟକ,ବାନାମ୍ବର ମହାନ୍ତି, ଜଗତ ଜୀବନ ବେହୁରା,ମଦନମୋହନ ସ୍ୱାଇଁ,ସାମ୍ବାଦିକ ଧନେଶ୍ୱର ସେଠୀ ଙ୍କ ସମେତ ଶତାଧିକ ପୁରାତନ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଶିକ୍ଷକ ତପନ କୁମାର ଦାସ ସଭା ସଂଚାଳନ କରିଥିଲାବେଳେ ସୁଶ୍ରୀ ସୁପ୍ରିୟା ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ ।

## ମିଳିତ କ୍ରିୟାନୁଷ୍ଠାନ କମିଟିର ସମ୍ବର୍ଦ୍ଧନା ପର୍ବ

କୁଆଖିଆ ,(ସବ୍ୟୁ):ରସୁଲପୁର ବ୍ଲକ କୁଆଖିଆ ଗ୍ରାମୀଣ ବଜାର ସ୍ଥିତ ଯାଜପୁର ମିଳିତ କ୍ରିୟାନୁଷ୍ଠାନ କମିଟି ଓ ଆମ୍ବେଦକର ଚାରିଟେବଲ ଟ୍ରଷ୍ଟ ଅନୁଷ୍ଠାନ ପରିସରରେ ରବିବାର ଦିନ ସଂଘ ସଭାପତି ଗୟାଧର ମଲିକଙ୍କ ଅଧ୍ୟକ୍ଷତାରେ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇ ଯାଇଛି । ଅନୁଷ୍ଠିତ ସଭାରେ ଯାଜପୁର ଜିଲ୍ଲାର ନବ ନିର୍ବାଚିତ କଂଗ୍ରେସ ସଭାପତି ମାଗୁଣି ବଟକୃଷ୍ଣ ଜେନା, କୋଟପୁର ପଞ୍ଚାୟତ ବି ଜେ ଡି ସଭାପତି ଦୁଷ୍ମନ୍ତ କୁମାର ଜେନାଙ୍କୁ ଉତ୍ତରୀୟ ପୁଷ୍ପ ଦିଆଯାଇ ସମ୍ବର୍ଦ୍ଧନା ଦିଆଯାଇଥିଲା । ଉକ୍ତ ସମ୍ବର୍ଦ୍ଧନା ପର୍ବ ରେ ମୁଗୁପାଳ ସରପଞ୍ଚ ପ୍ରତିନିଧି ଦୁଷ୍ମନ୍ତ ମଲିକ, ନଠୁଆ ବର ଗୟାଧର ମଲିକ, ନିତ୍ୟାନନ୍ଦ ମଲିକ, ନାରାୟଣ ମଲିକ, ଯୁବ ନେତା କାଲୁଆ ରାଉତ, ଚନ୍ଦନ ମଲିକ, ବାବନ ମଲିକ, କ୍ଷୀରୋଦ ମଲିକ, ନିରଞ୍ଜନ ମଲିକ, ଶଶିକାନ୍ତ ମଲିକ, ରତ୍ନାକର ମଲିକ,ରବି ମଲିକ, ପୁରସ୍ତମ ମଲିକ, ଅକ୍ଷୟ ମଲିକ, ପ୍ରମୁଖ ଯୋଗ ଦେଇ ମିଳିତ କ୍ରିୟାନୁଷ୍ଠାନ ର ମୂଲ୍ୟବୋଧ ଓ ସେବା ସଂସ୍କାର, ପରୋପକାରୀ ଉପାଦେୟତା ଉପରେ ଆଲୋକପାତ କରିଥିଲେ ।ଶେଷରେ ନିରଞ୍ଜନ ମଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଗଜଲକ୍ଷ୍ମୀ ପୂଜା ପାଇଁ ବ୍ୟାପକ ପୋଲିସ ମୁତୟନ

କେନ୍ଦ୍ରାପଡା,(ସବ୍ୟୁ):କେନ୍ଦ୍ରାପଡା ଗଣପର୍ବ ଗଜଲକ୍ଷ୍ମୀ ପୂଜା ସୋମବାର ଠାରୁ ଆରମ୍ଭ ହେଉଛି । ପୂଜାକୁ ସରସ ସୁନ୍ଦର ଓ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବା ପାଇଁ ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଏଥି ନିମନ୍ତେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆଙ୍କ ନେତୃତ୍ୱରେ ଜଣେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ୧୩ଜଣ ଡିଏସପି, ୧୭ଜଣ ଇନିସପକ୍ଟର, ୧୩୦ ଜଣ ସବ ଇନିସପେକ୍ଟର ଓ ଏ.ଏସ.ଆଇ ଏବଂ ୨୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି । ଏହା ସହ ପ୍ରତି ପୂଜା ମଣ୍ଡପରେ ୨ଜଣ ପୋଲିସ କର୍ମଚାରୀ ୨୪ ଘଣ୍ଟିଆ ଦାୟିତ୍ୱରେ ରହିବା ସହ ସହରର ସମ୍ବେଦନଶୀଳ ଅଂଚଳ ଓ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ମାନଙ୍କରେ ସଶସ୍ତ୍ର ପୋଲିସ ବାହିନୀ ମୁତୟନ ରହି ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ଭସାଣୀ ସରିବା ପର୍ଯ୍ୟନ୍ତ ଏହି ପୋଲିସ କର୍ମଚାରୀ ମାନେ ଉପସ୍ଥିତ ରହି ଜନ ସାଧାରଣଙ୍କୁ ସାହାଯ୍ୟ କରିବା ସହିତ ସହରରେ ଶାନ୍ତି ଶୃଙ୍ଖଳାର ସହ ଭସାଣୀ ଉତ୍ସବ କୁ ସମାପ୍ତ କରିବେ ବୋଲି ପୋଲିସ ପ୍ରଶାସନ ପକ୍ଷରୁ ପ୍ରକାଶ କରାଯାଇଛି ।

## ଦୃଷ୍ଟିହୀନ ମହେଶ ରୁଣ୍ଡେଇ ପଞ୍ଚାୟତ ଗର୍ବ



କୋରେଇ ,(ସବ୍ୟୁ): ଓଡ଼ିଶା ପ୍ରଶାସନିକ ସେବାରେ ୩ଶହ ର୍ୟାଙ୍କ ରଖି କୃତକାର୍ଯ୍ୟ ହୋଇ ଯାଜପୁର ଜିଲ୍ଲା । କୋରେଇ ବ୍ଲକ ବରୁଣ୍ଡେଇ ପଞ୍ଚାୟତ ପାଇଁ ମହେଶ ଗର୍ବ ଓ ଗୌରବ ଆଣିଦେଇଛନ୍ତି ।ବିରୁହାଁପଡା ଗ୍ରାମର ମାଳତୀ ପଣ୍ଡା ଓ ସ୍ୱର୍ଗତ ଲକ୍ଷ୍ମୀନାରାୟଣ ପଣ୍ଡାଙ୍କ ସୁପୁତ୍ର ମହେଶଙ୍କୁ ରବିବାର ଦିନ ତାଙ୍କ ଗ୍ରାମବାସୀଙ୍କ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।ଚନ୍ଦ୍ରମଣି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଲିପ୍ସା ପରିଡା, ସମିତିସଭ୍ୟ ରଶ୍ମିରଂଜନ ପରିଡା, ଯୁବନେତା ପ୍ରକାଶ ଧଳ, ପୂର୍ବତନ ସରପଞ୍ଚ ଉଦୟନାଥ ପରିଡା, ପୂର୍ବତନ ସମିତି ସଭ୍ୟା ଜୟନ୍ତୀ ସାହୁ, ପ୍ରକାଶ ସାହୁ, ବିଷ୍ଣୁ ଚରଣ ଖଣ୍ଡାଇ, ଆଲୋକ ମଲ୍ଲିକ ଉପସ୍ଥିତ ହୋଇ ମହେଶଙ୍କୁ ଉପଢୋଉକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ ।

## ପୂର୍ବତନ ସରପଞ୍ଚ ଶୈଳେନ୍ଦ୍ର ନାରାୟଣ ଦେଓଙ୍କ ପରଲୋକ



ବାଲିଚନ୍ଦ୍ରପୁର,(ସବ୍ୟୁ): ବାଲିଚନ୍ଦ୍ରପୁରର ପୂର୍ବତନ ସରପଞ୍ଚ ବରିଷ୍ଠ କଂଗ୍ରେସ ନେତା ଶୈଳେନ୍ଦ୍ରନାରାୟଣ ଦେଓ (୮୬)ଙ୍କ ର ହୃଦଘାତ ରେ ପରଲୋକ ହୋଇଯାଇଛି । ତାଙ୍କ ମୃତ୍ୟୁ ଖବର ପାଇ ବଡ଼ଚଣା ବିଜେଡି ନେତା କ୍ୟାପଟେନ ରାଜନରାୟଣ ମହାପାତ୍ର ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ବିଜେଡି ସଭାପତି ତାପସ ରାୟ, ବଡ଼ଚଣା କଂଗ୍ରେସ ନେତା ଅଜୟ କୁମାର ସାମଲ ପୂର୍ବତନ କଂଗ୍ରେସ ସଭାପତି ଫକୀର ମୋହନ ବଳ ଜିଲ୍ଲା ଯୁବ କଂଗ୍ରେସ ସଭାପତି ବିଶପ୍ରକଶ ସାମଲ,ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ମାନ ଭଞ୍ଜନ ରାଉତରାୟ,କଂଗ୍ରେସ ନେତା ରବୀନ୍ଦ୍ର ରାଉତରାୟ, ସମାଜ ସେବି କିରଣ ଶତପଥି, କବି ନିରଞ୍ଜନ ଜେନା ସରପଞ୍ଚ ଅମୀୟ ସାହାଣୀ, ପୂର୍ବତନ ସରପଞ୍ଚ ବିଳାଶ ଚନ୍ଦ୍ର ବାରିକ, ମନ୍ମଥ କେଶରୀ ସାହେବରାୟ, ଫନୀନ୍ଦ୍ର ନାଥ ପଣ୍ଡା, ରିଆସତ ଅଲି,ଯୁବ ନେତା ଦିଲ୍ଲୀପ ସାମଲ,ପ୍ରମୁଖ ବାସ ଭବନକୁ ଆସି ଶ୍ରଦ୍ଧା ସୁମନ ଅର୍ପଣ କରି ଥିଲେ । ତାଙ୍କ ମୃତ୍ୟୁରେ ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥି, ବିଧାୟକ ଅମର ନାୟକ, ବରିଷ୍ଠ କମନିଷ୍ଟ ନେତା ଦିବାକର ବିଶ୍ୱାଳ, ଜିଲ୍ଲା ପରିଷଦ ସଭ୍ୟା ଅରବିନ୍ଦ ସାମଲ, ଆମ୍ବା ଅଧ୍ୟକ୍ଷ ବିପିନ ଜେନା, ନିରଞ୍ଜନ ସେନାପତି, ବଜାର କମିଟି ସଭାପତି ଅଜୟ ବିଶ୍ୱାଳ ପ୍ରମୁଖ ଶୋକ ପ୍ରକାଶ କରି ଛନ୍ତି ।

## ପ୍ରଥମ ଥର ପାଇଁ ଦାଣ୍ଡିଆ ନୃତ୍ୟ

ସାଲେପୁର,(ସବ୍ୟୁ): ସାଲେପୁର ରେ ପ୍ରଥମ ଥର ଦାଣ୍ଡିଆ ନୃତ୍ୟ ପରିବେଷଣ ହୋଇଥିବା ଜଣାପଡିଛି।ସାଲେପୁର ସହରର ବେଙ୍ଗସାହୁ କଲୋନୀ ନିକଟରେ ଥିବା ସୀଟାଡେଲ ମଣ୍ଡପ ପରିସରରେ ଏହି ନୃତ୍ୟ ଆୟୋଜନ କରାଯାଇଥିଲା।ଚନ୍ଦ୍ରାଦେଇପୁର ଅରବିନ୍ଦ ରୋଡ଼ରେ ଥିବା ନିତ୍ୟଶ୍ରୀ କଳାନିକେତନ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଦାଣ୍ଡିଆ ନୃତ୍ୟର ନେତୃତ୍ୱ ନେଇଥିଲେ ଅନୁଷ୍ଠାନର ଅଧ୍ୟକ୍ଷ ଅନ୍ୱେଶା ପରିଡା।ସାଲେପୁର ଓ ଏହାର ଆଖପାଖ ଅଞ୍ଚଳର ବହୁ ଝିଅ, ମହିଳା ମାନେ ହାତରେ ସୁସଜିତ ବାଡ଼ି ଧରି ଦାଣ୍ଡିଆ ନୃତ୍ୟ ପରିବେଷଣ କରିଥିଲେ।ଏହି ଅବସରରେ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା।ଅଞ୍ଚଳର ଶତାଧିକ ଲୋକ ଏହି ନୃତ୍ୟକୁ ଉପଭୋଗ କରିଥିଲେ।ଏହି ଦାଣ୍ଡିଆ ନୃତ୍ୟ ପ୍ରଥମ ଥର ପାଇଁ ସାଲେପୁର ରେ ଅନୁଷ୍ଠିତ ହୋଇଥିବାରୁ ଲୋକ ମାନଙ୍କ



ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା।ଏହି କାର୍ଯ୍ୟକ୍ରମକୁ ନିତ୍ୟଶ୍ରୀ କଳାନିକେତନର ସଭାପତି ପ୍ରଦୀପ୍ତ ପରିଡା, ସମ୍ପାଦିକା ମମତା ନାୟକ,ମନୋଜ କୁମାର ରାଉତ, ମିହିର ଦାସ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ।

## ରାଷ୍ଟ୍ରୀୟ ବଜରଙ୍ଗ ଦଳର ଅସ୍ତ୍ରଶସ୍ତ୍ର ପୂଜନ

ଯାଜପୁରସଦର,(ସବ୍ୟୁ): ପବିତ୍ର ବିଜୟା ଦଶମୀ ଅବସରରେ ରାଷ୍ଟ୍ରୀୟ ବଜରଙ୍ଗ ଦଳ ପକ୍ଷରୁ ସମସ୍ତ ଜିଲା ଶାଖାରେ ଅସ୍ତ୍ରଶସ୍ତ୍ର ପୂଜନ କାର୍ଯ୍ୟକ୍ରମ କରାଯିବା ସହିତ କିଛି ଶାଖାରେ ରାବଣ ପୋଡି କରାଯାଇଥିବା ଦେଖାଯାଇଛି । ଏହି ଅବସରରେ ରସୁଲପୁର ପ୍ରଖଣ୍ଡ ବଜରଙ୍ଗ ଦଳ ତରଫରୁ ପହଙ୍ଗା ଶାଖାରେ ସ୍ତ୍ରଶସ୍ତ୍ର ପୂଜନ କାର୍ଯ୍ୟକ୍ରମ ପାଳିତ ହୋଇଥିଲା । ଯାଜପୁର ପ୍ରଖଣ୍ଡ ବଡସୁଆର ହନୁମାନ ଚାଳିଶା ଟୋଲି ତରଫରୁ ଶସ୍ତ୍ର ପୂଜନ କାର୍ଯ୍ୟକ୍ରମ ପାଳନ ହେବା ସହିତ ରାବଣ ପୋଡି କାଯ୍ୟକ୍ରମ କରାଯାଇଥିଲା। ସେହିପରି ବିଞ୍ଝାରପୁର ପ୍ରଖଣ୍ଡ ଓ ଦଶରଥପୁର ପ୍ରଖଣ୍ଡ ର ବିଭିନ୍ନ ସାଖାରେ ଏହି ସ୍ତ୍ରଶସ୍ତ୍ର ପୂଜନ କାଯର୍ଯକ୍ରମ ବଡ ପାରମ୍ପାରିକ ରିତିରେ ପାଳନ କରାଯାଉଥିବାର ଦେଖାଯାଇଥିଲା ।

## ଜିଲ୍ଲା ସ୍ତରୀୟ ଆଶାକର୍ମୀ ସଂଘର ବୈଠକ

କେନ୍ଦ୍ରାପଡା,(ସବ୍ୟୁ): ନିଖିଳ ଓଡିଶା ଆଶାକର୍ମୀ ସଂଘ (ଏଆଇଟିୟୁସି) କେନ୍ଦ୍ରାପଡା ଜିଲ୍ଲା କମିଟିର ଏକ ବୈଠକ ସଭାପତି ଭଜହରି ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ଏହି ବୈଠକରେ ଏଆଇଟିୟୁସି ର ରାଜ୍ୟ ନେତା ରମଣୀ ରଂଜନ ରାଉତରାୟ, ଅକ୍ଷୟ କୁମାର ମଲିକ, ଆଶାକର୍ମୀ ସଂଘର ସଂପାଦିକା କାଁପ୍ରଭା ନାୟକ, ବିକାଶ ଚନ୍ଦ୍ର ବେହୁରା, କୋଷାଧ୍ୟକ୍ଷ ନନ୍ଦିନୀ ସ୍ୱାଇଁ, ଭଗବତୀ ନାୟକ ପ୍ରମୁଖ ଉପସ୍ଥିତ ରହି ଆଶାକର୍ମୀ ମାନଙ୍କର ମଙ୍କସର ପ୍ରଥମ ସପ୍ତାହରେ ନିଶ୍ଚିନ୍ତ ଭତା ୭ ହଜାର ସହିତ ଅନ୍ୟାନ୍ୟ ପ୍ରୋତ୍ସାହନ ରାଶି ପ୍ରଦାନ କରିବା, ପାରିଶ୍ରମକୁ କାଟଛାଟ ନ କରିବା, ଆଶାକର୍ମୀମାନଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା, କାମ କରୁଥିବା ବେଳେ ଆଶାକର୍ମୀ ର ମୃତ୍ୟୁ ଘଟିଲେ ତାଙ୍କ ପରିବାର କୁ ୫ ଲକ୍ଷଟଙ୍କା ସହାୟତା ରାଶି ସହିତ ଜଣକୁ ଚାକିରୀ ପ୍ରଦାନ କରିବା, ଶିକ୍ଷାଗତ ଯୋଗ୍ୟତା ଓ ଅଭିଜ୍ଞତାକୁ ଭିତି କରି ପ୍ରମୋଶନ ପ୍ରଦାନ କରିବା, ସେକ୍ଟର ମିଟିଂରେ ମିଳୁଥିବା ପାରିଶ୍ରମ କୁ ବୃଦ୍ଧି କରାଯିବା ଆଦି ଦାବି ସଂପର୍କରେ ଆଲୋଚନା କରା ଯାଇଥିଲା । ଏଥି ସହିତ ଆସନ୍ତା୨୩ ତାରିଖ ଜିଲ୍ଲା କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ନିଷ୍ପତି ନିଆଯାଇଛି । ଆୟୋଜିତ ଏହି ବୈଠକରେ ଅମ୍ବିକା ନାଥ, ସଂଯୁକ୍ତା ସାହୁ, କବିତା ସେଣ, ସଚଳା ସେଠୀ, ମନୋରମା ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## ଅମରାବତୀରେ ଶାରଦୀୟ ବନ୍ଧୁ ମିଳନ

ଚଣ୍ଡିଖୋଲ/ଛତିଆ,(ସବ୍ୟୁ): ଯାଜପୁର ଜିଲ୍ଲାର ଛତିଆ ସ୍ଥିତ ମହାପୁରୁଷ ହାଡିଦାସ ମହାବିଦ୍ୟାଳୟରେ ଗତ ୪୦ ବର୍ଷ ତଳେ ଅଧ୍ୟୟନରତ ୧୯୮୪ରୁ୮୬ ଶିକ୍ଷା ବର୍ଷର ପୁରାତନ ଛାତ୍ରଛାତ୍ରୀ ମାନଙ୍କର ୧୪ତମ ଶାରଦୀୟ ବନ୍ଧୁମିଳନ ଉତ୍ସବ ଅମରାବତୀ ପୀଠ କଲ୍ୟାଣ ମଣ୍ଡପରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ଛତିଆ ମହାବିଦ୍ୟାଳୟରୁ ସେତେବେଳେ ଉର୍ତ୍ତିନ ହୋଇ ଏବେ ରାଜ୍ୟ ତଥା ରାଜ୍ୟ ବାହାରେ ବହୁ ପ୍ରତିଷ୍ଠିତ କାର୍ଯ୍ୟ ଓ ଉଚ୍ଚ ପଦବୀରେ ନିଯୁକ୍ତଥିବା ବହୁ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇ ନିଜ ନିଜ ମଧ୍ୟରେ ଭାବ ବିନିମୟ କରିଥିଲେ ।ଦୀର୍ଘ ୪୦ ବର୍ଷ ତଳର ଛାତ୍ର ଜୀବନର ସେହି ସ୍ମୃତିକୁ ମନେ ପକାଇ ପରସ୍ପର ମଧ୍ୟରେ ସମସ୍ତେ ଆତ୍ମ ବିଭୋର ହୋଇପଡିଲେ। ଏହି ବନ୍ଧୁମିଳନରେ ପ୍ରାୟ ୬୦ରୁ ଉର୍ଦ୍ଧ୍ୱ ପୁରାତନ



ଛାତ୍ରଛାତ୍ରୀ ଯୋଗଦେଇଥିବା ଦେଖାଯାଇଥିଲା। ଇତି ମଧ୍ୟରେ ଯେଉଁ ସାଙ୍ଗ ମାନଙ୍କର ପରଲୋକ ହୋଇଯାଇଛି ପ୍ରଥମେ ସେମାନଙ୍କ ପାଇଁ ନିରବ ପ୍ରାର୍ଥନା କରାଯିବା ସହ ସ୍ମୃତି ଚାରଣ କରାଯାଇଥିଲା। ଗତ ୨୦୧୨ ମସିହାରୁ ୧୯୮୪-୮୬ ବ୍ୟାଚର ଏହି ବନ୍ଧୁ ମିଳନ ଆରମ୍ଭ ହୋଇ ଏବେ ୧୪ ବର୍ଷରେ ପହଞ୍ଚିଛି ଓ ଏହା ଆମ ମାନଙ୍କର ଶେଷ ଜୀବନ ପର୍ଯ୍ୟନ୍ତ ଅବ୍ୟାହତ ରହିବ ବୋଲି ବର୍ତ୍ତମାନ ଯାଜପୁର ଜିଲ୍ଲା ମୁଖ୍ୟାଳୟ ଥାନାରେ କାର୍ଯ୍ୟରତ ଡ଼ିଏସପି ଶରତଚନ୍ଦ୍ର ପାତ୍ର ପ୍ରକାଶ କରିଥିଲେ । ଆଗକୁ ପୁରାତନ ଛାତ୍ରଛାତ୍ରୀ ମାନଙ୍କ ସମସ୍ୟା ଓ ସେବା କାର୍ଯ୍ୟ ପାଇଁ ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମ ଶେଷରେ ଏକ କମିଟି ଗଠନ କରାଯାଇଥିଲା। ଏହି କମିଟି ଅଧ୍ୟକ୍ଷତାରେ ଆଗକୁ ସମସ୍ତ କାର୍ଯ୍ୟ ସଂଚାଳନ ହେବ ବୋଲି ନିଷ୍ପତ୍ତି ହୋଇଥିଲା।ଲୋକନାଥ ବେହେରା,ନକୁଳ ସିଂହ, ଅରୁଣ ଦାସ,ସୁଧାକାର ବିଶ୍ୱାଳ, ସୁଚିତ୍ରା ବିଶ୍ୱାଳ, ଅଶୋକ ବେହେରା ବନ୍ଧୁମିଳନ ଉତ୍ସବକୁ ପରିଚାଳନା କରିଥିଲେ।

## ଚାହାଣି, ପତ୍ରିକାର ପୂଜାସଂଖ୍ୟା ଉନ୍ମୋଚିତ

ପାଣିକୋଇଲି, (ସବ୍ୟୁ): ଯାଜପୁର ଜିଲ୍ଲାରୁ ପ୍ରକାଶିତ ଚାହାଣି ପତ୍ରିକାର ରୋପ୍ୟଜୟନ୍ତୀ -୨୦୨୫ର ପୂଜାସଂଖ୍ୟା କୋରାଇ ବ୍ଲ ମୂଳାପାଳ ପଂଚାୟତର ଲିଙ୍ଗେଶ୍ୱର ବିହାରର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ସୁନାମଧନ୍ୟ ଗାଳ୍ପିକ ଓ ଲେଖକ ତଥା ଶ୍ରମିକ ନେତା ମାୟାଧର ନାୟକ ଯୋଗ ଦେଇ ଉଦ୍ଘାଟନ କରିଥିଲେ। ମଂଚର ସଭାପତି ଶିକ୍ଷାବିତ ଅନନ୍ତ ଚରଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡ଼େମୀର ବିଶିଷ୍ଟ କବି ଡ଼ଃ ରାଜ କିଶୋର ପାଢୀ, ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ମନୋରଂଜନ ମହାନ୍ତି ପ୍ରାକ୍ତନ ଅଧ୍ୟକ୍ଷ ଶିବ ଚରଣ ମାଝୀ, ଗୋକର୍ଣିକା ସାହିତ୍ୟ ସଂସଦର ସମ୍ପାଦକ ଡ଼କ୍ଟର ରମାକାନ୍ତ ଜେନା, ଗୀତିକାର ବୃନ୍ଦାବନ ସାହୁ, ଲିଙ୍ଗେଶ୍ୱର ଉନ୍ନୟନ କମିଟିର ସମ୍ପାଦକ ଦୈତାରୀ ଧଳ ,ଶିକ୍ଷାବିତ ବ୍ରଜ କିଶୋର ଦାଶଯୋଗ ଦେଇଥିଲେ। ଏହି ଅବସରରେ ଅତିଥି ମାନେ ଚାହାଣି ପତ୍ରିକାର ସମ୍ପାଦକ ଓ ଅଧ୍ୟାପକ ଡ଼କ୍ଟର ଚନ୍ଦ୍ରକାନ୍ତ ମହାନ୍ତିଙ୍କ ଲିଖିତ ପ୍ରବନ୍ଧ ପୁସ୍ତକ କଥାରେ କଥାରେ ସଙ୍କଳନକୁ ଉନ୍ମୋଚନ କରିଥିଲେ। ଏଥି ସହିତ ସମ୍ପାଦକ ଡ଼କ୍ଟର ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟାପିକା ସାଗରିକ ରଥ,ଅଧ୍ୟାପକ ରମାକାନ୍ତ ବରାଳ,ଗଣେଶ୍ୱର ବେହେରା,ରିଶିକା ପଣ୍ଡ.ସାଇଶଙ୍କର ବାରିକ, ମାନପତ୍ର ପାଠ କରିଥିଲେ। ଏହି ଅବସରରେ ଚାହାଣୀ ପୁରସ୍କାର ବିଶିଷ୍ଟ ଗାଳ୍ପିକ ଡ଼କ୍ଟ ସଚ୍ଚିଦାନନ୍ଦ କର,ଶିଶୁ ସାହିତିତ୍ୟକ ଡ଼କ୍ଟର ପ୍ରଶାନ୍ତ କୁମାର ସ୍ୱାଇଁ,ଚାହାଣି ସମ୍ମାନବରିଷ୍ଟ ସାମ୍ବାଦିକ ମାନସ ରଞ୍ଜନ ଧଳଙ୍କୁ ପ୍ରଦାନ କରାଯାଇଥିଲା। ପ୍ରଥମ ଅଧିବେଶନରେ ଅଧ୍ୟପକ ଦାମୋଦର ବେହେରାଙ୍କ ସଭାପତିତ୍ୱ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା ।

# ଦହିସରା ଗ୍ରାମ ବିବାଦ ମାମଲା : ମୁରବୀଙ୍କ ଅଭିଯୋଗ ଖଣ୍ଡନ




ଆଠଗଡ ,(ସବ୍ୟୁ): ଗ୍ରାମରେ ଥିବା ଅସ୍ଥାୟୀ ମୁରବୀ ବଂଶୀଧର ରାଉତ , ଜୈନିକ ପତିତପାବନ ପାଢ଼ୀଙ୍କ ନାମରେ ଆପତ୍ତିଜନକ ଟିପ୍ପଣୀ ଦେଇଥିବା କୁ ଉପଯୁକ୍ତ ତଥ୍ୟ ପ୍ରମାଣ ସହିତ ଏହାକୁ ଏକ ସାମ୍ବାଦିକ ସମ୍ମିଳନୀରେ ଖଣ୍ଡନ କରିଛନ୍ତି ଶ୍ରୀ ପାଢ଼ୀ। ଘଟଣାରୁ ପ୍ରକାଶ ଆଠଗଡ଼ ଥାନା ଅନ୍ତର୍ଗତ ଦହିସରା ଗ୍ରାମରେ ରେ ଦୋକାନ ଘର ଭଡା କୁ ନେଇ ବିବାଦ ଥମିବାର ନା ଧରୁନି।ଗତ ସେପ୍ଟେମ୍ବର ୨୮ ତାରିଖ ରେ ଦହିସରା ଗ୍ରାମ ରେ କିଛି ମୁରବୀ ଶ୍ରେଣୀୟ ଲୋକ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଘରଭଡ଼ା ବାବଦରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ହୋଇଥିବା ବିବାଦରେ ହୋଇ ଥିବା ଏକାଧିକ ମାମଲା ଏବଂ ଏଥି ନିମନ୍ତେ ଗ୍ରାମରେ ଦେଖା ଦେଇଥିବା ଉତ୍ତେଜନାକୁ ବିରୋଧ କରିବା ସହିତ ନିନ୍ଦା କରା ଯାଇଥିଲା। କିନ୍ତୁ ସେଦିନ ସେହି ଗ୍ରାମର ଜନୈକ ପତିତପାବନ ପାଢ଼ୀଙ୍କ ବିରୁଦ୍ଧରେ କିଛି ଆପତ୍ତିଜନକ ଟିପ୍ପଣୀ ଦେଇଥିଲେ ଅସ୍ଥାୟୀ ସଭାପତି ବଂଶୀଧର ରାଉତ। ବଂଶୀଧର ରାଉତଙ୍କ ବିରୁଦ୍ଧରେ ଆଠଗଡ଼ ତଥା ରାଜ୍ୟର ବିଭିନ୍ନ ଥାନାରେ ଏକାଧିକ ମାମଲା ଥିବା ବେଳେ ଉକ୍ତ ବ୍ୟକ୍ତି ଗ୍ରାମର ପତିତପାବନ ପାଢ଼ୀ ବେଆଇନ ଭାବରେ ଅର୍ଥ ଉପାର୍ଜନ କରି ନିଜର ସମ୍ପତ୍ତି ବଢାଇଥିବା ଅଭିଯୋଗ କରିଥିଲେ।ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଅଭିଯୋଗ କୁ ଖଣ୍ଡନ କରା ଯିବା ସହିତ ଏହି ଖବର ସାମାଜିକ ଗଣମାଧ୍ୟମରେ ପ୍ରଚାରିତ ହେବାପରେ ଉକ୍ତ ପତିତପାବନ ପାଢ଼ୀ ମାନସିକ ଅବସାଦ ଦେଇ ଗତି କରୁଥିବା ଅଭିଯୋଗ ହୋଇଛି।ସେ ଏବଂ ତାଙ୍କର ପରିବାର ଉପଭୋଗ କରୁଥିବା ସମସ୍ତ ସମ୍ପତ୍ତିର ବିବରଣୀ ଏବଂ ତା'ର କାଗଜପତ୍ର ଦେଖାଇ ଏହାକୁ ଭିତ୍ତି ହୀନ କହିବା ସହିତ ଆଗାମୀ ସାତ ଦିନ ମଧ୍ୟରେ ଏହାର ଉପଯୁକ୍ତ ପ୍ରମାଣ ନ କରି ପାରିଲେ ଆଇନର ଆଶ୍ରୟ ନେବେ ବୋଲି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପାଢ଼ୀ ପ୍ରକାଶ କରିଛନ୍ତି ।

# ଦୁର୍ଗା ପୂଜା ଅନୁଷ୍ଠାନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

ଫୁଲନଖରା। (ସବ୍ୟୁ): ରାମନଗର ଦୁର୍ଗା ପୂଜା ଅନୁଷ୍ଠାନ ପକ୍ଷରୁ ୨୫ ବର୍ଷ ଧରି ପାର୍ବଣ ରତୁ ପାଳିତ ହୋଇଛି। ପୂଜା କମିଟି ସଭାପତି କାଳନ୍ଦୀ ସେଠୀ,ସମ୍ପାଦକ ହୃଦାନନ୍ଦ ବେହେରା କୋଷାଧ୍ୟକ୍ଷ ପପୁ ବେହେରା ଓ ସୁଜି ବେହେରା ଉପଦେଷ୍ଟା ଛବି ବେହେରା , ଧରଣୀ ଧର ବେହେରା ,ପ୍ରଭାତ କୁମାର ନାୟକ, ଅଭିମନ୍ୟୁ ବେହେରା ଓ ଶ୍ରୀ ସନ୍ୟାସୀ ପଣ୍ଡା,ଗ୍ରାମ୍ୟ କମିଟି ସଭାପତି ପ୍ରକାଶ ଚନ୍ଦ୍ର ନାୟକ ,ସମ୍ପାଦକ ଲକ୍ଷ୍ମୀଧର ସେଠୀ , ବାସୁଦେବ ସେଠୀ , ପ୍ରଭାକର ସେଠୀ, କବୀର୍ ବେହେରା ପ୍ରମୁଖ ଦୃଢ଼ ନେତୃତ୍ୱ ରେ ପରିଚାଳନା କରିଥିଲେ। ମା ଙ୍କ ନିକଟରେ ଦହି ପଖାଳ ଓ ୫୦୦୦ ହଜାର ପ୍ରସାଦ ଆୟୋଜନ କରାଯାଇଥିଲା । ଏଥିରେ ଅଂଚଳର ଗରିଷ୍ଠ ସାମ୍ବାଦିକ ବୁଦ୍ଧିଜୀବି ଓ ସୁରଭି ମାନଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଡାହାଳିଆ ବାଗ ହର ପାର୍ବତୀ ପୂଜା କମିଟି ତରଫରୁ ବେଶ ଧୁମଧାମରେ ପାର୍ବଣ ରତୁ ପାଳନ ହୋଇଯାଇଛି। ପୂଜା କମିଟି ସଭାପତି ବଦ୍ରିନାରାୟଣ ମହାପାତ୍ର, ସଂପାଦକ କୌଶିକ ଜେନା , କାର୍ଯ୍ୟ କାରୀ ସଭାପତି ସଚ୍ଚିକାନ୍ତ ମହାନ୍ତି, ଦିନବନ୍ଧୁ ମହାନ୍ତି, ରଘୁପ୍ରସାଦ ଶତପଥି, ସୁକାନ୍ତ ଜେନା, ପଦ୍ୟୁମ୍ନ ମିଶ୍ର, ସୁକାନ୍ତ ମହାନ୍ତି,ପ୍ରଦୀପ୍ତ ଜେନା ନେତୃତ୍ୱରେ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। ମୁଖ୍ୟ ମନ୍ତ୍ରୀ କଟକ ଦୁର୍ଗା ପୂଜା ବୁଲିବାକୁ ଯିବା ସମୟରେ ପ୍ରଥମେ ପ୍ରତାପନଗରି ପୂଜା ମଣ୍ଡପ ମା ଙ୍କ ନିକଟରେ ପହଞ୍ଚି ଦର୍ଶନ କରିବା ସମୟରେ ପ୍ରତାପନଗରି ପୂଜା କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଉତ୍ତରୀୟ ଓପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।କମିଟି ପକ୍ଷରୁ ପ୍ରମୋଦ କୁମାର ସ୍ୱାଇଁ ,ପ୍ରମୋଦ କୁମାର ବେହେରା ,ରଞ୍ଜିତ ସ୍ୱାଇଁ ,ନାରାୟଣ ରାଉତ, ଅତୁଲ୍ୟ ରାଉତ ଓ ବାଦଲ କୁମାର ସୱାଇଁ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ। ଏଥିରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ , ବିଧାୟକଙ୍କ ପ୍ରତିନିଧି ନିହାରଂଜନ ପଣ୍ଡା , କର୍ପୁରେଟର ମମତା ମହାନ୍ତି ,କଟକ ଜିଲ୍ଲାପାଳ ,କଟକ ଡି.ସି.ପି,ଏ.ସି.ପି ଏବଂ ସଦର ଥାନାର ଆଇ.ଆଇସି ଓ କର୍ମଚାରୀ ମାନେ ଉପସ୍ଥିତ ଥିବାର ଦେଖିବାକୁ ମିଳିଥିଲା। ଏହି ପରି ଭାବେ ପାଇକ ସାହି, ବିଶିପଦା, କାଚରମାଳ, ଶଙ୍ଖତ୍ରାସ, ନୂଆଗଡ, ଭାଣପୁର ଓ ମହିଧରପଡ଼ା ହାଇ ସ୍କୁଲ ଛକରେ ବହୁ ଯାକ ଯମକରେ ପାର୍ବଣ ପାଳିତ ହୋଇଥିବା। ଦେଖିବାକୁ ମିଳିଥିଲା।

# ଦଶହରା ମହୋତ୍ସବ ପାଳିତ

କଣାସ,(ସବ୍ୟୁ): ପୁରୀ ଜିଲ୍ଲା କଣାସ ବ୍ଲକ ପାଣ୍ଡିଆକେରା ଗ୍ରାମପଞ୍ଚାୟତ ଅନ୍ତର୍ଗତ ନାନେକେରା ଗ୍ରାମବାସୀଙ୍କ ପକ୍ଷରୁ ଆୟୋଜିତ ଶାରଦୀୟ ଦଶହରା ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ଯୋଗ ଦେଇଥିଲେ ।ବିଧାୟକ ଶ୍ରୀ ମିଶ୍ର କହିଥିଲେ ଦୁର୍ଗା ପୂଜା କେବଳ ଏକ ପର୍ବ ନୁହେଁ ବରଂ ଏହା ଆମର ସାଂସ୍କୃତିକ ଐତିହ୍ୟର ପ୍ରତୀକ । ଶକ୍ତିସ୍ୱରୂପୀଣି ମା' ସମାଜରୁ ଅନ୍ୟାୟ ଅତ୍ୟାଚାର ଓ ବ୍ୟଭିଚାରକୁ ନିଶ୍ଚିହ୍ନ କରିବା ପାଇଁ ଧରାପୃଷ୍ଠରେ ଅବତୀର୍ଣ୍ଣ ହୋଇଥାନ୍ତି । ମା'ଙ୍କ ଶୁଭ କୃପା କଣାସ ଅଞ୍ଚଳର ସମସ୍ତଙ୍କ ଉପରେ ରହିଥାଉ ବୋଲି ଏହା ହିଁ କାମନା କରିଥିଲେ । ସାଂସ୍କୃତିକ ତଥା ସାମାଜିକ ପରମ୍ପରାକୁ ଭାଇଚାରା ହିସାବରେ ବଜାୟ ରଖିବା ସହିତ ଆଧ୍ୟାତ୍ମିକ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶ ସୃଷ୍ଟିକୁ ଗୁରୁତ୍ୱ ଦେଇଥିବାରୁ ନାନେକେରା ଗ୍ରାମର ସମସ୍ତ ସଦସ୍ୟଙ୍କୁ ବିଧାୟକ ଶ୍ରୀ ମିଶ୍ର ଧନ୍ୟବାଦ ଜଣାଇଥିଲେ ।

# ପୋଲିସ ଏସ୍ଆଇ ଚାକିରି ପାଇଁ ଲାଞ୍ଚ ମାମଲା
# ବୋଲଗଡ଼ରୁ ଜଣେ ଗିରଫ

ବୋଲଗଡ଼ ,(ସବ୍ୟୁ): ରାଜ୍ୟରେ ପୋଲିସ ଏସ ଆଇ ଚାକିରି ପାଇଁ ଲକ୍ଷ୍ୟ ଲକ୍ଷ୍ୟ ଟଂକା ଦଲାଲଙ୍କ ମାଧ୍ୟମରେ ଆଦାୟ କରି ଲିଖିତ ପରୀକ୍ଷା ପାଇଁ ପୂର୍ବରୁ ପ୍ରସ୍ତୁତ ରହିବାକୁ ସ୍ୱତନ୍ତ୍ର ବସ ଯୋଗେ ହାଇଦ୍ରାବାଦ ଯାଉଥିବା ବେଳେ ଧରାପଡ଼ିଛନ୍ତି । ରାଜ୍ୟ ସରକାରଙ୍କ କ୍ରାଇମବ୍ରାଞ୍ଚ ଆନ୍ଧ୍ର ପ୍ରଦେଶ ରୁ ୧୧୭ ଗିରଫ କରିଛି । ସେମାନଙ୍କୁ ବ୍ରହ୍ମପୁର ମଣ୍ଡଳ କାରାଗାରର ଭର୍ତ୍ତି କରିଛି। ସେମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ ଅନ୍ତର୍ଗତ ଧଳାପଥର ପଞ୍ଚାୟତ ର କୋଦବେରେଣୀ ଗ୍ରାମର ଭରତ ଚରଣ ବେହେରାଙ୍କ ପୁଅ ବିଷ୍ଣୁ ଚରଣ ବେହେରା ଅଟନ୍ତି । ସେ ଅନୁସୁଚିତ ବର୍ଗର ପରୀକ୍ଷା ପ୍ରାର୍ଥୀ ଥିଲେ। ତାଙ୍କ ଗ୍ରାମ ଠାରୁ ଏକ କିଲୋମିଟର ଦୂର କଟକ ଜିଲ୍ଲା ଅନ୍ତର୍ଗତ ବାଙ୍କୀ ବ୍ଲକ କଳାପଥର ଗ୍ରାମର ମୁଖ୍ୟ ଦଲାଲ ମୁନା ମହାନ୍ତି ମାଧ୍ୟମରେ ଦଶ ଲକ୍ଷ ଟଂକା ଆଗୁଆ ଦେଇଥିଲେ। ବିଷ୍ଣୁ କ ପରିବାର ପକ୍ଷରୁ ଖବର ପାଇ ଭାଂଗୀ ପଡ଼ିଛନ୍ତି । ଏବେ ଜାମିନୀ ପାଇଁ ଚେଷ୍ଟା ଚଳାଇଛନ୍ତି।।ମୁନା ମହାନ୍ତି ପୂର୍ବରୁ ଦଲାଲ କରି ଲକ୍ଷ ଲକ୍ଷ ଟଂକା ରୋଜଗାର କରି ଲାଲେ ଲାଲ ହୋଇ ବିଳାସ ପୂର୍ଣ୍ଣ ଜୀବନ ବିତାଉଥିବା ସୂଚନା ମିଳିଛି।

# ମାନସିକ ଅସୁସ୍ଥ ବ୍ୟକ୍ତିଙ୍କ ଆଶ୍ରୟସ୍ଥଳୀ ପାଲଟିଛି କଲ୍ୟାଣୀ



କଣାସ,(ସବ୍ୟୁ): ପୁରୀ ଜିଲ୍ଲା କଣାସ ବ୍ଲକ ଅନ୍ତର୍ଗତ ଦୟାବିହାର ଠାରେ ଥିବା ପ୍ରତିଷ୍ଠିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନ ଦ୍ୱାରା ପରିଚାଳିତ କଲ୍ୟାଣୀ ପ୍ରକଳ୍ପ ନିରାଶ୍ରୟ ମାନସିକ ଅସୁସ୍ଥ ବ୍ୟକ୍ତିଙ୍କ ଆଶ୍ରୟ ସ୍ଥଳ ପାଲଟିଛି । ବିଶ୍ୱ ମାନସିକ ସାସ୍ଥ୍ୟ ସପ୍ତାହର ଦ୍ୱିତୀୟ ଦିବସ ଅବସରରେ ବିଭିନ୍ନ ସ୍ଥାନରୁ ଆସି ଆଶ୍ରୟ ନେଇଥିବା ୫୯୫ ଜଣ ମାନସିକ ଅନଗ୍ରସର ଶ୍ରେଣୀର ପୁରୁଷ ଓ ମହିଳା ଅନ୍ତେବାସୀଙ୍କୁ ନେଇ ଏହି ବିଶ ମାନସିକ ସାସ୍ଥ୍ୟ ସପ୍ତାହ ଅନୁଷ୍ଠିତ ହୋଇଥିଲା ।

ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିପିନ ବିହାରୀ ଜୟସିଂହ , ପ୍ରଶାନ୍ତ ପଟ୍ଟସାଣି,ପରିଚାଳନା ପରିଷଦର ସଭ୍ୟ ଜିତେନ୍ଦ୍ର ହରିଚନ୍ଦନ ,ସୁଦର୍ଶନ ପରିଡ଼ା ଓ ପ୍ରଭାସ ଚନ୍ଦ୍ର ସୁନ୍ଦରାୟ ପ୍ରମୁଖ ଯୋଗଦେଇ କହିଥିଲେ ରାଜ୍ୟ ତଥା ରାଜ୍ୟ ବାହାରୁ ବିଭିନ୍ନ ସ୍ଥାନରେ ଥିବା ମାନସିକ ଅନଗ୍ରସର ବ୍ୟକ୍ତିଙ୍କୁ ସୁସ୍ଥ କରିବା ପାଇଁ କଲ୍ୟାଣୀ ପ୍ରକଳ୍ପ ଏକ ମାତ୍ର ମାଧ୍ୟମ ।ସେମାନଙ୍କର ସ୍ୱାସ୍ଥ୍ୟର କିଭଳି ଭାବରେ ଯତ୍ନ ନେବେ ସେ ସମ୍ପର୍କରେ ମଧ୍ୟ ବିଶେଷ ଭାବେ ଆଲୋଚନା ହୋଇଥିଲା । ପ୍ରକଳ୍ପ ପରାମର୍ଶଦାତା ସ୍ୱପ୍ନାଶ୍ରୀ ମହାନ୍ତି ମାନସିକ ରୋଗର କାରଣ,ଲକ୍ଷଣ ଓ ତାହାର ପ୍ରତିକାର ସମ୍ପର୍କରେ ଉଦବୋଧନ ଦେଇଥିଲେ । ପ୍ରକଳ୍ପ ସଂଯୋଜକ କୃଷ୍ଣ ଚନ୍ଦ୍ର ନିଶଙ୍କ ଉପସ୍ଥିତ ରହି ମାନସିକ ସାସ୍ଥ୍ୟ ସପ୍ତାହର ଉପରେ ବିଶେଷ ଭାବେ ଆଲୋଚନା କରିଥିଲେ । ସର୍ବଶେଷରେ ନିରାଶ୍ରୟ ମାନସିକ ଅସୁସ୍ଥ ଅନ୍ତେବାସୀ ମାନଙ୍କ ଦାରା ନୃତ୍ୟ, ଗୀତ ,ଖେଳ ,ଚିତ୍ରାଙ୍କନ,ରଙ୍ଗୋଲି ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।ସୁଜାତା ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମକୁ ପ୍ରକଳ୍ପର ତତ୍ତ୍ୱାବଧାରକ ନିଗମାନନ୍ଦ ବାରିକ,ତପନ ଦାସ ଚିକିତ୍ସା ମନୋବିଜ୍ଞାନୀ , ପରାମର୍ଶଦାତା,ସାମାଜିକ କର୍ମୀ, ମେଡିକାଲ କର୍ମଚାରୀ ଓ କେୟାର ଟେକର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ ।

# ଶ୍ରଦ୍ଧାଞ୍ଜଳି ସଭା

କଣ୍ଟାପଡ଼ା, (ସବ୍ୟୁ): ବାଗଲପୁର ପଞ୍ଚାୟତ ଅନ୍ତର୍ଗତ ସୁନ୍ଦରଗ୍ରାମ ଅଞ୍ଚଳର ଧର୍ମପ୍ରାଣ ବ୍ୟକ୍ତି ିଶ୍ୱନାଥ ମହନ୍ତିଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଦୁର୍ଗାପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଗୋବିନ୍ଦ ଜୀଉ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶାମପ୍ରସାଦ ମହାନ୍ତି, ବିରଞ୍ଚି ନାରାୟଣ ମହାନ୍ତି ଜିତେନ୍ଦ୍ର ମହାନ୍ତି, ସୁନୀଳକୁମାର ମହାନ୍ତି, ହରିପ୍ରସାଦ ମହାନ୍ତି, ଇଂ.ଫଣିଭୂଷଣ ମହାନ୍ତି, ମଧୁସୂଦନ ମହାନ୍ତି, ମିତ୍ରା ମହାନ୍ତି, ଗୀତାରାଣୀ ମହାନ୍ତି ପ୍ରମୁଖ ଯୋଗଦେଇ ଫଟୋଚିତ୍ରରେ ମାଲାର୍ପଣ ପୂର୍ବକ ରାଜ ଓ ରାଜ ବାହାରେ ତାଙ୍କ ସେବାକାର୍ଯ୍ୟର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଆତ୍ମାର ସଦଗତି କାମନାରେନିରବ ପ୍ରାର୍ଥନା ହୋଇଥିଲା।

# ସାଧାରଣ ପଞ୍ଚାୟତ ସମିତି ବୈଠକ

ଅସ୍ତରଙ୍ଗ,(ସବ୍ୟୁ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ର ଷଷ୍ଠ ସାଧାରଣ ପଞ୍ଚାୟତ ସମିତି ବୈଠକ ଶନିବାର ଦିନ ପଞ୍ଚାୟତ ସମିତିର ଅଧ୍ୟକ୍ଷା ଶ୍ରୀମତୀ ଆରତୀ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି ।ଏହି ବୈଠକରେ ବିଧାୟକ ତୁଷାରକାନ୍ତି ବେହେରା, ସାଂସଦ ପ୍ରତିନିଧି ଦିବାକର ଛାଟୋଇ, ବିଡ଼ିଓ ସସ୍ମିତା ବେହେରା, ଅତିରିକ୍ତ ତହସିଲଦାର ପ୍ରଭୁ ପ୍ରସାଦ ପଣ୍ଡା, ଉପାଧ୍ୟକ୍ଷ ପ୍ରମୁଖ ଯୋଗ ଦାନ କରି, ସରକାରଙ୍କର ବିର୍ଭିନ୍ନ ଲୋକାଭି ମୁଖୀ ଯୋଜନା ସହ, ବ୍ଲକ ରେ କାର୍ଯ୍ୟ କାରି ହେଉ ଥିବା ଜନ ହିତକର କାର୍ଯ୍ୟକ୍ରମ ଉପରେ ଆଲୋଚନା କାରି ଥିଲେ । ବହୁ ପଞ୍ଚାୟତ ପ୍ରତିନିଧିମାନେ ନିଜ ନିଜର ପଞ୍ଚାୟତ କାର୍ଯ୍ୟକ୍ରମ ତଥା, ଇନ୍ଦିରା ଆବାସ, ରାସନ କାର୍ଡ, ମୋ ଗାଁ ମୋ ବିକାଶ ଉପରେ ଆଲୋକ ପାତ କରିଥିଲେ ମଧ୍ୟ କେତେକ ବିଷୟ ନେଇ ବୈଠକ ରେ ହା ହୋଲା ହୋଇ ଥିବାର ଦେଖିବାକୁ ମିଳିଥିଲା। ବ୍ଲକ ସ୍ଥରୀୟ ସମସ୍ତ ସରକାରୀ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ଭାରତୀ ନାଟ୍ୟ କଳା ସଂସ୍କୃତି ସମିତର ବୃକ୍ଷରୋପଣ

କଣ୍ଟିଲୋ,(ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଙ୍କ ଜନ୍ମଦିନ ତଥା ସେବାପକ୍ଷ ପାଳନ ଅବସରରେ କଣ୍ଟିଲୋର ସାଂସ୍କୃତିକ ଅନୁଷ୍ଠାନ ଭାରତୀ ନାଟ୍ୟ କଳା ସଂସ୍କୃତି ସମିତି ପକ୍ଷରୁ ବୃକ୍ଷରୋପଣ ଓ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ସମିତି କର୍ମକର୍ତ୍ତା ରାଜେଶ କୁମାର ଦାସ ଓ ପ୍ରଶାନ୍ତ ମହାପାତ୍ର ଙ୍କ ତତ୍ତ୍ୱାବଧାନ ରେ କଣ୍ଟିଲୋ ସମେତ ଆଖ ପାଖ ସିଧାମୁଳା, ଗାଡିଆସାହି,ଭଗବାନ ପୁର, ଶାଳଝରିଆ ଆଦି ପଞ୍ଚାୟତର ୭୦ରୁ ଉର୍ଦ୍ଧ କର୍ମକର୍ତ୍ତା ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇ ନୀଳମାଧ ମନ୍ଦିର ପରିସରରେ ବୃକ୍ଷ ରୋପଣ ସହିତ ମନ୍ଦିର ବେଢା ଚତୁଃପାର୍ଶ ସଫେଇ କରିଥିଲେ।।

# ମାଣିଆବନ୍ଧ ମଣ୍ଡଳରୁ ସଂଘର ଶତାବ୍ଦୀ ବର୍ଷର ଶୁଭାରମ୍ଭ

ବଡମ୍ବା,(ସବ୍ୟୁ):ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ୧୦୦ ବର୍ଷ ପୂର୍ତ୍ତି ଅବସରରେ କଟକ ଜିଲ୍ଲାର ବଡମ୍ବା ଖଣ୍ଡର ମାଣିଆବନ୍ଧ ମଣ୍ଡଳରୁ ଶତାବ୍ଦୀ ସମାରୋହ କାର୍ଯ୍ୟକ୍ରମ ବଡ଼ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଇଛି।ଝ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମାଣିଆବନ୍ଧ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ କୃତବିଦ୍ୟ ପ୍ରଧାନଶିକ୍ଷକ ସୁଦାମ ସଲୋମନ ଗୋଛି ଓ ମୁଖ୍ୟବକ୍ତା ଭାବେ କଟକ ଜିଲ୍ଲା ମୁଖ୍ୟମାର୍ଗ ପ୍ରମୁଖ ରମେଶ ଚନ୍ଦ୍ର ବେହେରା ଉପସ୍ଥିତ ଥିଲେ । ଖଣ୍ଡ ବ୍ୟବସ୍ଥା ପ୍ରମୁଖ ନିଗମାନନ୍ଦ ନାୟକ ଅତିଥି ପରିଚୟ ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସଂଘର ଶତାବ୍ଦୀ ବର୍ଷରେ ସଂଘ କରିଥିବା କରଣୀୟ କାର୍ଯ୍ୟ ତଥା ପଞ୍ଚ ପରିବର୍ତ୍ତନ ଯଥା କୁଟୁମ୍ବ ପ୍ରବୋଧନ,ପର୍ଯ୍ୟାବରଣ, ସାମାଜିକ ସମରସତା, ସ୍ୱ ର ବ୍ୟବହାର ଏବଂ ନାଗରିକ କର୍ତ୍ତବ୍ୟ କଥା ଆଲୋଚନା କରିଥିଲେ । ଆଗାମୀ ଦିନରେ ସଂଘ ଘରକୁ ଘର ଯିବା ସହିତ ବୁଦ୍ଧିଜୀବୀ ସମ୍ମିଳନୀ,ଯୁବା କାର୍ଯ୍ୟକ୍ରମ, ସଦଭାବନା ବୈଠକ କରିବା ପାଇଁ ସୂଚନା ପ୍ରଦାନ କରାଯାଇଥିଲା। ସଂଘ କାମ ସର୍ବ ବ୍ୟାପି ଓ ସର୍ବ ସ୍ପର୍ଶି କରିବା ପାଇଁ ସମସ୍ତେ ଆଗେଇ ଆସିବା ପାଇଁ ବକ୍ତା ଅଂଚଳର ସମସ୍ତ ବୁଦ୍ଧିଜୀବୀ ଓ ଯୁବକ ମାନଙ୍କୁ ଆଗ୍ରହ କରିଥିଲେ ଝ ଅନ୍ୟମାନଙ୍କ ମଧ୍ୟରେ ଗ୍ରାମବିକାଶ ବିଭାଗର ଓଡିଶା ପୂର୍ବ ପ୍ରାନ୍ତର ସଦସ୍ୟ ଜନାର୍ଦ୍ଦନ ଦେବତା,ବଡମ୍ବା ଖଣ୍ଡ କାର୍ଯ୍ୟବାହ ମାନସ ରଞ୍ଜନ ଘଡେଇ, ଖଣ୍ଡ ବୌଦ୍ଧିକ ପ୍ରମୁଖ ପ୍ରମୋଦ କୁମାର ଧଳ, ମାଣିଆବନ୍ଧ ଶାଖାର ମୁଖ୍ୟଶିକ୍ଷକ ବୈକୁଣ୍ଠନାଥ ସାହୁ,ଖଣ୍ଡ ଧର୍ମ ଜାଗରଣ ପ୍ରମୁଖ ପୀତବାସ କରଣ,ଶରତ କୁମାର ସାହୁ,ମନୋଜ କୁମାର ଉଦୟଭାନୁ, କାଳନ୍ଦୀ ତରଝସିଆ,ଜନପ୍ରକାଶ ସେଠୀ ପ୍ରଭୃତି ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ ପ୍ରଦାନ କରିଥିଲେ।

# ନବଓଡ଼ିଶା ନିର୍ମାଣର ଅନ୍ୟତମ ବିନ୍ଧାଣି ଥିଲେ ସତ୍ୟପ୍ରିୟ



ବାଲିଅନ୍ତା, (ସବ୍ୟୁ): ପୂର୍ବତନ ମୁଖ୍ୟମନ୍ତ୍ରୀ ଉତ୍କଳ କେଶରୀ ହରେକୃଷ୍ଣ ମହତାବଙ୍କ ଏକାନ୍ତ ସହଯୋଗୀ ଭାବେ ନବ ଓଡିଶା ନିର୍ମାଣର ଅନ୍ୟତମ ବିନ୍ଧାଣି ଥିଲେ ପୂର୍ବତନ ବାଚସ୍ପତି ତଥା ମନ୍ତ୍ରୀ ସ୍ୱର୍ଗତଃ ସତ୍ୟପ୍ରିୟ ମହାନ୍ତି ।

ପବିତ୍ର ବିଜୟାଦଶମୀ ତିଥିରେ ରାଜ୍ୟସ୍ତରୀୟ ସତ୍ୟପ୍ରିୟ ସ୍ମୃତି କମିଟି ଆନୁକୂଲ୍ୟରେ ଓଡିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଆଧ୍ୟାତ୍ମିକବାଦୀ ସ୍ୱର୍ଗତଃ ସତ୍ୟପ୍ରିୟ ମହାନ୍ତିଙ୍କ ୧୨୦ ତମ ଜନ୍ମଜୟନ୍ତୀ ପାଳନ ଅବସରରେ ଯୋଗଦେଇଥିବା ଅତିଥିମାନେ ଏଭଳି ମତବ୍ୟକ୍ତ କରିଥିଲେ। ବାଳକାଟି ବଜାରରେ ଥିବା ସୱସ୍ତିକ କନଭେନସନରେ ସ୍ମୃତିକମିଟିର ସଭାପତି ପୂର୍ବତନ ବିଧାୟକ ତଥା ମନ୍ତ୍ରୀ ସୁରେଶ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଅବସରପ୍ରାପ୍ତ ଅଧ୍ୟାପକ କିର୍ତ୍ତନ ପାତ୍ର, ସମ୍ମାନିତ ଅତିଥିଭାବେ କମିଟିର ସ୍ଥାୟୀ ସଦସ୍ୟ ତଥା ସ୍ୱର୍ଗତଃ ମହାନ୍ତିଙ୍କ ସୁପୁତ୍ର ସନ୍ତୋଷ କୁମାର ମହାନ୍ତି, ବିଜେଡି ଯୁବନେତା କ୍ୟାପଟେନ ମନ୍ମଥ ରାଉତରାୟ, ଆଇନଜୀବୀ ଉପେନ୍ଦ୍ର ସାମନ୍ତରାୟ, ପୂର୍ବତନ ସରପଞ୍ଚ ଭାଗ୍ୟଧର ନନ୍ଦୀ, ସମାଜସେବୀ ବେଣୁଧର ଭୋଇ, ବିପିନ ପାତ୍ର ପ୍ରମୁଖ ଯୋଗଦେଇ ରାଜଧାନୀ ଭୁବନେଶ୍ୱର ଗଠନ କରିବାରେ ସତ୍ୟପ୍ରିୟଙ୍କ ଭୂମିକା ଥିଲା ଅତୁଳନୀୟ ଥିଲେ ବୋଲି ମତ ଦେଇଥିଲେ । ମନ୍ତ୍ରୀ ଥିବା ସମୟରେ ବିଭିନ୍ନ ଆଇନ ପ୍ରଣୟନ କରି ଉଚ୍ଚପ୍ରଶଂସିତ ହୋଇଥିଲେ ।ପ୍ରାରମ୍ଭିକ କାର୍ଯ୍ୟକ୍ରମରେ ସ୍ମୃତି କମିଟି ପକ୍ଷରୁ ବାଳକାଟି ଗୋଷ୍ଠୀସୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ଏବଂ ଚେତନା ମାନସିକ ବିକଳାଙ୍ଗ ଶିକ୍ଷାନୁଷ୍ଠାନରେ ଦିବ୍ୟାଙ୍ଗ ମାନଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା। ଏହାପରେ ବାଳକାଟି ନୂତନ ମାର୍କେଟ କମ୍ପ୍ଲେକ୍ସ ପରିସରରେ ଥିବା ସତ୍ୟପ୍ରିୟ ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ନିମନ୍ତ୍ରିତ ଅତିଥି ମାନେ ମାଲ୍ୟାର୍ପଣ କରିଥିଲେ। ସେଠାରୁ ଏକ ପଦଯାତ୍ରାରେ ବାହାରି ବାଳକାଟି ବଜାର ଦେଇ କାର୍ଯ୍ୟକ୍ରମ ସ୍ଥଳୀରେ ପହଞ୍ଚିଥିଲେ ଝ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ କପିଳ ମହରଣା, ମନୋଜ କୁମାର ନାୟକ, ବିଜୟ ବେହେରା, ନାରାୟଣ ସାହୁ, ବସନ୍ତ ନାୟକ, ବିଜୟ ମହାରଣା, ରବୀନ୍ଦ୍ର ବାରିକ, ରବି ନାରାୟଣ ପାତ୍ର ପ୍ରମୁଖ ଯୋଗଦେଇଥିଲେ । ଶେଷରେ ସୱର୍ଗତଃ ମହାନ୍ତିଙ୍କ ନାତୀ ତଥା ବିଶିଷ୍ଟ ସମାଜସେବୀ ସୁବ୍ରତ କୁମାର ମହାନ୍ତି (ଦିପୁ) କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୧୫ ଜଣ ପ୍ରତିଭାଙ୍କୁ ସତ୍ୟପ୍ରିୟ ସମ୍ମାନରେ ସମ୍ମାନିତ କରାଯାଇଥିଲା ।

# ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର
# ୫୧ ୟୁନିଟ ସଂଗୃହୀତ

ଫୁଲନଖରା, (ସବ୍ୟୁ): :ଓଡ଼ିଶାର ଅଗ୍ରଣୀ ସଂଗଠନ ପ୍ରାଚୀ ପ୍ରଜ୍ଞା ପରିଷଦ ଆନୁକୁଲ୍ୟରେ ଏକ ସ୍ୱେଚ୍ଛକୃତ ରକ୍ତ ଦାନ ଶିବିର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଯୁବ ଜାଗ୍ରତ ମଞ୍ଚ ସହଯୋଗରେ ସ୍ଥାନୀୟ ଆମ୍ର ପଲ୍ଲୀ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ଶିବିରକୁ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀଗଗନ ବିହାରୀ ପତି ,ସ୍ଥାନୀୟ କୁରାଙ୍ଗ ଶାସନ ଗ୍ରାମ ପଞ୍ଚାୟତ ସରପଞ୍ଚ ଶ୍ରୀମତୀ ରୋହିଣୀ ଭୋଇ ,ଚଳ ଚିତ୍ର ଅଭିନେତା ସମୀର କୁମାର ତ୍ରିପାଠୀ ପ୍ରମୁଖ ଯୋଗ ଦେଇ ଉଦଘାଟନ କରିଥିଲେ।ରେଡ କ୍ରସ ସେଣ୍ଟ୍ରାଲ ବ୍ଲଡ଼ ବ୍ୟାଙ୍କ ଦ୍ୱାରା ଏହି ଶିବିରରେ ୫୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।ଏହି ଶିବିରଟିକୁ ପ୍ରାଚୀ ପ୍ରଜ୍ଞା ପରିଷଦର ଅଧକ୍ଷ ଅଶ୍ୱିନୀ କୁମାର ମହାପାତ୍ର,ସଭାପତି ହଂଶନାଥ ସାହୁ , ଇଞ୍ଜିନିୟର ସୁଶାନ୍ତ କୁମାର ତ୍ରିପାଠୀ, ଆଡଭୋକେଟ କବି ନାରାୟଣ ଜେନା,ଅନୁପ କୁମାର ସାସମଲ,ପଣ୍ଡିତ ଅଜୟ କୁମାର ପତି,ଉମାକାନ୍ତ କର,ସୁବୋଧ କୁମାର ପ୍ରଧାନ,କୈଳାସ ସାହୁ, ଚନ୍ଦ୍ରମଣି ପ୍ରଧାନ ,ଦିଲ୍ଲୀପ କୁମାର ବେହେରା, ରାଧା ଶ୍ୟାମ ମହାନ୍ତି,ବିନାୟକ ବେହେରା,ଆଇନଜୀବୀ ସେଖ ଅବଦୁଲ ବାରି ପ୍ରମୁଖ ପରିଚାଳନା କରି ଥିଲେ।ଏହି ଶିବିରରେ ପ୍ରାଚୀ ଉପତ୍ୟକାର ବିଭିନ୍ନ ଅଞ୍ଚଳ ରୁ ଛାତ୍ର,ଯୁବ, ମହିଳା ସ୍ୱେଚ୍ଛସେବୀ ମାନେ ଯୋଗ ଦେଇଥିଲେ। ସ୍ୱେଚ୍ଛାକୃତ ଭାବରେ ରକ୍ତ ଦାନ କରିଥିବା ରକ୍ତ ଦାତା ମାନଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧନା କରାଯାଇ ଥିଲା। ସଂପୂର୍ଣ୍ଣ ଶିବିରକୁ ବରିଷ୍ଠ ସଦସ୍ୟ ତଥା ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଓଡ଼ିଶା ସାମାଜିକ ଓ ସାଂସ୍କୃତିକ ପରିଷଦର ମୁଖ୍ୟ ଉପଦେଷ୍ଟା ଇଂଜିନିୟର ସୁଶାନ୍ତ କୁମାର ତ୍ରିପାଠୀ ସଂଯୋଜନା କରିଥିବା ବେଳେ ଅନୁଷ୍ଠାନର ଉପସଭାପତି ଅରୁଣ କୁମାର ସାହୁ ଧନ୍ୟ ବାଦ ଅର୍ପଣ କରିଥିଲେ।ଶେଷରେ ବ୍ଲଡ଼ ବ୍ୟାଙ୍କ ଅଧିକାରୀ ଙ୍କ ଦାରା ଅନୁଷ୍ଠାନ କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା।।

# ବନମାଳିପୁର –ବାଲିପାଟଣାରେ ଭସାଣି ଉତ୍ସବ

ବାଲିପାଟଣା , (ସବ୍ୟ): ଖୋର୍ଦ୍ଧା ଜିଲ୍ଲା ବନମାଳିପୁର – ବାଲିପାଟଣା ଅଞ୍ଚଳାରେ ଭଷାଣି ଉତ୍ସବ ଶାନ୍ତି ଶୃଂଖଳାର ସହ ଶେଷ ହୋଇଛି। କୁଶଭଦ୍ରା ସାଂସ୍କୃତିକ ପରିଷଦ ପକ୍ଷରୁ ଶନିବାର ଅପରାହ୍ନରେ ବିଶାଳ ଲୋକ ସମାଗମ ରେ ମା ଙ୍କ ମୂର୍ତ୍ତି କୁ ଶୋଭାଯାତ୍ରାରେ ନିଆଯାଇ ସନ୍ଧ୍ୟାରେ କୁଶଭଦ୍ରା ନଦୀରେ ବିସର୍ଜନ କରାଯାଇଛି। ଗତ ଅଷ୍ଟମୀ ତିଥି ରେ ୫୦ ବର୍ଷ ପୂରଣ କରିଥିବା ପୂଜା କମିଟି ଏହାର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରିଥିଲା। ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂଜା ପାଇଁ ଅବିରତ ସେବା ଯୋଗାଇ ଆସୁଥିବା ଭକ୍ତ ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।ଏହି ଅବସର ରେ ମା ଦୁର୍ଗା ନାମକ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ସେହିପରି ବାଲିପାଟଣା ବଜାର କମିଟି ଆନୁକୂଲ୍ୟରେ ମା ଙ୍କର ପୂଜା ଯଥାବିଧି ଆୟୋଜିତ ହୋଇଥିଲା।୧ ଓ ୨ ତାରିଖ ରେ ଦୁଇଗୋଟି ନାଟକ ମଞ୍ଚସ୍ଥ କରାଯାଇଥିଲା।

# ଲକ୍ଷ୍ମୀପୂଜା ନିମନ୍ତେ ପାଣି ତୋଳା

କୋଣାର୍କ , (ସବ୍ୟୁ): ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ସ୍ଥିତ ପିକେଡିଏ ମାର୍କେଟ କମ୍ପ୍ଲେକ୍ସ ପରିସରରେ ମହାମାୟୀ ଲକ୍ଷ୍ମୀଙ୍କ ପବିତ୍ର ପୂଜା ଅବସରରେ ମା ଲକ୍ଷ୍ମୀ ପୂଜା କମିଟି, କୋଣାର୍କ ଆନୁକୂଲ୍ୟରେ ପାଣି ତୋଳା କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ କୋଣାର୍କ ଲକ୍ଷ୍ମୀ ପୂଜା କମିଟି ଆନୁକୁଲ୍ୟରେ ମା ଙ୍କ ପ୍ରାଣ ପ୍ରତିଷ୍ଠା, ଚକ୍ଷୁ ଦାନ, ଉପାସନା, ସୂର୍ଯ୍ୟ ଉପାସନା ଆଦି କାର୍ଯ୍ୟ ସୋମବାର ସକାଳେ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ କୋଣାର୍କ ମା ଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ସଭାପତି ସୁରେନ୍ଦ୍ର ସାହୁଙ୍କ ନେତୃତ୍ୱରେ ଶତାଧିକ ଶ୍ରଦ୍ଧାଳୁ ଓ କର୍ମକର୍ତ୍ତା ମାନେ ଘଣ୍ଟ ମର୍ଦ୍ଦଳର ତାଳେ ତାଳେ ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ସ୍ଥିତ ତୀର୍ଥ ପୁଷ୍କରିଣୀ ଠାରେ ସମାହିତ ହୋଇ ସେଠାରେ ପୂଜାର୍ଚ୍ଚନା କରିଥିଲେ।

ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରୁ ପବିତ୍ର ଜଳ ଆଣି ଶୋଭାଯାତ୍ରା ବାହାରି ମା ଲକ୍ଷ୍ମୀଙ୍କର ପୂଜା ମଣ୍ଡପରେ ପହଞ୍ଚି ଥିଲେ। କାଲି ସକାଳେ ମା ଲକ୍ଷ୍ମୀଙ୍କର ପୂଜାର୍ଚ୍ଚନା ଓ ପ୍ରାଣ ପ୍ରତିଷ୍ଠା ଧାର୍ମିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହେବ। ଏହି ପାଣି ତୋଳା କାର୍ଯ୍ୟକ୍ରମରେ କୋଣାର୍କ ଲକ୍ଷ୍ମୀ ପୂଜା କମିଟିର ଉପସଭାପତି ଗଣେଶ ପ୍ରସାଦ ଜେନା, ସଂପାଦକ ମନୋଜ ସେଠ, ସହସଂପାଦକ ରୁଦ୍ର ପ୍ରସାଦ ବେଉରା, କୋଷାଧ୍ୟକ୍ଷ ସ୍ୱାଧୀନ ନାୟକ, କର୍ତା ସୁଶାନ୍ତ ଚିନେରା, କାର୍ତୀ ମିନତୀ ସାହୁ, ପୂଜକ ବଳରାମ ଶତପଥି ଭାଇନା, ଦିପୁ ଭାଇନା, ଚନ୍ଦ୍ର ଶେଖର, ଶିବରାମ ରାୟ, ତ୍ରିଲୋଚନ ରଥ ସମେତ କମିଟିର ସମସ୍ତ କର୍ମକର୍ତ୍ତାମାନେ ଯୋଗଦାନ କରି ଏହାକୁ ସଂପାଦନ କରିଥିଲେ।

# ୬୦ ବର୍ଷ ପରେ ଏକାଠି ହେଲେ ସହପାଠୀ



ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା କମାଗୁରୁ ସ୍ଥିତ ମା ମହୁଲଶୁଣୀ ପରିସରରେ ସ୍ଥାନୀୟ ୧୯୬୪ ମସିହା ସହପାଠୀ ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଦୀର୍ଘ ୬୦ ବର୍ଷପରେ ନିଜ ନିଜ ସହପାଠୀ ମାନଙ୍କୁ ପାଖରେ ପାଇ ନିଜ ନିଜର ଦୁଃଖ ସୁଖ ବାଣ୍ଟି ଅତୀତର ସ୍ମୃତିକୁ ମନେ ପକାଇଥିଲେ । ସ୍ଥାନୀୟ ସରପଞ୍ଚ ସୁନୀତା ଚମ୍ପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଜୟ କୁମାର ସାମନ୍ତସିଂହାର, ଭାସ୍କର ପ୍ରଧାନ, ଜ୍ୟୋତ୍ସ୍ନା ରାଣୀ ମହାନ୍ତି, କବିତା ରାଣୀ ମହାନ୍ତି, ବାବନ ମାଝୀ, ଦୁର୍ଯ୍ୟଧନ ମାଝି, କେଦାର ମହାରଣା, ପ୍ରାଣନାଥ ଚମ୍ପତି, ବୈକୁଣ୍ଠ ମହାରଣା ଓ ବ୍ରଜବନ୍ଧୁ ମାର୍ଥୀ ପ୍ରମୁଖ ସହଯୋଗ କରିଥିଲେ ।

# ନିଟ୍ ପ୍ରବେଶିକା ପରୀକ୍ଷାରେ ବିପିନଙ୍କ ସଫଳତା



ଖଣ୍ଡପଡା ,(ସବ୍ୟ): ଡାକ୍ତରୀ ପାଠ୍ୟକ୍ରମରେ ନାମ ଲେଖାଇବା ନିମନ୍ତେ ସର୍ବଭାରତୀୟ ସ୍ତରରେ ଆୟୋଜିତ ନିଟ ୨୦୨୫ ପ୍ରବେଶିକା ପରୀକ୍ଷାରେ ସଫଳତା ହାସଲ କରିଛନ୍ତି ଖଣ୍ଡପଡା ନିକଟସ୍ଥ ବାଇଗୁଣିଆଁ ଗ୍ରାମର ଛାତ୍ର ବିପିନ କୁମାର ଦାଶ। ଜଣେ ମେଧାବୀ ଛାତ୍ର ଭାବେ ଜଣାଶୁଣା ବିପିନ ନିଟ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇ ସୁନ୍ଦରଗଡସ୍ଥିତ ସରକାରୀ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନରେ ପାଠ ପଢିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ଜଣାଯାଇଛି। ଏହି ଖବର ପ୍ରଚାରିତ ହେବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ନୟାଗଡ ଅଞ୍ଚଳର ସମାଜସେବୀ ଛାତ୍ର ବିପିନଙ୍କୁ ବାହାଡା ଗ୍ରାମସ୍ଥିତ ବାସଭବନରେ ଭେଟି ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିବା ଜଣାଯାଇଛି।ଦୃଢ ଆତ୍ମ ବିଶ୍ୱାସ, ଶିକ୍ଷକଙ୍କ ପ୍ରେରଣା ଓ ପରିବାରବର୍ଗଙ୍କ ଆର୍ଶୀବାଦ ଯୋଗୁଁ ସଫଳତାର ଶୀର୍ଷରେ ସେ ପହଞ୍ଚି ପାରିଛନ୍ତି ବୋଲି ଏକ ସାକ୍ଷାତକାରରେ ବିପିନ ପ୍ରକାଶ କରିଛନ୍ତି।ସେହିପରି ବିପିନଙ୍କ ଭଉଣୀ ବର୍ଷା ପ୍ରିୟଦର୍ଶିନୀ ଚଳିତ ବର୍ଷ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଭୁବନେଶ୍ୱରସ୍ଥିତ ଓୟୁଏଟି ବିଶ୍ୱ ବିଦ୍ୟାଳୟର ପ୍ରାଣୀ ଚିକିତ୍ସା ବିଭାଗ ଅନୁଷ୍ଠାନର ଛାତ୍ରୀ ଭାବେ ନାମ ଲେଖାଇବାର ସୁଯୋଗ ପାଇ ପାରିଛନ୍ତି।ଭାଇ ଭଉଣୀଙ୍କ ସଫଳତାକୁ ନେଇ ପରିବାରବର୍ଗ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

# ଶାନ୍ତି ଶୃଙ୍ଖଳା ସହିତ ମା'ଙ୍କୁ ମେଲାଣି

ଆଠଗଡ , (ସବ୍ୟୁ): ଉପଖଣ୍ଡ ପ୍ରଶାସନ ଓ ବଜାର କମିଟି ମାନଙ୍କର ନିଷ୍ପତି କ୍ରମେ ରବିବାର ଦିନ ମା ଙ୍କର ମେଲାଣି ବେଶ ଶାନ୍ତି ଶୃଙ୍କଳାସହ ସହିତ ଅନୁଷ୍ଠିତ ହୋଇଯାଇଛି । ଆଠଗଡର ଦୁର୍ଗା ବଜାର, ଚାନ୍ଦବାଲିଛକ ବଜାର, ଜଗନ୍ନାଥ ବଜାର, ଲକ୍ଷ୍ମୀ ବଜାର, ରଘୁନାଥ ବଜାର ପୂଜା କମିଟି ପକ୍ଷରୁ ସମସ୍ତ ମୃଣ୍ମୟୀ ମୁର୍ତ୍ତୀଙ୍କୁ ପ୍ରଥମେ ମେଲଣ ମଣ୍ଡପ ଠାରେ ଏକତ୍ରୀତ ହୋଇଥିଲେ । ଏହା ପରେ ବିଭିନ୍ନ ପୂଜା କମିଟି ପକ୍ଷରୁ ରଙ୍ଗୀନ ଆଲୋକମାଳା ଓ ବାଦ୍ୟ ଯନ୍ତ୍ର ସାହାଯ୍ୟରେ ମୃଣ୍ମୟ ମୂର୍ତ୍ତିଙ୍କୁ ନଗର ପରିକ୍ରମା କରାଯାଇଥିଲା । ବିଭିନ୍ନ ବଜାର କମିଟିର ସଭାପତି ସମ୍ପାଦକ ତଥା କର୍ମକର୍ତାଙ୍କୁ ବିଭିନ୍ନ ସ୍ଥାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ନିର୍ଦ୍ଧାରିତ ସମୟରେ ସମସ୍ତ ମୁର୍ତି ଗୁଡିକ ସାପୁଆ ନଦୀ ନିକଟସ୍ଥ କୃତ୍ରିମ ପୁଷ୍କରିଣିରେ ବିସର୍ଜନ କରାଯାଇଥିଲା । ପାଗ ଅନୁକୁଳ ଯୋଗୁ ଭଷାଣି ଉତ୍ସବ ଦେଖିବା ପାଇଁ ପ୍ରବଳ ଜନସମାଗମ ହୋଇଥିଲା । ଆଇନ ଶୃଙ୍ଖଳା କୁ ଦୃଷ୍ଟିରେ ରଖି ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିବା ଆଠଗଡ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ବିଶ୍ୱଜିତ୍ ମହାନ୍ତି ପ୍ରକାଶ କରିଛନ୍ତି।

(ଶ୍ରୀମଦ୍‌ଭଗବଦ୍ ଗୀତା ୧୮/୫୪)

–ମୋକ୍ଷଯୋଗଃ–

(ଶ୍ରୀଭଗବାନୁବାଚ )

**ଭକ୍ତ୍ୟାମାମଭିଜାନାତି ଯାବାନ୍ ଯଶ୍ଚାସ୍ମି ତତ୍ତ୍ୱତଃ ।**
**ତତୋ ମାଂ ତତ୍ତ୍ୱତୋ ଜ୍ଞାତ୍ୱା ବିଶତେ ତଦନନ୍ତରମ୍ ।। ୫୫ ।।**

(ଅହଂ) ଯାବାନ୍ (ସର୍ବବ୍ୟାପୀ) ଯଶ୍ଚ (ସଚ୍ଚିଦାନନ୍ଦରୂପଃ) ଅସ୍ମି (ଇତି) ମାଂ ଭକ୍ତ୍ୟା ତତ୍ତ୍ୱତଃ (ସ୍ୱରୂପତଃ) ଅଭିଜାନାତି (ସମ୍ୟକ୍ ବେତ୍ତି), ତତଃ ମାଂ ତତ୍ତ୍ୱତଃ ଜ୍ଞାତ୍ୱା ତଦନନ୍ତରଂ (ତସ୍ୟ ଜ୍ଞନସ୍ୟ ଉପଗମେ ସତି) ମାଂ ବିଶତେ (ସ୍ୱୟଂ ଅପି ପରମାନନ୍ଦୋ ଭବତି) ।। ୫୫।।

# ଶହେ ବର୍ଷ ପରେ...

ଶହେ ବର୍ଷ ତଳେ ବିଜୟା ଦଶମୀରେ ଯେଉଁ ଅନୁଷ୍ଠାନଟି ଭାରତରେ ଭୂମିଷ୍ଠ ହୋଇଥିଲା, ତାହାର ଶତ ବର୍ଷ ପରେ ଶତବାର୍ଷିକ ଉତ୍ସବ ଆନନ୍ଦ ମନରେ ପାଳନ କରାଯିବା ଆମ ଇତିହାସରେ ବଡ଼ କଥା । ସେହି ଅନୁଷ୍ଠାନଟି ହେଉଛି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ବା ଆର୍‌ଏସ୍‌ଏସ୍ । ସ୍ୱାଧୀନତା ପରେ ଗାନ୍ଧିଜୀଙ୍କୁ ହତ୍ୟା କରାଯିବାରୁ ଏହି ସଂଗଠନର ନାମକୁ ଅବଶ୍ୟ ବଦନାମ କରାଯାଇଥିଲା ଏବଂ ସଂଘ ବିବାଦୀୟ ହୋଇ ଯାଇଥିଲା । ମାତ୍ର ସ୍ୱୟଂ ବା ନିଜକୁ ଯୋଗ୍ୟ ଓ ମର୍ଯ୍ୟାଦିତ କରି ଦେଶର ସେବା କରିବା ସହିତ ହିନ୍ଦୁ ପ୍ରଧାନ ରାଷ୍ଟ୍ର ଭାରତବର୍ଷରେ ହିନ୍ଦୁମାନଙ୍କୁ ଏକତ୍ର କରିବା ଲାଗି ଏହି ସଂଘର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ଥିଲା ।

୧୯୪୮ ଜାନୁଆରୀ ୩୦ ତାରିଖରେ ରାଷ୍ଟ୍ରପିତା ଗାନ୍ଧିଜୀଙ୍କୁ ଭୁଲ ବୁଝି ଗୁଳି କରିଥିଲା ଜଣେ ଉଦ୍‌ଭ୍ରାନ୍ତ ଯୁବକ ନାଥୁରାମ ଗଡ଼ସେ । ସେ ଏହି ସଂଘର ଜଣେ ସଦସ୍ୟ ବା ସମର୍ଥକ ବୋଲି କୁହାଯାଉଥିଲା । ମାତ୍ର ସେ ସବୁ ଅଭିଯୋଗର କୌଣସି ଭିତ୍ତି ଥିବା ପରି ମନେ ହୁଏ ନାହିଁ । ଗାନ୍ଧିଜୀ ଯଦିଓ ତାଙ୍କ ହତ୍ୟାକାରୀ ଗଡ୍‌ସେଙ୍କୁ କ୍ଷମା ଦେବାକୁ ଚାହିଁଥିଲେ, ଭାରତ ସରକାର କିନ୍ତୁ ଏହି ଅପରାଧ ପାଇଁ ତାଙ୍କୁ ଫାଶୀ ଦେଇଥିଲେ । ଗାନ୍ଧିଜୀ ତ ହିନ୍ଦୁ ବିରୋଧୀ ନଥିଲେ । ସେଥିପାଇଁ ସମ୍ଭବତଃ ତାଙ୍କ ମୁହଁରୁ ମୃତ୍ୟୁ ପୂର୍ବରୁ 'ହେ ରାମ' ବୋଲି ବାହାରି ପଡ଼ିଥିଲା । ଅହିଂସା ଉପାୟରେ ଗାନ୍ଧିଜୀ ତତ୍କାଳୀନ କଂଗ୍ରେସ ଜରିଆରେ ଭାରତର ସ୍ୱାଧୀନତା ଲାଗି ଯେଉଁ ଆନ୍ଦୋଳନ କରିଥିଲେ, ତାହାର ପଟାନ୍ତର ନାହିଁ । ସ୍ୱାଧୀନତା ପ୍ରାପ୍ତି ପରେ ଗାନ୍ଧିଜୀ ନିଜେ ଭାରତର ପ୍ରଧାନମନ୍ତ୍ରୀ ବା ରାଷ୍ଟ୍ରପତି ହେବାକୁ ଚାହିଁ ନଥିଲେ । ବରଂ ଜବାହରଲାଲ ନେହେରୁ ଓ ମହମଦ ଅଲ୍ଲୀ ଜିନ୍ନା ଦୁଇ ଭାଗରେ ବିଭକ୍ତ ଭାରତ ଓ ପାକିସ୍ତାନର ଶାସନ କ୍ଷମତାରେ ରହିବା ଲାଗି ଆଗ୍ରହ ପ୍ରକାଶ କରିଥିଲେ । ସେତେବେଳେ ଗାନ୍ଧିଜୀଙ୍କ ନେତୃତ୍ୱରେ ସ୍ୱାଧୀନତା ଆନ୍ଦୋଳନ କରୁଥିବା କଂଗ୍ରେସ ସଂଗଠନ ମଧ୍ୟରେ କମ୍ୟୁନିଷ୍ଟ ଓ ସୋସିଆଲିଷ୍ଟ ଦଳ ମଧ୍ୟ ଖୁବ୍ ସକ୍ରିୟ ହୋଇ ପଡ଼ିଥିଲେ । ଅଥଚ ସ୍ୱାଧୀନତା ହାସଲ ପରେ, ଗାନ୍ଧିଜୀ ଚାହିଁଥିଲେ, କଂଗ୍ରେସକୁ ଏକ ରାଜନୀତିକ ଦଳ ଭାବରେ ବ୍ୟବହାର କରା ନ ଯାଇ, ତାହାକୁ ଏକ ସେବାଦଳ ଭାବେ ବ୍ୟବହାର କରାଯାଉ । ମାତ୍ର ଗାନ୍ଧିଜୀଙ୍କ କଥାକୁ ତତ୍କାଳୀନ କଂଗ୍ରେସ ନେତାମାନେ କର୍ଣ୍ଣପାତ କଲେ ନାହିଁ ଏବଂ ଭୋଟ ପାଇବାକୁ କଂଗ୍ରେସକୁ ଏକ ରାଜନୀତିକ ଦଳ ଭାବରେ ବ୍ୟବହାର କଲେ । ଅବଶ୍ୟ କଂଗ୍ରେସ ଦଳ ମଧ୍ୟରେ ଏକ ସେବା କାର୍ଯ୍ୟ କରିବା ପାଇଁ 'କଂଗ୍ରେସ ସେବା ଦଳ' ଗଠିତ ହୋଇଥିଲା । କଂଗ୍ରେସ ସେବା ଦଳର ସ୍ୱେଚ୍ଛାସେବୀମାନେ ଗାନ୍ଧି ଟୋପି ଓ ଧଳା ରଙ୍ଗର ପୋଷାକ ପିନ୍ଧି ବେଶ କିଛି ଦିନ ସେବା କାର୍ଯ୍ୟ କରୁଥିଲେ । ଏବେ ସେ ସେବା ଦଳ ସକ୍ରିୟ ଥିବା ପରି ମନେ ହୁଏ ନାହିଁ । ଅପରପକ୍ଷରେ ଶହେ ବର୍ଷ ତଳେ ଯେଉଁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଗଠିତ ହୋଇଥିଲା, ତାହା ଖାକୀ ରଙ୍ଗର ହାଫ୍ ପ୍ୟାଣ୍ଟ ଓ ଧଳା ରଙ୍ଗର କୁର୍ତ୍ତା ସହିତ କଳା ରଙ୍ଗର ଟୋପି ଓ ଜୋତା ପିନ୍ଧି ଆତ୍ମରକ୍ଷା ପାଇଁ ବା ପର ସେବା ପାଇଁ ଯେଉଁ ଲାଠି ହାତରେ ଧରି ଦେଶର ସୈନିକଙ୍କ ପରି ଶୃଙ୍ଖଳିତ ଭାବେ ସେବା କାର୍ଯ୍ୟ କରିଗଲା, ତାହା ବିଭିନ୍ନ ସମୟରେ ପ୍ରଶଂସିତ ହୋଇଛି । ଏବେ ହାଫ୍ ପ୍ୟାଣ୍ଟ ପରିବର୍ତ୍ତେ ଖାକି ରଙ୍ଗର ଫୁଲ୍ ପ୍ୟାଣ୍ଟ ବା ଟ୍ରାଉଜର ପିନ୍ଧୁଛନ୍ତି ସେମାନେ । ଏକଦା ଗୁଣପୁରରେ ବନ୍ୟା ପରିସ୍ଥିତି ଦେଖିବାକୁ ଯାଇଥିବା ତତ୍କାଳୀନ କଂଗ୍ରେସର ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଉପରେ ରୋଷାନ୍ୱିତ ହୋଇ କିଛି ବ୍ୟକ୍ତି ଗଣ୍ଡଗୋଳ ଆରମ୍ଭ କରିଥିଲେ । ମାତ୍ର ଆର୍‌ଏସ୍‌ଏସ୍ ହିଁ ସେଠାରେ ତାଙ୍କୁ ନିରାପତ୍ତା ଦେଇ କୁଆଡେ ଉଦ୍ଧାର କରିପାରିଥିଲା ବୋଲି ଶୁଣିବାକୁ ମିଳିଥିଲା ।

ଗତ ଅକ୍ଟୋବର ୧ ତାରିଖରେ (୨୦୨୫) ନୂଆଦିଲ୍ଲୀର ଡକ୍ଟର ଆମ୍ବେଦକର ଅର୍ନ୍ତଜାତୀୟ କେନ୍ଦ୍ରରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର (ଆର୍.ଏସ୍.ଏସ୍) ଶତବାର୍ଷିକ ସମାରୋହରେ ମୁଖ୍ୟ ଅତିଥି ଭାବେ ଉଦ୍‌ବୋଧନ ଦେଇ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି କହିଥିଲେ, 'ଆଜି ମହାନବମୀ ଏବଂ ଦେବୀ ସିଦ୍ଧିଦାତ୍ରୀଙ୍କ ଦିବସ । ଆସନ୍ତା କାଲି ବିଜୟା ଦଶମୀର ମହାନ ପର୍ବ, ଯାହା ଭାରତୀୟ ସଂସ୍କୃତିର ଚିରନ୍ତନ ଘୋଷଣାର ପ୍ରତୀକ । ଅନ୍ୟାୟ ଉପରେ ନ୍ୟାୟ, ମିଥ୍ୟା ଉପରେ ସତ୍ୟ ଏବଂ ଅନ୍ଧାର ଉପରେ ଆଲୋକର ବିଜୟ । ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ୧୦୦ ବର୍ଷ ପୂର୍ବେ ଏପରି ଏକ ପବିତ୍ର ଅବସରରେ ପ୍ରତିଷ୍ଠିତ ହୋଇଥିଲା । ଏହା ଏକ ସଂଯୋଗ ନୁହେଁ । ଏହା ହଜାର ହଜାର ବର୍ଷ ପୁରୁଣା ଏକ ପ୍ରାଚୀନ ପରମ୍ପରାର ପୁନରୁଦ୍ଧାର, ଯେଉଁଥିରେ ଜାତୀୟ ଚେତନା ପ୍ରତ୍ୟେକ ଯୁଗର ଆହ୍ୱାନର ମୁକାବିଲା ପାଇଁ ନୂତନ ରୂପରେ ନିଜକୁ ପ୍ରକାଶ କରେ । ଏହି ଯୁଗରେ ସଂଘ ସେହି ଅନନ୍ତ ଜାତୀୟ ଚେତନାର ଏକ ସଦ୍‌ଗୁଣ–ପ୍ରତିମୂର୍ତ୍ତି । ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶତବାର୍ଷିକ ବର୍ଷ ଦେଖିବା ବର୍ତ୍ତମାନର ସ୍ୱେଚ୍ଛାସେବକ ପିଢ଼ି ପାଇଁ ଏକ ସୌଭାଗ୍ୟର ବିଷୟ । ଦେଶ ସେବା ପାଇଁ ଉତ୍ସର୍ଗୀକୃତ ଅଗଣିତ ସ୍ୱେଚ୍ଛାସେବକମାନଙ୍କୁ ମଧ୍ୟ ଶୁଭେଚ୍ଛା ।'

ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସଂଘର ଶତବାର୍ଷିକ ଅବସରରେ ମଧ୍ୟ ଉଲ୍ଲେଖ କରିଛନ୍ତି–'ହାତଗଣତି ବାଳକ,ତରୁଣଙ୍କୁ ନେଇ ଖେଳ ପଡ଼ିଆରୁ ଡଃ କେଶବ ବଳିରାମ ହେଡ୍‌ଗେୱାର ଆରମ୍ଭ କରିଥିବା ସଂଘ ଆଜି ସାରା ବିଶ୍ୱର ସବୁଠାରୁ ବଡ଼ ସଂଗଠନ ।' ( ତେରା ବୈଭବ ଅମର ରହେ ମା'...)

ସଂଘର ପ୍ରଥମ ମୁଖ୍ୟ, ସରସଂଘଚାଳକ କେ.ବି. ହେଡ୍‌ଗେୱାରଙ୍କ ପରେ ଦ୍ୱିତୀୟ ମୁଖ୍ୟ, ମାଧବ ସଦାଶିବ ଗୋଲୱାଲକରଙ୍କୁ ଜଣେ ପଚାରିଲେ, ସଂଘ କ୍ଷମତା ଦଖଲ କରିବ କି ? ତାହାର ଉତ୍ତରରେ ସେ କହିଥିଲେ– ଭଗବାନ ଶ୍ରୀକୃଷ୍ଣ ଆମର ଆଦର୍ଶ । ତାଙ୍କର ଆଙ୍ଗୁଠି ଉପରେ ସମଗ୍ର ବିଶ୍ୱ ରହିଯାଏ, ମାତ୍ର ସେ କ୍ଷମତା ହାସଲ କରି ସମ୍ରାଟ ହେବାକୁ ଚାହିଁ ନଥିଲେ । ଅବଶ୍ୟ ଜନସଂଘ ଓ ବିଜେପି ହେଉଛି ସଂଘର ରାଜନୀତିକ ସାମ୍ମୁଖ୍ୟ । (ଫ୍ରଣ୍ଟଲାଇନ, ପୃଷ୍ଠା ୮୯, ନଭେମ୍ବର ୨, ୨୦୦୬ ସଂଖ୍ୟା)

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

# ଊନବିଂଶ ଶତାବ୍ଦୀର ନାରୀମୁକ୍ତି ଆନ୍ଦୋଳନ



ଡଃ ମନୋରମା ବିଶ୍ୱାଳ ମହାପାତ୍ର

ହଜାର ହଜାର ବର୍ଷ ଧରି ଗଢ଼ି ଉଠିଥିବା ପୁରୁଷପ୍ରଧାନ ସମାଜରେ ଯେଉଁ ସାହିତ୍ୟ ସୃଷ୍ଟି ହୋଇଛି ସେଥିରେ ନାରୀର ଅଂଶଗ୍ରହଣ ଆଶାତୀତ ଭାବେ କମ୍ । ସାମାଜିକ ପରିବର୍ତ୍ତନ ପ୍ରକ୍ରିୟା ତଥା ସାଂସ୍କୃତିକ ବିପ୍ଳବ କ୍ଷେତ୍ରରେ ନାରୀର ଭୂମିକା ଅତ୍ୟନ୍ତ ଅପାଂକ୍ତେୟ । ତଥାପି ଭାରତୀୟ ସାହିତ୍ୟରେ ନାରୀ ଲେଖନୀ ଆଦୌ ଦୁର୍ମିଳ ନୁହେଁ ।

ନାରୀ ସ୍ୱାଧୀନତା କୁଣ୍ଠିତ ଗୋଟିଏ ସମାଜ ବ୍ୟବସ୍ଥା ଭିତରେ । ତଥାପି ନାରୀ ଆପଣାର ମନୋଭାବକୁ ବ୍ୟକ୍ତ କରିବାର ଯେଉଁ ଭୂମିକା ନିର୍ବାହ କରିଛି, ତାର ଏକ ଅନୁଶୀଳନାତ୍ମକ ଅଧ୍ୟୟନ ଅତ୍ୟନ୍ତ ଜରୁରୀ । ସେ ପ୍ରକାର ଅନୁଶୀଳନର ସମାଜତତ୍ତ୍ୱ ମଧ୍ୟ ଅତି ପ୍ରାସଙ୍ଗିକ । କବିତା ଖାଲି କବିର ବିଳାସ ନୁହେଁ ବୃହତ୍ତର ସାମାଜିକ ଜୀବନର କିଛି ସ୍ପର୍ଶ ସେଥିରେ ଅବଶ୍ୟ ଥାଏ । ଜଣକ କବିତାରୁ ତେଣୁ ଗୋଟିଏ ସମୟର ସାମାଜିକ ତଥା ସାଂସ୍କୃତିକ ପ୍ରବାହ ତଥା ତାର ଗୁଣ ଲକ୍ଷଣକୁ ଚିହ୍ନଟ କରାଯାଇପାରେ । କାରଣ ସାହିତ୍ୟ ଖାଲି ବ୍ୟକ୍ତିର ଅନର୍ଗଳ ଉଚ୍ଚାରଣ ନୁହେଁ ତାହା ପ୍ରବହମାନ ସମୟରେ ଏକ ଉତ୍ପାଦ୍ୟ (Production of time)

ଟି.ଏସ୍. ଏଲିଅଟଙ୍କ ମତରେ ଯେ କୌଣସି କବି ବା ଶିଳ୍ପୀଙ୍କୁ ସଂପୂର୍ଣ୍ଣ ବୁଝିବାକୁ ହେଲେ ତାଙ୍କୁ ଅନ୍ୟମାନଙ୍କଠାରୁ ବିଚ୍ଛିନ୍ନ କରିଦେଲେ ହେବ ନାହିଁ । ସେପରି ବିଚାର ଏକଦୋଷଦର୍ଶୀ । ସେଥିପାଇଁ ପୂର୍ବବର୍ତ୍ତୀ କବିମାନଙ୍କ ସହିତ ସମ୍ପର୍କ ବିଶ୍ଳେଷଣ କରି ବୁଝିବାକୁ ହେବ ଓ କେବଳ ସମ୍ୟକ ତୁଳନା ଓ ବୈଷମ୍ୟ ଭିତରୁ ନିରପେକ୍ଷ ବିଚାର ଓ ସମର୍ଥନ ପ୍ରକାଶ ପାଇବ । ଏହା କେବଳ ଐତିହାସିକ ଆଲୋଚନା ନୁହେଁ, ନାନ୍ଦନିକ ତତ୍ତ୍ୱର ଏହା ଗୋଟିଏ ନିୟମ। କଳାରେ କିଛି ନୂତନତା ସୃଷ୍ଟି ହେବା ସଙ୍ଗେ ସଙ୍ଗେ ସମୟ ଓ ସ୍ଥାନରେ ଆବଦ୍ଧ ନ ରହି କଳା ଦୀର୍ଘ ଐତିହାସିକ ଧାରାକୁ ପ୍ରଭାବିତ କରେ ।

ଓଡ଼ିଶାରେ ସ୍ୱାଧୀନତା ଲାଭ ପୂର୍ବରୁ କେତେଜଣ ନାରୀ କବି ଥିଲେ ଓ ସେମାନଙ୍କ କବିତାର ବିଷୟ ପିଣ୍ଡ ମୁଖ୍ୟତଃ କଣ ଥିଲା ତାହା ନିର୍ଣ୍ଣିତ ହେବା ଆବଶ୍ୟକ । ଏ ସମସ୍ତ ବିଷୟର ସାଦୃଶ୍ୟକୁ ପଡ଼ୋଶୀ ବଙ୍ଗଳା ଓ ଆସାମ ପରି ଆଉ ଦୁଇଟି ରାଜ୍ୟର ସାହିତ୍ୟରେ ଲକ୍ଷ୍ୟ କରାଯାଇପାରେ ।

ଓଡ଼ିଶାର ଇତିହାସ ଯେପରି ଅତିଶୟ ଗୌରବ ପରିପୂର୍ଣ୍ଣ ସେହିପରି ଓଡ଼ିଆ ସାହିତ୍ୟର ଇତିହାସ ମଧ୍ୟ ଅତ୍ୟନ୍ତ ପ୍ରାଚୀନ ଏବଂ ସମୃଦ୍ଧ ।

ବଙ୍ଗଳା, ଓଡ଼ିଆ ଏବଂ ଆସାମ ଯଦିଓ ଗୋଟିଏ ଭାଷା ପରିବାର ସୃଷ୍ଟି, ତଥାପି ପ୍ରଖ୍ୟାତ ଭାଷାତତ୍ତ୍ୱବିଦ୍ ଡ. ସୁନୀତି କୁମାର ଚାଟାର୍ଜୀ ବଙ୍ଗଳା ଭାଷାର ଉତ୍ପତ୍ତି ଓ କ୍ରମବିକାଶ ପୁସ୍ତକରେ ଲେଖିଥିଲେ ବଙ୍ଗଳା, ଆସାମୀ ଏବଂ ଓଡ଼ିଆ ଭାଷା ମଧ୍ୟରେ ଓଡ଼ିଆ ଭାଷା ଜ୍ୟେଷ୍ଠା ଭଗିନୀର ଗୌରବ କେବଳ ଦାବୀ କରେ ନାହିଁ ତାହାର ମୌଳିକ ସୌନ୍ଦର୍ଯ୍ୟ ଏବଂ ବଳିଷ୍ଠ ବ୍ୟକ୍ତିତ୍ୱ ମଧ୍ୟ ଉଲ୍ଲେଖଯୋଗ୍ୟ । ଇଂରେଜମାନେ କଲିକତା (ଏବର କୋଲକାତା) ସହରକୁ ଇଂରେଜ ରାଜତ୍ୱର କେନ୍ଦ୍ରସ୍ଥଳୀ କରିଥିଲେ । ବହୁକାଳ ଧରି ଅତ୍ୟାଚାରିତ ଏବଂ ବିଡ଼ମ୍ବିତ ବଙ୍ଗାଳୀମାନଙ୍କ ଜୀବନରେ ଆସିଲା ଏକ ବୈପ୍ଳବିକ ପରିବର୍ତ୍ତନ । ୧୮୩୮ ଖ୍ରୀଷ୍ଟାବ୍ଦରେ କୋର୍ଟ କଚେରୀରୁ ପାର୍ସି ଭାଷା ଉଠାଇ ଦେଇ ଇଂରେଜମାନେ ଇଂରାଜୀ ଭାଷାର ପ୍ରବର୍ତ୍ତନ କଲେ । ପାଶ୍ଚାତ୍ୟ ଜ୍ଞାନବିଜ୍ଞାନ ଏବଂ ଦର୍ଶନ ସହିତ ବଙ୍ଗାଳୀ ଜୀବନର ପରିଚୟ ଘଟିଲା। ଏହି ସମୟରେ ବ୍ରାହ୍ମ ଧର୍ମ ଆନ୍ଦୋଳନ ଯୋଗୁଁ ଭାରତୀୟ ରକ୍ଷଣଶୀଳ ଧାର୍ମିକ ଚିନ୍ତାଧାରାରେ ପରିବର୍ତ୍ତନ ସମ୍ଭବ ହୋଇଥିଲା । ଇଂରେଜ ଶାସକଗଣ ବିଚାର କରୁଥିଲେ ଭାରତୀୟଙ୍କ ମନରେ ଇଂରେଜୀ ଭାଷା ଓ ସଂସ୍କୃତିର ମୋହ ଜନ୍ମାଇ ଦେଲେ ସେମାନେ ବ୍ରିଟିଶ୍ ସାମ୍ରାଜ୍ୟ ପ୍ରତି ଅତ୍ୟନ୍ତ ଅନୁରକ୍ତ ହୋଇପଡ଼ିବେ ଆଉ ବିଦ୍ରୋହର ଅବକାଶ ରହିବ ନାହିଁ ।

ଓଡ଼ିଶାରେ ଏହି ଆନ୍ଦୋଳନ ଖୁବ୍ ମନ୍ଥର ଥିଲା । ଏହି ଆନ୍ଦୋଳନ ଓ ତାହାର ପ୍ରତିକ୍ରିୟା ଯଥେଷ୍ଟ ଅନୁଭୂତ ହୋଇଥିଲା ଓଡ଼ିଆ ସାହିତ୍ୟ ଓ ସମାଜ ଜୀବନରେ । ଏଥିପାଇଁ ମୁଖ୍ୟତଃ ଦାୟୀ ଥିଲେ ସେ ସମୟର ସାମୟିକ ପତ୍ରପତ୍ରିକା ଓ ଶିକ୍ଷାବ୍ରତୀ ଧର୍ମ ପ୍ରଚାରକ ପାଦ୍ରୀଗଣ ।

ବଙ୍ଗଳାର ନବଜାଗରଣର ବାର୍ତ୍ତା ପ୍ରଥମେ ସମାଜ ସଂସ୍କାର ମାଧ୍ୟମରେ ପ୍ରକାଶ ପାଇଲା । ସେଥିପାଇଁ ଇଂରାଜୀ ଶିକ୍ଷା ମୁଖ୍ୟତଃ ଦାୟୀ । ମିଶନାରୀମାନେ ପ୍ରଥମେ ସେମାନଙ୍କୁ ଏ ବିଷୟରେ ସଚେତନ କରାଇ ଦେଇଥିଲେ। ସେତେବେଳେ ରାମମୋହନ ରାୟ ବା ବିଦ୍ୟାସାଗର ଆତ୍ମପ୍ରକାଶ କରି ନଥିଲେ । ଏ ସମ୍ପର୍କରେ ଅଧ୍ୟାପକ ପ୍ରିୟ ରଞ୍ଜନ ସେନ ଯଥାର୍ଥରେ କହିଛନ୍ତି "The contribution of christian missionaries constitutes a definite and mark in the spread of western influence in Orissa in matters effecting literature and other aspects of social life".

ମିଶନାରୀମାନେ ଏ ଦେଶରେ ମୁଦ୍ରଣ ଶିଳ୍ପର ପ୍ରାଣ ପ୍ରତିଷ୍ଠାତା ଥିଲେ ଏବଂ ସେମାନଙ୍କ ଉଦ୍ୟମରେ ବହୁ ସାମୟିକ ପତ୍ର ପ୍ରଚାରିତ ହୋଇଥିଲା । ଇଂରେଜମାନେ ଏ ଦେଶ ଅଧିକାର କଲା ବେଳକୁ ଏଠାରେ କୌଣସି ନିୟମିତ ଶିକ୍ଷା ବ୍ୟବସ୍ଥା ନଥିଲା । ୧୮୩୩ ମସିହାରେ କମ୍ପାନୀ ସରକାର ଭାରତରେ ମିସନାରୀମାନଙ୍କୁ ଧର୍ମ ପ୍ରଚାର କରିବାକୁ ଅନୁମତି ଦେବାରୁ ଆମେରିକାନ ବାପ୍‌ଟିଷ୍ଟ ମିଶନାରୀ, ରୋମାନ କାଥଲିକ୍ ମିଶନାରୀ ଏବଂ ଜର୍ମାନ୍ ମିଶନାରୀମାନେ ଧର୍ମପ୍ରଚାର ପାଇଁ ଓଡ଼ିଶା ଆସି ବିଦ୍ୟାଳୟମାନ ଖୋଲିଥିଲେ । ୧୮୩୭ ମସିହାରେ ଓଡ଼ିଶାର ତତ୍‌କାଳୀନ କମିଶନର ହେନେରୀ ରିକେଟସ୍ ଏଠାକାର ଶିକ୍ଷା ବ୍ୟବସ୍ଥାର ଉନ୍ନତି ନିମନ୍ତେ ଅଧିକ ଅର୍ଥର ଦାବି ଜଣାଇ ସରକାରଙ୍କୁ ଯେଉଁ ପତ୍ର ଲେଖିଥିଲେ ତାହା ଏଠାରେ ଉଦ୍ଧାର କରାଗଲା ।

ଓଡ଼ିଶା ଅଧିକାର ସମୟରେ ଓଡ଼ିଆମାନେ ଅଧଃପତିତ ଅବସ୍ଥାରେ ଥିଲେ । ଯେତେ ପ୍ରକାର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ବଙ୍ଗାଳୀମାନେ ଏବଂ ନିମ୍ନମାନର କର୍ମମାନ ଓଡ଼ିଆମାନେ ପାଉଥିଲେ । କିନ୍ତୁ ଉଇଲ କନ୍‌ସନ, ପରୀକ୍ଷା ସ୍ୱରୂପ ଓଡ଼ିଆମାନଙ୍କୁ ଉଚ୍ଚ କର୍ମରେ ନିଯୁକ୍ତ କରି ଏ ଦେଶରେ ଧନ୍ୟବାଦର ପାତ୍ର ହୋଇଛନ୍ତି । ବର୍ତ୍ତମାନ ଆମେ ବହୁତ ଭଲ ଓଡ଼ିଆ ଅଫିସର ପାଇଲୁଣି । ଯଦି ବହୁ ସଂଖ୍ୟାରେ ସ୍କୁଲ ପ୍ରତିଷ୍ଠା କରାଯିବ ଓ ଛାତ୍ରଛାତ୍ରୀମାନେ ସେଥିରେ ଯୋଗ ଦେବେ ତାହାହେଲେ ସେମାନଙ୍କର ଅଧଃପତନର କାରଣ ଶାସନର ଅପଶାସନ –ତାହା ଓଡ଼ିଆମାନେ ସହଜରେ ଦେଖାଇ ଦେଇପାରିବେ । ଏହା ମଧ୍ୟରେ ଲର୍ଡ଼ ହାର୍ଡ଼ିଂଜ ମାତୃଭାଷା ମାଧ୍ୟମରେ ଶିକ୍ଷାର ପ୍ରସାର ପାଇଁ ବଙ୍ଗ ଦେଶ ନିମନ୍ତେ ୧୮୪୪ ମସିହାରେ ୧୦୧ଟି ଭର୍ଣ୍ଣାକୁଲାର ସ୍କୁଲ ମଞ୍ଜୁର କରିଥିଲେ ସେଥିରୁ ଓଡ଼ିଶା ଭାଗରେ ଆଠଟି ପଡ଼ିଥିଲା । ଓଡ଼ିଶାର କମିଶନରମାନେ ବାରମ୍ବାର ପତ୍ର ଲେଖି କୌଣସି ସୁଫଳ ପାଇପାରୁ ନଥିଲେ । ଏଇଭଳି ଏକ ପତ୍ରରେ କମିଶନର କକ୍‌ବର୍ଣ୍ଣ ଲେଖିଥିଲେ (୧୮୫୬, ଜୁଲାଇ) – ସରକାରଙ୍କ ପ୍ରତ୍ୟକ୍ଷ ସାହାଯ୍ୟ କିମ୍ବା ତାଙ୍କର ପ୍ରଭାବ ଓ ସହାନୁଭୂତି ସାହାଯ୍ୟରେ ବଙ୍ଗଦେଶର ଜିଲ୍ଲାମାନଙ୍କରେ ବ୍ୟାପକ ଭାବରେ ଶିକ୍ଷାପ୍ରସାର ଲାଭ କରୁଥିବାସ୍ଥଳେ ଶିକ୍ଷା କ୍ଷେତ୍ରରେ ଓଡ଼ିଶା ଯେ ଉପେକ୍ଷିତ ଓ ଅବହେଳିତ ହେଉଛି ଏ ବିଷୟରେ ମୁଁ ବଙ୍ଗଳାର ଛୋଟଲାଟ୍‌ଙ୍କର ଦୃଷ୍ଟି ଆକର୍ଷଣ କରୁଛି । ଏହି ଅବସ୍ଥାରେ ୧୮୬୩–୬୪ ମସିହାରେ କଟକ ଠାରେ ଗୋଟିଏ କଲେଜ ଖୋଲିବା ପାଇଁ ପ୍ରସ୍ତାବ ପଠାଗଲା । ସେତେବେଳେ କମିଶନର ରେଭେନ୍‌ସାଙ୍କ ଉଦ୍ୟମରେ କଟକରେ ୧୮୬୮ ମସିହାରେ ହାଇସ୍କୁଲ ଶ୍ରେଣୀ ସହିତ କଲେଜ କ୍ଲାସ ମଧ୍ୟ ଆରମ୍ଭ ହୋଇଥିଲା । ସେତେବେଳକୁ କଲିକତାର ହିନ୍ଦୁ କଲେଜ ତାହାର ସୁବର୍ଣ୍ଣ ଜୟନ୍ତୀ ପାଳନ କରିସାରିଥିଲା ।

କ୍ରମଶଃ ସାଧାରଣ ଲୋକମାନେ ଶିକ୍ଷା ପ୍ରତି ଆଗ୍ରହ ପ୍ରକାଶ କରିବା ଫଳରେ ବିଦ୍ୟାଳୟଗୁଡ଼ିକରେ ଶିକ୍ଷାପ୍ରତି ଆଗ୍ରହ ବଢ଼ିବାରେ ଲାଗିଥିଲା । ତେବେ ବଙ୍ଗଳାରେ ସ୍ୱତନ୍ତ୍ରଭାବରେ ନାରୀଶିକ୍ଷା ପ୍ରତି ଯେଉଁଭଳି ସଚେତନତା ସୃଷ୍ଟି ହୋଇଥିଲା ଓଡ଼ିଶାରେ ତାହା ହୋଇ ନଥିଲା । ଊନବିଂଶ ଶତାବ୍ଦୀରେ ଓଡ଼ିଶାର ସାମାଜିକ ଜୀବନରେ ନାରୀ ଶିକ୍ଷା ବିଭିନ୍ନ କୁସଂସ୍କାର ଦ୍ୱାରା ଆଚ୍ଛନ୍ନ ଥିବା କଥା ଫକୀରମୋହନଙ୍କ 'ରେବତୀ'ଗଳ୍ପରୁ ଜଣାପଡ଼ିଥାଏ। ଏଭଳି ପରିସ୍ଥିତିରେ ଓଡ଼ିଶାରେ ଝିଅମାନେ ଶିକ୍ଷିତା ହେବେ ଏବଂ ଲେଖିକା ଭାବରେ ସମାଜରେ ସମ୍ମାନିତ ହେବା କଥା ସଂପୂର୍ଣ୍ଣ ଅସମ୍ଭବ କଥା ଥିଲା । ତେଣୁ ନିଶଙ୍କ ରାୟ ରାଣୀ, ମାଧବୀ ଦାସ, ରେବା ରାୟ ପ୍ରଭୃତି ନାରୀମାନଙ୍କ କଥା ଚିନ୍ତା କଲେ ବିସ୍ମୟରେ ମନ ପୂରିଯାଏ ।

ନାରୀ ସମାଜ ହେଉଛି ଏକ ରକ୍ଷଣଶୀଳ ପରମ୍ପରାର ଶକ୍ତିଶାଳୀ ଅସ୍ତ୍ର ସ୍ୱରୂପ । ପାଶ୍ଚାତ୍ୟ ଶିକ୍ଷା ଏବଂ ନବଜାଗରଣର ପ୍ରଭାବ ଯେତେବେଳେ ବ୍ୟକ୍ତିମାନସକୁ ଆଲୋଡ଼ିତ କରୁଛି ସେତେବେଳେ ନାରୀମାନେ ବିଭିନ୍ନ ପ୍ରତିବନ୍ଧକର ଶିକାର ହୋଇଛନ୍ତି । ରକ୍ଷଣଶୀଳତାର ନିଗଡ଼ ଭିତରେ ବନ୍ଦୀ ହୋଇ, ଶିକ୍ଷା ବର୍ଜିତ ଜୀବନ ଭିତରେ ଅବହେଳାର ଶିକାର ହୋଇଛନ୍ତି । କାମାକ୍ଷା ଚରଣ ବନ୍ଦୋପାଧ୍ୟାୟ ତାଙ୍କର ସ୍ତ୍ରୀ ସ୍ୱାଧୀନତା ଓ ସ୍ତ୍ରୀ ଶିକ୍ଷା ଗ୍ରନ୍ଥ (୧୮୦୪–୧୮୯୭) ପୃଷ୍ଠା ୧୪ରେ ଲେଖିଛନ୍ତି ଭଗବାନ ଯେତେବେଳେ ସ୍ତ୍ରୀ ପୁରୁଷଙ୍କୁ ଭିନ୍ନ ଭିନ୍ନ ଲକ୍ଷ୍ୟ ନେଇ ସୃଷ୍ଟି କରିଛନ୍ତି ସେତେବେଳେ ସେମାନେ ସମାନ ଅଧିକାର କିଭଳି ପାଇପାରିବେ? ନାରୀ ଶିକ୍ଷା ସମ୍ପର୍କରେ ରକ୍ଷଣଶୀଳ ଗୋଷ୍ଠୀମାନଙ୍କ ମନରେ ଏଇଭଳି ଭାବନା ଉଦ୍ରେକ ହୋଇଗଲା। ନାରୀଶିକ୍ଷା କ୍ଷେତ୍ରରେ ବ୍ରହ୍ମ ଉଦ୍ରେକ ମିଶନାରୀମାନଙ୍କର ଭୂମିକା ହେଉଛି ପ୍ରଧାନ। ଦେଶରେ ସେ ସମୟରେ ଯେଉଁ କୁସଂସ୍କାର ସବୁ ରହିଥିଲା ତାହାକୁ ଅନେକ ନାରୀ ସମର୍ଥନ କରୁଥିଲେ। ଦ୍ୱାରକାନାଥ ରାୟ ତାଙ୍କର ସ୍ତ୍ରୀ ଶିକ୍ଷା ବିଧାନ ଗ୍ରନ୍ଥରେ ଲେଖିଛନ୍ତି ନାରୀମାନେ ଯେ ପର୍ଯ୍ୟନ୍ତ ଶିକ୍ଷିତ ହୋଇ ପାରିନାହାନ୍ତି, ବାଲ୍ୟ ବିବାହ, ବୃଦ୍ଧ ବିବାହ, ବହୁ ବିବାହ ପ୍ରଭୃତି ସାମାଜିକ ସମସ୍ୟାମାନ ଦୂର ହୋଇ ପାରିବ ନାହିଁ । ପାଶ୍ଚାତ୍ୟ ଶିକ୍ଷାର ପ୍ରସାର ସହିତ ବଙ୍ଗ ଦେଶରେ ନାରୀମୁକ୍ତି ନିମନ୍ତେ ଯେଉଁ ସବୁ ଆନ୍ଦୋଳନ ହୁଏ, ତାହାରି ପ୍ରଭାବ ଫଳରେ ନାରୀ ସ୍ୱଭାବ ଓ ଆଚାର ବିଚାରରେ ଯଥେଷ୍ଟ ପରିବର୍ତ୍ତନ ଆସେ । ବ୍ରାହ୍ମ ସମାଜ ଏ ବିଷୟରେ ଉଦ୍‌ଯୋଗୀ ହୋଇ ନଥିଲେ ବେଥୁନ୍, ବିଦ୍ୟାସାଗର ପ୍ରମୁଖ ସଂସ୍କାରକମାନଙ୍କର ଚିନ୍ତା ବାସ୍ତବ ରୂପ ଗ୍ରହଣ କରି ନଥାନ୍ତା।

ଶିକ୍ଷାର ଅଭାବ ଯେ ନାରୀମାନଙ୍କ ଦୁର୍ଗତିର କାରଣ ଥିଲା ତାହା ସଂସ୍କାରକମାନେ ବୁଝିଥିଲେ । ଲେଖା ପଢ଼ା ଶିଖିଲେ ନାରୀମାନେ ବିଧବା ହୋଇଯିବେ ଏହା ଥିଲା ସେ ସମୟର ବିଶ୍ୱାସ। ପୁଣି ନାରୀ ଯଦି ଲେଖନୀ ଧରିବ, ତେବେ ଘର ଲକ୍ଷ୍ମୀଛଡ଼ା ହୋଇଯିବ । ଏପରି ସମୟରେ ନାରୀମାନେ କବିତା ଲେଖିବେ, ଗପ ଲେଖିବେ, ଏହା ସଂପୂର୍ଣ୍ଣ ଅସମ୍ଭବ ଘଟଣା । ତଥାପି ଏହି ପ୍ରତିକୂଳ ପରିବେଶରେ ଯେଉଁ କେତେଜଣ ମହିୟସୀ ମହିଳା ଲେଖନୀ ଚାଳନା କରି ଅମରାକ୍ଷରରେ ସେମାନଙ୍କ ନାମ ଲିପିବଦ୍ଧ କରି ଯାଇଛନ୍ତି, ସେମାନଙ୍କ ଭିତରେ ଆସାମର ନଳିନୀ ବାଳା ଦେବୀ (୧୮୯୯) ଏବଂ ଧର୍ମେଶ୍ୱରୀ ଦେବୀ ବହୁୟାନୀ (୧୮୯୨) ଅନ୍ୟତମ । ସେହିପରି ଓଡ଼ିଶାରେ ନିଶଙ୍କ ରାୟରାଣୀ, ମାଧବୀ ଦାସୀ ଏବଂ ବଙ୍ଗଳାରେ ଜ୍ୟୋତିର୍ମୟୀ ଦେବୀ, ମୈତ୍ରେୟୀ ଦେବୀ ପ୍ରଭୃତି ଅନ୍ୟତମ । ୧୮୭୪ ମସିହାରେ ବଙ୍ଗ ମହିଳା ଦେଉ, ବର୍ତ୍ତମାନ ଅବସ୍ଥା ପ୍ରବନ୍ଧରେ ଲେଖାଯାଇଛି ଇଂରେଜ ସଭ୍ୟତାର ପ୍ରଭାବରେ ଦେଶରେ ନାରୀ ଜାତିର ଅବସ୍ଥା କେବଳ ଉନ୍ନତ ହୋଇନାହିଁ ଝିଅମାନଙ୍କ ପ୍ରତି ସ୍ନେହ ଶ୍ରଦ୍ଧା ପୂର୍ବ ଅପେକ୍ଷା ବୃଦ୍ଧି ପାଇଛି ।

ସମାଜର ରକ୍ଷଣଶୀଳ ମନୋବୃତ୍ତି ହିଁ ଥିଲା ନାରୀ ଶିକ୍ଷା ପ୍ରସାର କ୍ଷେତ୍ରରେ ପ୍ରଧାନ ପ୍ରତିବନ୍ଧକ । ନାରୀ ଶିକ୍ଷା ବିରୁଦ୍ଧରେ କାଳକାଳରୁ ଯେଉଁ ବିଶ୍ୱାସ ଏ ଦେଶରେ ଚଳି ଆସୁଥିଲା ସେଥିରୁ ଲୋକମାନଙ୍କୁ ନିବୃତ୍ତ କରିବା ସହଜ ନଥିଲା । ନାରୀ ଶିକ୍ଷା ପ୍ରସାର କ୍ଷେତ୍ରରେ ଅଜସ୍ର ପ୍ରତିବନ୍ଧକ ସେତେବେଳେ । ୧୮୬୦ରୁ ୧୮୭୦ ଦଶକ ମଧ୍ୟରେ ଜନମାନସରେ ଧୀରେ ଧୀରେ ପରିବର୍ତ୍ତନର ସୂତ୍ରପାତ ହେବାର ଲକ୍ଷ୍ୟ କରାଯାଉଥିଲା । ରାମମୋହନ ରାୟ, ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର, ଦେବେନ୍ଦ୍ରନାଥ, କେଶବ ଚନ୍ଦ୍ର ଏବଂ ପ୍ୟାରୀଚାନ୍ଦ ପ୍ରମୁଖ ସେ କାଳର ନେତୃବୃନ୍ଦ ଅଶିକ୍ଷିତା ନାରୀମାନଙ୍କ ସହିତ ଘର କରୁଥିଲେ । ଧୀରେ ଧୀରେ ସମାଜରେ ନାରୀ ଶିକ୍ଷା ପ୍ରତି ଦୃଷ୍ଟିଭଙ୍ଗୀ ବଦଳୁଥିଲା । ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧ ନାରୀମୁକ୍ତିର ସମୟ । ଏ ଦିଗରେ ବ୍ରାହ୍ମ ସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ । ବିଶେଷକରି କେଶବ ଚନ୍ଦ୍ର ସେନ୍ ଏଥିପାଇଁ ଚେଷ୍ଟା କରୁଥିଲେ । ଅନ୍ୟ ଦିଗରେ ନାରୀମାନଙ୍କର ଯୋଗଦାନକୁ ପସନ୍ଦ କରୁନଥିଲେ । ସେନ୍ ଥିଲେ ଅନ୍ତଃପୁର ଶିକ୍ଷାର ପ୍ରବର୍ତ୍ତକ ଏବଂ ବୟସ୍କା ନାରୀମାନଙ୍କୁ ଶିକ୍ଷା ଦେବାପାଇଁ ଏହି ବ୍ୟବସ୍ଥା କରିଥିଲେ ।

**୧୨୫, ପ୍ରୀତମପୁରୀ, ଆଚାର୍ଯ୍ୟବିହାର**
**ଭୁବନେଶ୍ୱର–୭୫୧୦୧୩,**
**ମୋ–୦୯୪୩୭୦୧୧୦୦୩**

# କୁଆଁର ପୂନେଇଁ ଜହ୍ନ ଗୋ !



ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ

ପର୍ବପର୍ବାଣିରେ ସମୃଦ୍ଧ ଆମ ପରମ୍ପରା, ଆମ ସାହିତ୍ୟ । ଆମ ସଂସ୍କୃତିରେ ପ୍ରତିମାସ ଓ ପ୍ରତି ଋତୁର ଏକ ସ୍ୱତନ୍ତ୍ରତା ରହିଛି । ତାକୁ ନେଇ ଆମ ପର୍ବପର୍ବାଣିର ପରିକଳ୍ପନା ଓ ସୃଷ୍ଟି । ବିଶେଷକରି ପୂର୍ଣ୍ଣିମା, ସଂକ୍ରାନ୍ତି, ଅମାବାସ୍ୟା ସହିତ ଏସବୁର ସଂପୃକ୍ତି ରହିଆସିଛି । ଗହ୍ମା ପୂର୍ଣ୍ଣିମା, ଇନ୍ଦୁ ପୂର୍ଣ୍ଣିମା, ଚାନ୍ଦ ପୂର୍ଣ୍ଣିମା, ଦୋଳ ପୂର୍ଣ୍ଣିମା, ଅଗି ପୂର୍ଣ୍ଣିମା, ବୈଶାଖ ପୂର୍ଣ୍ଣିମା ଏବଂ ବାରମାସର ବାରଟି ସଂକ୍ରାନ୍ତିର ଗୁରୁତ୍ୱ ମଧ୍ୟ ରହିଛି । ବୁଦ୍ଧଦେବଙ୍କୁ ପୂର୍ଣ୍ଣିମା ପୁରୁଷ, ଆମ ବ୍ୟାସକବି ଫକୀରମୋହନଙ୍କୁ ସଂକ୍ରାନ୍ତି ପୁରୁଷ ବୋଲି କୁହାଯାଏ ।

ପ୍ରାୟ ସମୁଦ୍ର କୂଳିଆ ଅଞ୍ଚଳରେ କୁମାର ପୂର୍ଣ୍ଣିମା ଅତି ଆନନ୍ଦ ଉତ୍ସାହରେ ପାଳିତ ହୁଏ । ଅନ୍ୟ ସ୍ଥାନରେ ବି ପାଳିତ ହୁଏ କିନ୍ତୁ ଏପରି ନୁହେଁ । ଇନ୍ଦୁପୂର୍ଣ୍ଣିମାଠାରୁ ଚାନ୍ଦ ପୂର୍ଣ୍ଣିମା ବା କୁମାର ପୂର୍ଣ୍ଣିମା ଯାଏ ମାସଯାକ କୁମାରୀମାନେ ଏହି ଓଷାବ୍ରତକୁ ବହୁ ନିଷ୍ଠାର ସହ ପାଳନ କରୁଥିଲେ । ଏହା କୁମାରୀମାନଙ୍କର ଗୋଟେ ବଡପର୍ବ । ମାସକଯାକ ଆମିଷ ଖିଆ ବନ୍ଦଥାଏ କୁମାରୀମାନଙ୍କର । ଛୋଟ ବଡ ସବୁ କୁମାରୀ ଏଥିରେ ଯୋଗ ଦିଅନ୍ତି । ପ୍ରଥମ ସାତଦିନ ଚାଳର ଗୋଟେ କଣକୁ ଜହ୍ନିଫୁଲ ଆଞ୍ଜୁଳିରେ ଧରି ଫୋପଡାଯାଏ । ଜହ୍ନିଫୁଲ ସହିତ ହରଗୌରା, ରଙ୍ଗଣୀଫୁଲ ବି ମିଶିଥାଏ । ଗାଁର ସବୁକୁମାରୀ ଏକାଠି ଜଣକଘରେ ଏ ଓଷା କରନ୍ତି । ବିଶେଷକରି ଗାଁରେ ଯାହା ଘର ଆଗରେ ସବୁଠାରୁ ବଡ ଅଗଣାଥାଏ ବା ଦାଣ୍ଡଥାଏ ସେଇଠି କରାଯାଏ । ତା'ପର ସାତଦିନ ଚାଳରେ ଚଢି କାଠିପୋତା ହୁଏ । କାଠିପୋତାରେ ପୟାଁକାଠି ମାଳପରି ଅର୍ଦ୍ଧଚନ୍ଦ୍ରକରି ପୋତାଯାଏ । ତା' ଉପରକୁ କୁମାରୀମାନେ ଫୁଲ ଫୋପାଡନ୍ତି ଆଞ୍ଜୁଳିରେ । ଏକାସାଙ୍ଗରେ ସମସ୍ତେ ଡକାଡକି ହୋଇ ଫୁଲ ତୋଳିବାକୁ ଯାଆନ୍ତି । ତା' ପର ସାତଦିନ ଦାଣ୍ଡରେ ଗୋବରରେ ଲିପାଯାଏ, ସବୁଝିଅମିଶି ପୋଖରୀରୁ ପାଣି ବୋହି ଗୋବର ସଂଗ୍ରହ କରି ଖଡିକାରେ ଦାଣ୍ଡ ଲିପନ୍ତି । ଆଗ ଗାରଟାଣି ତା' ଉପରେ କଟା କଇଁ ଫୁଲ ପାଖୁଡା ରଖି ମୁଣ୍ଡଳିଘର ତିଆରି କରନ୍ତି । ଏହା ବହୁତ ବଡ ହୁଏନାହିଁ, ମଧ୍ୟମ ଧରଣର ହୁଏ । ତା ପରସାତଦିନ ହୁଏ ବଡଘର । ଅର୍ଥାତ୍ ଭାର ଭାର କଇଁଫୁଲ ସେ ବଡଘରରେ ଲାଗେ ।

କଇଁଫୁଲ ଅଶିଣ ମାସ ପୋଖରୀରେ ଭର୍ତ୍ତି ହେଇଥାଏ । ବର୍ଷା ଛାଡିଯାଇଥାଏ ଏବଂ ଆକାଶ ନିର୍ମଳ ଜ୍ୟୋସ୍ନାରେ ଉଦ୍‌ଭାସିତ ହୋଇଥାଏ । ରଙ୍ଗୀନ ସ୍ୱପ୍ନରେ ମସଗୁଲଥାଏ କୁମରୀ ମନ ଓ କୁମାର ଜହ୍ନ । ଗଙ୍ଗଶିଉଳିର ପାଟ ଅଗଣାରେ ଲୋଟିଥାଏ ନାଲି ଡେମ୍ଫର ଧଳା ଧଳା ଗଙ୍ଗଶିଉଳି ।

କଇଁଫୁଲରୁ ଉପରଚୋପା କଢାଯାଇ ଭିତର ଅଂଶର ମୂଳରୁ କଟାଯାଇ ବଡପାଖୁଡା ଓ ଛୋଟପାଖୁଡା ଅଲଗା କରାଯାଏ । ମଝି କେଶର ବି ଅଲଗା କରାଯାଏ । ସେସବୁ କଇଁଫୁଲ ଘରରେ ବିଭିନ୍ନ ଜାଗାରେ ଲଗାଯାଏ । ଫୁଲ କାଟନ୍ତି ଗାଁର ବୁଢୀମା', ନୂଆବୋହୂ, ଖୁଡୀ କି ପିଉସୀମାନେ । ଅଲଗା କରି ରଖନ୍ତି ସବୁକୁ । ଫୁଲରେ କୁଟିକମ କରାଯାଏ ତାକୁ ଧାରରୁ କାଟିକାଟି ।

ତାପରେ ବାପା ଭାଇଙ୍କ କାମ । ସେମାନେ ଦଉଡି ଧରି ପୁରା ମାପରେ ଗୋବରରେ ବା ନଡାଜାଳି ବେଶୀ କଳାକରି ଲିପାପୋଛା (ସକାଳୁ ହୋଇଥାଏ)ଦାଣ୍ଡରେ ଗାର ଟାଣନ୍ତି । ସାତ ବଡଦିନରେ ସାତୋଟି କଳାକୃତି କରାଯାଏ । ଦିନେ ଲିଙ୍ଗରାଜ ମନ୍ଦିର, ଦିନେ କୋଣାର୍କ ମନ୍ଦିର, ଦିନେ ତାଜମହଲ, ଦିନେ କାଳିଘାଟ ମନ୍ଦିର, ଦିନେ ଧଉଳି ଶାନ୍ତି ପୀଠ, ଏହିପରି ବିଭିନ୍ନ କଳାକୃତିର ଗାର ପ୍ରଥମେ ଚକଖଡିରେ ଟଣାଯାଏ । ତା'ପରେ ସବୁଝିଅ, ଲାଗିଯାଆନ୍ତି ତାକୁ ଗୋଟିଏ ଗୋଟିଏ କଇଁ ପାଖୁଡା ଯୋଡି ଯୋଡି ଗାର ଉପରେ ରଖିବା ପାଇଁ । ତା ପରେ ତାକୁ ସଜେଇ କୁଟିକମ କରିବାକୁ ବହୁ ସମୟ ଲାଗେ ।

ଅନ୍ତତଃ ସନ୍ଧ୍ୟା ପାଞ୍ଚଟାଠାରୁ ରାତି ଏଗାରଟା ବାରଟାଯାଏ କଇଁଫୁଲରେ ଘରତୋଳା ଚାଲେ । ସବାଶେଷଦିନ ସବୁଠାରୁ ବେଶୀ ଡେରି ହୁଏ । ସେଦିନ ବଡଘରରେ ବଡଭୋଗ ଯଥା– ଆରିସା, କାକରା, ମଣ୍ଡା, ଖଇ, ଉଖୁଡା, ତାଳଗଜା, ଆଖୁ, ଛେନା, ନଡିଆ ଆଦି ପାଛିଆମାନଙ୍କରେ ଆସିଥାଏ । ସମସ୍ତଙ୍କ ଘରୁ ଆସି ଦାଣ୍ଡପାଖ ଚଉରା ପାଖରେ ରଖାଯାଏ । ବୋଉ କି ଭାଉଜ ଆସି ଜହ୍ନ ଉଦ୍ଦେଶ୍ୟରେ ଭୋଗ ଲଗାନ୍ତି । ସବୁଦିନ ଭୋଗ ଲାଗେ ସମସ୍ତଙ୍କ ଘରୁ ଆସେ । ବଡଘରରେ ସବୁପିଠାପଣା ହୁଏ । ମଶାଖାଇ ଗୋଡହାତ ଫୁଲିଯାଏ । ମଶାଧୂଆଁ ନଡା ଓ ନିମ୍ବପତ୍ରଜାଳି ଦିଆଯାଏ । ବାପା ବଡବାପା, ଦାଦା, ଭାଇମାନେ ଶେଷଯାଏ ଜଗିଥାନ୍ତି । ଭାର ଭାର ଫୁଲ ଭାରୁଆ ପଠେଇ ଅଣାଯାଏ । ସମସ୍ତେ ସେଥିପାଇଁ ସହଯୋଗ କରନ୍ତି ।

ସେଇ ସାତଦିନ ଗାଁ ଗାଁ ସାହି ସାହି ଭିତରେ ପ୍ରତିଯୋଗିତା ଚାଲେ । କାହା ଫୁଲଘର ସବୁଠାରୁ ସୁନ୍ଦର ହେବ ତାହାହିଁ ଆମ କୁମାରୀମାନଙ୍କର ଚିନ୍ତା ବଢାଏ । ସେଥିପାଇଁ ଗାଁ ଯାକ ସମସ୍ତେ ସହଯୋଗ କରନ୍ତି । ଛୁଟିଥିବାରୁ ବିଦେଶରେ ପଢୁଥିବା ଭାଇମାନେ, ଚାକିରିଆ ଭାଇ, ଦାଦାମାନେ ଘରକୁ ଆସିଥାନ୍ତି । ଫୁଲଘର ଏତେକଷ୍ଟରେ ରାତିଅଧଯାଏ କରିଥାନ୍ତି କୁମାରୀମାନେ , ସକାଳୁ ତାକୁ ତୋଳି ନିଆଯାଏ ଏବଂ ପୁଣି ଗୋବରରେ ଲିପାଯାଏ ଏବଂ ଶୁଖିଲେ ପୁଣି ସଞ୍ଜବେଳେ ଗାରଟାଣି ଫୁଲଘର ସଜାଯାଏ । ଚାରିଟା ବେଳୁ ଫୁଲକଟା ଆରମ୍ଭ ହୋଇଯାଏ, ନହେଲେ ସରେନାହିଁ । କୁମାରପୂର୍ଣ୍ଣିମା ଦିନ ସକାଳୁ ଓପାସ ଥାଏ ଝିଅମାନଙ୍କର । ତେଲହଳଦୀ ଲଗାଇ ସକାଳୁ ଗାଧୋଇପାଧୋଇ ସୂର୍ଯ୍ୟଙ୍କୁ କୁଲାରେ ଥିବା ନଡିଆ, କଦଳୀ, ଗୁଆ, ଖଇ ଆଞ୍ଜୁଳି ଟେକନ୍ତି । ସେଇ ଖଇ ନଡିଆ, କଦଳୀ, ଛେନା, ଦୁଧ, ଦହି , ତାଳଗଜା,କାକୁଡି ଆଦି ସବୁ ଧଳା ଭୋଗ ମିଶି ଚକଟାହୋଇ ଚାନ୍ଦ ଗୋଲାକାର ଭାବରେ ତିଆରି କରାଯାଏ ଗୋଟେ ଶଂଖଥାଳି କିମ୍ବା ପଥୁରିଥାଳିରେ । ତା'ପାଖରେ ସାତୋଟି ଲେଖା ଛୋଟିଆ ଗୋଲ ଗୋଲ ଚାନ୍ଦ ରଖାଯାଏ । ଚଉରା ଉପରେ ଛୋଟ କଇଁଫୁଲଘର ଚାରିକୋଣିଆ କରି ତା' ମଝିରେ କଇଁଫୁଲରେ ଗୋଲ ଚନ୍ଦ୍ରମା କରାଯାଏ । ସେ ଚାରିକୋଣିଆ ଘରେ ଦ୍ୱାର ଥାଏ । ସେଠି ଜହ୍ନିରେ ତଳେ ଚାରିଖଣ୍ଡ ଛୋଟ କଞ୍ଚିକାଠି ଫୋଡି ତାଙ୍କୁ ଘୋଡା କରାଯାଏ ସବୁଝିଅଙ୍କର ଗୋଟେ ଗୋଟେ । ସେଠାରେ ସମସ୍ତଙ୍କ ଚାନ୍ଦ ଥାଳି ରଖାଯାଏ । ପ୍ରାୟ ଚାରିଟାବେଳୁ ଆରମ୍ଭ ହେଇଯାଏ ସଜବାଜ । ଅଳତା, ଚନ୍ଦନ, କୁଙ୍କୁମ, ଲଗେଇ ନୂଆଲୁଗାପିନ୍ଧି ଗହଣାପିନ୍ଧି ଝିଅମାନେ ସଜବାଜ ହୋଇ ଆସନ୍ତି । ତା'ପରେ କୁଆଁରପୁନେଇଁ ଗୀତ ନାଚ ପୁଚିଖେଳ ଆଦି ମଜାମଉଜ ହୁଏ । ଝିଅମାନେ ଚାନ୍ଦ ବନ୍ଦାଣ କରିଥାନ୍ତି ଧୂପଦୀପ ବି ବନ୍ଦାନ୍ତି ଚନ୍ଦ୍ରଙ୍କୁ ଛ ସମସ୍ତେ ଚାନ୍ଦ ଖୁଆଖୁଇ ହୁଅନ୍ତି, ଚାନ୍ଦ ବସନ୍ତି ।

*କୁଆଁରପୁନେଇଁ ଜହ୍ନଗୋ , ଫୁଲବଉଳବେଣୀ*
*କୁଆଁରୀମାନେ ଯେ ପୁଚି ଖେଳୁଛନ୍ତି*
*ଝୁଣ୍ଟିଆ ଶବଦ ଶୁଣଗୋ ଫୁଲ ବଉଳବେଣୀ ।*

ଗୀତରେ ଗାଁ ଦାଣ୍ଡ ଉଚ୍ଛୁଳିଉଠେ ।

ତା'ପରଦିନ ସମସ୍ତେ ମିଶି ସାତଶାଗ ଏବଂ ତା' ସାଙ୍ଗରେ ମାଛ, ମାଂସ, ସହ ନାନାଦି ବ୍ୟଞ୍ଜନ ଏକାଠି ବସି ସବୁଝିଅ ପଖାଳ, ଗରମଭାତ ଆଦି ଖାଆନ୍ତି ।

**ଭୁବନେଶ୍ୱର**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ନକଲି ପରୀକ୍ଷା...

ଅରବିନ୍ଦ ଶଙ୍କର ପୃଷ୍ଟି ସହ ମିଶି ବାଲେଶ୍ୱର ପାଇଁ ଏଜେଣ୍ଟ କାମ କରୁଥିଲା । ଯେଉଁମାନେ ଏସଆଇ ଚାକିରି ପାଇଁ ଇଚ୍ଛୁକ ସେମାନଙ୍କ ଠାରୁ ଟଙ୍କା ଓ ସାର୍ଟିଫିକେଟ୍ ଆଣୁଥିଲା । ଅରବିନ୍ଦଙ୍କୁ ଗିରଫ କରିବା ସମୟରେ ତା ଘରୁ ବିଭିନ୍ନ ପ୍ରକାର ନିଯୁକ୍ତି କେଳେଙ୍କାରୀ କାଗଜପତ୍ର ଜବତ ହୋଇଥିବା ସୂଚନା ମିଳିଛି । ଅରବିନ୍ଦ ଦଲାଲ ନମ୍ବର. ୫ ଭାବେ ଗିରଫ ହୋଇଥିବା ବେଳେ ଗିରଫ ସଂଖ୍ୟା ୧୧୯ ରେ ପହଞ୍ଚିଛି । ୫ ଜଣ ଦଲାଲଙ୍କ ସମେତ ୧୧୪ ଜଣ ପରୀକ୍ଷାର୍ଥୀ ଗିରଫ ହୋଇଛନ୍ତି । ଶନିବାର ଗିରଫ ହୋଇଥିବା ଦଲାଲ ବିଶ୍ୱ ରଞ୍ଜନ ବେହେରା ଘର ବାରଙ୍ଗ ବିଦ୍ୟାଧରପୁରରେ । ଶଙ୍କର ସହ ସେ ରଘୁନାଥପୁର ପରୀକ୍ଷା କେନ୍ଦ୍ରକୁ ଆସୁଥିଲା । ବିଶ୍ୱ ରଞ୍ଜନ ରଘୁନାଥପୁର ପରୀକ୍ଷା କେନ୍ଦ୍ର ତତ୍ତ୍ୱାବଧାରକ ଥିବା ବେଳେ ଶଙ୍କର ସେଠାକୁ ଆସି ରହୁଥିବା କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଛି । ସେଠାରେ ରହୁଥିବା ଜଣେ କେୟାରଟେକରଙ୍କ କହିବା ଅନୁଯାୟୀ ପିଲାମାନେ ଆସନ୍ତି ପରୀକ୍ଷା ହୁଏ । ସେ ଏହା କହିବା ସହ ଅନ୍ୟ କିଛି ଜାଣିନଥିବା ଗଣମାଧ୍ୟମକୁ କହିଛି ।

କ୍ରାଇମବ୍ରାଞ୍ଚ ଖୋଜୁଥିବା ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି ଏବେ କେଉଁଠି । ସେ ସ୍ନାତକ ଡିଗ୍ରୀ ହାସଲ କରିବା ପରେ କୋଚିଂ ସେଣ୍ଟର କରିଥିଲା । ଏହାପରେ ୨୦୧୨ ମସିହାରେ ସେ ନକଲି ସାର୍ଟିଫିକେଟ୍ କେଳେଙ୍କାରୀରେ ଥିଲା । ଏଥିସହ ଜଣେ ସରପଞ୍ଚଙ୍କୁ ହତ୍ୟା କରାଯିବା ଘଟଣାରେ ଶଙ୍କର ମଧ୍ୟ ଅଭିଯୁକ୍ତ ଥିଲା । ହାଇକୋର୍ଟରୁ ଆଗୁଆ ଜାମିନ ପାଇବା ପରେ ସେ ହତ୍ୟା ମାମଲାରେ ଏକପ୍ରକାର ମୁକୁଳିଥିଲା । ନକଲି ସାର୍ଟିଫିକେଟ୍ ଠାରୁ ଆରମ୍ଭ କରି ନକଲି ଅନଲାଇନ୍ ନିଯୁକ୍ତି ପରୀକ୍ଷା କେନ୍ଦ୍ର ପରିଚାଳନା କରୁଥିଲା । ଚାକିରି ଆସାୟୀଙ୍କଠାରୁ ଟଙ୍କା ନେଇ ସେ ନିଯୁକ୍ତି କଥା ବୁଝୁଥିବା ସରକାରୀ ଅଫିସରଙ୍କୁ ଦେଇଥାଏ । ଏସଆଇ ନିଯୁକ୍ତି ପାଇ ଶଙ୍କର ର୍ୟାକେଟ୍ ୨୫ ଲକ୍ଷ ଲେଖାଏଁ ଟଙ୍କା ନେଉଥିଲେ । ପରୀକ୍ଷାର୍ଥୀ ଓ ଦଲାଲଙ୍କୁ ଗିରଫ କରାଯାଇଥିବା ବେଳେ ଓପିଆରବିର କେଉଁ ଅଧିକାରୀମାନେ ଏସଆଇ ନିଯୁକ୍ତି କେଳେଙ୍କାରୀ ଜଡିତ ସେମାନଙ୍କୁ କେବେ ଚିହ୍ନଟ କରାଯିବ ଓ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ସେଥି ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ୨୫ ଲକ୍ଷ ଟଙ୍କାରୁ କାହା ଭାଗ କେତେ ଥିଲା ତାହା ତଦନ୍ତ ତ୍ୱରାନ୍ୱିତ ହେଲେ ଜଣା ପଡିବ ବୋଲି ରଘୁନାଥପୁର ଚଢ଼ାଉରେ ଆସିଥିବା ଜଣେ ଅଫିସର କହିଛନ୍ତି । ଏସଆଇ ନିଯୁକ୍ତି ମହାକେଳେଙ୍କାରୀରେ ଦଲାଲ-ଅଫିସର-ନେତାଙ୍କ ମଧୁଚନ୍ଦ୍ରିକା ଥିବା ଅଭିଯୋଗ ହେଉଛି । କ୍ରାଇମବ୍ରାଞ୍ଚ ଏହି ମାମଲାରେ ରାଜ୍ୟବ୍ୟାପୀ ଛାନ୍ଭିନ୍ନ କରୁଛି । ଗିରଫଦାରୀ ସଂଖ୍ୟା ବଢ଼ିବାରେ ଲାଗିଛି । ଏହି କେଳେଙ୍କାରୀ ର୍ୟାକେଟ୍ ସହ ଜଡିତ ଅଫିସର ଓ ରାଜନେତା କେବେ ଗିରଫ ହେବେ ତାହା ସାଧାରଣ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ଆଇଆଇଟିରେ...

ଏହା ସାରା ଭାରତରେ ଆସୁଥିବା ଚିପ୍ ନିର୍ମାଣ ଏବଂ ପ୍ୟାକେଜିଂୟୁନିଟ୍ ପାଇଁ ପ୍ରତିଭା ବିକାଶ କରିବାରେ ସାହାଯ୍ୟ କରିବ । ନୂତନ ପ୍ରୟୋଗଶାଳା "ମେକ୍ ଇନ୍ ଇଣ୍ଡିଆ' ଏବଂ "ଡିଜାଇନ୍ ଇନ୍ ଇଣ୍ଡିଆ' ପଦକ୍ଷେପକୁ ଆହୁରି ପ୍ରୋତ୍ସାହିତ କରିବ । ଏହା ଭାରତର ଦ୍ରୁତ-ବର୍ଦ୍ଧିଷ୍ଣୁ ସେମିକଣ୍ଡକଟର ଇକୋସିଷ୍ଟମ ପାଇଁ ଏକ ପ୍ରୋତ୍ସାହନକାରୀ ଭାବରେ କାର୍ଯ୍ୟ କରିବ ।

ଭାରତରେ ବିଶ୍ୱର ୨୦% ଚିପ୍ ଡିଜାଇନ୍ ପ୍ରତିଭା ଅଛନ୍ତି । ଦେଶର ୨୯୫ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଶିଳ୍ପ ସଂସ୍ଥାଗୁଡ଼ିକ ଦ୍ୱାରା ପ୍ରଦାନ କରାଯାଇଥିବା ନୂଆ ଇଡିଏ ଉପକରଣ ବ୍ୟବହାର କରୁଛନ୍ତି । ୨୦ଟି ପ୍ରତିଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ଡିଜାଇନ୍ କରାଯାଇଥିବା ୨୮ ଟି ଚିପ୍ସ ଏସସିଏଲ ମୋହାଲିରେ ଟେପ୍ କରାଯାଇଛି ।

ଭାରତ ସେମିକଣ୍ଡକଟର ମିଶନ ଅଧୀନରେ ଓଡ଼ିଶାରେ ଦୁଇଟି ସେମିକଣ୍ଡକଟର ପ୍ରକଳ୍ପ ପାଇଁ କିଛିଦିନ ପୂର୍ବେ ଅନୁମୋଦନ ମିଳିଛି । ଏଥିମଧ୍ୟରୁ ଗୋଟିଏ ହେଉଛି ସିଲିକନ୍ କାର୍ବାଇଡ୍ (ଏସଆଇସି) ଆଧାରିତ ଯୌଗିକ ସେମିକଣ୍ଡକଟର ପାଇଁ ଏକ ସମନ୍ୱିତ ସୁବିଧା । ଦ୍ୱିତୀୟଟି ହେଉଛି ଏକ ଉନ୍ନତ ଥ୍ରୀଡି ଗ୍ଲାସ୍ ପ୍ୟାକେଜିଂ ସୁବିଧା । ଆଇଆଇଟି ଭୁବନେଶ୍ୱର ପୂର୍ବରୁ ସିଲିକନ୍ କାର୍ବାଇଡ୍ ଗବେଷଣା ଏବଂ ନବସୃଜନ କେନ୍ଦ୍ର କାର୍ଯ୍ୟକାରୀ କରୁଛି । ନୂତନ ପରୀକ୍ଷାଗାର ପ୍ରତିଷ୍ଠାନର ବିଦ୍ୟମାନ କ୍ଲିନ୍ ରୁମ୍ ସୁବିଧାରେ ଯୋଡିବ । ଏହା ଭାରତରେ ସେମିକଣ୍ଡକଟର ଶିଳ୍ପକୁ ସମର୍ଥନ କରିବା ପାଇଁ ଗବେଷଣା ଓ ବିକାଶ ସୁବିଧା ପ୍ରଦାନ କରିବ ।

## ପ୍ରତ୍ୟେକ ଗାଁରେ...




ଶ୍ରୀମଦ ଭାଗବତ ଗ୍ରନ୍ଥର ମହତ୍ୱ ପାଞ୍ଚଟି ମୂଳତ%୦ ଯଥା, ଇଶ୍ୱର, ଜୀବ, ପ୍ରକୃତି, କାଳ, ସମୟ ଏବଂ କର୍ମକୁ ନେଇ ଏ ବିଶ୍ୱ ସଞ୍ଚାଳିତ । ସେଥିପାଇଁ ସନାତନ ପରମ୍ପରାରେ ଜୀବନ ଦୀପ ଲିଭିବା ପୂର୍ବରୁ ଶ୍ରୀମଦ ଭାଗବତ ଶୁଣି ଶେଷ ନିଶ୍ୱାସ ତ୍ୟାଗ କରିବା ପ୍ରତ୍ୟେକ ସନାତନୀର ଶେଷ ଇଚ୍ଛା ।ସମସ୍ତେ ପ୍ରତ୍ୟେହ ଭାଗବତ ପାଠ କରନ୍ତୁ । କାରଣ ଏହା ଆମ ଜୀବନକୁ ଏକ ସୁସ୍ଥ ଧାର୍ମିକ ଓ ନୈତିକ ଦିଗରେ ନେଇଯିବ । ଏହି ପ୍ରକାରର ମହୋତ୍ସବ ସମାଜରେ ଏକତାର ସୂଚକ । ଏହା ଭକ୍ତି, ସମ୍ମାନ, ଓ ମୌଳିକ ମୂଲ୍ୟକୁ ଦୃଢ଼ କରେ । ଏହି ମହୋତ୍ସବର ଅନୁଭୂତି ଓ ଶିକ୍ଷା ଉପସ୍ଥିତ ସୁଧିବୃନ୍ଦଙ୍କ ଜୀବନରେ ନିତିମୂଳକ, ଧର୍ମୀୟ, ଓ ସାମାଜିକ ଉନ୍ନତି ଆଣିବାରେ ସାହାଯ୍ୟ କରିବ ।୨୦୧୪ ପରେ ଭାରତୀୟ ସଂସ୍କୃତି, ପରମ୍ପରାର ଏକ ପ୍ରକାର ଅଭ୍ୟୁଦୟ ହୋଇଛି । କାରଣ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଯୋଧ୍ୟା ରାମ ମନ୍ଦିର ନିର୍ମାଣ, ମହାକୁମ୍ଭରେ ରେକର୍ଡ ୬୮ କୋଟି ଶ୍ରଦ୍ଧାଳୁଙ୍କ ଆଗମନ, କାଶୀ ବିଶ୍ୱନାଥ କରିଡର, ମହାକାଳ କରିଡର ନିର୍ମାଣ । ଆଜି ଦେଶରେ ଏକ ଧର୍ମୀୟ ଭାବନାର ହୋଇଛି । ଏହାର ନେତୃତ୍ୱ ନେଇଛନ୍ତି ଏ ଦେଶର ଯୁବ ସମାଜ । ରାଜ୍ୟ ସରକାର ପ୍ରଥମ ଦିନରୁ ହି ଓଡିଆ ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ସହିତ ଏହାର ପ୍ରଚାର ପ୍ରସାର କରିବା ପାଇଁ ବିଭିନ୍ନ ପଦକ୍ଷେପ ଐତିହ୍ୟ ନେଉଛନ୍ତି ।

ଗତକାଲି ସରକାର ରାଜ୍ୟର ସବୁ ପୁରାତନ ଓ ସମ୍ପନ୍ନ ଦୁର୍ଗାମେଢଙ୍କୁ ୫୦ ହଜାରରୁ ଆରମ୍ଭ କରି ୧ ଲକ୍ଷ ଏକ ହଜାର ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ଦେଇଛନ୍ତି । ଯାହା ଓଡିଶାରେ ପ୍ରଥମ ଥର ପାଇଁ ହୋଇଛି । ଶୀତଳ ଷଷ୍ଠୀ ଯାତ୍ରା ହେଉ କି ଧନୁଯାତ୍ରା ହେଉ କି ଓଡିଶାର ମନ୍ଦିର ମଠର ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ ପାଇଁ ଆର୍ଥିକ ସହଯୋଗ ପ୍ରଦାନ କରୁଛନ୍ତି । ଏହି ମହତ୍ୱ କାର୍ଯ୍ୟ ଆଗାମୀ ଦିନରେ ଜାରି ରହିବ ।

କାର୍ଯ୍ୟକ୍ରମରେ ବକ୍ତବ୍ୟ ରଖି ପଦ୍ମଶ୍ରୀ ବାବା ବଳିଆ ରାଜ୍ୟ ସରକାର ତଥା ମୁଖ୍ୟମନ୍ତ୍ରୀଙ୍କୁ ଓଡ଼ିଆ ଅସ୍ମିତାର କାର୍ଯ୍ୟକାରିତା ନିଖୁଣ ଭାବେ ସମ୍ପାଦନ କରୁଥିବାରୁ ଧନ୍ୟବାଦ ଦେବା ସହିତ ଆଗାମୀ ସମୟରେ ଶ୍ରୀମଦ ଭାଗବତର ତତ୍ତ୍ୱକୁ ପ୍ରତ୍ୟେକ ଓଡ଼ିଆ ଘରେ ଘରେ ପହଞ୍ଚାଇବାକୁ ଅନୁରୋଧ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ରାଜ୍ୟରେ ଓଡ଼ିଆ, ଭାଷା ସଂସ୍କୃତି ଓ ସାହିତ୍ୟ ସମେତ ଭଗବତ ଚିନ୍ତା ଚେତନା ପୁନଃ ନବୀକରଣ ହେବ । କାର୍ଯ୍ୟକ୍ରମରେ ଧର୍ମ ଜାଗରଣ ସମିତିର ପୂର୍ବ ପ୍ରାନ୍ତ ପ୍ରମୁଖ ଚନ୍ଦ୍ରକାନ୍ତ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିବା ବେଳେ ଧର୍ମ ଜାଗରଣ ସମିତିର ସଂଯୋଜକ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ଧନ୍ୟବାଦ ଦେଇଥିଲେ ।

## କଟକରେ...

ଏହି ରାଲି ସ୍ଥାନୀୟ ବିଦ୍ୟାଧରପୁର ଠାରୁ ବାହାରି ନୂଆବଜାର,ପୋତାପୋଖରୀ,ଚାଉଳିଆଗଂଜ,ଓଏମପି ଛକ, କଲେଜଛକ, ରାଣୀହାଟ, ବଜ୍ରକବାଟି ରୋଡ଼, ଦୋଳମୁଣ୍ଡେଇ, ବାଦାମବାଡ଼ି ଛକରେ ପହଞ୍ଚିବା ପରେ ୟୁଟର୍ନ ନେଇ ଦୋଳମୁଣ୍ଡେଇ,ହରିପୁର, ହାତୀପୋଖରୀ ଦେଇ ଦରଘା ବଜାର ଠାରେ ପହଞ୍ଚିଥିଲା । ଏହି ଶୋଭାଯାତ୍ରାରେ ପ୍ରାୟ ହଜାରରୁ ଅଧିକ ବାଇକ ସାମିଲ ହୋଇଥିଲେ । ତେବେ ଶୋଭାଯାତ୍ରା ଯୋଗୁଁ ବିଶୃଙ୍ଖଳିତ ପରିସ୍ଥିତି ଉପୁଜିବା ଆଶଙ୍କା କରି ପୁଲିସ ରାଲିକୁ ଅଟକାଇଥିଲା । ଫଳରେ ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ଫଳରେ ପୁଲିସ ପକ୍ଷରୁ ଲାଠି ଚାଳନା ସହ ଲୁହବୁହା ଗ୍ୟାସ ଛଡା ଯାଇଥିଲା । ଭାଇଚାରାର ସହର କଟକରେ ଶାନ୍ତି ଫେରେଇ ଆଣିବାକୁ କମିଶନରେଟ ପୋଲିସ ପକ୍ଷରୁ ସମସ୍ତ ପ୍ରୟାସ କରାଯାଉଛି ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ଆସନ୍ତା କାଲି ସନ୍ଧ୍ୟା ପର୍ଯ୍ୟନ୍ତ ସାମାଜିକ ଗଣମାଧ୍ୟମ ଯଥା ଫେସବୁକ, ଇନଷ୍ଟାଗ୍ରାମ ଓ ୱାଟସଆପ ଉପରେ କଟକଣା ଜାରି କରାଯାଇଛି । ଏହି ସମୟ ମଧ୍ୟରେ ଇଣ୍ଟରନେଟ ସେବା ବନ୍ଦ ରହିବ । କଟକ ମହାନଗର ନିଗମ ଅଂଚଳ ସମେତ ୪୨ମୌଜାରେ ମଧ୍ୟ ଏହି କଟକଣା ଲାଗୁ କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଡିଜି ଘଟଣା ସ୍ଥଳରେ ପହଞ୍ଚି କିପରି ଶାନ୍ତି ଫେରି ଆସିବ ସେ ନେଇ ପଦକ୍ଷେପ ନେଇଥିବା ଜଣାପଡ଼ିଛି । ଘଟଣା ସ୍ଥଳରେ ବ୍ୟାପକ ପୋଲିସ ମୃତୟନ କରାଯାଇଛି । ବିଭିନ୍ନ ସଂଗଠନ ପକ୍ଷରୁ ଶାନ୍ତି ଫେରାଇ ଆଣିବାକୁ ନିବେଦନ କରିଛନ୍ତି । ଏହାଛଡ଼ା ଅର୍ଦ୍ଧସାମରିକ ବାହିନୀ ମଧ୍ୟ ମୃତୟନ ହୋଇଛନ୍ତି ।

# ଲେଜର ପାୱାର ପକ୍ଷରୁ ଡିଆର୍ଏଚ୍‌ପି ଦାଖଲ

ଭୁବନେଶ୍ୱର,(ସବ୍ୟୁ): ବିଦ୍ୟୁତ୍ ତାର, କଣ୍ଡକଟର ଏବଂ ବିଦ୍ୟୁତ୍ ବଂଟନ ଓ ସଂଚରଣ ପାଇଁ ଉପାଦାନ ଉପାଦନ କରୁଥିବାକୋଲକାତାର ଅଗ୍ରଣୀ ସଂସ୍ଥା ଲେଜର ପାଓ୍ୱାର ଆଣ୍ଡ ଇନ୍‌ଫ୍ରା ଲିମିଟେଡ୍ ପକ୍ଷରୁ ଇନିସିଆଲ ପବ୍ଲିକ୍ ଅଫରିଂ(ଆଇପିଓ) ଜରିଆରେ ୧୨୦୦ କୋଟି ଟଙ୍କା ସଂଗ୍ରହ କରିବା ପାଇଁ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ(ସେବି) ନିକଟରେ ଡ୍ରାଫ୍ଟ ରେଡ୍ ହେରିଂ ପ୍ରୋସ୍‌ପେକଟସ୍ (ଡିଆର୍ଏଚ୍‌ପି) ଦାଖଲ କରାଯାଇଛି ।ଡିଆର୍ଏଚ୍‌ପି ଅନୁସାରେ ପ୍ରସ୍ତାବିତ ଆଇପିଓରେ ୮୦୦ କୋଟି ଟଙ୍କାର ନୂଆ ଇକ୍ୱିଟି ସେୟାର ଜାରି କରାଯିବ ଏବଂଅଫର ଫର୍ ସେଲ୍‌ରେ ପ୍ରତିଷ୍ଠାତା ଅଂଶଧନକାରୀମାନେ ୪୦୦ କୋଟି ଟଙ୍କାର ଇକ୍ୱିଟି ସେୟାର ବିକ୍ରି କରିବେ ।କମ୍ପାନିର ପ୍ରତିଷ୍ଠାତାମାନେ ହେଉଛନ୍ତି ଦୀପକ ଗୋୟଲ, ଅକ୍ଷତ ଗୋୟଲ, ଦେବେଶ ଗୋୟଲ ଓ ରାକ୍ଷୀ ଗୋୟଲ । ଅଫର ଫର୍ ସେଲ୍‌ରେ ଦୀପକ, ରାକ୍ଷୀ ଓ ଦେବେଶ ଯଥାକ୍ରମେ ୨୨୫ କୋଟି ଟଙ୍କା, ୫୦ କୋଟି ଟଙ୍କା ଓ ୧୨୫ କୋଟି ଟଙ୍କାର ଇକ୍ୱିଟି ସେୟାର ବିକ୍ରି କରିବେ ।ଏହି ଅଫରରୁ ଯେଉଁ ପାଣ୍ଠି ସଂଗୃହୀତ ହେବ, ସେଥିରୁ ୬୦୦ କୋଟି ଟଙ୍କାକୁ କମ୍ପାନି ବକେୟା ଋଣ ପରିଶୋଧ କରିବାରେ ଏବଂ ଅବଶିଷ୍ଟ ରାଶିକୁ ସାଧାରଣ କର୍ପୋରେଟ୍ କାର୍ଯ୍ୟରେ ବ୍ୟବହାର କରିବାକୁ ପ୍ରସ୍ତାବ ଦେଇଛି ।

# ପାରିବାରିକ ଗଣ୍ଡଗୋଳ :ଝିଅ ଆଗରେ ସ୍ତ୍ରୀଙ୍କୁ କଚାଡ଼ି ହତ୍ୟା

ବାଲେଶ୍ୱର , (ସବ୍ୟୁ): ପାରିବାରିକ ଗଣ୍ଡଗୋଳକୁ ନେଇ ୩ ବର୍ଷର ଝିଅ ଆଗରେ ସ୍ତ୍ରୀଙ୍କୁ ରାସ୍ତାରେ କଚାଡ଼ି ମାରିଦେଇଛି ସ୍ୱାମୀ । ଏଭଳି ଏକ ନୃଶଂସ ଘଟଣା ଘଟିଛି ବାଲେଶ୍ୱର ଜିଲା ଔପଦା ଥାନା ତଳକିଆ ପଞ୍ଚାୟତ ପ୍ରତାପପୁର ଗ୍ରାମର ହରିଜନ ସାହିରେ ।ପୂର୍ବେ ମୟୂରଭଞ୍ଜ ଅଞ୍ଚଳ ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମର କୁନୁ ବାଗଙ୍କ ଝିଅ ବିଷମାଙ୍କୁ ନିଶାକର ମାଣ ବିବାହ କରିଥିଲେ । ତାଙ୍କର ୩ ବର୍ଷର ଏକ କନ୍ୟା ସନ୍ତାନ ଅଛି । ନିଶାକର ଶୁକ୍ରବାର ରାତିରେ ସ୍ତ୍ରୀ ବିଷମାଙ୍କୁ କୌଣସି କାରଣରୁ ମାରପିଟ କରିଥିଲେ । ନିର୍ଦ୍ଧୁମ ପିଟିବା ସହ ସ୍ତ୍ରୀଙ୍କୁ ଘରୁ ବାହାରକୁ ଟେକି ଆଣି ରାସ୍ତା ଉପରେ କଚାଡ଼ି ଦେଇଥିଲେ । ଚେତାଶୂନ୍ୟ ଅବସ୍ଥାରେ ବିଷମାଙ୍କୁ ଉଦ୍ଧାର କରି ନିଶାକର ଓ ତାଙ୍କ ସମ୍ପର୍କୀୟ ପୁତୁରା ଖଇରା ଡାକ୍ତରଖାନା ପରେ ଭଦ୍ରକ ଡାକ୍ତରଖାନାକୁ ନେଇଥିଲେ । ଆମ୍ବୁଲାନ୍ସ ଯୋଗେ ଭଦ୍ରକ ନିଆଯାଉଥିବା ବେଳେ ବାଟରେ ବିଷମାଙ୍କର ମୃତ୍ୟୁ ହୋଇଥିଲା । ସେଠାରୁ ମୃତଦେହକୁ ଗାଁକୁ ଅଣାଯାଇଥିଲା । ଖବରପାଇ ବାପଘର ଲୋକେ ବିଳମ୍ବିତ ରାତିରେ ଔପଦା ଥାନାରେ ଝିଅକୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଥିଲେ ।

# ଟାଟା ପାୱାର ଡିସକମର ସମାବେଶୀ ବିକାଶ କାର୍ଯ୍ୟକ୍ରମ

ଭୁବନେଶ୍ୱର,(ସବ୍ୟୁ): ଓଡ଼ିଶାରେ ଟାଟା ପାଓ୍ୱାର ନେତୃତ୍ୱାଧୀନ ଡିସକମ୍ ଗୁଡିକ ବିଦ୍ୟୁତ ଯୋଗାଣଠାରୁ ଆଗକୁ ଯାଇ ଗୋଷ୍ଠୀ ମଧ୍ୟରେ ପରିର୍ବନ ଆଣିବା ପାଇଁ ପ୍ରୟାସ କରୁଛନ୍ତି । ମାତ୍ର ଗୋଟିଏ ବର୍ଷ ମଧ୍ୟରେ, ସେମାନଙ୍କର ସମାବେଶୀ ବିକାଶ କାର୍ଯ୍ୟକ୍ରମ ରାଜ୍ୟ ସାରା ମହିଳା, କାରିଗର ଏବଂ ଅବହେଳିତ ଗୋଷ୍ଠୀଙ୍କ ପାଇଁ ସୁଯୋଗ ସୃଷ୍ଟି କରିବାରେ ସାହାଯ୍ୟ କରିଛି ।୧୨ ଲକ୍ଷ ମହିଳାଙ୍କ ମଧ୍ୟରେ ଡିଜିଟାଲ୍ ଏବଂ ଆର୍ଥିକ ସାକ୍ଷରତାକୁ ପ୍ରୋତ୍ସାହିତ କରିବା ଠାରୁ ଆରମ୍ଭ କରି ସ୍ଥାୟୀ ଜୀବିକା ନିର୍ବାହ ଏବଂ ଦୁର୍ଗମ ଆଦିବାସୀଅ*ଳଗୁଡ଼ିକୁ ବିଦ୍ୟୁତକରଣ କରିବା ପର୍ଯ୍ୟନ୍ତ, ଏହି ମିଶନ କେବଳ ଘର ନୁହେଁ ବରଂ ଭବିଷ୍ୟତକୁ ଆଲୋକିତ କରୁଛି ।ଲକ୍ଷ୍ୟଭିକ ଶିକ୍ଷା ଏବଂ ସଶକ୍ତିକରଣ ପ୍ରୟାସ ମାଧ୍ୟମରେ, ଭୁବନେଶ୍ୱରର ଅନୁନ୍ନତ ବସ୍ତି ଏବଂ ବାଲେଶ୍ୱର, ମୟୂରଭଞ୍ଜ ଏବଂ କେଉଁଝରର ଦୂରଦୂରାନ୍ତଗ୍ରାମର ୩୫୦୦ ରୁ ଅଧିକ ମହିଳା ଅତ୍ୟାବଶ୍ୟକ କମ୍ପ୍ୟୁଟର ଦକ୍ଷତା ଏବଂ ଡିଜିଟାଲ୍ ସାକ୍ଷରତା ହାସଲ କରିଛନ୍ତି । ଏହି ପଦକ୍ଷେପଗୁଡ଼ିକ ଡିଜିଟାଲ୍‌ସାକ୍ଷରତା ହାର ବଢାଇ ମହିଳାମାନଙ୍କୁ ଏକ ଆଧୁନିକ ଅର୍ଥନୀତିରେ ଯୋଗଦାନ ପାଇଁ ପ୍ରସ୍ତୁତ କରୁଛି । ଟାଟା ପାଓ୍ୱାର ନେତୃତ୍ୱାଧୀନ ଓଡ଼ିଶା ଡିସକମ୍ ଗୁଡିକ ମଧ୍ୟ ତାଳପତ୍ର ଖୋଦନ ଏବଂ ପଟ୍ଟଚିତ୍ର ଚିତ୍ରକଳା କ୍ଷେତ୍ରରେ ୩୪୦ ଜଣ କାରିଗରଙ୍କୁ ସଶକ୍ତ କରି ଓଡ଼ିଶାର ପାରମ୍ପରିକ ହସ୍ତଶିଳ୍ପକୁ ପୁନର୍ଜୀବିତ କରୁଛନ୍ତି । ଦକ୍ଷ କାରିଗରଙ୍କ ମାର୍ଗଦର୍ଶନ, ବଜାର ସଂଯୋଗ ଏବଂ ଇ-କମର୍ସ ପ୍ଲାଟଫର୍ମରେ ପ୍ରବେଶ ଦ୍ୱାରା, ଏହି କାରିଗରମାନଙ୍କ ପରିବାରର ଆୟରେ ୩୦ ରୁ ୪୦% ବୃଦ୍ଧି ହୋଇଛି, ଯାହା ଐତିହ୍ୟକୁ ଗର୍ବ ଏବଂ ସମୃଦ୍ଧିର ଏକ ଉତ୍ସରେ ପରିଣତ କରିଛି । ମହିଳାମାନଙ୍କ ନେତୃତ୍ୱାଧୀନ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ସବୁଜ ଉଦ୍ୟୋଗୀ ଭାବରେ ଉଭା ହୋଇଛନ୍ତି, ସେମାନେ ପରିବେଶ ଅନୁକୂଳ ଝୋଟ ଉତ୍ପାଦ ପ୍ରସ୍ତୁତ କରୁଛନ୍ତି ଯାହା ର୍ବମାନ ସ୍ଥାନୀୟ ବଜାର ଏବଂ ସଂସ୍ଥାଗତ କ୍ରେତାମାନଙ୍କ ପାଖରେ ବିକ୍ରି ହେଉଛି । ଏହି ଉଦ୍ୟମଗୁଡ଼ିକ କିଭଳି ଦୀର୍ଘସ୍ଥାୟୀ ବ୍ୟବସାୟ ପଦ୍ଧତି, ଉଭୟ ଆର୍ଥିକ ଉନ୍ନତି ଏବଂ ପରିବେଶଗତ ଦାୟିତ୍ୱ ପାଇଁ ଏକ ଶକ୍ତିଶାଳୀ ଉପକରଣ ସେଥିପ୍ରତି ଥିବା ଡିସକମ୍ ଗୁଡିକର ବିଶ୍ୱାସକୁ ପ୍ରତିଫଳିତ କରୁଛି ।

## ଭାରତ-ଆମେରିକା...

ଅସ୍ୱୀକାର କରିବା ନାହିଁ କିମ୍ବା କୌଣସି ପରିସ୍ଥିତିକୁ ଅତିରଞ୍ଜିତ କରିବା ନାହିଁ । । ଜୟଶଙ୍କର ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଭାରତ ସକାରାତ୍ମକ କୂଟନୀତି ଏବଂ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ଖୋଜୁଛି, ଏବଂ ଏହି ପ୍ରୟାସରେ କ୍ୱାଡ଼ ଭଳି ପ୍ଲାଟଫର୍ମ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ତାଙ୍କ ଅନୁସାରେ, ବର୍ତ୍ତମାନ ସମୟରେ, ବିଶେଷକରି ବିଶ୍ୱ ଅସ୍ଥିରତା ମଧ୍ୟରେ, ଅନ୍ତର୍ଜାତୀୟ ସହଯୋଗ ଏବଂ ଚୁକ୍ତିନାମାର ସ୍ଥିରତା ବଜାୟ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

## ନଭେମ୍ବର...

ଅଧିକାରୀ, ପ୍ରବର୍ତ୍ତନ ସଂସ୍ଥା, ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ), ସ୍ୱତନ୍ତ୍ର ପୁଲିସ ନୋଡାଲ ଅଧିକାରୀ (ଏସପିଏନଓ) ଏବଂ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀ (ସିଏପିଏଫ) ନୋଡାଲ ଅଧିକାରୀଙ୍କ ସହିତ ବୈଠକ କରିଥିଲେ ।

ନିର୍ବାଚନ କମିସନ କହିଛନ୍ତି ଯେ କୌଣସି ପୋଲିଂ ବୁଥରେ ଏବେ ୧୨୦୦ ରୁ ଅଧିକ ଭୋଟର ରହିବେ ନାହିଁ । ଏହି ବ୍ୟବସ୍ଥା ଭୋଟଦାନ ପ୍ରକ୍ରିୟା ଏବଂ ସୁରକ୍ଷା ଉଭୟକୁ ଉନ୍ନତ କରିବ । ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ) ମାନେ ଏବେ ସିଧାସଳଖ ଭୋଟରଙ୍କ ସହିତ ଯୋଗାଯୋଗ କରିବେ ଏବଂ ସହଜରେ ଚିହ୍ନଟ ପାଇଁ ସେମାନଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଛି ।ଏହା ବ୍ୟତୀତ, ଭୋଟ ଦେବା ପାଇଁ ମୋବାଇଲ୍ ଫୋନ୍ ଜମା କରିବାର ବିକଳ୍ପ ମଧ୍ୟ ଆରମ୍ଭ କରାଯାଇଛି, ଯାହା ଦ୍ୱାରା ଭୋଟରମାନେ ମତଦାନ କେନ୍ଦ୍ରକୁ ସେମାନଙ୍କର ମୋବାଇଲ୍ ଫୋନ୍ ନେଇ ପାରିବେ ନାହିଁ । ମୁଖ୍ୟ ନିର୍ବାଚନ କମିସନର ଘୋଷଣା କରିଛନ୍ତି ଯେ ବିହାରରେ ଏକ ଓ୍ୱାନ୍-ଷ୍ଟପ୍ ଡିଜିଟାଲ୍ ପ୍ଲାଟଫର୍ମ କାର୍ଯ୍ୟକାରୀ କରାଯିବ । ପ୍ରତ୍ୟେକ ପ୍ରାର୍ଥୀ ଏବେ ମତଦାନ କେନ୍ଦ୍ରର ୧୦୦ ମିଟର ମଧ୍ୟରେ ସେମାନଙ୍କର ଏଜେଣ୍ଟ ନିୟୋଜିତ କରିପାରିବେ । ସମସ୍ତ ମତଦାନ କେନ୍ଦ୍ରରେ ୧୦୦% ଓ୍ୱେବକାଷ୍ଟିଂ ହେବ । ଇଭିଏମରେ ଏବେ କଳା ଏବଂ ଧଳା ବାଲଟ୍ ପେପର ବଦଳରେ ରଙ୍ଗୀନ ଫଟୋ ଏବଂ ସିରିଏଲ୍ ନମ୍ବର ଥିବା ବାଲଟ୍ ପେପର ବ୍ୟବହାର କରାଯିବ, ଯାହା ଦ୍ୱାରା ପ୍ରାର୍ଥୀଙ୍କ ଚିହ୍ନଟ ସହଜ ହେବ ଏବଂ ଭୋଟ୍ ପ୍ରକ୍ରିୟା ସ୍ୱଚ୍ଛ ହେବ ।

## ଶାନ୍ତି ରକ୍ଷା...

ବ୍ୟାଘାତ ସୃଷ୍ଟି ହେଉଛି । ଏଭଳି ବିଶୃଙ୍ଖଳାକାରୀଙ୍କ ଉପରେ ସରକାରଙ୍କ ନଜର ରହିଛି ଏବଂ ସେମାନଙ୍କ ଉପରେ ଆଇନ୍ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସହରର ଐତିହ୍ୟକୁ ଆହୁରି ଉପରକୁ ନେବା ପାଇଁ ସମସ୍ତେ ମିଳିମିଶି ଶାନ୍ତି ଶୃଙ୍ଖଳାର ସହିତ ଆଗକୁ ବଢନ୍ତୁ । ସହରର ଗୌରବକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି ।

# ପୂଜ୍ୟପୂଜା ସଂସଦ ସେବା ସଙ୍ଗଠନର ସହାୟତା ପ୍ରଦାନ

ସୋର,(ସବ୍ୟୁ): ଅସହାୟ ନିଃସହାୟ ଓ ରୋଗୀମାନଙ୍କର ବନ୍ଧୁ ପୂଜ୍ୟପୂଜା ସଂସଦ ସେବା ସଙ୍ଗଠନ ତରଫରୁ ରବିବାର ଦିନ ସିଙ୍ଗାଖୁଣ୍ଟା ପଞ୍ଚାୟତ ସିନ୍ଧୁଆ ଗ୍ରାମରେ ଜଣେ ରୋଗଗ୍ରସ୍ତ ୧୫ ବର୍ଷର ଆଦିବାସୀ ପିଲାକୁ ଚିକିତ୍ସା ସହାୟତା ପ୍ରଦାନ କରାଯାଇଛି । ଏହି ଗ୍ରାମର ଭାଗ୍ୟବନ୍ତ ସିଂଙ୍କର ଦୁଇଟି ଫୁସଫୁସ ନଷ୍ଟ ହୋଇ ଯିବା ପରେ ପଇସା ଅଭାବରୁ ତା'ର ପରିବାରଲୋକେ ଚିକିତ୍ସା ପାଇଁ ସମ୍ପୂର୍ଣ୍ଣ ଅସମର୍ଥ ହୋଇ ପଡ଼ିଛନ୍ତି । ତା ମାଆ ପରଘରୁ ମାଗିଯାଚି ପୁଅକୁ ଭଲ କରିବା ପାଇଁ ଅସମର୍ଥ ହେବାରୁ ସୋସିଆଲ ମିଡିଆରେ ଆର୍ଥିକ ସହାୟତା ପାଇଁ ନିବେଦନ କରିଥିଲେ । ଆଜି ସୋର ରେଓଦାର ପୂଜ୍ୟପୂଜା ସଂସଦ ସେବା ସଙ୍ଗଠନ ତାଙ୍କ ଘରେ ପହଞ୍ଚି ତାଙ୍କର ଅବସ୍ଥା ଦେଖିବା ସହିତ ସମସ୍ତ ସଭ୍ୟ/ସଭ୍ୟା ଦୁର୍ଗା ପୂଜାର ନିଜ ନିଜ ଖର୍ଚ୍ଚରୁ କାଟି ଭାଗ୍ୟବନ୍ତଙ୍କୁ ଏଗାର ହଜାର ଟଙ୍କା ଦେବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପୂଜ୍ୟପୂଜା ସଂସଦ ସମ୍ପାଦକ ଅଜୟ କୁମାର ଦାସଙ୍କ ନେତୃତ୍ୱରେ ରାଜେଶ କୁମାର ସାହୁ, ମିହିର ପାଣି, ସୁରେନ୍ଦ୍ର ପାଣିଗ୍ରାହୀ, ଚନ୍ଦ୍ର ଶେଖର ବେହେରା, ଉମାକାନ୍ତ ପଲେଇ, ସୁକାନ୍ତି ସାହୁ, ମିନତି ପଣ୍ଡା, ଗୀତାଞ୍ଜଳି ମହାନ୍ତି, ତ୍ରୈଲୋକ୍ୟ ଜେନା, ପୂର୍ଣ୍ଣଚନ୍ଦ୍ର ପୃଷ୍ଟି,ପ୍ରମୁଖ ଉପସ୍ଥିତ ଥିଲେ ।

**WALK-IN-INTFRVIEW**

**Balanga College, Balanga, Puri**
**Mobile No. 9237969245**

For the appointment as Contractual/Guest Faculty, the interested candidates having requisite qualification 55% marks in P.G. for the post of Lecturer in Logic and Philosophy -1, Chemistry-2, Mathematics-1, Psychology-1, Commerce-1 and Asst. Librarian-I(B.Lib. with computer skill), DE0-1(PGDCA] may attend the walk-in-interview at Balanga College campus at 11 A.M. on Dt.12.10.2025 with original certificates and two passport size photographs.

**Sd/- Principal**
**Balanga College, Balanga, Puri**

**AFFIDAVIT**

I Vikash Garg,S/O-Madan Lal Garg Resident At-D.A.V School Lane,Bisra Road, Rourkela Dist-Sundargarh, Odisha, Pin code 769001 Declare by this Affidavit No-45714, Date-04/10/2025, that now onwards I shall be known as **Vikash Kumar Garg** for all Future Purposes.

**AFFIDAVIT**

By virtue of an affidavit sworn before The Executive Magistrate TIRTOL, Dated 19.09.25 I Tukuna Das, S.o-Bholi Das, At- Mundida, Po-Sankheswar, Ps- Tirtol, Dist-Jagatsinghpur, Pin -754137, Odisha, declare that I have changed my name from Ajaya Das to Tukuna Das. Hanceforth, I shall be known as Tukuna Das for all purpose.

**Tukuna Das**

**AFFIDAVIT**

By virtue of an affidavit sworn before Executive Magistrate, Nayagarh Odisha on dated 11.09.2025. I, Chaturbhuja Nayak S/o- Bhikari Nayak Resident Of Village-Tentuliapalli P.O- Ikiri P.S-Itamati Dist- Nayagarh, PIN-752079. declare that I have changed my minor Son's name from Pratishru Nayak to Pratyush Kumar Nayak Henceforth, He shall be known as Pratyush Kumar Nayak for all purposes.

**Sd/- Chaturbhuja Nayak**

ହାର୍ଦ୍ଦିକ ଶୁଭେଚ୍ଛା ସହ

**ନିୟନ୍ତ୍ରିତ ବଜାର କମିଟି, ବାରିପଦା ତକତପୁର, ମୟୂରଭଞ୍ଜ**

ଆମର ପ୍ରୟାସ ଆମର ସଂକଳ୍ପ
ଚାଷୀ ଭାଇଭଉଣୀ ଓ ଖାଉଟିମାନଙ୍କ ଉନ୍ନତି କଳ୍ପେ ପ୍ରୟାସ

୧. ଚାଷୀ ଭାଇଭଉଣୀଙ୍କ ନିମନ୍ତେ ଆଦର୍ଶ କୃଷି ବଜାର ପ୍ରାଙ୍ଗଣ ସ୍ଥାପନ ।
୨. ଚାଷୀ ଭାଇଭଉଣୀମାନଙ୍କର ବାଳକ ଦ୍ରବ୍ୟର ସଂରକ୍ଷଣ ନିମନ୍ତେ ଗୋଦାମ ଗୃହ ନିର୍ମାଣ ।
୩. Agmarknet Portal ମାଧ୍ୟମରେ ଚାଷୀ ଭାଇଭଉଣୀଙ୍କୁ ବଜାର ଦରର ସୂଚନା ପ୍ରଦାନ ବ୍ୟବସ୍ଥା ।
୪. ଉନ୍ନତ କୃଷି ଓ କୃଷିଜାତ ଦ୍ରବ୍ୟର ସୁବିପଣନ ନିମନ୍ତେ ବିଭିନ୍ନ କର୍ମଶାଳା ଓ ତାଲିମ କାର୍ଯ୍ୟକ୍ରମ ଜରିଆରେ ଚାଷୀ ଭାଇଭଉଣୀମାନଙ୍କର ସଚେତନତା ଓ ଦକ୍ଷତା ବୃଦ୍ଧି କରିବା ।
୫. ଚାଷୀ ଭାଇଭଉଣୀମାନଙ୍କର କୃଷିଜାତ ଦ୍ରବ୍ୟର ସୁବିପଣନ ନିମନ୍ତେ ତକତପୁର ମୁଖ୍ୟ ବଜାର ପ୍ରାଙ୍ଗଣ ଓ ଉପବଜାର ପ୍ରାଙ୍ଗଣଠାରେ ନିୟମିତ କୃଷି ବଜାର ସ୍ଥାପନ ।
୬. ଚାଷୀ ଭାଇଭଉଣୀମାନଙ୍କର କୃଷିଜାତ ଦ୍ରବ୍ୟର ଅନ୍ତର୍ଜାତୀୟ ବଜାରରେ ବୈଦ୍ୟୁତିକ ଜାତୀୟ କୃଷି ବଜାର (eNAM) ମାଧ୍ୟମରେ ସୁବିଧାରେ ବିକ୍ରିବଟା କରି ଅଧିକ ଲାଭ ପାଇବାର ପ୍ରୟାସ ।

ସ୍ୱା/-
**ଶ୍ରୀଯୁକ୍ତ ବିଜୟ କୁମାର ହେମ୍ବ୍ରମ୍**
ସମ୍ପାଦକ,
ନିୟନ୍ତ୍ରିତ ବଜାର କମିଟି, ବାରିପଦା

ସ୍ୱା/-
**ଡ. ଦୟାସିନ୍ଧୁ ପରିଡ଼ା** (ଓ.ପ୍ର.ସେ, Gr.A (SB))
ଉପଜିଲ୍ଲାପାଳ, ବାରିପଦା ତଥା ଅଧ୍ୟକ୍ଷ,
ନିୟନ୍ତ୍ରିତ ବଜାର କମିଟି, ବାରିପଦା

ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ pnb punjab national bank (Together for the better)
Oriental United

**ମିଡ୍ କର୍ପୋରେଟ୍ ସେଣ୍ଟର, ପ୍ଲଟ୍ ନଂ.: ୫୮୪, ସୂର୍ଯ୍ୟ ବିହାର, କଟକ, ଓଡ଼ିଶା - ୭୫୩୦୧୨**

**ସର୍ବସାଧାରଣ ବିଜ୍ଞପ୍ତି**

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି କି ଶ୍ରୀ ହୃଷିକେଶ ଧଳ, ପିତା: କୁଶଧଳ, ସା: ଧଉରାଗୋଠଙ୍କ ଦ୍ୱାରା ଶ୍ରୀମତୀ ବିମଳା ଦେବୀ ଅଗ୍ରୱାଲା, ସ୍ୱାମୀ: ରାଜ କୁମାର ଅଗ୍ରୱାଲା, ସା: ନୁନୁକାପଶି, କିଶୋର ନଗରଙ୍କ ସପକ୍ଷରେ ସମ୍ପାଦିତ ନିମ୍ନଲିଖିତ ଦଲିଲ୍ ହଜିଯାଇଛି। **(୧)** ମୂଳ ବିକ୍ରୟ ଦଲିଲ ଯାହାର ପଞ୍ଜିକୃତ ବିକ୍ରୟ ଦଲିଲ୍ ନଂ.: ୯୭୧/୮୯, ତା.୦୭.୧୧.୧୯୮୯, ଖାତା ନଂ.: ୯୩/୮, ପ୍ଲଟ୍ ନଂ.: ୫୫୬, କ୍ଷେତ୍ର: ଏକର ୧.୬୪ ଡିସିମିଲି ଅନୁରୂପ ଖାତା ନଂ.: ୯୩/୪୮ (ବର୍ତ୍ତମାନ ଖାତା ନଂ.: ୯୩/୧୯୯), ମୌଜା: ସାନହୁଲ, ତହସିଲ/ଏସ୍ଆରଓ: ଆଠମଲ୍ଲିକ, ଥାନା: ଠାକୁରଗଡ, ଜିଲ୍ଲା: ଅନୁଗୁଳ। ଯଦି କେହି ଉପରୋକ୍ତ ଦଲିଲ୍‌କୁ ପାଇଥାନ୍ତି ବା ପାଆନ୍ତି ତେବେ ଯୋଗାଯୋଗ କରନ୍ତୁ: ବର୍ତ୍ତମାନର ମାଲିକ- ଶ୍ରୀମତୀ ପ୍ରମିଳା ସ୍ୱାଇଁ, ସ୍ୱାମୀ: ପ୍ରତାପ କୁମାର ସ୍ୱାଇଁ, ସା: ଅଚ୍ୟୁତପୁର, ପୋ: ପେଡିପଥର, ଥାନା: ଠାକୁରଗଡ, ଜିଲ୍ଲା: ଅନଗୁଳ, ଓଡ଼ିଶା - ୭୫୯୧୨୫ (ମୋ: ୯୪୩୭୧୨୮୪୩୩)। ପୁନଶ୍ଚ ଅବଗତ କରାଇ ଦିଆଯାଉଛି କି, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଉପରୋକ୍ତ ସମ୍ପତ୍ତିକୁ ଆଇନଗତ ବନ୍ଧକ ରଖିବାକୁ ଚାହୁଁଛନ୍ତି, ଯଦି କୌଣସି ବ୍ୟକ୍ତିଙ୍କର ଉପରୋକ୍ତ ସମ୍ପତ୍ତି ସମ୍ବନ୍ଧୀୟ ଆପତ୍ତି / ଅଭିଯୋଗ / ମାଲିକାନା ଥାଏ ତେବେ ଏହି ନୋଟିସ୍ ପ୍ରକାଶନର ୭ ଦିନ ମଧ୍ୟରେ **ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ମିଡ୍ କର୍ପୋରେଟ୍ ସେଣ୍ଟର, ପ୍ଲଟ୍ ନଂ.: ୫୮୪, ସୂର୍ଯ୍ୟ ବିହାର, କଟକ, ଓଡ଼ିଶା - ୭୫୩୦୧୨**ଙ୍କ ଠାରେ ତାହା ଉପସ୍ଥାପିତ କରିପାରିବେ।

**ଶାଖା ମୁଖ୍ୟ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ,**
**ମିଡ୍ କର୍ପୋରେଟ୍ ସେଣ୍ଟର**
**ତାରିଖ: ୦୬.୧୦.୨୦୨୫**

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

**ବ୍ୟାଙ୍କ ଅଫ୍ ଇଣ୍ଡିଆ**
**ବାଲେଶ୍ୱର ଶାଖା, ଓଟି ରୋଡ୍, ବାଲେଶ୍ୱର-୭୫୬୦୦୧**
**(ଆଞ୍ଚଳିକ କାର୍ଯ୍ୟାଳୟ: ବାରିପଦା ଅଞ୍ଚଳ)**

**ଲକର ନୋଟିସ୍**

ଏତଦ୍ଦ୍ୱାରା ଆମ୍ଭ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ବାଲେଶ୍ୱର ଶାଖାର** ନିମ୍ନ ଲକରଧାରୀମାନଙ୍କୁ ଜଣାଇ ଦିଆଯାଉଛି କି, ଆମ୍ଭେ ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ ସେମାନେ ଦୀର୍ଘ ସମୟ ଧରି ଧାର୍ଯ୍ୟ ଲକର ଭଡା ପଇଠ କରିବାରେ ବିଫଳ ହୋଇଛନ୍ତି। ଲକରଧାରୀମାନେ ରାଜି ହୋଇଥିବା ନିୟମ ଓ ସର୍ତ୍ତାବଳୀ ଅନୁସାରେ ଭଡା ପ୍ରଦାନ ନକଲେ କିମ୍ବା କଥିତ ଲକରକୁ ଭାଙ୍ଗି ଖୋଲିବାର ଅଧିକାର ବ୍ୟାଙ୍କର ରହିଛି। ତଦାନୁଯାୟୀ ଲକରଧାରୀମାନଙ୍କୁ ବିଧିବଦ୍ଧ ସୂଚନା ଦିଆଯାଇ ନିମ୍ନଲିଖିତ ଲକରଗୁଡ଼ିକୁ ବ୍ୟାଙ୍କ **ତା.୨୪.୧୦.୨୦୨୫**ରିଖ ଦିନ କିମ୍ବା ପରେ ସମସ୍ତ ଆନୁଷ୍ଠାନିକତା ପୂରଣ କରି ଭାଙ୍ଗି ଖୋଲିବାକୁ ସ୍ଥିର କରିଛି ଏବଂ ସଂପୃକ୍ତ ନିମ୍ନଲିଖିତ ତାଲିକାସ୍ଥ ଲକରଧାରୀମାନଙ୍କୁ ପରାମର୍ଶ ଦିଆଯାଉଅଛି କି ସେମାନେ ନିର୍ଦ୍ଧାରିତ ସମୟ ଅର୍ଥାତ **ତା.୨୪.୧୦.୨୦୨୫**ରିଖ ପୂର୍ବରୁ ଶାଖା ସହ ଯୋଗାଯୋଗ କରି ବକେୟାକୁ ସମାଧାନ କରିବା ସହିତ ଲକର ଭଙ୍ଗାକୁ ଏଡ଼ାନ୍ତୁ, ଅନ୍ୟଥା **ତା.୨୪.୧୦.୨୦୨୫**ରିଖ ଦିନ କିମ୍ବା ଏହା ପରେ ଲକରଗୁଡିକୁ ଭଙ୍ଗା ଯିବ। ଲକର ଭାଙ୍ଗିବାର ଖର୍ଚ୍ଚ ଲକରଧାରୀମାନେ ବହନ କରିବେ ଏବଂ ବକେୟା ଭଡ଼ା/ଅନ୍ୟାନ୍ୟ ଖର୍ଚ୍ଚ ଇତ୍ୟାଦି ଆଦାୟ କରିବା ପାଇଁ ବ୍ୟାଙ୍କର ଆଇନଗତ ପଦକ୍ଷେପ ନେବାର ଅଧିକାର ସଂରକ୍ଷିତ ରହିଛି।

**ବାଲେଶ୍ୱର ଶାଖା**

| କ୍ର. ନଂ. | ଲକର ନଂ. | ଯେଉଁ ତାରିଖରୁ ବକେୟା ରହିଛି | ଲକରଧାରୀମାନଙ୍କ ନାମ ଏବଂ ଠିକଣା |
|---|---|---|---|
| ୧. | ୧୦୦୦୪୭ | ୦୨.୦୩.୨୦୨୨ | ଇନ୍ଦୁମତି ଦାସ, ସ୍ୱାମୀ: କରୁଣାକର ଦାସ, ଓଟି ରୋଡ୍, ବାଲେଶ୍ୱର, ପିନ୍-୭୫୬୦୦୧ |
| ୨. | ୧୦୦୦୧୦ | ୧୨.୦୬.୨୦୨୨ | ନରେନ୍ଦ୍ର ନାଥ ଦାସ, ସା: ଭୋଇସାହି, ବାଲେଶ୍ୱର, ପିନ୍-୭୫୬୦୦୧ |
| ୩. | ୨୦୦୦୧୫ | ୧୬.୦୬.୨୦୨୩ | ଦେବସ୍ମିତା ପଣ୍ଡା, ସ୍ୱାମୀ: ଶ୍ରୀ ସିଏସ୍ ପଣ୍ଡା, ସା/ପୋ: ବାଲିଆ, ନୂଆସାହି, ବାଲେଶ୍ୱର, ପିନ୍-୭୫୬୦୦୧ |

**ସ୍ଥାନ: ବାଲେଶ୍ୱର, ତାରିଖ: ୦୪.୧୦.୨୦୨୫** **କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ, ବାଲେଶ୍ୱର ଶାଖା**

**କୃଷି ଓ କୃଷକଙ୍କ ପ୍ରଗତିରେ**
**କୃଷି ବୈଷୟିକ ପରିଚାଳନା ସଂସ୍ଥା, ମୟୂରଭଞ୍ଜ**
**AGRICULTURE TECHNOLGY MANAGEMENT AGENCY**
**MAYURBHANJ**

**ମୟୂରଭଞ୍ଜ ଜିଲ୍ଲାରେ କୃଷି ଓ ଆନୁସଙ୍ଗିକ କୃଷି ବିକାଶ ନିମନ୍ତେ ୨୦୦୫ ମସିହାରୁ ପ୍ରତିଷ୍ଠିତ କୃଷି ବୈଷୟିକ ପରିଚାଳନା ସଂସ୍ଥା, ଆତମା, ମୟୂରଭଞ୍ଜ ନିମ୍ନ ଆଭିମୁଖ୍ୟ ନେଇ କାର୍ଯ୍ୟ କରିଆସୁଅଛି ।**

- ଜିଲ୍ଲାର କୃଷିର ବିକାଶ ନିମନ୍ତେ **Strategic Action Plan** ପ୍ରସ୍ତୁତ କରି ଲକ୍ଷ୍ୟ ହାସଲ ଦିଗରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅଗ୍ରସର ।
- ଫସଲ ବିଭିଧତା (**Crop Diversification**) ଉପରେ ଗୁରୁତ୍ୱ ପ୍ରଦାନ ଏବଂ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ।
- ଅଣଧାନ ଯଥା ମକା, ମୁଗ, ବିରି, ଚିନାବାଦାମ, ରାଶି, ମାଣ୍ଡିଆ ଫସଲ ଚାଷ ଉପରେ ଅଧିକ ପ୍ରାଧାନ୍ୟ ଓ ପ୍ରୋତ୍ସାହନ ।
- କୃଷି ଓ ଆନୁସଙ୍ଗିକ ବିଭାଗ ଯଥା କୃଷି, ଉଦ୍ୟାନ କୃଷି, ପ୍ରାଣୀ ସମ୍ପଦ ଓ ମତ୍ସ୍ୟ ଉନ୍ନୟନ ବିଭାଗର କାର୍ଯ୍ୟରେ ସମନ୍ୱୟ ପ୍ରତିଷ୍ଠା କରି ସମନ୍ୱିତ ଚାଷ ପଦ୍ଧତି ଉପରେ ପ୍ରୋତ୍ସାହନ ।
- ଉନ୍ନତ ଧରଣର ବିଭିନ ଫସଲ ପ୍ରଦର୍ଶନୀ କ୍ଷେତ୍ର, କୃଷି ସମ୍ବନ୍ଧୀୟ ତାଲିମ, ଦକ୍ଷତା ବୃଦ୍ଧି ତାଲିମ, କୃଷକ କ୍ଷେତ୍ର ବିଦ୍ୟାଳୟ, ଶିକ୍ଷା ମୂଳକ ପରିଭ୍ରମଣ, କୃଷି ପ୍ରଦର୍ଶନୀ, କୃଷକ ବୈଜ୍ଞାନିକ ଆଲୋଚନାଚକ୍ର ଇତ୍ୟାଦି ଦ୍ୱାରା ଚାଷୀଙ୍କ ଜ୍ଞାନ ବୃଦ୍ଧି ନିମନ୍ତେ ବ୍ୟବସ୍ଥା ।
- କୃଷି ଓ ଆନୁସଙ୍ଗିକ ବିଭାଗୀୟ ଅଧିକାରୀ, କର୍ମଚାରୀ ଓ କୃଷି ଉପଦେଷ୍ଟା ମଣ୍ଡଳୀର ସଭ୍ୟମାନଙ୍କ ତାଲିମ, ବିଭିନ୍ନ ବୈଷୟିକ ଓ ସୂଚନାମୂଳକ ପୁସ୍ତିକା ପ୍ରସ୍ତୁତ ଓ ପ୍ରଦାନ ।
- ବଳରାମ ଯୋଜନା ଆନୁକୂଲ୍ୟରେ ଭୂମିହୀନ ଓ ଭାଗଚାଷୀଙ୍କ ପାଇଁ ଫସଲ ଋଣ ବ୍ୟବସ୍ଥା ।
- ପ୍ରତ୍ୟେକ ବ୍ଲକ୍‌ରେ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରରେ କୃଷକମାନଙ୍କୁ କୃଷି ଓ ଆନୁସଙ୍ଗିକ କୃଷି ସମ୍ବନ୍ଧୀୟ ସୂଚନା ପ୍ରଦାନ ।
- ଆଗ୍ରହୀ କୃଷକ ଗୋଷ୍ଠୀ, ମହିଳା କୃଷକ ଗୋଷ୍ଠୀ ଗଠନ ଓ ପ୍ରଶିକ୍ଷଣ ।
- ସଫଳ କୃଷକ ଓ କୃଷକ ଗୋଷ୍ଠୀଙ୍କୁ ସମ୍ମାନ ଓ ପ୍ରୋତ୍ସାହନ ବ୍ୟବସ୍ଥା ।
- ମହିଳା କୃଷକ ଗୋଷ୍ଠୀମାନଙ୍କର ସାମୁହିକ ବିକାଶ ନିମନ୍ତେ ଦକ୍ଷତା ବୃଦ୍ଧି ତାଲିମ ଏବଂ ମୂଳ ରାଶି ପ୍ରଦାନ ।
- ସି.ଏମ୍. କିଷାନ ଯୋଜନା ମାଧ୍ୟମରେ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କୁ ବର୍ଷରେ ୨ଟି କିସ୍ତିରେ ଟ.୨୦୦୦/- ହିସାବରେ ୪୦୦୦/- ଟଙ୍କା ଏବଂ ଭୂମିହୀନ ଚାଷୀମାନଙ୍କ ପାଇଁ ସର୍ବମୋଟ ୧୨,୫୦୦ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବାର ବ୍ୟବସ୍ଥା ଅଛି ।
- ସେହିପରି ପି.ଏମ୍. କିଷାନ ଯୋଜନାରେ ବର୍ଷକୁ ୩ଟି କିସ୍ତିରେ ୨୦୦୦ ଟଙ୍କା ହିସାବରେ ସର୍ବମୋଟ ୬୦୦୦ ଟଙ୍କା ସହାୟତା ରାଶି କୃଷି ଓ ଆନୁସାଙ୍ଗିକ କାର୍ଯ୍ୟ ପାଇଁ ଯୋଗାଇ ଦିଆଯାଉଛି ।
- କୃଷକ ପଞ୍ଜୀକରଣ ମାଧ୍ୟମରେ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଏକ ସ୍ୱତନ୍ତ୍ର ପଞ୍ଜୀକରଣ ନମ୍ବର ପ୍ରଦାନ କରାଯାଇଛି, ଯଦ୍ୱାରା ସେମାନେ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କର ବିଭିନ୍ନ ଯୋଜନାରେ ଲାଭବାନ ହୋଇପାରିବେ ।

କୃଷି ବୈଷୟିକ ପରିଚାଳନା ସଂସ୍ଥା, ମୟୂରଭଞ୍ଜ
ସଦାସର୍ବଦା କୃଷକଙ୍କ ସେବାରେ କାର୍ଯ୍ୟରତ ।

**ସ୍ୱା/- ଜ୍ଞାନବଲ୍ଲଭ ଦାସ**
**ପ୍ରକଳ୍ପ ନିର୍ଦ୍ଦେଶକ, କୃଷି ବୈଷୟିକ ପରିଚାଳନା ସଂସ୍ଥା, ମୟୂରଭଞ୍ଜ**

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- [illegible], ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- [illegible], ଗଞ୍ଜାମ- [illegible], କଳାହାଣ୍ଡି-ଶାନ୍ତନୁ ବେହେରା- [illegible], କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ- [illegible]

# ଭୁବନେଶ୍ୱରରେ "ମାଟର'ର ବିଦ୍ୟୁତ ଚାଳିତ ବାଇକ୍

ଭୁବନେଶ୍ୱର(ସବ୍ୟୁ): ଭୁବନେଶ୍ୱରରେ ଭାରତର ଅଗ୍ରଣୀ ବିଦ୍ୟୁତ ଚଳିତ ବାଇକ "ମାଟର' ଏକ୍ସପେରିଏନ୍ସ ହବର ଶୁଭାରମ୍ଭ ହୋଇଛି । ଏହାକୁ ଲୋକାର୍ପଣ



କରିଛନ୍ତି ଏକାମ୍ର ବିଧାୟକ ବାବୁ ସିଂ । "ମାଟର ଏକ୍ସପେରିଏନ୍ସ ହବ' ଜାଗମରାସ୍ଥିତ ନରେନ୍ଦ୍ର ଗାର୍ଡନ ନିକଟରେ ଅବସ୍ଥିତ । ଯେଉଁଠାରେ ଚାଳକମାନେ "ମାଟର'ର ସର୍ବାଧୁନିକ ଯୁଗର ଇଭି ପ୍ରଯୁକ୍ତିସମୂହ ସମ୍ପର୍କରେ ଅନୁଧାନ କରିପାରିବେ । ଉଦଘାଟନୀ କାର୍ଯକ୍ରମରେ ମାଟରର ଟିମ, ଡିଲର ସହଭାଗୀ ଏବଂ ସମଗ୍ର ଓଡ଼ିଶାରୁ ଇଭି ପ୍ରେମୀମାନେ ଉପସ୍ଥିତ ଥିଲେ ।

ଏହି ଅବସରରେ ମାଟର ଫାଉଣ୍ଡର ଓ ଗ୍ରୁପ ସିଇଓ ମୋହାଲ ଲାଲ ଭାଇ କହିଥିଲେ, ଭୁବନେଶ୍ୱର କେବଳ ଏକ ସାଂସ୍କୃତିକ ଏବଂ ଶିକ୍ଷାର ରାଜଧାନୀ ନୁହେଁ, ବରଂ ଏହା ଦୀର୍ଘସ୍ଥାୟିତ୍ୱ ନିମନ୍ତେ ପ୍ରଗତିଶୀଳ ଲକ୍ଷ୍ୟ ରଖୁଥିବା ଏକ ଉଦୀୟମାନ ସ୍ମାର୍ଟ ସିଟି ହୋଇଛି । ଏଠାରେ ନୂତନ ଏକ୍ସପେରିଏନ୍ସ ହବ ସହିତ ଜନସାଧାରଣଙ୍କୁ ସେମାନଙ୍କ ସମ୍ମୁଖରେ ବିଶ୍ୱ ଶ୍ରେଣୀର ଇଭି ପ୍ରଯୁକ୍ତ ସମ୍ପର୍କରେ ଅନୁଭୂତି ପାଇବାକୁ ସୁଯୋଗ ସୃଷ୍ଟି କରୁଛୁ । "ମାଟର' ଫାଉଣ୍ଡର ଓ ଗ୍ରୁପ ସିଟିଓ ପ୍ରସାଦ ଟେଲିକେପାଲ୍ଲି କହିଥିଲେ, ଏରା ଭାରତର ଇଞ୍ଜିନିୟରିଂ ଉତ୍କର୍ଷର ଏକ ନିଦର୍ଶନ ହୋଇଛି । ଯାହା ଭାରତ ନିମନ୍ତେ ଭାରତୀୟଙ୍କ ଦ୍ୱାରା ଡିଜାଇନ, ବିକଶିତ ଓ ନିର୍ମାଣ କରାଯାଇଛି । ପ୍ରତ୍ୟେକଙ୍କୁ ଭୁବନେଶ୍ୱରରେ ମାଟର ଏକ୍ସପେରିଏନ୍ସ ହବକୁ ଆସିବା ଏବଂ ଭାରତର ପ୍ରଥମ ଗିୟର ବିଶିଷ୍ଟ ବିଦ୍ୟୁତ ଚାଳିତ ମୋଟର ବାଇକ ଦେଖିବା ତଥା ଭବିଷ୍ୟତର ଗମନାଗମନ ଅନୁଭୂତି ହାସଲ କରିବାକୁ ଆମନ୍ତ୍ରଣ କରୁଛୁ । ଏହି ଅବସରରେ ଡିଲର ପ୍ରିନସିପାଲ ନିଶୀଥ ରଞ୍ଜନ ନନ୍ଦ ଉପସ୍ଥିତ ଥିଲେ ।

### ଲୋକସେବା ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

କଟକ,(ସବ୍ୟୁ): କଟକ ସହରର ବିରୂପା ପାର୍ଶ୍ୱ ଉଦ୍ୟାନ ପରିସରରେ ଲୋକସେବା ସଂଗଠନ ପକ୍ଷରୁ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ କୁନି କୁନି ପିଲାମାନେ ଅଂଶ ଗ୍ରହଣ କରି ପରିବେଶ ସୁରକ୍ଷା ଓ ପ୍ରକୃତି ପ୍ରତି ସେବାର ଏକ ନୂତନ ସନ୍ଦେଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜୟଶ୍ରୀ ସାହୁ,ପ୍ରୀତବାସ ସାହୁ, ମନୋରମା ନାୟକ ପ୍ରଭୃତି ଅଂଶଗ୍ରହଣ କରିଥିଲେ । ଉଦ୍ୟାନର ସୁପରଭାଇଜର ବାବୁଲି ବେହେରା ଓ ଅନ୍ୟ କାର୍ଯ୍ୟକର୍ତ୍ତାମାନଙ୍କ ସହଯୋଗ ଫଳରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପରିବେଶ ସୁରକ୍ଷା ଓ ସମାଜିକ ଜାଗରଣ ପାଇଁ ଲୋକସେବା ପକ୍ଷରୁ ଏହି ଉଦ୍ୟମ ଜାରି ରହିଛି ।

# ମାଲାବାର ଗୋଲ୍ଡର ସଲିଟାୟାର ଶୋ'

ଭୁବନେଶ୍ୱର,(ସବ୍ୟୁ): ଅଗ୍ରଣୀ ସୁନା ଏବଂ ହୀରା ଅଳଙ୍କାର ଖୁଚୁରା ବିକ୍ରେତା ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ତାହାର ସ୍ଥାନୀୟ ସହିଦନଗର ଷ୍ଟୋରରେ 'ସଲିଟାୟାର ଶୋ' ଗର୍ବର ସହିତ ଉପସ୍ଥାପନ କରୁଛି । ଦୁର୍ଲଭ ଏବଂ ମୂଲ୍ୟବାନ ସଲିଟାୟାର ସହିତ ସଜ୍ଜିତ ଉତ୍କୃଷ୍ଟ ଅଳଙ୍କାର ପ୍ରଦର୍ଶନ କରି, ଏହି କାର୍ଯ୍ୟକ୍ରମ ଏକ ମନମୋହକ ଅନୁଭୂତିର ପ୍ରତିଶ୍ରୁତି ଦିଏ । ୪ ଅକେଫାବରରୁ ୧୨ଅକେଫାବର ୨୦୨୫ ପର୍ଯ୍ୟନ୍ତ, ଗ୍ରାହକମାନେ ଭୁବନେଶ୍ୱରର ସହୀଦ ନଗରର ରୂପାଲି ସ୍କୋୟାରରେ ଅବସ୍ଥିତ ଷ୍ଟୋରରେ ସଲିଟାୟାରର ସର୍ବବୃହତ ସଂଗ୍ରହର ମହିମା ଅନୁଭବ କରିପାରିବେ । ଏହି ଶୋ' ହେଉଛି ସୁନ୍ଦର ହୀରା ସଲିଟାୟାରର ଏକ ସଂଗ୍ରହ, ପ୍ରତ୍ୟେକଟି ଏକ




ଅନନ୍ୟ ଶିଳାଲେଖ ବହନ କରେ, ଯାହା ସୌନ୍ଦର୍ଯ୍ୟ, ବିରଳତା ଏବଂ ଦାୟିତ୍ୱପୂର୍ଣ୍ଣ ସୋର୍ସିଂ ନିଶ୍ଚିତ କରେ । ମାଲାବାର ଗ୍ରୁପର ଅଧ୍ୟକ୍ଷ ଏମ ପି ଅହମ୍ମଦ ତାଙ୍କ ଉତ୍ସାହ ବାଣ୍ଟି କହିଛନ୍ତି, ଆମେ ଆମ ଗ୍ରାହକମାନଙ୍କୁ କେବଳ ଅସାଧାରଣ ହୀରା ଅଳଙ୍କାର ପ୍ରଦାନ କରୁ, ଏହା ଆମ ବ୍ରାଣ୍ଡର ବିଶ୍ୱାସ ଏବଂ ବିଶ୍ୱସନୀୟତାର ପ୍ରମାଣ । ଏହି ସ୍ୱତନ୍ତ୍ର ଶୋ ମାଧ୍ୟମରେ, ଆମେ ଆମର ସମସ୍ତ ଗ୍ରାହକଙ୍କୁ ଏକ ଅସାଧାରଣ ଅଳଙ୍କାର କ୍ରୟ ଅଭିଜ୍ଞତା ପ୍ରଦାନ କରିବାକୁ ଅପେକ୍ଷା କରୁଛୁ । ସଲିଟାୟାର ଶୋ'ରେ, ଗ୍ରାହକମାନେ ବିଭିନ୍ନ ଆକୃତି, ଆକାର ଏବଂ ରଙ୍ଗ ସହିତ ଶହ ଶହ ହୀରା ଆବିଷ୍କାର କରିପାରିବେ ଏବଂ ସେମାନଙ୍କର ବିଶେଷ ସ୍ମୃତିକୁ ମୂର୍ତ୍ତିମନ୍ତ କରୁଥିବା ଅଳଙ୍କାର ବାଛିପାରିବେ ।

# ଡ୍ରିମ୍ସରେ ଗାନ୍ଧୀ ଓ ଶାସ୍ତ୍ରୀଜୀଙ୍କୁ ଶ୍ରଦ୍ଧାଞ୍ଜଳି

କଟକ, (ସ୍ୱପ୍ର): ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୬ତମ ଓ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀଙ୍କ ୧୨୧ତମ ଜୟନ୍ତୀ ପାଳନ ଅବସରରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହି ଦୁଇ ମହାନ୍ ରାଷ୍ଟ୍ର ନିର୍ମାତାଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଗାନ୍ଧିଜୀଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ଉପସ୍ଥିତ ବରିଷ୍ଠ ପଦାଧିକାରୀ ଓ କର୍ମଚାରୀ ପ୍ରଦୀପ ପ୍ରଜ୍ୱଳନ ସହିତ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।



ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଅବସରରେ ଗାନ୍ଧିଜୀ ଓ ଶାସ୍ତ୍ରୀଜୀଙ୍କ ତ୍ୟାଗପୂତ ଜୀବନାଦର୍ଶରେ ଅନୁପ୍ରାଣିତ ହେବାକୁ ଦିଗଦର୍ଶନ ଦେଇଥିଲେ । ପ୍ରଶାସନିକ ବରିଷ୍ଠ ନିର୍ଦ୍ଦେଶକ ବଳରାମ କର ଭାରତର ମୁକ୍ତି ସଂଗ୍ରାମରେ ଗାନ୍ଧିଜୀଙ୍କ ଅତୁଳନୀୟ ଅବଦାନ ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ଡିନ୍ ଡ. ନୟନ ରଂଜନ ସାମଲ, ନିର୍ଦ୍ଦେଶକ (ଛାତ୍ର ସଂପର୍କ) ଲୋକନାଥ ବେହେରା, ପ୍ରାଧ୍ୟାପକ ଡ. ଜୀବନାନନ୍ଦ ମେହେନା, ଡ. ବିଶ୍ୱଜିତ୍ ତ୍ରିପାଠୀ, ପ୍ରାଧ୍ୟାପକ ସୁଶାନ୍ତ କୁମାର ସେଠୀ, ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

### ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ

କଟକ,(ସ୍ୱପ୍ର): ସ୍ଥାନୀୟ ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ରୋଭର ଓ ରେଞ୍ଜରୟୁନିଟ୍ ପକ୍ଷରୁ ଆଭାସୀ ମାଧ୍ୟମରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀ ଓ ସେମାନଙ୍କ ଲିଗାସୀ ଉପରେ ଆଲୋଚନା ହୋଇଥିଲା । ଏଥିରେ ଗାନ୍ଧୀବାଦର ବିଶିଷ୍ଟ ପ୍ରାଧ୍ୟାପକ ତଥାୟୁପିର ପ୍ରୟାଗରାଜ ଓ ପଶ୍ଚିମବଙ୍ଗର ସେରାମପୁର କଲେଜରେ ଅଧ୍ୟାପନା କରିଥିବା ଡ. ବିନୋଦ ପିଟର ସେନାପତି ଏବଂ ନୂଆଦିଲ୍ଲୀ ସ୍ଥିତ ଜାତୀୟ ଗାନ୍ଧୀ ମ୍ୟୁଜିୟମର ଯୁଗ୍ମ ନିର୍ଦ୍ଦେଶକ ଉତ୍ତମ କୁମାର ସିହ୍ନା ଅତିଥି ବକ୍ତା ଭାବରେ ଯୋଗ ଦେଇଥିଲେ । ଡ. ସେନାପତି ଗାନ୍ଧିଜୀଙ୍କ ସ୍ୱଦେଶୀ ଆନ୍ଦୋଳନ ଏବଂ ଗ୍ରାମାଞ୍ଚଳ ଉନ୍ନୟନର କଥା କହିଥିଲେ । ଓଡ଼ିଆମାନେ ଆଜି ମଧ୍ୟ 'କାଟି ପିନ୍ଧିବାକୁ' ଜୀବନର ବ୍ରତ ରୂପେ ପାଳନ କରୁଥିବା କହିଥିଲେ । ଡ. ସିହ୍ନା ଗାନ୍ଧୀଙ୍କ 'ସତ୍ୟ ହିଁ ଭଗବାନ' ଉକ୍ତିକୁ ଉଦ୍ଧୃତ କରିଥିଲେ । ଏହି ଓ୍ୱେବିନାରରେ ୫୦ ରୁ ଅଧିକ ଛାତ୍ରଛାତ୍ରୀ, ଷ୍ଟାଫ୍ ଏବଂ ଫାକଲଟି ସଦସ୍ୟ ଯୋଗ ଦେଇଥିଲେ । ରୋଭର ଲିଡର ଡ. ସନ୍ଦୀପ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମର ସଫଳତା ପାଇଁ କୁଳପତି ପ୍ରଫେସର ତେଜପ୍ରତାପ, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ଓ ଛାତ୍ର କଲ୍ୟାଣ ବିଭାଗ ଡିନ୍ ପ୍ରଫେସର ଡ. ଜୟପ୍ରକାଶ ଭଟ୍ଟ ପ୍ରମୁଖ ଆୟୋଜକମାନଙ୍କୁ ଧନ୍ୟବାଦ ଜଣାଇଥିଲେ ।

### ମିଶୋ ମେଗା ବ୍ଲକବଷ୍ଟର ସେଲ୍ ୨୦୨୫ରେ

# ୨୦୬ କୋଟି ଗ୍ରାହକଙ୍କ ଅଂଶଗ୍ରହଣ

ଭୁବନେଶ୍ୱର, (ସବ୍ୟୁ): ମିଶୋ ଏହାର ବାର୍ଷିକ ମେଗା ବ୍ଲକବଷ୍ଟର ସେଲ୍ ୨୦୨୫ ଗ୍ରାହକ, ବିକ୍ରେତା ଏବଂ ବ୍ରାଣ୍ଡଙ୍କ ରେକର୍ଡ ଅଂଶଗ୍ରହଣ ସହିତ ସମାପ୍ତ କରିଛି । ଏହି ବର୍ଷର ସେଲ୍ କିପରି ପ୍ରଯୁକ୍ତିବିଦ୍ୟା, ସୁଲଭତା ଏବଂ ବିଶ୍ୱାସ ଭାରତ ସ୍ତରରେ ଉତ୍ସବ ବାଣିଜ୍ୟକୁ ପୁନଃ ଆକାର ଦେଉଛି ତାହା ଉପରେ ଆଲୋକପାତ କରିଛି । ମେଗା ବ୍ଲକବଷ୍ଟର ସେଲ୍ ୨୦୨୫ ଭାରତର କ୍ରେତାମାନଙ୍କ ବିକଶିତ ଯାତ୍ରାକୁ ଦୃଢ଼ କରିଛି । ଦିଲ୍ଲୀରୁ ବିଶାଖାପାଟନମ୍ ପର୍ଯ୍ୟନ୍ତ ବ୍ୟବସାୟଗୁଡ଼ିକ ଦୀପାବଳି ପୂର୍ବରୁ ଲକ୍ଷ ଲକ୍ଷ ନୂତନ ଉତ୍ପାଦ ଲଂଚ କରିବା ପର୍ଯ୍ୟନ୍ତ । ଏହି ପ୍ଲାଟଫର୍ମ ୨୦୬ କୋଟି ଗ୍ରାହକଙ୍କ ଗସ୍ତକୁ ସ୍ୱାଗତ କରିଛି, କ୍ରେତାମାନେ ସେଲ୍ ସମୟରେ ମିଶୋରେ ୧୧୭ ନିୟୁତ ଘଂଟାରୁ ଅଧିକ ସମୟ ବିତାଇଛନ୍ତି । ପ୍ରିପେଡ୍ କାରବାର ମଧ୍ୟ ୫୭% ବୃଦ୍ଧି ପାଇଛି, ଯାହା ଦର୍ଶାଉଛି ଯେ ଡିଜିଟାଲ୍ ପେମେଂଟ ଏବେ ଭାରତୀୟ କ୍ରେତାମାନଙ୍କ ପାଇଁ ଦ୍ୱିତୀୟ ପ୍ରକୃତି ପାଲଟିଛି । ମିଶୋର ମହା ଦୀପାବଳି ସେଲ୍ ୪ ଅକ୍ଟୋବର ରୁ ୧୫ ଅକ୍ଟୋବର, ୨୦୨୫ ପର୍ଯ୍ୟନ୍ତ ଲାଇଭ୍ ହୋଇଛି ।

### କାରଖାନାରେ ବାଣ ଭିଡୁଥିବା ବେଳେ ଭୟଙ୍କର ବିସ୍ଫୋରଣ : ୩ ଗୁରୁତର

# ୨ ପିକଅପ, ଗୋଟିଏ ଟ୍ରାକ୍ଟର ଭର୍ତ୍ତି ବାଣ ସମେତ ସାମଗ୍ରୀ ଜବତ

ବେତନଟୀ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ବାଛୁରୀପଡା ଗ୍ରାମର ବେଆଇନ ବାଣ ପ୍ରସ୍ତୁତି କରିବା ସମୟରେ ବିସ୍ଫୋରଣ ଘଟିଛି । ଏହି ବିସ୍ଫୋରଣରେ ଘରର ଛପର ଉଡ଼ି ଯାଇଥିବା ବେଳେ କଂକ୍ରିଟ କାନ୍ଥ ଭୁଶୁଡ଼ି ୪ ଜଣ ଗୁରୁତର ଆହତ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବାର ଜଣାଯାଇଛି । ବୈଶିଙ୍ଗା ଥାନା ପୁରୁଣିଆ ପଞ୍ଚାୟତ ଅଧୀନ ବାଛୁରପଡା ଗ୍ରାମରେ ବାଣ ତିଆରି କରିବା ଏକ ଦୈନନ୍ଦିନ କାର୍ଯ୍ୟ ହୋଇଥିବା ବେଳେ ଗ୍ରାମର ପ୍ରାୟତଃ ପରିବାରବର୍ଗଙ୍କ ଘରେ ବିପୁଳ ପରିମାଣରେ ବିସ୍ଫୋରକ ସାମଗ୍ରୀ ମଧ୍ୟ ଗଚ୍ଛିତ କରି ରଖିବା ସହ ବେଆଇନ ବାଣ ପ୍ରସ୍ତୁତି କରିଥାଆନ୍ତି । ଏହି କ୍ରମରେ ସନ୍ତୋଷ ଦାସଙ୍କ ପରିବାର ମଧ୍ୟ ବହୁ ବର୍ଷ ଧରି ବାଣ ପ୍ରସ୍ତୁତି କରିଆସୁଥିଲେ । ରବିବାର ପୂର୍ବାହ୍ନ ସମୟରେ ଉକ୍ତ ପରିବାରର ୪ ଜଣ ବେଆଇନ ବାଣ ତିଆରି କାମରେ ନିୟୋଜିତ ଥିଲେ । ଆଗକୁ ଦୀପାବଳି ଆସୁଥିବାରୁ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ସମେତ ବାଣ



ତିଆରି ସରଞ୍ଜାମ ଆଗୁଆ ମହଜୁଦ ରଖାଯାଇଥିଲା । ସନ୍ତୋଷ ଦାସଙ୍କ ବଡ଼ ପୁଅ ଅନିଲ କୁମାର ଦାସ ଛପର ଘରର ଭିତରେ ପଟରେ ରହି ବାଣ ଭିଡୁଥିବା ବେଳେ ଅନିଲଙ୍କ ମାଆ ଶାନ୍ତିଲତା ଦାସ, ସ୍ତ୍ରୀ କ୍ରିଷ୍ଣା ଦାସ, ସାନ ଭାଇ ସୁନୀଲ ଦାସ ଉକ୍ତ ଘରର ବାହାର ପାଖରେ ରହି ବାଣ ଭିଡୁଥିଲେ । ଏହି ସମୟରେ କୌଣସି କାରଣ ବଶତଃ ପୂର୍ବାହ୍ନ ପାଖାପାଖି ୧୧ଟା ବେଳକୁ ଭୟଙ୍କର ବିସ୍ଫୋରଣ ହୋଇଥିଲା । ଫଳରେ ଘରର ପକ୍କା କାନ୍ଥ , ଛପର ଭାଙ୍ଗି ମାଟିରେ ମିଶିଯାଇଥିଲା । ଏହି ବିସ୍ଫୋରଣରେ ଅନିଲ ର ସ୍ୱାସ୍ଥ୍ୟବସ୍ଥା ସଂକଷ୍ଟାପନ୍ନ ଥିବା ବେଳେ ମା , ସ୍ତ୍ରୀ ଏବଂ ସାନ ଭାଇ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକ ଅବସ୍ଥା ସଙ୍କଟାପନ୍ନ ଥିବା ଅନିଲଙ୍କୁ ପ୍ରଥମେ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନା ଓ ପରେ କଟକ ନେଇଥିଲେ । ସେହିପରି ଗୁରୁତର ଆହତ ଅନିଲଙ୍କ ମାଆ ଶାନ୍ତିଲତା , ସ୍ତ୍ରୀ କ୍ରିଷ୍ଣା , ସାନ ଭାଇ ସୁନୀଲ ମଧ୍ୟ ସ୍ଥାନୀୟ ବୈଶିଙ୍ଗା ଡାକ୍ତରଖାନା ପରେ ବାରିପଦା ଡ଼ାକ୍ତରଖାନା ରେ ଚିକିତ୍ସାଧୀନ ଥିବା ଜଣାଯାଇଛି । ବିସ୍ଫୋରଣ ଖବରପାଇ ବୈଶିଙ୍ଗା ଥାନାଧିକାରୀ ବାରିଣୀ ଦାସ , ବେତନଟୀ ଏସଡ଼ିପିଓ ମିନତୀ ବିଶ୍ୱାଳ, ବେତନଟୀ ଅତିରିକ୍ତ ତହସିଲଦାର ଈଶ୍ୱର ଚନ୍ଦ୍ର ରଣା ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ । ଏହି ଘଟଣାକୁ ଆଧାର କରି ବୈଶିଙ୍ଗା ଥାନାଧିକାରୀ , ବେତନଟୀ ଏସଡିପିଓ ,ଅତିରିକ୍ତ ତହସିଲଦାର ସଦଳବଳ ବାଛୁରୀପଡ଼ା ଗ୍ରାମରେ ଚଢଉ କରି ପ୍ରସ୍ତୁତ କରି ଗଚ୍ଛିତ ରଖାଯାଇଥିବା ବେଆଇନ ବାଣ , ବାଣ ପ୍ରସ୍ତୁତି ସାମଗ୍ରୀକୁ ଜବତ କରିଥିଲେ । ଏହି ଚଢାଉ ରେ ବାଛୁରୀପଡ଼ା ଗ୍ରାମରୁ ଦୁଇ ପିକଅପ ଏବଂ ଗୋଟିଏ ଟ୍ରାକ୍ଟର ଭର୍ତ୍ତି ବେଆଇନ ବାଣ , ବାଣ ପ୍ରସ୍ତୁତି ସାମଗ୍ରୀକୁ ଜବତ କରାଯାଇଥିଲା

### ପୋଲିସ ଏସ୍ଆଇ ନିଯୁକ୍ତି କେଳେଙ୍କାରୀ ପ୍ରସଙ୍ଗ

# ଚାକିରି ଚୋରି ଘଟଣାରେ ରାଜ୍ୟ ସରକାରଙ୍କ ମୁଖା ଖସି ପଡିଛି: ବିଜେଡି

ଭୁବନେଶ୍ୱର, (ସବ୍ୟୁ): ପୋଲିସ ଏସ୍ଆଇ ପରୀକ୍ଷାର କେଳେଙ୍କାରୀ ଘଟଣାରେ କ୍ରାଇମବ୍ରାଂଚ ତଦନ୍ତ ମାଧ୍ୟମରେ କେବଳ ଏଥିରେ ସମ୍ପୃକ୍ତ ବଡ଼ ମୁଣ୍ଡମାନଙ୍କୁ ଖସାଇ ଦେବାକୁ ରାଜ୍ୟ ସରକାର ଉଦ୍ୟମ କରୁଛନ୍ତି ବୋଲି ବିଜୁ ଜନତା ଦଳ କହିଛି । ଶଙ୍ଖ ଭବନରେ ରବିବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ନେତା ପ୍ରୀତିରଞ୍ଜନ ଘଡେଇ କହିଥିଲେ, କ୍ରାଇମବ୍ରାଂଚ ଏହି ଘଟଣାରେ ସମ୍ପୃକ୍ତ କେବଳ ଦଲାଲମାନଙ୍କୁ ଧରୁଛି ଓ ବଡ ମୁଣ୍ଡକୁ ଛାଡି ଦିଆଯାଉଛି ।

ଶ୍ରୀ ଘଡେଇ କହିଥିଲେ, ଚାକିରି ଚୋର ସରକାରଙ୍କ କାର୍ଯ୍ୟରେ ରାଜ୍ୟର ଯୁବ ସମାଜ ବ୍ୟତିବ୍ୟସ୍ତ ହୋଇ ପଡିଲେଣି, ହତାଶ ହୋଇ ପଡିଲେଣି । ରାଜ୍ୟର ଯୁବ ସମାଜ ରାଜ୍ୟ ସରକାରଙ୍କ ଉପରେ ଆସ୍ଥା ହରାଇଲେଣି । ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ମାଝୀ ଗୃହ ମନ୍ତ୍ରାଳୟର ଦାୟିତ୍ୱରେ ଅଛନ୍ତି । ଏହି ଘଟଣାର ତଦନ୍ତ କ୍ରାଇମବ୍ରାଂଚ ହାତରେ ଦେଇଛନ୍ତି । ଏହି ନିଯୁକ୍ତି ପାଇଁ ପ୍ରଥମ ଥର ମାର୍ଚ୍ଚ ୭ ଓ ୮ ରେ ହେବାକୁ ଥିବା ପରୀକ୍ଷାକୁ ଶେଷ ମୁହୂର୍ତ୍ତରେ ବାତିଲ କରାଯାଇଥିଲା । ପରୀକ୍ଷା ବାତିଲର ନିର୍ଦ୍ଦିଷ୍ଟ କାରଣ ଜଣାପଡ଼ିନଥିଲା ବେଳେ ଓପିଆରବିର ଅଧ୍ୟକ୍ଷଙ୍କୁ ବିଦା କରି ନୂତନ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା । ଏହାପରେ, ଆଇଟିଆଇର ସହଯୋଗୀ ସଂସ୍ଥା ଭାବେ ପୂର୍ବରୁ ଥିବା ରିଚ ମାଇଣ୍ଡ୍କୁ ହଟାଯାଇ ସିଲିକନ୍ ଟେକ୍କୁ ଦାୟିତ୍ୱ ଦିଆଯାଇଥିଲା । ସିଲିକନ ଟେକ ପୁଣି ଫଂଚସଫ୍ଟ ଟେକନୋଲୋଜିକୁ ସହଯୋଗୀ ଭାବେ ଗ୍ରହଣ କରିଥିଲା । ଆଉଟସୋର୍ସିଂର ମାଧ୍ୟମରେ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନରେ ପୋଲିସ ଏସ୍ଆଇ ଚାକିରି ବିକ୍ରି ପାଇଁ ଏକ ସୁଚିନ୍ତିତ ଯୋଜନା କରାଯାଇଥିଲା ।

ଶ୍ରୀ ଘଡେଇ ଆହୁରି କହିଥିଲେ, ରାଜ୍ୟ ସରକାରଙ୍କ ଚାକିରି ଚୋରି କାର୍ଯ୍ୟକ୍ରମ ଓଡିଶାବାସୀଙ୍କ ସାମ୍ନାରେ ମୁଖା ଖସି ଯାଇଛି । କ୍ରାଇମବ୍ରାଂଚ ମାଧ୍ୟମରେ ସେ ଏଥିରେ ସମ୍ପୃକ୍ତ ବଡ଼ ମୁଣ୍ଡକୁ ଖସାଇ ଦେବାକୁ ଉଦ୍ୟମ କରୁଛନ୍ତି ରାଜ୍ୟ ସରକାର । ମୁଖ୍ୟମନ୍ତ୍ରୀଙ୍କ ସମେତ ରାଜ୍ୟର ଗୃହ ସଚିବ, ଡିଜି ପୋଲିସ ଓ ଓପିଆରବିର ଅଧ୍ୟକ୍ଷ ଏହି ଚାକିରି ଚୋରି କାର୍ଯ୍ୟକ୍ରମ ବିଷୟରେ ସ୍ପଷ୍ଟୀକରଣ ରଖନ୍ତୁ ଓ ସିବିଆଇ ତଦନ୍ତର ନିର୍ଦ୍ଦେଶ ଦିଅନ୍ତୁ ।

### ଓଡ଼ିଶା ଟେନିସ ଭଲିବଲ ସଂଘର କର୍ମକର୍ତ୍ତା ଚୟନ

# ସଞ୍ଜୟ ଜେନା ସଭାପତି, ସମ୍ପାଦକ ଅର୍ଣ୍ଣବ ସିହ୍ନା

କଟକ, (ସ୍ୱପ୍ର): ଓଡ଼ିଶା ଟେନିସ୍ ଭଲିବଲ ସଂଘର ଦଶମ ବାର୍ଷିକ ସାଧାରଣ ସଭା ଓ କର୍ମକର୍ତ୍ତା ଚୟନ ରବିବାର ସ୍ଥାନୀୟ ମହାନଦୀବିହାର ସ୍ଥିତ ରିଦ୍ଧିସିଦ୍ଧି ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । କୈଳାଶ ଚନ୍ଦ୍ର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶଶୀକାନ୍ତ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ । ଏଥିରେ ୧୮ଟି ଜିଲ୍ଲାର କର୍ମକର୍ତ୍ତାମାନେ ଅଂଶଗ୍ରହଣ କରି ଅନୁଷ୍ଠାନକୁ ଆଗକୁ ନେବା ସହ ଖେଳର ଉନ୍ନତି ଦିଗରେ ମତାମତ ଦେଇଥିଲେ । ପରେ କର୍ମକର୍ତ୍ତା ଚୟନ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଚୟନ ପରିଚାଳନା ଅଧିକାରୀ ଭାବରେ ହାଇକୋର୍ଟର ଆଇନଜୀବୀ ରଞ୍ଜିତ କୁମାର ମହାନ୍ତି ଯୋଗଦେଇ ଆଗାମୀ ୪ ବର୍ଷ ପାଇଁ ଓଡ଼ିଶା ଟେନିସ୍ ଭଲିବଲର ୧୫ ଜଣ ସଭ୍ୟଙ୍କୁ ଚୟନ କରିଥିଲେ । ଏଥିରେ ଅଧ୍ୟକ୍ଷ ଭାବେ ରାୟ ଗୁରୁ ଚିତ୍ତରଞ୍ଜନ ମହାପାତ୍ର, ସଭାପତି ସଞ୍ଜୟକୁମାର ଜେନା, କାର୍ଯ୍ୟକାରୀ ସଭାପତି ରବି ଦାସ, ଉପସଭାପତି କୈଳାଶ ଚନ୍ଦ୍ର ବାରିକ ଓ ରାଧାମୋହନ ନାୟକ ସମ୍ପାଦକ ଭାବେ ଅର୍ଣ୍ଣବ କୁମାର ସିହ୍ନା, ଯୁଗ୍ମସମ୍ପାଦକ ଭାବେ ସୁଶାନ୍ତ କୁମାର ପରିଡା, ନିହାରିକା ପଣ୍ଡା ଓ ସମୀର କୁମାର ଖୁଣ୍ଟିଆ, କୋଷାଧ୍ୟକ୍ଷ ଶଶୀକାନ୍ତ ନାୟକ, ପରିଚାଳନା ସମିତିର ଅଧ୍ୟକ୍ଷ ସଞ୍ଜୀବ ସାହୁ, ବୈଷୟିକ ଅଧ୍ୟକ୍ଷ ଅଜୟ କୁମାର ସାହୁ , ରେଫରୀ ବୋର୍ଡ ଅଧ୍ୟକ୍ଷ ସ୍ମୃତି ରଞ୍ଜନ ମହାପାତ୍ର ପ୍ରମୁଖ ଚୟନ ହୋଇଥିଲା ବେଳେ କାର୍ଯ୍ୟନିର୍ବାହୀ ସଭ୍ୟ ଭାବେ ସୂର୍ଯ୍ୟକାନ୍ତ ସ୍ୱାଇଁ, ସୌରମୋହନ ସାମଲ,




ମହେଶ୍ୱତା ସାହୁ, ବିଭୁ ପ୍ରସାଦ ରଥ, ଜ୍ଞାନ ରଞ୍ଜନ ସ୍ୱାଇଁ, ସାଫଲ୍ୟ ନାୟକ, ଏ. ଧନେଶ୍ୱର ରାଓ ପ୍ରମୁଖ ଚୟନ ହୋଇଥିଲେ । ସଭ୍ୟ ସୌର ମୋହନ ସାମଲ ନୂତନ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

### ସହର ପରିସ୍ଥିତିକୁ ନେଇ ଗଠିତ ହେଲା କଟକ ଶାନ୍ତି ସଦଭାବନା ସମିତି

# କଟକ ଭାଇଚାରାର ସହର , ଏଠାରେ ହିଂସାର ସ୍ଥାନ ନାହିଁ

କଟକ, (ସବ୍ୟୁ): କଟକ ହଜାର ବର୍ଷର ଐତିହାସିକ ସହର ।କଟକର ଭାଇଚାରା ସମଗ୍ର ଦେଶ ପାଇଁ ଏକ ଉଦାହରଣ ହୋଇ ଛିଡା ହୋଇଛି । ଏହାର ଇତିହାସରେ ଦଙ୍ଗାର ସ୍ଥାନ ନାହିଁ । ଦୂର୍ଗା ପୂଜା ଭଷାଣୀ ସମୟରେ ହୋଇଥିବା ଏକ ଦୁର୍ଘଟଣା ପାଇଁ କଟକ ନିନ୍ଦିତ ହୋଇଛି । ଏହାକୁ ଆଉ ଆଗକୁ ନବଢ଼ାଇ ଏଠାରେ ପୂର୍ବଭଳି ଶାନ୍ତି ସୌହାର୍ଦ୍ଦ୍ୟର ବାତାବରଣ ଫେରାଇ ଆଣିବାକୁ କଟକର ବିଭିନ୍ନ ବୁଦ୍ଧିଜୀବୀ, ସାମାଜିକ ସାମାଜିକ, ରାଜନୈତିକ କର୍ମୀ ଗାନ୍ଧୀ ଭବନଠାରେ ଏକ ସଭା କରି ଆହ୍ୱାନ ଜଣାଇଛନ୍ତି ।

ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଜ୍ୟ ସଭାପତି ମନୋରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଉପସ୍ଥିତ ଜନସାଧାରଣ କଟକରେ ସ୍ଥାୟୀ ଶାନ୍ତି ସ୍ଥାପନ ଲକ୍ଷରେ 'କଟକ ଶାନ୍ତି ସଦଭାବନା ସମିତି' ଗଠନ କରିଛନ୍ତି । ଏହି ସଭାରେ କଟକ ସହରର ସାହି ମୁରବୀ, ପୂଜା କମିଟିର ମୁଖ୍ୟ, ମୋହଲ୍ଲା କମିଟି



ତଥା ଶାନ୍ତି କମିଟିମାନଙ୍କୁ ଶାନ୍ତି ସ୍ଥାପନ ନିମନ୍ତେ କାର୍ଯ୍ୟ କରିବା ତଥା ବିଭିନ୍ନ ଗୁଜବର ସତ୍ୟାସତ୍ୟ ଲୋକଙ୍କୁ ଜଣାଇବାକୁ ନିବେଦନ କରାଯାଇଛି । ଜିଲ୍ଲା ଓ ପୋଲିସ ପ୍ରଶାସନ ନିୟମିତ ସମୟ ଅନ୍ତରରେ ବ୍ୟାପୁଥିବା ବିଭିନ୍ନ ଗୁଜବକୁ ଖଣ୍ଡନ କରିବା ସହ ସତ୍ୟାସତ୍ୟ ଖବର ବାବଦରେ ସାମାଜିକ ଓ ଅନ୍ୟ ଗଣମାଧ୍ୟମ ମାଧ୍ୟମରେ ଜଣାଇବା ଆବଶ୍ୟକ ବୋଲି କୁହାଯାଇଛି । ଏଥିସହିତ ସାମାଜିକ ଗଣମାଧ୍ୟମରେ ବିଭିନ୍ନ ମିଥ୍ୟା ଓ ବିଦ୍ୱେଷ ମୂଳକ ପ୍ରଚାର କରୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବୀ ହୋଇଛି । ବିଗତ ଦିନରେ ଘଟିଯାଇଥିବା ଘଟଣା ସମ୍ବନ୍ଧରେ ନିରପେକ୍ଷ ତଦନ୍ତ କରିବା ନିମନ୍ତେ କ୍ୟାଟର ଜାତୀୟ ଉପସଭାପତି ନ୍ୟାୟମୂର୍ତ୍ତି ମନୋରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ଏକ କମିଟି ସହରର ବିଭିନ୍ନ ଅଞ୍ଚଳ ଗସ୍ତ କରିବା ସ୍ଥିର ହୋଇଛି । କଟକ ବନ୍ଦ ପାଇଁ ଡାକରା ଦେଇଥିବା ସଂଗଠନ ଏଥିରୁ ଓହରିଯିବା ପାଇଁ ମଧ୍ୟ ନିବେଦନ କରାଯିବା ସହ ଯେଉଁମାନେ ସହରରେ ଦଙ୍ଗା ଭଳି ପରିସ୍ଥିତି ସୃଷ୍ଟି କରିବାକୁ ଚେଷ୍ଟା କରିବେ, ସୁପ୍ରିମକୋର୍ଟ ନିର୍ଦ୍ଦେଶ ଅନୁସାରେ ଯଦି ସହରରେ କୌଣସି କ୍ଷୟକ୍ଷତି ହୁଏ, ତେବେ ସେମାନଙ୍କ ଠାରୁ ଆଦାୟ କରାଯିବ ବୋଲି ପ୍ରଶାସନ ଘୋଷଣା କରୁ ବୋଲି ଦାବୀ ହୋଇଛି ।

କଟକ ହିଂସା ବାବଦରେ ଜିଲ୍ଲା ପ୍ରଶାସନ ତଥା ମୁଖ୍ୟମନ୍ତ୍ରୀ ବିବୃତି ପ୍ରଦାନ କରିବାକୁ କଟକ ଶାନ୍ତି ସଦଭାବନା ସମିତି ପକ୍ଷରୁ ଶୈଳ ବେହେରା, ଚିତ୍ତ ରଞ୍ଜନ ମହାନ୍ତି, ଆଡଭକେଟ କ୍ଷୀରୋଦ ରାଉତ, କିଶୋର ଜେନା, ବିଜୟ ପଡ଼ିଆରୀ, ଡାକ୍ତର ନିବେଦିତା ଦାସ, ବିଶ୍ୱଜିତ ପାଣି, ବିଶ୍ୱାବସୁ ଦାସ, ଭିକାରୀ ଦାସ, ରବି ନାରାୟଣ ମଲ୍ଲିକ, ସୁଶାନ୍ତ ମହାପାତ୍ର, ଜୟନ୍ତ କୁମାର ଦାସ, ରୋହନ ମହାନ୍ତି, ଲକ୍ଷ୍ମୀ ପ୍ରକାଶ ମହାପାତ୍ର, ହରିହର ସେନ, ଆଡ଼ଭକେଟ ଜଗନ୍ନାଥ ମହାନ୍ତି, ଦୀପାୟନ ପଟ୍ଟନାୟକ, କାଶୀନାଥ ସ୍ୱାଇଁ, ପ୍ରସନ୍ନ ମହାପାତ୍ର, ବିଶ୍ୱଜିତ ସୂର୍ଯ୍ୟବଂଶୀ, ବିନୋଦ ବେହେରା, ଅନିମା ରାୟ, ଶିଶିର ଦାସ, ଅଭୟ ଦାସ ପ୍ରମୁଖ ଦାବୀ କରିଛନ୍ତି ।ଏହି ସଭାକୁ ଡାକ୍ତର ବିଶ୍ୱଜିତ ସଂଚାଳନ କରିଥିଲେ ।

# ଆମେରିକା ସହ କିଛି ପ୍ରସଙ୍ଗ ସମାଧାନ କରିବାର ଅଛି: ଜୟଶଙ୍କର



ନୂଆଦିଲ୍ଲୀ: ଭାରତର ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ. ଜୟଶଙ୍କର ଆଜି ଭାରତ-ଆମେରିକା ସମ୍ପର୍କର ବର୍ତ୍ତମାନର ସ୍ଥିତି ବିଷୟରେ ବିସ୍ତୃତ ବିବରଣୀ ଦେଇଥିଲେ। ସେ କହିଥିଲେ ଯେ ବର୍ତ୍ତମାନ ବାଣିଜ୍ୟ ପ୍ରସଙ୍ଗରେ ଭାରତ ଏବଂ ଆମେରିକା ମଧ୍ୟରେ ମତଭେଦ ରହିଛି। ଜୟଶଙ୍କର ସ୍ପଷ୍ଟ କରିଥିଲେ ଯେ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଆଲୋଚନାରେ ଏପର୍ଯ୍ୟନ୍ତ କୌଣସି ଚୂଡ଼ାନ୍ତ ଚୁକ୍ତି ହୋଇନାହିଁ, ଯାହା ଫଳରେ ଆମେରିକା ଭାରତ ଉପରେ କିଛି ଶୁଳ୍କ ଲାଗୁ କରିଛି, ଯାହାକୁ ଭାରତ ସର୍ବସାଧାରଣରେ ଅନୁଚିତ ବୋଲି ବର୍ଣ୍ଣନା କରିଛି। ସେ ଉଲ୍ଲେଖ କରିଛନ୍ତି ଯେ ରୁଷରୁ ଶକ୍ତି ଉତ୍ସ ଉପରେ ଆଉ ଏକ ଶୁଳ୍କ ଲାଗୁ କରାଯାଇଛି। ଜୟଶଙ୍କର ବ୍ୟାଖ୍ୟା କରିଛନ୍ତି ଯେ ରୁଷ ସହିତ ଅଧିକ ଜଟିଳ କିମ୍ବା ଚ୍ୟାଲେଞ୍ଜିଂ ସମ୍ପର୍କ ଥିବା ଅନ୍ୟ ଦେଶମାନେ ସମାନ କ୍ରୟ କରିଛନ୍ତି। ସେ କହିଛନ୍ତି, "ଏହି ସମସ୍ୟାଗୁଡ଼ିକର ସମାଧାନ ହେବା ଆବଶ୍ୟକ, ଏବଂ ଭାରତ ସକ୍ରିୟ ଭାବରେ ଏଗୁଡ଼ିକ ଉପରେ କାର୍ଯ୍ୟ କରୁଛି।" ଡକ୍ଟର ଜୟଶଙ୍କର ଉଲ୍ଲେଖ କରିଛନ୍ତି ଯେ ଚଳିତ ବର୍ଷ କ୍ୱାଡ୍ ଦେଶଗୁଡ଼ିକର ବୈଦେଶିକ ମନ୍ତ୍ରୀଙ୍କ ଦୁଇଟି ବୈଠକ ହୋଇଛି, ଯାହା ମଧ୍ୟରୁ ପ୍ରଥମଟି ରାଷ୍ଟ୍ରପତି ଟ୍ରମ୍ପ କ୍ଷମତାକୁ ଆସିବା ପରେ ହୋଇଥିଲା। ସେ କ୍ୱାଡ୍‌ର ସ୍ଥିରତା ଏବଂ ଶକ୍ତି ଉପରେ ଗୁରୁତ୍ୱାରୋପ କରି କହିଛନ୍ତି, ଏହିଭଳି ସମୟରେ, ଚ୍ୟାଲେଞ୍ଜଗୁଡ଼ିକୁ ଦାୟିତ୍ୱପୂର୍ଣ୍ଣ ଭାବରେ ମୂଲ୍ୟାଙ୍କନ କରିବା ଅତ୍ୟନ୍ତ ଜରୁରୀ।ଆମକୁ ଉଭୟ ସୀମାକୁ ଏଡାଇବାକୁ ପଡିବ - ପ୍ରଥମଟି ହେଉଛି ଯେ ସମସ୍ୟାକୁ ସମ୍ପୂର୍ଣ୍ଣ ଭାବରେ ଅସ୍ୱୀକାର କରିବା ନାହିଁ କିମ୍ବା କୌଣସି ପରିସ୍ଥିତିକୁ ଅତିରଞ୍ଜିତ କରିବା ନାହିଁ।" ଜୟଶଙ୍କର ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଭାରତ ସକାରାତ୍ମକ କୂଟନୀତି ଏବଂ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ଖୋଜୁଛି, ଏବଂ ଏହି ପ୍ରୟାସରେ କ୍ୱାଡ୍ ଭଳି ପ୍ଲାଟଫର୍ମ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ତାଙ୍କ ଅନୁସାରେ, ବର୍ତ୍ତମାନ ସମୟରେ, ବିଶେଷକରି ବିଶ୍ୱ ଅସ୍ଥିରତା ମଧ୍ୟରେ, ଅନ୍ତର୍ଜାତୀୟ ସହଯୋଗ ଏବଂ ଚୁକ୍ତିନାମାର ସ୍ଥିରତା ବଜାୟ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

## କଫ୍ ସିରପ୍ ଆତଙ୍କ

# ଛିନ୍ଦୱାଡା ପରେ ବେତୁଲରେ ଆଖି ବୁଜିଲେ ୨ ଶିଶୁ

ଭୋପାଳ : ମଧ୍ୟ ପ୍ରଦେଶରେ 'ପ୍ରାଣଘାତୀ' କଫ୍ ସିରଫ ପିଇବା ଦ୍ୱାରା ପିଲାଙ୍କ ମୃତ୍ୟୁର ଘଟଣା ଥମି ନାହିଁ । ଛିନ୍ଦୱାଡା ପରେ ଏବେ ବେତୁଲ ଜିଲ୍ଲାରେ ମଧ୍ୟ ୨ ଜଣ ଶିଶୁଙ୍କ ମୃତ୍ୟୁ ହୋଇଥିବା ସ୍ପଷ୍ଟ ହୋଇଛି। ଦୁଇ ଜଣ ଶିଶୁଙ୍କ କିଡନୀ ଫେଲ୍ ହେବାରୁ ମୃତ୍ୟୁ ହୋଇଛି। ସୂଚନା ଆଧାରରେ , ଏହି ଦୁଇ ଶିଶୁଙ୍କ ଚିକିତ୍ସା ଡାକ୍ତର ପ୍ରବୀଣ ସୋନି କରି ଥିଲେ। ଦୁଇ ପିଲାଙ୍କୁ କୋଲ୍ଡ୍ରିଫ୍ କଫ୍ ସିରପ୍ ଦିଆଯାଇ ଥିଲା। କହି ରଖୁଛୁ କି, ବେତୁଲର ପଡୋଶୀ ଜିଲ୍ଲାରେ ଛିନ୍ଦୱାଡାରେ ବିପଜ୍ଜନକ କଫ୍ ସିରପ୍ ପିଇବା ଦ୍ୱାରା ମୋଟ ୧୪ଜଣ ପିଲାଙ୍କ ମୃତ୍ୟୁ ହୋଇଛି।

ଛିନ୍ଦୱାଡାରେ କଫ ସିରପ୍ ପିଇବା ଦ୍ୱାରା ପିଲାଙ୍କ ମୃତ୍ୟୁ ମାମଲାରେ ପ୍ରଶାସନ ବଡ଼ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରି ଦେଇଛି। ଏଡିଏମ୍ ଧିରେନ୍ଦ୍ର ସିଂହ କହିଛନ୍ତି ଯେ, ଏବେସୁଦ୍ଧ ୧୪ ଜଣ ପିଲାଙ୍କ ମୃତ୍ୟୁ ସ୍ପଷ୍ଟ ହୋଇଛି। ସେ କହିଛନ୍ତି , ଏହିସବୁ ମାମଲାରେ କ୍ଷତିପୂରଣ ମଞ୍ଜୁର କରି ଦିଆ ଯାଇଛି ଏବଂ ରାଶି ପରିବାର ଲୋକଙ୍କ ଆକାଉଣ୍ଟରେ ପହଞ୍ଚି ସାରିଛି। ଏହା ବ୍ୟତୀତ ଛିନ୍ଦୱାଡାର ୮ ପିଲା ନାଗପୁର ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ତାଙ୍କର ସ୍ଥିତି ଉପରେ ନଜର ରଖିବା ପାଇଁ ପ୍ରଶାସନ ସ୍ତରରେ ଏକ ଟିମ୍ ଗଠନ କରାଯାଇଛି, ଯେଉଁଥିରେ ଡାକ୍ତର ଓ ଏଗଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ସାମିଲ ଅଛନ୍ତି।

ଏଡିଏମ୍ ସିଂହ କହିଛନ୍ତି ଯେ , ଡ୍ରଗ୍ କଣ୍ଟ୍ରୋଲରର ଟିମ୍ ମଧ୍ୟ ଗଠନ କରାଯାଇଛି, ଯେଉଁମାନେ ପ୍ରତିବନ୍ଧିତ କୋଲ୍ଡ୍ରିଫ୍ କଫ୍ ସିରପର ତଲାସରେ ଚଢାଉ ଓ ଜବତ କରୁଛନ୍ତି। ଏହାସହ ଏହି ମାମଲାକୁ ଖୁବ୍ ଗଭୀରତାର ସହ ଯାଞ୍ଚ ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସଆଇଟି) ମଧ୍ୟ ଗଠନ କରାଯାଇଛି, ଯାହା ତାମିଲନାଡୁ ଯାଉଛି, ଯାହାକି ଔଷଧର ସପ୍ଲାଇ ଚେନ୍ ଓ ନିର୍ମାଣ ପ୍ରକ୍ରିୟାର ଯାଞ୍ଚ କରାଯାଇ ପାରେ। ପ୍ରଶାସନ କହିଛିଯେ, ଯାଞ୍ଚ ପୂରା ହେବା ଯାଏ ସିରପ୍ ସହ ଜଡ଼ିତ ସବୁ ସାମଗ୍ରୀ ଉପରେ କଡ଼ା ନଜର ରଖାଯିବ।

# ଅନ୍ତର୍ଜାତୀୟ ଶିକ୍ଷକ ଦିବସ

ନୂଆଦିଲ୍ଲୀ ; ୟୁନେସ୍କୋ ଓ ଏଜୁକେସନ ଇଉନେସନାମ ଆନୁକୂଲ୍ୟରେ ୧୯୯୪ରୁ ପ୍ରତିବର୍ଷ ଅକ୍ଟୋବର ୫ରେ ବିଶ୍ୱ ସ୍ତରରେ ପାଳିତ ହେଉଛି ଅନ୍ତର୍ଜାତୀୟ ଶିକ୍ଷକ ଦିବସ । ଭବିଷ୍ୟତର ପିଢ଼ିକୁ ଗଢିବାରେ ଶିକ୍ଷକ ସମାଜର ଅବଦାନକୁ କେହି ଅଣଦେଖା କରିପାରିବେନାହିଁ । ତେଣୁ ଶିକ୍ଷକ ମାନଙ୍କ ସମ୍ମାନର୍ଥେ ଶହେରୁ ଅଧିକ ଦେଶରେ ଏହି ଦିବସ ପାଳନ କରି ଯାଇଛି । ଶିକ୍ଷା ପରମ୍ପରାରେ ଅତି ଗୁରୁତ୍ୱପୂର୍ଣ୍ଣ ଭାବେ ଗୁରୁ ପରମ୍ପରାର ଏକ ବିଶେଷ ନୀତି ବାଚକ ଦିନ ହେଉଛି ଯେ ଗୁରୁ ଯଦି ଠିକ୍ ନ ହୁଅନ୍ତି ତାହା ହେଲେ ତାଙ୍କର ଦୋଷ ଗୁଡ଼ିକୁ ଶିଷ୍ୟମାନେ ଅନୁସରଣ କରିପାରନ୍ତେ ନାହିଁ । ଏହିପରି ବହୁ ଜଣ ଓ ଛଦ୍ମବେଶୀ ଗୁରୁମାନେ ତାଙ୍କର ପ୍ରତିପରି ବିସ୍ତାର କରି ଚାଲିଛନ୍ତି । ପ୍ରକୃତ ଗୁରୁ ଯିଏ ସେ ନିଜର ସ୍ୱାର୍ଥକୁ ଅନ୍ୟର ସ୍ୱାର୍ଥ ଠାରୁ ଅଲଗା କରି ଭାବି ପାରନ୍ତି ନାହିଁ ।




ଗୁରୁ ନିର୍ବାଚନରେ ଚାରୋଟି ଜିନିଷ ବିଶେଷ କରି ଦେଖିବାକୁ ହୁଏ । ପ୍ରଥମତଃ ଦେଖିବାକୁ ହୁଏ - ପୂର୍ବତନ ପ୍ରାଥ ଆଚାର୍ଯ୍ୟମାନଙ୍କର ଧାରା ସହିତ ତାଙ୍କର ସାମଞ୍ଜସ୍ୟ ଅଛି କି ନାହିଁ ? ଦ୍ୱିତୀୟତଃ ଦେଖିବାକୁ ହୁଏ – ସେ ବୈଶିଷ୍ଟ୍ୟର ପରିପାଳନ ଓ ପରିପୋଷଣ କରି ଚାମତି କି କାହିଁ? ତୃତୀୟତଃ ଦେଖିବାକୁ ହୁଏ ତାଙ୍କର ଗୁରୁନିଷ୍ଠା କିପରି ? ଗୁରୁ ନିଷ୍ଠାର ଲକ୍ଷଣ ହେଲା ଆତ୍ମପ୍ରତିଷ୍ଠାରେ ଔଦାସିନା ଓ ଗୁରୁଙ୍କ ପ୍ରତିଷ୍ଠାରେ ଉଦର ଆଗ୍ରହ । ଆଉ ଚତୁର୍ଥ ଜିନିଷ ହେଲା – ଗୁରୁଙ୍କ କଥା ଓ କାମରେ ସଙ୍ଗତି । ମଣିଷ ଯାହା କହେ ତାହା ଯଦି ନିଜେ ଆଚରଣ ନ କରେ, ତାହାହେଲେ ସେଠାରେ ସନ୍ଦେହର ଅବକାଶ ଅଛି । ତେବେ ମୂନଗୁଡିକ ଯଦି ଠିକ୍ କଥାଏ କେବଳ କଥାରେ – କାମରେ ମେନ ବା ସାମ ଓସ୍ୟ ରହିଲେ ମଧ୍ୟ ସେ କିନ୍ତୁ ଅନୁସରଣଯୋଗ୍ୟ ବା ଗୁଜୁ ପଦବାଚ୍ୟ ନୁହଁନ୍ତି ।

ବିଭିନ୍ନ ବ୍ୟକ୍ତିଙ୍କର ବିଭିନ୍ନ ଗୁଡି, ତାହାର ବିଜ୍ଞାନ ଦିଗକୁ ଆବର୍ଷଣ, ବାହାର ଦର୍ଶନ ଦିଗନ୍ତୁ, କାହାର ସାହିତ୍ୟ ଦିଗକୁ, କାହାର ବ୍ୟବସାୟ-ବାଣିଜ୍ୟ ଦିଗକୁ, କାହାର କୃଷି ଦିଗକୁ, କାହାର ସାହିତ୍ୟ ଦିଗକୁ, କାହାର ସଙ୍ଗୀତ-ବାଦ୍ୟ ଦିଗରୁ, କିମ୍ବା ନାହାର ସାଧନା-ତପସ୍ୟା ଦିଗକୁ, ଏହି ବିଭିନ୍ନ ପ୍ରକାର ବ୍ୟକ୍ତିକୁ ଯିଏ ବିହିତ ଭାବରେ ସମାଦର ଓ ସମାବେଶ କରି ଉଦ୍‌ବର୍ଦ୍ଧନ ଦିଗକୁ ପ୍ରେରଣା ଓ ନିର୍ଦ୍ଦେଶ ଦେଇପାରନ୍ତି, ସେ ହିଁ ସମଷ୍ଟି ବ୍ୟକ୍ତିତ୍ୱ ସମ୍ପନ୍ନ ଗୁରୁ ବା ଗୁରୁ - ପୁରୁଷୋତ୍ତମ । ଜାତି, ଧର୍ମ, ବର୍ଣ୍ଣ ଓ ପ୍ରକୃତି ନିର୍ବିଶେଷରେ ତାହାଙ୍କ ପାଖରେ ପ୍ରତ୍ୟେକଙ୍କ ସମର୍ଶନୀ ଆଶ୍ରୟ ରହିଛି ସେ ହିଁ ପ୍ରକୃତ ଗୁରୁ ।

# ନେପାଳରେ ଭୟଙ୍କର ସ୍ଥିତି: ୫୧ ଜଣଙ୍କ ମୃତ୍ୟୁ, ସହାୟତା ପାଇଁ ଭାରତ ପ୍ରସ୍ତୁତ

କାଠମାଣ୍ଡୁ: ଭାରତର ଦାର୍ଜେଲିଂରେ ହୋଇଥିବା ଭୟଙ୍କର ଭୂସ୍ଖଳନ ପରି ସୀମାକୁ ଲାଗିଥିବା ଦେଶ ନେପାଳର ଅବସ୍ଥା ବି ଶୋଚନୀୟ ହୋଇପଡ଼ିଛି। ଶୁକ୍ରବାର ରାତି ଠାରୁ ଦୀର୍ଘ ୧୮ ଘଣ୍ଟାର ମୂଶଳ ବର୍ଷା ଯୋଗୁ ପୂର୍ବ ନେପାଳରେ ଭୂସ୍ଖଳନ ଓ ବନ୍ୟାରେ ୫୧ ଜଣଙ୍କ ମୃତ୍ୟୁ ହୋଇଛି। ରବିବାର ସକାଳ ସୁଦ୍ଧା ମୃତ୍ୟୁ ସଂଖ୍ୟା ୫୧ ହୋଇଥିଲା। ତେଣୁ ସଂଖ୍ୟା ଆହୁରି ବଢ଼ିପାରେ ବୋଲି କୁହାଯାଉଛି। ୫୧ ଜଣଙ୍କ ମୃତ୍ୟୁ ନେଇ ନେପାଳ ସେନା କର୍ମୀ ସୂଚନା ଦେଇଛନ୍ତି।

ଦେଶର କୋଶି ପ୍ରଦେଶର ଇଲାମ ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରାୟ ୩୭ ଜଣଙ୍କର ମୃତ୍ୟୁ ହୋଇଛି ବୋଲି ସଶସ୍ତ୍ର ପୋଲିସ ବାହିନୀ (ଏପିଏଫ)ର ମୁଖପାତ୍ର କାଳିଦାସ ଧାଉବାଜି କହିଛନ୍ତି। ଜାତୀୟ ବିପର୍ଯ୍ୟୟ ବିପଦ ହ୍ରାସ ଏବଂ ପରିଚାଳନା କର୍ତ୍ତୃପକ୍ଷ ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛି ଯେ, ୩୭ ଜଣଙ୍କ ମଧ୍ୟରୁ ଦେଉମାଇ ଏବଂ ମୈଯୋଗମାଇ ପୌରପାଳିକାରେ ୮ ଜଣ, ଇଲାମ ପୌରପାଳିକା ଏବଂ ସନ୍ଦକପୁର ଗ୍ରାମାଞ୍ଚଳ ପୌରପାଳିକାରେ ୬ ଜଣ, ସୂର୍ଯ୍ୟୋଦୟ ପୌରପାଳିକାରେ ୫ ଜଣ, ମାଙ୍ଗସେବୁଙ୍ଗରେ ୩ ଜଣ ଏବଂ ଫାକଫୋକଥୁମ୍ ଗାଁରେ ଜଣେ ଲୋକ ପ୍ରାଣ ହରାଇଛନ୍ତି।

ଭୂସ୍ଖଳନରେ ମୃତ୍ୟୁ ସଂଖ୍ୟା ଛାଡ଼ି ଦେଲେ ବିଜୁଳି ମାରିବାରୁ ରୌତାହାଟରେ ୩ ଜଣ ଓ ଖୋଟାଙ୍କ ଜିଲ୍ଲାରେ ୨ ଜଣଙ୍କର ମୃତ୍ୟୁ ହୋଇଛି। ସେହିପରି ପଞ୍ଚଥର ଦିଲ୍ଲାରେ ରାସ୍ତା ଖରାପ ଯୋଗୁ ଦୁର୍ଘଟଣା ଘଟି ୬ ଜଣଙ୍କ ଜୀବନ ଯାଇଛି। ପ୍ରବଳ ବର୍ଷା ଯୋଗୁ ଏକାଧିକ ଲୋକଙ୍କର ଭାସି ଯାଇ ମୃତ୍ୟୁ ହୋଇଛି। ବର୍ତ୍ତମାନ ନେପାଳ ସେନା, ନେପାଳ ପୋଲିସ ଏବଂ ଏପିଏଫ କର୍ମଚାରୀମାନେ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ନେପାଳର ୭ଟି ପ୍ରଦେଶ ମଧ୍ୟରୁ ୫ଟି ପ୍ରଦେଶ ଯଥା କୋଶୀ, ମାଧେସ, ବାଗମତୀ, ଗଣ୍ଡକୀ ଏବଂ ଲୁମ୍ବିନୀରେ ମୌସୁମୀ ସକ୍ରିୟ ରହିଥିଲା। ପରିମାଣ ସ୍ୱରୂପ ପ୍ରକୃତିରେ ଏ ତାଣ୍ଡବ ଦେଖିବାକୁ ମିଳିଛି। ଅନ୍ୟପଟେ ପଡ଼ୋଶୀର ଏଭଳି ସମସ୍ୟାରେ ସବୁବେଳେ ଛିଡ଼ା ହୋଇଥିବା ଭାରତ ପୁଣିଥରେ ସହଯୋଗର ହାତ ବଢ଼ାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋସିଆଲ୍ ମିଡିଆରେ ପୋଷ୍ଟ କରି ପଡ଼ୋଶୀ ଦେଶକୁ ସବୁ ପ୍ରକାର ସହଯୋଗ ପଠାଇବାକୁ ଭରାତ ପ୍ରତିବଦ୍ଧ ବୋଲି କହିଛନ୍ତି।

# ରେଳ ଷ୍ଟେସନରେ ଡ୍ରୋନ ମାଡ଼: ଜଳିଲା ଟ୍ରେନ, ୩୦ ଜଣଙ୍କ ମୃତ୍ୟୁ

ନୂଆଦିଲ୍ଲୀ: ୟୁକ୍ରେନ ବିରୋଧରେ ନିଜର ଆକ୍ରମଣକୁ ଜୋରଦାର କରିଛି ରୁଷ। ଆଜି ରୁଷ ପକ୍ଷରୁ ୟୁକ୍ରେନର ଉତ୍ତର ପ୍ରାନ୍ତରେ ଥିବା ସୁମୀ ରିଜନର ଗୋଟିଏ ରେଳ ଷ୍ଟେସନରେ ଡ୍ରୋନ ଦ୍ୱାରା ହମଲା କରାଯାଇଛି। ଏଥିରେ ଏକାଧିକ ଟ୍ରେନ ଜଳି ଯାଇଥିବା ବେଳେ ପ୍ରାୟ ୩୦ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ଅନେକ ସାଧାରଣ ଲୋକ ଆହତ ହୋଇଛି। ବ୍ୟାପକ ରେଳବାଇ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଛି।

ୟୁକ୍ରେନ ରାଷ୍ଟ୍ରପତି ଭ୍ଲୋଡିମିର ଜେଲେନସ୍କି ହମଲା ସମ୍ପର୍କରେ ସୂଚନା ଦେଇଛନ୍ତି। ଏପରି ଏୟାର ଆକ୍ରମଣକୁ ସେ ଅସଭ୍ୟ ବୋଲି କହିଛନ୍ତି। ଆକ୍ରମଣ ବେଳେ ଟ୍ରେନରେ ସାଧାରଣ ଲୋକ ଓ ରେଳ କର୍ମଚାରୀ ଥିଲେ। ଆକ୍ରମଣ ପରେ ଟ୍ରେନଟି ହୁତହୁତ ହୋଇ ଜଳୁଥିବାର ଭିଡିଓ ଓ ଫଟୋ ମଧ୍ୟ ସାମ୍ନାକୁ ଆସିଛି।

ଜେଲେନସ୍କି ଜଳୁଥିବା ଟ୍ରେନର ଭିଡିଓକୁ ଜାରି କରି କହିଛନ୍ତି ଯେ ଏହି ଯାତ୍ରୀବାହୀ ଟ୍ରେନଟି ଶୋଷ୍ଟାକରୁ କିଭ ଯିବାର ଥିଲା। ଏହା ମଧ୍ୟରେ ସାଧାରଣ ଲୋକ ଓ ରେଳ କର୍ମଚାରୀ ରହିଥିଲେ। ଟ୍ରେନଟି ଷ୍ଟେସନ ଛାଡ଼ିବାକୁ ପ୍ରସ୍ତୁତ ହେଉଥିବା ବେଳେ ଡ୍ରୋନ ହମଲାରେ ଗୋଟିଏ ବଗି ପୂରା ଛିନଛତ୍ର ହୋଇଯାଇଛି।

ପ୍ରାଥମିକ ଯାଞ୍ଚରୁ ୩୦ ଜଣଙ୍କ ମୃତ୍ୟୁ ହୋଇଛି। ଉଦ୍ଧାରକାରୀ ଦଳ ଅନେକ ଲୋକଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ପୂରା ରେଳ ଷ୍ଟେସନରେ ଏମର୍ଜେନ୍ସି ଲାଗୁ କରାଯାଇଛି। ସବୁ ଏଜେନ୍ସିର ଅଧିକାରୀ ସେଠାରେ ଉପସ୍ଥିତ ଥିବା ଜେଲେନସ୍କି ସୂଚନା ଦେଇଛନ୍ତି।

ଗୋଟିଏ ପଟେ ଶାନ୍ତି ପ୍ରତିଷ୍ଠା ଆଲୋଚନା ବିଳମ୍ବିତ ହେଉଥିବା ବେଳେ ରୁଷର ଏପରି ଆକ୍ରମଣକୁ ବଡ଼ା ଭାଷାରେ ନିନ୍ଦା କରିଛନ୍ତି ଜେଲେନସ୍କି। ସେ ରୁଷ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି ଓ କେବଳ କଥାରେ ଏହାକୁ ନିନ୍ଦା କରିବା ଯଥେଷ୍ଟ ନୁହେଁ ବୋଲି କହିଛନ୍ତି। ରୁଷର ଏପରି ଆକ୍ରମଣ ଆତଙ୍କବାଦୀ କାର୍ଯ୍ୟକଳାପ ସହ ସମାନ ବୋଲି ଜେଲେନସ୍କି ଏକ୍ସରେ ପୋଷ୍ଟ କରିଛନ୍ତି।

ସେ କହିଛନ୍ତି, "ରୁଷ ସାଧାରଣ ଲୋକଙ୍କୁ ଟାର୍ଗେଟ କରୁଥିବା ଭଲ ଭାବେ ଜାଣିଛି। ଏପରି ଆତଙ୍କବାଦକୁ ବିଶ୍ୱ ଅଣଦେଖା କରିବା ଉଚିତ ନୁହେଁ। ପ୍ରତିଦିନ ରୁଷ ସାଧାରଣ ଲୋକଙ୍କ ଜୀବନ ନେଉଛି। କେବଳ ଉପଯୁକ୍ତ ଶକ୍ତି ହିଁ ଏହାକୁ ବନ୍ଦ କରିପାରିବେ। ଆମେ ୟୁରୋପ ଓ ଆମେରିକା ତୁଣ୍ଡରୁ ଅନେକ ଭାଷଣ ଶୁଣିଛୁ। ଏବେ ଏହାକୁ ବାସ୍ତବ ରୂପ ଦେବାର ସମୟ ଆସି ଯାଇଛି। ଏବେ ଆଉ କଥାରେ କାମ ଚଳିବ ନାହିଁ। କଠୋର କାର୍ଯ୍ୟାନୁଷ୍ଠାନ ଆବଶ୍ୟକ।"

ରୁଷ ଆଜି ଟ୍ରେନକୁ ଟାର୍ଗେଟ କରିବାକୁ ଏହାକୁ ୟୁରୋପୀୟ କମିଶନର ସଭାପତି ଉରସୁଲା ଭନ ଡେର ଲେୟେନ କଡ଼ା ଭାଷାରେ ନିନ୍ଦା କରିଛନ୍ତି। ରୁଷିଆ ବର୍ବରତାରେ ୟୁକ୍ରେନର ନାଗରିକ ଭାବେ ଭୟଙ୍କର ସ୍ଥିତିର ସମ୍ମୁଖୀନ ହେବାରେ ଲାଗିଥିବା ସେ ମତ ରଖିଛନ୍ତି।

# ଚୀନରେ ଟଙ୍କା ଛପାନ୍ତି ଏସୀୟ ଦେଶ

ନୂଆଦିଲ୍ଲୀ: ଆପଣ କେବେ ଭାବିଛନ୍ତି କି ଆପଣଙ୍କ ଦେଶର ନୋଟ ପ୍ରକୃତରେ କେଉଁଠାରେ ତିଆରି ହୁଏ? ଅଧିକାଂଶ ଦେଶର ନିଜସ୍ୱ ମୁଦ୍ରଣ ବ୍ୟବସ୍ଥା ଅଛି, କିନ୍ତୁ ବିଶ୍ୱରେ ଏପରି ଅନେକ ଦେଶ ଅଛି ଯେଉଁମାନେ ନିଜସ୍ୱ ମୁଦ୍ରଣ କରନ୍ତି ନାହିଁ, ବରଂ ଏହାକୁ ଅନ୍ୟ ଦେଶ ଦ୍ୱାରା ମୁଦ୍ରଣ କରାଯାଏ। ଏହା ଅଜବ ଲାଗିପାରେ, କିନ୍ତୁ ଏହା ସତ୍ୟ। ଅନେକ ଦେଶ, ବିଶେଷକରି ଆଫ୍ରିକା ଏବଂ ଏସିଆର କିଛି ଦେଶ, ସେମାନଙ୍କର ମୁଦ୍ରା ଅନ୍ୟ ଦେଶରେ ମୁଦ୍ରଣ କରନ୍ତି।

ବାସ୍ତବରେ ଚୀନ୍ ବିଶ୍ୱର ଅନେକ ଦେଶ ପାଇଁ ଏକ ପ୍ରମୁଖ ମୁଦ୍ରଣ କେନ୍ଦ୍ର ପାଲଟିଛି। ଚୀନ୍ ବିଶ୍ୱର ସବୁଠାରୁ ଉନ୍ନତ ମୁଦ୍ରଣ ସୁବିଧା ରଖିଛି। କୁହାଯାଏ ଯେ ଚୀନ୍ କେବଳ ନିଜସ୍ୱ ନୋଟ ୟୁଆନ୍ ଛାପେ ନାହିଁ, ବରଂ ନେପାଳ, ବାଂଲାଦେଶ ଏବଂ ଶ୍ରୀଲଙ୍କା ଭଳି ଦକ୍ଷିଣ ଏସୀୟ ଦେଶ ପାଇଁ ମଧ୍ୟ ନୋଟ୍ ଛାପେ। ଯଦିଓ ସୁରକ୍ଷା କାରଣରୁ ଭାରତର ମୁଦ୍ରଣ ଘରୋଇ ଭାବରେ ମୁଦ୍ରଣ କରାଯାଏ, ପଡ଼ୋଶୀ ଦେଶଗୁଡ଼ିକର ମୁଦ୍ରଣ ଚୀନ୍‌ରେ ହୁଏ।



ଆଫ୍ରିକୀୟ ଦେଶମାନଙ୍କ ବିଷୟରେ କହିବାକୁ ଗଲେ ୫୪ଟି ଦେଶର ପ୍ରାୟ ଦୁଇ-ତୃତୀୟାଂଶ ଦେଶ ନିଜ ନୋଟ ବିଦେଶରେ ମୁଦ୍ରଣ କରନ୍ତି। ଏହି ଦେଶଗୁଡ଼ିକ ମଧ୍ୟରୁ ଅଧିକାଂଶ ଦେଶ ୟୁରୋପ ଏବଂ ଉତ୍ତର ଆମେରିକାରେ ସେମାନଙ୍କର ନୋଟ୍ ଛାପନ୍ତି । ନାଇଜେରିଆ, କେନିଆ, ଜାମ୍ବିଆ ଏବଂ ତାଞ୍ଜାନିଆ ଭଳି ଦେଶଗୁଡ଼ିକ ବ୍ରିଟେନ କିମ୍ବା ଜର୍ମାନୀର ମୁଦ୍ରଣ କମ୍ପାନୀମାନଙ୍କ ଦ୍ୱାରା ସେମାନଙ୍କର ମୁଦ୍ରଣ କରନ୍ତି।

ପ୍ରତ୍ୟେକ ଦେଶରେ ମୁଦ୍ରଣ ପାଇଁ ଆବଶ୍ୟକୀୟ ବୈଷୟିକ ସମ୍ବଳ ଏବଂ ସୁରକ୍ଷା ଉପକରଣ ନାହିଁ। ନୋଟ ମୁଦ୍ରଣ ପ୍ରକ୍ରିୟା ଅତ୍ୟନ୍ତ ସମ୍ବେଦନଶୀଳ ଏବଂ ମହଙ୍ଗା, ଏଥିପାଇଁ ବିଶେଷ କାଗଜ, କାଳି ଏବଂ ହୋଲୋଗ୍ରାମ ଆବଶ୍ୟକ। ଅନେକ ଛୋଟ କିମ୍ବା ବିକାଶଶୀଳ ଦେଶ ଏହି ଯନ୍ତ୍ରପାତି ଏବଂ ପ୍ରଯୁକ୍ତିବିଦ୍ୟାରେ ନିବେଶ କରିବା କଷ୍ଟକର ହୋଇପଡେ। ତେଣୁ, ସେମାନେ ସେମାନଙ୍କର ନୋଟ୍ ମୁଦ୍ରଣ ପାଇଁ ବିଶ୍ୱସ୍ତ ବିଦେଶୀ କମ୍ପାନୀ କିମ୍ବା ଦେଶଗୁଡ଼ିକ ଉପରେ ନିର୍ଭର କରନ୍ତି | ବିଦେଶରେ ମୁଦ୍ରଣର ଏକ ପ୍ରମୁଖ ବିପଦ ହେଉଛି ଯେ ବିଦେଶୀ ଦେଶ ଆପଣଙ୍କ ମୁଦ୍ରାର ସୁରକ୍ଷା ବୈଶିଷ୍ଟ୍ୟଗୁଡ଼ିକ ବିଷୟରେ ସଚେତନ ହୋଇଯାଏ। ଏହା ନକଲି ନୋଟ୍ ହେବାର ଆଶଙ୍କା ବୃଦ୍ଧି କରେ।

# ପାକିସ୍ତାନକୁ ଜେଟ୍ ଇଞ୍ଜିନ ବିକ୍ରି ରିପୋର୍ଟକୁ ଅସ୍ୱୀକାର କଲା ରୁଷିଆ

ମସ୍କୋ ୫।୧୦: ରଷିଆ ସେହିସବୁ ରିପୋର୍ଟକୁ ଖାରଜ କରିଦେଇଛି ଯେଉଁଥିରେ ଦାବି କରାଯାଇଥିଲା ପାକିସ୍ତାନକୁ ଜେଏଫ-୧୭ ଥଣ୍ଡର ବ୍ଲକ-୩ ଲାଗି ଆରଡି- ୯୩ଏମଏ ଇଞ୍ଜିନ ଯୋଗାଣ କରିବ। ୱିଅନର ଏକ ରିପୋର୍ଟରେ କୁହାଯାଇଛି ଯେ ରଷିଆ ଏପରି କୌଣସି କାରବାରର ପୁଷ୍ଟି କରି ନାହିଁ। ଏକ ରଷୀୟ ସୂତ୍ର ଅନୁସାରେ କୁହାଯାଇଛି ଯେ ରଷିଆ ପାକିସ୍ତାନକୁ ଆରଡି- ୯୩ଏମଏ ଇଞ୍ଜିନ ଯୋଗାଣ ରିପୋର୍ଟକୁ ଖାରଜ କରିଦେଇଛି।

ଯେଉଁମାନେ ରଷିଆ ଓ ଭାରତ ମଧ୍ୟରେ ବଡ ଡିଲ ଉପରେ ନଜର ରଖନ୍ତି ସେମାନଙ୍କ ଲାଗି ଏହି ଦାବି ତାର୍କିକ ଲାଗୁ ନାହିଁ। ସେମାନେ କହିଛନ୍ତି ଯେ ପାକିସ୍ତାନ ସହିତ ରଷିଆର ସେପରି କୌଣସି ଗଭୀର ସମ୍ପର୍କ ନାହିଁ, ଯେଉଁଥି ଲାଗି ଭାରତ ଅସହଜ ଅନୁଭବ କରିବ। ତେବେ କିଛି ଲୋକେ ରଷିଆ ଓ ଭାରତ ମଧ୍ୟରେ ହେବାକୁ ଥିବା ସହଯୋଗକୁ ପ୍ରଭାବିତ କରିବାକୁ ଉଦ୍ୟମ କରୁଥିବା ସୂତ୍ର କହିଛନ୍ତି। ଖାସ କରି ଉଚ୍ଚସ୍ତରୀୟ ବୈଠକ ପୂର୍ବରୁ ଏପରି ଗୁଜବ ରଟା ଯାଉଥିବା ସେ କହିଛନ୍ତି।



ନିକଟରେ ଆଇଡିଆରଡବ୍ଲୁ ରିପୋର୍ଟରେ ବଡ଼ ଦାବି କରାଯାଇଥିଲା। ରିପୋର୍ଟରେ କୁହାଯାଇଥିଲା ଯେ ପାକିସ୍ତାନକୁ ରଷିଆ ଜେଏଫ-୧୭ ଥଣ୍ଡର ଫାଇଟର ଜେଟ୍ ରେ ବ୍ୟବହାର ହେଉଥିବା ଇଞ୍ଜିନ ଦେବାକୁ ନିଷ୍ପତ୍ତି ନେଇଛି। ଉଲ୍ଲେଖଯୋଗ୍ୟ ଯେ ଜେଏଫ-୧୭ ଏକ ୪.୫ପିଢୀର ଷ୍ଟିଲଥ ଫାଇଟର ଜେଟ୍। ଏହାକୁ ପାକିସ୍ତାନ ଓ ଚୀନ ମିଳିତ ନିର୍ମାଣ କରୁଛନ୍ତି। ଏହା ପାକିସ୍ତାନ ବାୟୁସେନାର ସବୁଠୁ ଶକ୍ତିଶାଳୀ ଯୁଦ୍ଧ ବିମାନ, ଏଥିରେ ପାକିସ୍ତାନ ନିକଟରେ ୧୫୦ରୁ ଅଧିକ ଫାଇଟର ଜେଟ୍ ରହିଛି।

ଏହି ବିମାନରେ ରଷିଆର ଆରଡି ୯୩-ଏମଏ ଇଞ୍ଜିନ ଲାଗିଛି। ଏହି କାରଣରୁ ପାକିସ୍ତାନ ବାୟୁସେନା ଆଧୁନିକରଣରେ ରଷିଆର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହୁଛି। ହେଲେ ଏବେ ରଷିଆ ଇଞ୍ଜିନ ବିକ୍ରି ଖବରକୁ ଅଗ୍ରାହ୍ୟ କରିଦେଇଛି। ଏହି ରିପୋର୍ଟ ସେହି ସମୟରେ ଆସିଛି ଯେତେବେଳେ ରଷିଆ ରାଷ୍ଟ୍ରପତି ଡିସେମ୍ବର ମାସରେ ଭାରତ ଗସ୍ତରେ ଆସୁଛନ୍ତି। ତେବେ ଏହା ପୂର୍ବରୁ ଖବରକୁ ନେଇ କଂଗ୍ରେସ ମୋଦି ସରକାରଙ୍କୁ ଟାର୍ଗେଟ କରିଥିଲା।

କଂଗ୍ରେସ କହିଥିଲା ଯେ ପାକିସ୍ତାନକୁ ରଷିଆ ଜେଏଫ-୧୭ ଫାଇଟର ଜେଟ୍ ଲାଗି ଇଞ୍ଜିନ ଉପଲବ୍ଧ କରାଉଛି। କଂଗ୍ରେସ ଏହାକୁ ପ୍ରଧାନମନ୍ତ୍ରୀଙ୍କ ବ୍ୟକ୍ତିଗତ କୂଟନୀତିର ବିଫଳତା ବୋଲି କହିଥିଲା ଓ ସରକାରଙ୍କୁ ଜବାବ ମାଗିଥିଲା। ତେବେ ରଷିଆ ଏବେ ଏପରି ଦାବିକୁ ଖାରଜ କରିଦେଇଛି। କଂଗ୍ରେସ ନେତା ଜୟରାମ ରମେଶ କହିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦିଙ୍କ କୂଟନୀତି ଜାତୀୟ ହୀତ ବଦଳେ ଛବି ନିର୍ମାଣ ଓ ବୈଶ୍ୱିକ ଦେଖାଇହେବା ଉପରେ କେନ୍ଦ୍ରିତ ହୋଇଛି।

# ଜୋରଦାର ଭୂକମ୍ପ ଝଟକାରେ ଥରିଲା ଜାପାନ

ଟୋକିଓ: ଜାପାନର ହୋଂସୁ ପୂର୍ବ ଉପକୂଳରେ ଶକ୍ତିଶାଳୀ ଭୂମିକମ୍ପ ଝଟକା ଅନୁଭୁତ ହୋଇଛି । ରିକ୍ଟର ସ୍କେଲ୍‌ରେ ଭୂକମ୍ପର ତୀବ୍ରତା ୬.୦ ରେକର୍ଡ ହୋଇଛି । ନ୍ୟାସନାଲ ସେଣ୍ଟର ଫର୍ ସିସମୋଲୋଜି (NCS) ଅନୁଯାୟୀ, ଭୂମିକମ୍ପର କେନ୍ଦ୍ରସ୍ଥଳ ୫୦ କିଲୋମିଟର ଗଭୀରତାରେ ଥିଲା । ତେବେ ଏହି ଭୂକମ୍ପରେ କୌଣସି କ୍ଷୟକ୍ଷତି ନେଇ ରିପୋର୍ଟ ନାହିଁ ।




ଜାପାନ ଏକ ଅତ୍ୟନ୍ତ ସକ୍ରିୟ ଭୂକମ୍ପୀୟ ଅଞ୍ଚଳରେ ଅବସ୍ଥିତ । ଏହା ପ୍ରଶାନ୍ତ ମହାସାଗରର "ଅଗ୍ନି ବଳୟ" ଭାବରେ ପରିଚିତ ଜ୍ୱାଳାମୁଖୀ ଅଞ୍ଚଳରେ ଅବସ୍ଥିତ । ଜାପାନରେ ବିଶ୍ୱର ସବୁଠାରୁ ବ୍ୟାପକ ଭୂକମ୍ପୀୟ ନେଟୱାର୍କ ଅଛି, ଯାହା ଏହାକୁ ଅନେକ ଭୂମିକମ୍ପ ସୃଷ୍ଟି କରିବାରେ ସକ୍ଷମ ହୋଇଥାଏ ।

ଏହି ଦ୍ୱୀପପୁଞ୍ଜଗୁଡ଼ିକ ବାରମ୍ବାର କମ୍ ତୀବ୍ରତାର ଭୂମିକମ୍ପ ଏବଂ ବେଳେବେଳେ ଜ୍ୱାଳାମୁଖୀ ଗତିବିଧି ଅନୁଭବ କରନ୍ତି । ପ୍ରତି ଶତାବ୍ଦୀରେ ସୁନାମି ସୃଷ୍ଟି କରୁଥିବା ବିନାଶକାରୀ ଭୂମିକମ୍ପ ଅନେକ ଥର ଏହି ଅଞ୍ଚଳରେ ଘଟେ । ଅତୀତରେ ଅନୁଭୂତ ହୋଇଥିବା କିଛି ବଡ଼ ଭୂମିକମ୍ପ ମଧ୍ୟରେ ୨୦୨୪ ନୋଟୋ ଭୂମିକମ୍ପ, ୨୦୧୧ ଟୋହୋକୁ ଭୂମିକମ୍ପ ଏବଂ ସୁନାମି, ୨୦୦୪ ଚୁଏସୁ ଭୂମିକମ୍ପ ଏବଂ ୧୯୯୫ରେ ଗ୍ରେଟ୍ ହନସିନ୍ ଭୂମିକମ୍ପ ଅନ୍ତର୍ଭୁକ୍ତ ।

# ପଶ୍ଚିମବଙ୍ଗ ଜେଲରେ ଅଛନ୍ତି ସର୍ବାଧିକ ବିଦେଶୀ କଏଦୀ

ନୂଆଦିଲ୍ଲୀ: ଦେଶର ଅନେକ ଜେଲରେ ଅଗଣିତ କଏଦୀ ବନ୍ଦୀ ଅଛନ୍ତି, କିନ୍ତୁ ଆପଣ କ'ଣ ଜାଣନ୍ତି ଯେ କେଉଁ ରାଜ୍ୟରେ ସର୍ବାଧିକ ସଂଖ୍ୟାରେ ବିଦେଶୀ କଏଦୀ ଅଛନ୍ତି? ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (NCRB) ର ଏକ ରିପୋର୍ଟରେ ଏହା ପ୍ରକାଶ ପାଇଛି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ ଭାରତୀୟ କାରାଗାର ପରିସଂଖ୍ୟାନ ୨୦୨୩ ରିପୋର୍ଟ ପ୍ରକାଶ ପାଇଛି, ଯେଉଁଥିରେ କୁହାଯାଇଛି ଯେ ପଶ୍ଚିମବଙ୍ଗର ଜେଲରେ ସର୍ବାଧିକ ସଂଖ୍ୟକ ବିଦେଶୀ କଏଦୀ ଅଛନ୍ତି। ଭାରତରେ ମୋଟ ୬୯୫୬ ଜଣ ବିଦେଶୀ କଏଦୀ ଅଛନ୍ତି, ଯେଉଁଥିରୁ ୨୫୦୮ ବିଦେଶୀ କଏଦୀ (ପ୍ରାୟ ୩୬ ପ୍ରତିଶତ) ପଶ୍ଚିମବଙ୍ଗର ଜେଲରେ ବନ୍ଦୀ ଅଛନ୍ତି। ପଶ୍ଚିମବଙ୍ଗର ଜେଲରେ



ଥିବା ବିଦେଶୀ କଏଦୀମାନଙ୍କ ମଧ୍ୟରୁ ଅଧିକାଂଶ ବାଂଲାଦେଶୀ ଯେଉଁମାନେ ବେଆଇନ ଭାବରେ ଭାରତରେ ପ୍ରବେଶ କରିଛନ୍ତି ଏବଂ ବର୍ତ୍ତମାନ ଭାରତରେ କୋର୍ଟରେ ସେମାନଙ୍କର ବିଚାର ଚାଲିଛି |

ପଶ୍ଚିମବଙ୍ଗର ଜେଲରେ ୨୫୭୭୪ କଏଦୀ ଅଛନ୍ତି, ଯେଉଁଥିରୁ ୯ ପ୍ରତିଶତ ବିଦେଶୀ ନାଗରିକ। ଏମାନଙ୍କ ମଧ୍ୟରୁ ୭୭୮ ବାଂଲାଦେଶୀ କଏଦୀଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି ଏବଂ ୧୪୪୦ ଜଣଙ୍କ ବିରୁଦ୍ଧରେ ମାମଲା ବିଚାରାଧୀନ ଅଛି। ପଶ୍ଚିମବଙ୍ଗର ଜେଲରେ ମିଆଁମାରର ଲୋକମାନେ ଦ୍ୱିତୀୟ ସର୍ବାଧିକ ବିଦେଶୀ ନାଗରିକ। ଭାରତ ଏବଂ ବାଂଲାଦେଶ ମଧ୍ୟରେ ସୀମା ବିଶ୍ୱର ପଞ୍ଚମ ସର୍ବାଧିକ ଅନ୍ତର୍ଜାତୀୟ ସୀମା, ଯାହା ପ୍ରାୟ ୫୦୦୦ କିଲୋମିଟର ବ୍ୟାପି ରହିଛି। ଏହି ସୀମାର ଅଧିକାଂଶ ପଶ୍ଚିମବଙ୍ଗ ମଧ୍ୟରେ ଅବସ୍ଥିତ। ଏହି କାରଣରୁ ଅନେକ ବାଂଲାଦେଶୀ ବେଆଇନ ଭାବରେ ପଶ୍ଚିମବଙ୍ଗରେ ପ୍ରବେଶ କରନ୍ତି। ଏହି ବିଦେଶୀ କଏଦୀଙ୍କ ମଧ୍ୟରେ ଅନେକ ମହିଳା ଅଛନ୍ତି।

ରିପୋର୍ଟ ଅନୁଯାୟୀ, ପଶ୍ଚିମବଙ୍ଗର ୬୦ଟି ଜେଲରେ ୨୧୪୭୬ କଏଦୀଙ୍କ କ୍ଷମତା ରହିଛି, କିନ୍ତୁ ସେଗୁଡ଼ିକରେ ୨୫୭୭୪ ଜଣ ଅଛନ୍ତି। ରାଜ୍ୟର ଏକମାତ୍ର ମହିଳା ଜେଲରେ ବି କ୍ଷମତାଠାରୁ ଅଧିକ କଏଦୀ ଅଛନ୍ତି | ମହିଳା ଜେଲରେ ମୋଟ ୭୯୬ ମହିଳା କଏଦୀ ଅଛନ୍ତି, ଯେଉଁଥିରେ ୨୦୪ ବିଦେଶୀ ଏବଂ ୧୨ ଜଣ ଟ୍ରାନ୍ସଜେଣ୍ଡର ମହିଳା ଅଛନ୍ତି।

# ଭାରତୀୟ ଦଳରେ କେହି ସ୍ଥାୟୀ ନୁହଁନ୍ତି

ନୂଆଦିଲ୍ଲୀ, ୫।୧୦(ଏଜେନ୍ସି) : ଅଷ୍ଟ୍ରେଲିଆ ଗସ୍ତ ପାଇଁ ଭାରତୀୟ ଦଳ ଘୋଷଣା ହୋଇସାରିଛି। ଭାରତୀୟ ଦଳରେ ଏକାଧିକ ପରିବର୍ତ୍ତନ ଓ ହଟ୍ଟଚମଟ ଦେଖିବାକୁ ମିଳିଥିଲା। ବଡ ଘଟଣା କ୍ରମରେ ରୋହିତ ଶର୍ମାଙ୍କ ଠାରୁ ଦିନିକିଆ ଦଳର ଅଧିନାୟକ ଦାୟିତ୍ୱ ଛଡାଇ ନିଆଯାଇଥିଲା। ୨୦୨୭ ଦିନିକିଆ ବିଶ୍ୱ କପ୍‌କୁ ଦୃଷ୍ଟିରେ ରଖି ଟେଷ୍ଟ ଦଳର ଅଧିନାୟକ ଶୁଭମନ୍ ଗିଲଙ୍କୁ ଦିନିକିଆ ଦଳର ଅଧିନାୟକ ନିଯୁକ୍ତ କରାଯାଇଛି। ଏହା ବାଦ୍ ଦଳରେ ଅନେକ ପରିବର୍ତ୍ତନ ମଧ ହୋଇଛି। ଦଳ ଚୟନକୁ ନେଇ ସାଣିତ ଶବ୍ଦରେ ସମାଲୋଚନା କରିଛନ୍ତି ପୂର୍ବତନ ଚୟନକର୍ତ୍ତା କ୍ରିଷ୍ଣାମାଚାରି ଶ୍ରୀକାନ୍ତ ।ଏମିତି ଭାବେ ଖେଳାଳିଙ୍କୁ ଭ୍ରମିତ କରାଯାଉଛି ଯେ, କାହାରିକୁ ଜଣାନାହିଁ ପରବର୍ତ୍ତୀଶୃଙ୍ଖଳାରେ ଦଳରେ ସ୍ଥାନ ମିଳିବ କି ନାହିଁ। କିନ୍ତୁ ଯାହା ପଛେ ହେଉ ଆଉ ଜଣେ



ଖେଳାଳିଙ୍କ ସ୍ଥାନ ନିଶ୍ଚିତ ରହୁଛି। ସେ ଟି -୨୦ ହେଉ କିମ୍ବା ଟେଷ୍ଟ ତଥା ଦିନିକିଆ ସବୁ ଦଳରେ ତାଙ୍କୁ ସ୍ଥାନ ମିଳୁଛି। ସେ ହେଉଛନ୍ତି ହର୍ଷିତ ରାଣା।ତାଙ୍କୁ କେଉଁ ଆଧାରରେ ୩ ଟି ଯାକ ଫର୍ମାଟରେ ବାରମ୍ବାର ଚୟନ କମିଟି ସୁଯୋଗ ଦେଉଛି ବୋଲି ଶ୍ରୀକାନ୍ତ ପ୍ରଶ୍ନ କରିଛନ୍ତି।ହର୍ଷିତ ରାଣାଙ୍କୁ ଏସିଆ କପ୍ ଦଳରେ ମଧ ସ୍ଥାନ ମିଳିଥିଲା। ସେ ଦୁଇଟି ମ୍ୟାଚ ଖେଳିଥିଲେ ହେଁ ସେହିଭଳି କିଛି ଖାସ୍ ପ୍ରଦର୍ଶନ କରିପାରିନଥିଲେ। ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ଶୃଙ୍ଖଳା ପାଇଁ ମଧ ତାଙ୍କୁ ଦଳରେ ରଖାଯାଇଛି। ଶ୍ରୀକାନ୍ତ ନିଜର ୟୁଟ୍ୟୁବ୍ ଚାନେଲରେ କହିଛନ୍ତି ଲଗାତାର ଏପରି ଚୟନ କରି ଖେଳାଳିଙ୍କୁ ଭ୍ରମିତ କରାଯାଉଛି। ଆମେ ବି ନିଶ୍ଚିତ ନୁହେଁ ଯେ ଚୟନରେ କ'ଣ ହେବ। ଅଚାନକ ଯଶସ୍ୱୀ ଜୟସ୍ୱାଲଙ୍କୁ ଦଳରେ ଚୟନ କରାଗଲା। ପରବର୍ତ୍ତୀ ସମୟରେ ତାଙ୍କୁ ବାଦ୍ ଦିଆଗଲା। କେବଳ ଜଣେ ହିଁ ସ୍ଥାୟୀ ସଦସ୍ୟ ହେଉଛନ୍ତି ହର୍ଷିତ ରାଣା। କେହି ଜାଣିନାହାଁନ୍ତି ତାଙ୍କୁ ଦଳରେ କାହିଁକି ରଖାଯାଇଛି। ବାରମ୍ବାର ଦଳରେ ପରିବର୍ତ୍ତନ କରାଗଲେ ଖେଳାଳିଙ୍କୁ ଆତ୍ମ ବିଶ୍ୱାସ କମିବ। ଆପଣ କିଛି ଖେଳାଳିଙ୍କୁ ସେହି ସମୟରେ ଚୟନ କରନ୍ତି ନାହିଁ, ଯେତେବେଳ ସେ ଭଲ ପ୍ରଦର୍ଶନ କରୁଛନ୍ତି। ଅନ୍ୟପଟେ ଆଉ କିଛି ଖେଳାଳିଙ୍କୁ ସେପର୍ଯ୍ୟନ୍ତ ଚୟନ କରାଯାଏ ନାହିଁ ଯେ ପର୍ଯ୍ୟନ୍ତ ଭଲ ପ୍ରଦର୍ଶନ କରିନଥାନ୍ତି। ସବୁଠୁ ଭଲ ହେବ ହର୍ଷିତ ରାଣାଙ୍କ ପରି ହୋଇଗଲେ ଦଳରେ ଆପେ ଆପେ ସୁଯୋଗ ମିଳିଯିବ।

## ମହିଳା ବିଶ୍ୱ କପ୍‌ରେ ଏସିଆ କପ୍‌ର ଦୃଶ୍ୟ

# ଫତିମାଙ୍କ ସହ ହାତ ମିଳାଇଲେ ନାହିଁ ହରମନପ୍ରୀତ

କଲମ୍ବୋ, ୫।୧୦(ଏଜେନ୍ସି) : ଚଳିତ ଆଇସିସି ମହିଳା ବିଶ୍ୱ କପ୍‌ରେ ରବିବାର ଭାରତ ଓ ପାକିସ୍ତାନ ମଧ୍ୟରେ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ ଖେଳାଯାଇଛି। ଆର୍ ପ୍ରେମଦାସା ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ ଟସ୍ ସମୟରେ ଏସିଆ କପ୍ ଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ପାକିସ୍ତାନ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିବା ବେଳେ ଭାରତ ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିଲା। ଟସ୍ ପାଇଁ ଭାରତୀୟ ମହିଳା ଦଳର ଅଧିନାୟିକା ହରମନପ୍ରୀତ କୌର ଏବଂ ପାକିସ୍ତାନର ଅଧିନାୟିକା ଫତିମା ସାନା ଅଲଗା ଅଲଗା ପଡିଆକୁ ଆସିଥିଲେ। ସେମାନଙ୍କ ମଧ୍ୟରେ କୌଣସି ବାର୍ତ୍ତାଳାପ ହୋଇନଥିଲା। ଟସ୍ ପଡିବା ପରେ ଦୁଇ ଅଧିନାୟକ କରମର୍ଦ୍ଦନ କରିନଥିଲେ। ପାକିସ୍ତାନ ଖେଳାଳିଙ୍କ ସହ କରମର୍ଦ୍ଦନ ନକରିବା ଘଟଣା ନିକଟରେ ଶେଷ ହୋଇଥିବା ପୁରୁଷ ଏସିଆ କପ୍‌ରୁ ଆରମ୍ଭ ହୋଇଛି। ପହଲଗାମ୍ ଆକ୍ରମଣ ଓ ଅପରେସନ୍ ସିନ୍ଦୂର ପରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ପ୍ରଥମ ଥର ପାଇଁ ଏସିଆ କପ୍‌ରେ ମୁହାଁମୁହିଁ ହୋଇଥିଲେ। ପାକିସ୍ତାନ ସହିତ ମ୍ୟାଚ୍ ନଖେଳିବା ପାଇଁ ଭାରତରେ




ବିରୋଧ ହୋଇଥିଲା କିନ୍ତୁ ଭାରତୀୟ ଦଳ ପାକିସ୍ତାନ ବିପକ୍ଷରେ ମ୍ୟାଚ ଖେଳିଥିଲା।

## ଜାତୀୟ ହୁଇଲ ଚେୟାର ରଗବୀ ଚାମ୍ପିଅନସିପ

# ଓଡିଶା ଚାମ୍ପିଅନ

ଭୁବନେଶ୍ୱର, ୫।୧୦(ସବ୍ୟୁ) : ମଧ୍ୟପ୍ରଦେଶର ଗ୍ୱାଲିୟରରେ ଅନୁଷ୍ଠିତ ସପ୍ତମ ଜାତୀୟ ହୁଇଲ ଚେୟାର ରଗବୀ ଚାମ୍ପିଅନସିପ୍‌ରେ ଓଡିଶା ଦଳ ଚାମ୍ପିଅନ ହୋଇଛି। କେରଳକୁ ପରାଜିତ କରି ଚାମ୍ପିଅନ ହୋଇଥିଲା। ରାଜ୍ୟ କ୍ରୀଡା ବିଭାଗ, ପାରା ସ୍ପୋର୍ଟ୍ସ ଆସୋସିଏସନ୍ ଅଫ୍ ଓଡିଶାର ଆନ୍ତରିକ ଉଦ୍ୟମ ଯୋଗୁଁ ହୁଇଲ ଚେୟାର ରଗବୀ




ଅଟଳ ବିହାରୀ ବାଜପେୟୀ ଟ୍ରେନିଂ ସେଣ୍ଟରରେ ଏହି ପ୍ରତିଯୋଗିତା ୩ ରୁ ୫ ତାରିଖ ପର୍ଯ୍ୟନ୍ତ ଖେଳାଯାଇଛି। ଫାଇନାଲରେ ଓଡିଶା ୧୬-୧୧ ବ୍ୟବଧାନରେ ରାଜସ୍ଥାନକୁ ପରାଜିତ କରି କ୍ରମାଗତ ଦ୍ୱିତୀୟ ଟାଇଟଲ ହାସଲ କରିଛି। ଗତ ସଂସ୍କରଣରେ ମଧ ଓଡିଶା ଦଳ ଫାଇନାଲରେ ପ୍ରତିଯୋଗିତାରେ ଓଡିଶା କ୍ରମାଗତ ଭାବେ ସଫଳତା ଲାଭ କରିଛି। ଏହି ଜମାଣିଆ ପ୍ରଦର୍ଶନ ପାଇଁ ଓଡିଶାର ୩ ଜଣ ଗୌତମ ସିଂ, ସୁଧିର ମଲିକ ଏବଂ ମୁରଲୀ ବେନିୟାନଙ୍କୁ ଅନ୍ତର୍ଜାତୀୟ ହୁଇଲ ଚେୟାର ରଗ୍‌ବୀ ଚାମ୍ପିଅନସିପ୍ ପାଇଁ ଜାତୀୟ ଶିବିର ଲାଗି ମନୋନୀତ କରାଯାଇଛି।

# ବିଦର୍ଭକୁ ଇରାନି କପ୍

ନାଗପୁର, ୫।୧୦(ଏଜେନ୍ସି) : ବିଦର୍ଭ ଦଳ ଚଳିତ ଇରାନି କପ୍ ଚାମ୍ପିଅନ ହୋଇଛି। ନାଗପୁରର ବିଦର୍ଭ କ୍ରିକେଟ୍ ଆସୋସିଏସନ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚରେ ଘରୋଇ ବିଦର୍ଭ ଦଳ ୯୩ ରନ୍ ବ୍ୟବଧାନରେ ରେଷ୍ଟ ଅଫ୍ ଇଣ୍ଡିଆକୁ ପରାଜିତ କରି ତୃତୀୟ ଥର ପାଇଁ ଇରାନି କପ୍ ଟାଇଟଲ୍ ଜିତିଛି। ତେବେ ରେଷ୍ଟ ଅଫ୍ ଇଣ୍ଡିଆ ରେକର୍ଡ ସଂଖ୍ୟକ ୩୧ତମ ଟାଇଟଲ ହାତେଇବାରୁ ବଞ୍ଚିତ ହୋଇଛି। ପରିସଂଖ୍ୟାନ ଉପରେ ନଜର ପକାଇଲେ ରେଷ୍ଟ ଅଫ୍ ଇଣ୍ଡିଆ ମୋଟ ୬୨ ଥର ଇରାନି କପ୍ ଖେଳିଛି। ସେଥିରୁ ୩୦ ଥର ଲେଖାଏଁ ଚାମ୍ପିଅନ୍ ଓ ରନର୍ସ ଅପ୍ ହୋଇଥିବା ବେଳେ ଦୁଇଥର ବର୍ଷା ଯୋଗୁଁ ମ୍ୟାଚର ଫଳାଫଳ ବାହାରି ପାରିନାହିଁ। ସେହିଭଳି ରଣଜୀ ଟ୍ରଫି ଚାମ୍ପିଅନ୍ ବିଦର୍ଭ ୩ ଥର ଇରାନି ଟ୍ରଫି ଖେଳି ୩ ଥର ଯାକ ଚାମ୍ପିଅନ୍ ହୋଇଛି। ବିଦର୍ଭ ପ୍ରଥମ ଇନିଂସରେ ୧୦୧.୪ ଓଭରରେ ୩୪୨ ରନ୍ କରିଥିଲା। ଓପନର ଅଥର୍ବ ତାଇଡେ ୧୪୩ ରନ୍‌ର ଇନିଂସର ଖେଳିଥିଲେ। ରେଷ୍ଟ ଅଫ୍ ଇଣ୍ଡିଆ ପ୍ରଥମ ଇନିଂସରେ ୨୧୪ ରନ୍ କରି ଅଲଆଉଟ୍ ହୋଇଥିଲା। ଅଧିନାୟକ ରଜତ ପଟିଦାର ୬୬ ଓ ଅଭିମନ୍ୟୁ ଇଶ୍ୱରନ୍ ୫୨ ରନ୍ କରିଥିଲେ। ବିଦର୍ଭ ଦ୍ୱିତୀୟ ଇନିଂସରେ ୯୪.୧ ଓଭରରେ ୨୩୨ ରନ୍ କରି ଅଲଆଉଟ୍ ହୋଇଥିଲା। ତେଣୁ ରେଷ୍ଟ ଅଫ୍ ଇଣ୍ଡିଆ ସମ୍ମୁଖରେ ୩୬୧ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଏହାକୁ ପିଛା କରି ରେଷ୍ଟ ଅଫ୍ ଇଣ୍ଡିଆ ୭୩.୫ ଓଭରରେ ୨୬୭ ରନ୍ କରିବାକୁ ସକ୍ଷମ ହୋଇଥିଲା। ବିଦର୍ଭର ହର୍ଷ ଦୁବେ ସର୍ବାଧିକ ୪ ଉିକେଟ୍ ଅକ୍ତିଆର କରିଥିଲେ। ୧୪୩ ରନ୍‌ର ଶତକ ଇନିଂସ ଖେଳିଥିବା ଅଥର୍ବ ତାଇଡେଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ନିଯୋଜିତ କରାଯାଇଥିଲା।




## ଏସବିଆଇ ଲାଇଫ୍ 'ଆଇଡେସନଏକ୍ସ ୨.୦

# ଫାଇନାଲରେ ଏକ୍ସଆଇଏମ୍‌ବି

ଭୁବନେଶ୍ୱର, (ସବ୍ୟୁ) : ଭାରତର ସବୁଠୁ ବିଶ୍ୱାସଯୋଗ୍ୟ ଘରୋଇ ଜୀବନବୀମା କମ୍ପାନି ଏସବିଆଇ ଲାଇଫ୍ ଇନ୍ସ୍ୟୁରାନ୍ସ ପକ୍ଷରୁ ଆଇଡିଏସନଏକ୍ସ ୨.୦ର ଫାଇନାଲ୍‌ରେ ଜାଭିୟର ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଂଟ୍, ଭୁବନେଶ୍ୱର (ଏକ୍ସଆଇଏମବି) ପ୍ରବେଶ କରିଥିବା ଘୋଷଣା କରାଯାଇଛି । ଏହାର ସେମି-ଫାଇନାଲ୍ ପର୍ଯ୍ୟାୟର କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ୍ ଟେକ୍ନୋଲୋଜି (କିଟ୍) ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିଲା ।

କୋଲକାତା, ସିଲଙ୍ଗ, ଜାମସେଦପୁର, ଭୁବନେଶ୍ୱର, ମୁମ୍ବାଇ, ଅହମଦାବାଦ, ପୁଣେ, ଦିଲ୍ଲୀ, ଗୁରୁଗାଓଁ, ଗାଜିଆବାଦ, ଲକ୍ଷ୍ନୌ, ଚେନ୍ନାଇ, ହାଇଦ୍ରାବାଦ, କୋଝିକୋଡ୍ ଓ ବିଶାଖାପାଟଣାରୁ ଅଗ୍ରଣୀ ବି-ସ୍କୁଲଗୁଡ଼ିକର ୩୫୦୦ରୁ ଅଧିକ ଆବେଦନରୁ ୪୦ଟି ଟିମ୍ ସେମିଫାଇନାଲ୍‌ରେ ପ୍ରବେଶ କରିଥିଲେ । ବିବିଧ ପର୍ଯ୍ୟାୟର ଏହି ପ୍ରତିଯୋଗିତାରେ ଆଠଟି ଟିମ୍ ଆଇଡିଏସନ୍‌ଏକ୍ସ ୨.୦ର ଗ୍ରାଣ୍ଡ ଫିନାଲେରେ ପ୍ରବେଶ କରିଛନ୍ତି ।

ଏକ୍ସଆଇଏମ୍‌ବି ଭୁବନେଶ୍ୱରର ପ୍ରଜ୍ଞା ମିଶ୍ର, ରିଷିତା ବାନାର୍ଜୀ ଓ ସାଇ ମୋହନ ମିଶ୍ର ଫାଇନାଲ୍‌ରେ ପ୍ରବେଶ କରିଛନ୍ତି । ଅନ୍ୟ ଅଂଶଗ୍ରହଣକାରୀ ଅନୁଷ୍ଠାନଗୁଡ଼ିକ ହେଉଛି ଏକ୍ସଏଲଆରଆଇ ଜାମସେଦପୁର, ଆଇଆଇଏଫଟି କୋଲକାତା, ଆଇଆଇଏମ କଲକତା ଓ କିଟ ଭୁବନେଶ୍ୱର । କାର୍ଯ୍ୟକ୍ରମରେ ଏସବିଆଇ ଲାଇଫ ଇନସ୍ୟୁରାନ୍ସର ବ୍ରାଣ୍ଡ, କର୍ପୋରେଟ ଯୋଗାଯୋଗ ଓ ସିଏସଆର ମୁଖ୍ୟ ରବିନ୍ଦ୍ର ଶର୍ମା ଓ ଜୋନାଲ ଡାଇରେକ୍ଟର-ଇଷ୍ଟ ଶ୍ରୀ ସନ୍ତୋଷ ଚାକୋ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ଉତ୍ସାହ ବଢ଼ାଇଥିଲେ ।

ଏସବିଆଇ ଲାଇଫ ଇନସ୍ୟୁରାନ୍ସର ବ୍ରାଣ୍ଡ, କର୍ପୋରେଟ ଯୋଗାଯୋଗ ଓ ସିଏସଆର ମୁଖ୍ୟ ରବିନ୍ଦ୍ର ଶର୍ମା କହିଛନ୍ତି ଯେ, "ଆଇଡିଏସନଏକ୍ସ ୨.୦ ବୀମାର ଭବିଷ୍ୟତକୁ ଗଠନ କରିବା ଲାଗି ଯୁବ ପ୍ରତିଭାବାନଙ୍କ ସମ୍ଭାବନାକୁ ଦେଖିବାର ଏକ ପ୍ରେରଣାଦାୟୀ ପ୍ରଦର୍ଶନ ଥିଲା । ଛାତ୍ରଛାତ୍ରୀମାନେ ପ୍ରଦର୍ଶନ କରିଥିବା ସୃଜନଶୀଳତା ଓ ପ୍ରତ୍ୟେକ ଭାବ ଆମ ଯୁବସମାଜର ରୂପାନ୍ତରୀଣ ସମ୍ଭାବନାକୁ ପ୍ରତିଫଳିତ କରୁଛି । ଏସବିଆଇ ଲାଇଫ୍‌ରେ ଆମେ ବ୍ୟକ୍ତିବିଶେଷଙ୍କୁ ସେମାନଙ୍କ ଅଭିଳାଷକୁ ଅନୁସରଣ କରିବ ସହିତ ନିଜ ପ୍ରିୟଜନଙ୍କ ଯତ୍ନ ନେବା ଲାଗି ସକ୍ଷମ କରିବ ବୋଲି ଆମର ବିଶ୍ୱାସ ରହିଛି । ଆଇଡିଏସନଏକ୍ସ ୨.୦ ଭଳି ଅଭିଯାନ ହେଉଛି ସେହି ଦର୍ଶନର ପ୍ରତୀକ । ଭାରତରେ ଏବେବି ବୀମା ସାନ୍ଦ୍ରତା ୪ ପ୍ରତିଶତରୁ କମ୍ ଥିବା ବେଳେ ଏକ ଅଭିନବ, ବ୍ୟାପକ ସମାଧାନର ଜରୁରୀକାଳୀନ ଆବଶ୍ୟକତା ରହିଛି ଯାହା ୨୦୪୭ ସୁଦ୍ଧା ସମସ୍ତଙ୍କ ପାଇଁ ବୀମା ଲାଗି ଦେଶର ରହିଥିବା ଅଭିଳାଷକୁ ଆଗକୁ ବଢ଼ାଇବ । ଯୁବ ସୁଲଭ ଶକ୍ତି, ଡିଜିଟାଲ ପ୍ରଥମ ଭାବନା ଏବଂ ଏଠାରେ ପ୍ରଦର୍ଶନ କରାଯାଇଥିବା ବିଶ୍ୱାସ ଆମକୁ ବିଶ୍ୱାସ ଦେଇଛି ଯେ ମିଳିତ ଭାବେ ଆମେ ଏକ ଆର୍ଥିକ ସୁରକ୍ଷିତ ଓ ସ୍ଥାୟୀ ଭାରତ ଗଠନ କରିପାରିବା ।"

ଶ୍ରେଷ୍ଠ ୧୦୦ ପ୍ରିମିୟର ବି-ସ୍କୁଲରୁ ୩୦,୦୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣ ସହିତ ଆଇଡିଏସନ୍‌ଏକ୍ସ ୨.୦ ବୀମାରେ ନୂତନ ଚିନ୍ତାଧାରା ସୃଷ୍ଟି କରିବାର ଏକ ଚମତ୍କାର ପ୍ଲାଟଫର୍ମରେ ପରିଣତ ହୋଇଛି । ଗ୍ରାଣ୍ଡ ଫିନାଲେରେ ଏହି ଅଭିଯାନ ଯୁବ ପ୍ରତିଭାବାନମାନେ ସେମାନଙ୍କ ସୃଜନଶୀଳତାକୁ ଉପଯୋଗ କରି ବୀମାର ଉପଯୋଗ ସାପେକ୍ଷ ବୁଝାମଣାକୁ ନୂଆ ଆକାର ପ୍ରଦାନ କରିବେ ।
















Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି